# ପୁରୁଷୋତ୍ତମ ଦେବ

# ପୁରୁଷୋତ୍ତମ ଦେବ

( ନାଟକ )

ସ୍ୱର୍ଗତ ପଣ୍ଡିତ ଗୋଦାବରୀଶ ମିଶ୍ର

କଟକ-ଷ୍ଟୁଡେଣ୍ଟସ୍ ଷ୍ଟୋର

ପ୍ରକାଶକ
ଶ୍ରୀ ଅନନ୍ତ ମିଶ୍ର
କଟକ ଷ୍ଟୁଡେଣ୍ଟସ୍ ଷ୍ଟୋର
ବାଲୁବଜାର, କଟକ—୨

ପ୍ରଚ୍ଛଦ
ଶ୍ରୀ ଅସିତ କୁମାର ମୁଖାର୍ଜୀ

ମୁଦ୍ରାକର
ଚନ୍ଦ୍ରଶେଖର ପ୍ରେସ୍
କଟକ—୨

ପ୍ରଥମ ସଂସ୍କରଣ
୨୬ ଜାନୁୟାରୀ, ୧୯୭୧

ମୂଲ୍ୟ—
ବନ୍ଧାଇ ଟ୪.୫୦
ଅବନ୍ଧା ଟ୩.୫୦

## Purusottam Dev

*(Historical Drama)*

Late *Pandit* Godavarish Misra

Publisher

**Sri Anant Misra**

*Cuttack* Students' Store
Cuttack—2

First Edition
26, January 1971

Price

Bound *Rs.* 4.50
Un-bound Rs. 3.50

# ପୁରୁଷୋତ୍ତମ ଦେବ

( ଐତିହାସିକ ନାଟକ )

# ନାଟେ୍ୟାଲ୍ଲିଖିତ ବ୍ୟକ୍ତିଗଣ

## ପୁରୁଷ—

ଓଡ଼ିଶାର ରାଜା—ପୁରୁଷୋତ୍ତମ ଦେବ
ଓଡ଼ିଶା ରାଜାଙ୍କ ମନ୍ତ୍ରୀ
ଓଡ଼ିଶାର ସେନାପତି—ବସନ୍ତ ବରାଟ
ଓଡ଼ିଶାର ବକ୍‌ସିଦ୍ୱୟ } ଅର୍ଜ୍ଜୁନ ସିଂହ, ବିଶ୍ୱନାଥ
ଓଡ଼ିଶା ରାଜାଙ୍କର ବୈମାତ୍ରେୟ ଭାଇମାନେ } ବିକ୍ରମ ଦେବ, ରାମଚନ୍ଦ୍ର ଦେବ, ନରସିଂହ ଦେବ
ବିକ୍ରମ ଦେବଙ୍କ ପ୍ରହରୀ—ଗୋବିନ୍ଦ ପ୍ରଧାନ
କାଞ୍ଚୀର ରାଜା—କଳେବରେଶ୍ୱର
କାଞ୍ଚୀର ଯୁବରାଜ—ସୁମନ୍ତ ରାୟ
କାଞ୍ଚୀ ରାଜାଙ୍କ ମନ୍ତ୍ରୀ
ପ୍ରହରୀ, ଦୂତ, ପଥିକ, ବୃଦ୍ଧ, ଭୃତ୍ୟ, ଭିକ୍ଷୁକ,
ବନବାସୀଦ୍ୱୟ, ନାଗରିକଗଣ ଓ ସୈନିକଗଣ ।

## ସ୍ତ୍ରୀ—

ଓଡ଼ିଶା ରାଜାଙ୍କ ମାତା—ଇନ୍ଦୁମତୀ
„ ଭଗିନୀ—ବାସନ୍ତୀ
„ ପରିଚାରିକା—ପାର୍ବତୀ
କାଞ୍ଚୀର ରାଣୀ - ସତ୍ୟବତୀ
କାଞ୍ଚୀରାଜାଙ୍କ କନ୍ୟା—ପଦ୍ମାବତୀ
ପଦ୍ମାବତୀଙ୍କ ସହଚରୀ—କନକଲତା
ଓଡ଼ିଶା ରାଜାଙ୍କ ମନ୍ତ୍ରୀଙ୍କର କନ୍ୟା—ଶାରଦା
ନର୍ତ୍ତକୀଗଣ

# ପ୍ରଥମ ଅଙ୍କ

## —ପ୍ରଥମ ଦୃଶ୍ୟ—

ସ୍ଥାନ—କୃଷ୍ଣାନଦୀକୂଳ ଶିବିର

[ପୁରୁଷୋତ୍ତମ ଦେବ ଓ ବସନ୍ତ ବରାଠ ସେନାପତି ଉପସ୍ଥିତ]

ସେନା—ମହାରାଜ, ହମ୍ବୀର ଦେବ ଆଗମନ କରିଅଛନ୍ତି ।

ରାଜା—ହମ୍ବୀର ଏଥର ଏକା ?

ସେନା—ନା, ତାଙ୍କ ସଙ୍ଗରେ ନରସିଂହ ଦେବ, ଗୋବିନ୍ଦ ଦେବ, ରାମଚନ୍ଦ୍ର ଦେବ ଆଉ ଗୋପାଳକିଶୋର ଦେବ ମଧ୍ୟ ଅଛନ୍ତି ।

ରାଜା—ସେନାପତି ଏତେକାଳ ଯୁଦ୍ଧ କରି ଆସିଲି, ଏଣିକି ଆଉ ପାରିହେବ ନାହିଁ ।

ସେନା—ସେ କଣ, ମହାରାଜ ?

ରାଜା—ନା, ଦେଖ ସେନାପତି, ସୈନ୍ୟସାମନ୍ତ ନାହାନ୍ତି, ଆଉ ଇଚ୍ଛା ମଧ୍ୟ ନାହିଁ ।

ସେନା—ତାର କାରଣ ମହାରାଜ ?

ରାଜା—କାରଣ !...କାରଣ, ଏଇ ଯେ ବିଶାଳ ସାମ୍ରାଜ୍ୟ ଯୁଦ୍ଧର ଏ ଭୀଷଣ କୋଳାହଳରେ ଆସି ଧ୍ୱଂସହେବାକୁ ବସିଲା । ସ୍ନେହରେ, ପ୍ରୀତିରେ, ଆଦରରେ ଯେ ରାଜ୍ୟ ପ୍ରତିଷ୍ଠିତ, ତହିଁରେ ଆଜି ହିଂସାର ଦାରୁଣ ରକ୍ତପ୍ରବାହ ଛୁଟୁଅଛି ସେନାପତି ! ପ୍ରଜାଗଣଙ୍କର ପ୍ରାଣରେ ଆଶା ନାହିଁ, ସୁଖ ସୌଭାଗ୍ୟରେ ଭରସା ନାହିଁ । ଯୁବତୀ, ସ୍ୱାମୀର ବିଚ୍ଛେଦରେ ଆପଣାର କୋମଳ ପ୍ରାଣ ଭୁଲି

କରଅଛି; ବୃଦ୍ଧା, ଜରାର ସମ୍ବଳ, ଶୋକର ସାନ୍ତ୍ୱନା, ସନ୍ତାନଙ୍କୁ ହରାଇ ଅହର୍ନିଶ ବସି କାନ୍ଦୁଅଛନ୍ତି । ଶସ୍ୟ-ଶ୍ୟାମଳା ସୁନ୍ଦର ରୁକ୍ଷ ମରୁଭୂମିରେ ପରିଣତ ହୋଇଅଛି । ଗ୍ରାମମାନ ଆଜି ଶୂନ୍ୟ, ନଗରୀ ନିର୍ଜନ ଅରଣ୍ୟରୁ ନ୍ୟୂନ ରାଜଲକ୍ଷ୍ମୀ ରାଜ୍ୟରୁ ଚାଲି ଯାଉଅଛନ୍ତି । ଏ ଘୋର ଅଶାନ୍ତି ଅନିର୍ଦ୍ଦିଷ୍ଟତା ମଧ୍ୟରେ ଆଉ କଣ ସମ୍ଭବ ? ଏଥିରେ ମଙ୍ଗଳ ନାହିଁ, ସେନାପତି ! କପିଳେନ୍ଦ୍ର ଦେବ ତାଙ୍କର ବିପୁଳ ସାମ୍ରାଜ୍ୟ ମୋ ହସ୍ତରେ ଅର୍ପଣ କରିଥିଲେ, ମୁଁ ତାହାର ସୁଶାସନ କରିବ ବୋଲି । ତା ହେଲନାହିଁ । ଆଜି କି ପ୍ରୟୋଜନ ? ଯୁଦ୍ଧରେ ଆଉ କି ଲାଭ ? ଯୁଦ୍ଧ କରୁଥିଲି ଦେଶର ମଙ୍ଗଳ ପାଇଁ । ଏବେ ଯୁଦ୍ଧ ହେଲା ଦେଶର ଦୁର୍ଭାଗ୍ୟର ଏକମାତ୍ର କାରଣ । ବନ୍ଦ କର, ସେନାପତି ! ବନ୍ଦ କର !!

ସେନା—ମହାରାଜ !

ରାଜା—କଣ, ସେନାପତି ? ନ୍ୟାୟତଃ ଏ ସିଂହାସନ ହମ୍ବୀରଙ୍କର ! ପିତା ମୋ ପ୍ରତି ବିଶେଷ ଅନୁରକ୍ତ ଥିଲେ—ସମ୍ଭବତଃ ତାହାହିଁ କାରଣ । ହମ୍ବୀର ଓଡ଼ିଶାର ସମ୍ରାଟ୍ ।

ସେନା—କିନ୍ତୁ ବର୍ତ୍ତମାନ ସମ୍ରାଟ୍ ମହାରାଜ ପୁରୁଷୋତ୍ତମ ଦେବ । ସମ୍ରାଟଙ୍କ କର୍ତ୍ତବ୍ୟ ସାମ୍ରାଜ୍ୟକୁ ଶତ୍ରୁହସ୍ତରୁ, ଦସ୍ୟୁର କବଳରୁ ରକ୍ଷା କରିବା ।

ରାଜା—ଶତ୍ରୁ କିଏ, ସେନାପତି ? କିଏ ଦସ୍ୟୁ ?

ସେନା—ଯେ, କୌଣସି ଅଧିକାର ନ ଥାଇ ଲାଭରେ ପ୍ରୟାସୀ ହୁଏ ।

ରାଜା—ତାହାହେଲେ ଶତ୍ରୁ ମୁଁ, ଓଡ଼ିଶାର ସିଂହାସନର ଦସ୍ୟୁ ତୁମ୍ଭେ, ସେନାପତି ! ଆଜି ତୁମ୍ଭର ସମ୍ରାଟ୍ ପୁରୁଷୋତ୍ତମ ଦେବ ।

[ ଅର୍ଜ୍ଜୁନ ସିଂହଙ୍କର ପ୍ରବେଶ ]

କିଏ, ଅର୍ଜ୍ଜୁନ ସିଂହ, କଣ ସମ୍ବାଦ ?

ଅର୍ଜ୍ଜୁନ—ବକ୍ସି ଅଭିରାମ ସାମନ୍ତ ଯୁଦ୍ଧରେ ପ୍ରାଣ ହରାଇଛନ୍ତି ।

ରାଜା—ଅଭିରାମ ! ସୈନିକବର ଅଭିରାମ ଯୁଦ୍ଧରେ ପ୍ରାଣ ହରାଇ-ଅଛନ୍ତି ! ହା କପାଳ ! ଓଡ଼ିଶା ରାଜାଙ୍କର ଗୋଟିଏ ବାହୁ ଆଜି ଛିଣ୍ଡି ପଡ଼ିଲା ! ଆଉ କି ଆଶା ?

ଅର୍ଜ୍ଜୁନ—ଆଜ ସାତ ସହସ୍ର ସୈନ୍ୟ ନିହତ ହୋଇଅଛନ୍ତି । ଅବଶିଷ୍ଟ ସୈନ୍ୟ ଛତ୍ରଭଙ୍ଗ ହୋଇଲେ । ସୁବର୍ଣ୍ଣ ଦେବ ଯୁଦ୍ଧରେ ଜୟୀ । ସେ ବାମଣ୍ଡାର ସିଂହାସନ ଅଧିକାର କରିଅଛନ୍ତି ।

ରାଜା—ସୁସମ୍ବାଦ । ବାମଣ୍ଡାର ସିଂହାସନ ଅଭିରାମ ସାମନ୍ତଙ୍କର ନୁହେଁ କି ମହାରାଜ ପୁରୁଷୋତ୍ତମ ଦେବଙ୍କର ନୁହେଁ । ସେଥିରେ ବସିବାର ଉପଯୁକ୍ତ ସୁବର୍ଣ୍ଣ ଦେବ । ବେଶ୍ ।

ଅର୍ଜ୍ଜୁନ—ଆଜ ଶୁଣାଯାଏ, ହରିହର ଦେବ ଶୀଘ୍ର ସୋନପୁର ଆକ୍ରମଣ କରିବେ ।

ରାଜା—ତା ତ କରିବେ । ଆଶ୍ଚର୍ଯ୍ୟ କଣ, ଅର୍ଜ୍ଜୁନ ସିଂହ ? ଏଥିପାଇଁ ଏତେ କ୍ଷୋଭ କାହିଁକି ?

ସେନା—କାହିଁକି ମହାରାଜ ! ମହାରାଜଙ୍କର ସାମ୍ରାଜ୍ୟକୁ ଏପରି କି ସ୍ପର୍ଦ୍ଧାରେ ସେମାନେ ଆକ୍ରମଣ କରିବେ ?

ରାଜା—କାହିଁକି, ସମ୍ରାଟ୍ ସ୍ପର୍ଦ୍ଧାରେ ।

ସେନା—ସମ୍ରାଟ ମହାରାଜ, ଶୁଣନ୍ତୁ; ସେ ନୁହନ୍ତି । ଓଡ଼ିଶାର ସିଂହାସନରେ ବସିବାର ଅଧିକାରୀ ମହାରାଜ ପୁରୁଷୋତ୍ତମ ଦେବ; ଓଡ଼ିଶାର ରାଜମୁକୁଟ ପିନ୍ଧିବାର ଉପଯୁକ୍ତ ଏ ଉନ୍ନତ ରାଜଶିର । କପିଳେନ୍ଦ୍ର ଦେବ କି ଇଚ୍ଛାରେ ସମ୍ରାଟଙ୍କ ହସ୍ତରେ ରାଜ୍ୟ ଅର୍ପଣ କରିଥିଲେ, ସେ ରାଜ୍ୟ ବର୍ତ୍ତମାନ ଶୁଣନ୍ତୁ ରକ୍ଷା ନ କଲେ ପିତାଙ୍କର ପବିତ୍ର କାମନାରେ କଳଙ୍କ ଘଟିବ, ମହାରାଜ !

ରାଜା—କିନ୍ତୁ ନିଜର ଭାଇମାନଙ୍କ ସଙ୍ଗେ ଏପରି ସାମାନ୍ୟ ରାଜ୍ୟଲାଭ ପାଇଁ ଯୁଦ୍ଧ କରିବାକୁ ଆଉ ଇଚ୍ଛା ହେଉନାହିଁ; ଶୋଭନୀୟ ମଧ୍ୟ ନୁହେଁ, ସେନାପତି !

ସେନା—ସମ୍ରାଟ କ୍ଷତ୍ରିୟ, କ୍ଷତ୍ରିୟର ଧର୍ମ ଶତ୍ରୁର ବିନାଶ, ରାଜ୍ୟର ରକ୍ଷା ।

ରାଜା—ତା ସତ୍ୟ, ସେନାପତି ! କିନ୍ତୁ ଶତ୍ରୁ କିଏ ? ହମ୍ବୀର ଦେବ, ନରସିଂହ ଦେବ, ଗୋବିନ୍ଦ ଦେବ, ରାମଚନ୍ଦ୍ର ଦେବ—ସମସ୍ତେ ମୋର ପିତାଙ୍କ ପୁତ୍ର । ଯେଉଁ ଅସ୍ଥି ମାଂସରେ ତାଙ୍କର ଅବୟବ ଗଠିତ, ସେହି ଅସ୍ଥି ମାଂସରେ ମଧ୍ୟ ମୋର

ଏ ଦେଶର ଖଣ୍ଡ ଟିଡ଼ା । ଯେଉଁ ରକ୍ତ ତାଙ୍କ ଧମନୀରେ ପ୍ରବାହିତ, ତା'ର ଗୋଟିଏ କ୍ଷୀଣଧାରା ମଧ ମୋର ଏହି ଚର୍ମ ଆବରଣ ତଳେ ବହୁଅଛି । ଏ ଯୁଦ୍ଧ, ସେନାପତି, ଶତ୍ରୁ ଶତ୍ରୁରେ ନୁହେଁ । ଏ ଭାଇ ସଙ୍ଗରେ ଭାଇର ଯୁଦ୍ଧ, ରକ୍ତ ସଙ୍ଗେ ରକ୍ତର, ମାଂସ ସଙ୍ଗରେ ମାଂସର, ନିଜ ସଙ୍ଗରେ ନିଜର ଯୁଦ୍ଧ । ବନ୍ଦ କର, ସେନାପତି, ବନ୍ଦ କର ! ବନ୍ଦ କର, ବୃଦ୍ଧ ଅର୍ଜ୍ଜୁନ ସିଂହ !

ସେନା—ତା ନୁହେ, ମହାରାଜ !

ଅର୍ଜ୍ଜୁନ—ତା ନୁହେ, ମହାରାଜ !

ସେନା—ସମ୍ରାଟ୍ କପିଳେନ୍ଦ୍ର ଦେବଙ୍କର ଇଚ୍ଛା ପୂର୍ଣ୍ଣ କରିବାକୁ ଆମ୍ଭେମାନେ ପ୍ରାଣ ବିସର୍ଜନ କରିବୁ । ଷଡିଯନ୍ତ୍ର ପ୍ରତିଜ୍ଞା କରିବାରେ ନୁହେ, ତାର ପାଳନରେ । ଆମ୍ଭେମାନେ ପ୍ରାଣ ଦେବୁ, ମହାରାଜ !

ରାଜା—ସେନାପତି, ଦେଖୁଛି ତୁମ୍ଭେ ଯୁଦ୍ଧ କରିବ ।

ସେନା—ନିଶ୍ଚୟ, ମହାରାଜ, ଯୁଦ୍ଧ କରିବୁ । ଜୀବନ୍ତ ଥାଉ ଥାଉ ଏ ବିପୁଳ ସାମ୍ରାଜ୍ୟର ସୂଚ୍ୟଗ୍ରପରିମିତ ଭୂମି ଅନ୍ୟ କାହାକୁ ଦେବୁ ନାହିଁ ।

ଅର୍ଜ୍ଜୁନ— ଯୁଦ୍ଧ କରିବୁ, ମହାରାଜ !

ସେନା—ଅର୍ଜ୍ଜୁନ ସିଂହ, ଏ ତରବାରି ଦେଖୁଛ, ଏ ସ୍ୱୟଂ ସମ୍ରାଟ କପିଳେନ୍ଦ୍ର ଦେବଙ୍କର ତରବାରି । ତାମ୍ରଲିପ୍ତ ବିଜୟବେଳେ ସନ୍ତୁଷ୍ଟ ହୋଇ ମୋତେ ଉପହାର ଦେଇଥିଲେ । ଯେନି ଯାଅ —ଧର୍ମ ନାମରେ, ମହାରାଜାଙ୍କର ଜୟଗାନ କରି ପୁନର୍ବାର ଯୁଦ୍ଧରେ ପ୍ରବିଷ୍ଟ ହୁଅ । ସୈନ୍ୟ ସଜ୍ଜିତ କର, ସୁବର୍ଣ୍ଣ ଦେବଙ୍କୁ ଯୁଦ୍ଧର ଘୋଷଣା ଦିଅ । ଯାଅ ଅର୍ଜ୍ଜୁନ ସିଂହ ଯାଅ !

[ ଅର୍ଜ୍ଜୁନ ସିଂହଙ୍କର ପ୍ରସ୍ଥାନ ]

ରାଜା—ପୁନର୍ବାର ଯୁଦ୍ଧ କରିବାକୁ ହେଲା, ସେନାପତି ! ଚତୁର୍ଦ୍ଦିଗରେ ଶତ୍ରୁ । ସୁବର୍ଣ୍ଣ ବାମଣ୍ଡା ଅଧିକାର କଲେ । ହରିହର ସୋନପୁର ଆକ୍ରମଣ କରିବାକୁ ଉଦ୍ୟତ । ବିଶ୍ୱମ୍ଭର ପୁରୀ ରାଜ୍ୟର ଉତ୍ତର ସୀମାନ୍ତ ପ୍ରଦେଶରେ ଭ୍ରମଣ କରୁଅଛନ୍ତି । ସେ ତ ସେଦିନ

କାଶୀପୁରରେ ବିଦ୍ରୋହ କରିଥିଲେ । କେଜାଣି କଣ ଅଛି ଭାଗ୍ୟରେ ? ତହିଁରେ ପୁଣି ବିକ୍ରମଙ୍କର ଏ ଆକ୍ରମଣ ।

ସେନା—ଉତ୍କଳଶ୍ରୀର ଭାଗ୍ୟରେ କେବେ ଅମଙ୍ଗଳ ନ ଥାଏ, ମହାରାଜ !

ରାଜା—ଆଉ ମଙ୍ଗଳ କାହାକୁ କହନ୍ତି, ସେନାପତି ? ଭାଇ ସଙ୍ଗରେ ଭାଇର ଯୁଦ୍ଧ, ଅମଙ୍ଗଳ ନୁହେଁ ?

ସେନା—ମହାରାଜ, ଏ ଅମଙ୍ଗଳ ନୁହେ; ଏହା ରାଜାଙ୍କର ଭୂଷଣ, କ୍ଷତ୍ରିୟର ଦୈନନ୍ଦିନ କର୍ମ । ଅବାଧରେ, ନିଷ୍କଣ୍ଟକ ହୋଇ ରାଜ୍ୟ ଶାସନ କରିବା ସୁଖକର ହୋଇପାରେ; କିନ୍ତୁ ତାହା ରାଜତ୍ୱ ନୁହେ । ଯେ ରାଜା ଶତ୍ରୁର କ୍ଷମତା ନିକଟରେ ନିଜର ଶକ୍ତି, ଶତ୍ରୁସେନାର ବିଦ୍ରୋହ ସମକ୍ଷରେ ନିଜର ଦାୟିତ୍ୱ ଉପଲବ୍ଧି କରି ନାହାନ୍ତି—ସେ ରାଜା ନୁହନ୍ତି, ମହାରାଜ ! ରାଜ୍ୟ ସ୍ନେହ ପ୍ରୀତିରେ ପ୍ରତିଷ୍ଠିତ ସତ୍ୟ; କିନ୍ତୁ ଶକ୍ତିରୁ ବିଚ୍ଛିନ୍ନ ହେଲେ ସ୍ନେହ ପ୍ରୀତିର କିଛି ହେଁ ଅର୍ଥ ନାହିଁ । ତାହା ଏକ ଦୁର୍ବଳତା ମାତ୍ର । ସାମ୍ରାଜ୍ୟର ଚତୁର୍ଦ୍ଦିଗରେ ଏ ବିଦ୍ରୋହ ଅମଙ୍ଗଳ ନୁହେ । ଏହା ଭାବୀ ମଙ୍ଗଳର ସୂଚନା କରୁଅଛି, ମହାରାଜ ! ମହାରାଜ ଶକ୍ତିମାନ୍ ଶତ୍ରୁର ବିପକ୍ଷରେ ଅସି ଧାରଣ ନ କଲେ ଏ ବିଶାଳ ସାମ୍ରାଜ୍ୟର ବିନାଶ ଘଟିବ, ମହାରାଜଙ୍କର ଗୌରବରେ କଳଙ୍କ ଲାଗିବ । ଲୋକେ କହିବେ, ସମ୍ରାଟ ପୁରୁଷୋତ୍ତମଦେବ ନିଜର ବିଳାସ ପାଇଁ ଦେଶକୁ ଶତ୍ରୁର କବଳରେ ନିକ୍ଷେପ କରିଦେଲେ । ତା ହେବନାହିଁ, ମହାରାଜ ! ଯୁଦ୍ଧ, ଯୁଦ୍ଧ କରିବାକୁ ହେବ ।

ରାଜା—ଆଚ୍ଛା, ସେନାପତି, ମୁଁ ଯୁଦ୍ଧ କରିବି । ବିକ୍ରମ ଦକ୍ଷିଣ ପ୍ରଦେଶ ଆକ୍ରମଣ କରିଅଛି । ସୈନ୍ୟ ସଜ୍ଜିତ କର ! ଯାଅ ସେନାପତି, ଶୀଘ୍ର ସୈନ୍ୟ ସଜ୍ଜିତ କର ।

ସେନା—ମହାରାଜାଙ୍କର ଜୟ । [ ପ୍ରସ୍ଥାନ ]

ରାଜା—ମହାରାଜାଙ୍କର ଜୟ ! ମହାରାଜା କି ମୁଁ । ପିତା ମୋ ହସ୍ତରେ ଏ ରାଜ୍ୟ ଅର୍ପଣ କରିଅଛନ୍ତି । ଏ ପିତାଙ୍କର ରାଜ୍ୟ; ମୋର ନୁହେ ଯେ ମୁଁ ବିକ୍ରମକୁ ଦାନ କରିବି । ମୁଁ ରକ୍ଷକ ମାତ୍ର ।

ରାଜ୍ୟ ରକ୍ଷାକରିବା ମୋର କର୍ତ୍ତବ୍ୟ । ଆହା ! ପିତା ଯେତେବେଳେ ପ୍ରାଣତ୍ୟାଗ କଲେ, ଏ ବିଶାଳ ସାମ୍ରାଜ୍ୟ କି ଅତୁଳ ସମୃଦ୍ଧିରେ ପୂର୍ଣ୍ଣ ରହିଥିଲା ! ଆଜି କି ଛାରଖାର ! ମୋର ଶୈଥିଲ୍ୟହେତୁ, ମୋର ଏ ଦୁର୍ବଳତା ଯୋଗୁଁ ମାତ୍ର । ମୁଁ ରକ୍ଷକ ଥାଉ ଥାଉ ରାଜ୍ୟ ଏପରି ଛିନ୍ନବିଚ୍ଛିନ୍ନ ହୋଇଯିବ, ଏହା କିପରି କଥା ! ବିକ୍ରମ, କି ନ୍ୟାୟରେ ତୁମ୍ଭର ଏ ବିଦ୍ରୋହ ସଙ୍ଗତ ? କପିଳେନ୍ଦ୍ର ଦେବଙ୍କର ତୁମ୍ଭେ ଯେପରି ପୁତ୍ର, ମୁଁ ମଧ୍ୟ ସେହିପରି ପୁତ୍ର । ତହିଁରେ ମୁଁ ଜ୍ୟେଷ୍ଠ, ତୁମ୍ଭେ କନିଷ୍ଠ । ପୁଣି ପିତା ମୋ ହସ୍ତରେ ଏ ରାଜ୍ୟ ଅର୍ପଣ କରିଅଛନ୍ତି । ଧର୍ମତଃ ମୁଁ ଏହାର ଶାସକ, ତୁମ୍ଭେ ରାଜଦ୍ରୋହୀ, ବିକ୍ରମ ! ରାଜ୍ୟଶାସନରେ ଭାଇର ପ୍ରଶ୍ନ ନାହିଁ, ରାଜ୍ୟ ପ୍ରତି ରାଜାର କର୍ତ୍ତବ୍ୟ ଭ୍ରାତୃସ୍ନେହରେ ବିଲୁପ୍ତ ହେବା ଘୋର ଅନ୍ୟାୟ । ତୁମେ ମୋର କ୍ଷତି ସାଧନ କରୁଥିଲେ ମୁଁ କ୍ଷମା ଦିଅନ୍ତି— ସ୍ନେହରେ ଆଲିଙ୍ଗନ କରନ୍ତି, କିନ୍ତୁ ତୁମ୍ଭେ ଯେତେବେଳେ ପିତାଙ୍କ ଆଦେଶ ପଥରେ ପ୍ରତିବନ୍ଧକ, ରାଜ୍ୟର ସୁଖଶ୍ରୀର ବିନାଶକର୍ତ୍ତା, ସେତେବେଳେ ବ୍ୟକ୍ତିଗତ ସମ୍ପର୍କରେ ପରିଚାଳିତ ହୋଇ କର୍ତ୍ତବ୍ୟରୁ ବିଚଳିତ ହେବା ଘୋର କଳଙ୍କର କଥା । କଳଙ୍କ ମୋର ନୁହେଁ, ଏ ପିତାଙ୍କର କଳଙ୍କ, ଯଶସ୍ୱିମାନ୍ ଗଙ୍ଗବଂଶର କଳଙ୍କ । ଆସ ବିକ୍ରମ, ଆସ ନରସିଂହ, ଆସ ଗୋବିନ୍ଦ, ଆସ ସମସ୍ତେ ଆସ । ତୁମ୍ଭେ ଅନେକ ଜଣ, ମୁଁ ଏକା, କିନ୍ତୁ ମୋର ଭ୍ରୂକ୍ଷେପ ନାହିଁ । ମୋ ପଛରେ ରହିଛି ପିତାଙ୍କର ଆଦେଶ, କୁଳର ଗୌରବ, ଧର୍ମର ପ୍ରେରଣା । ଆସ, ଜୀବନ୍ତ ଥାଉଥାଉ ତୁମ୍ଭଙ୍କୁ ରାଜ୍ୟର ସୂଚ୍ୟଗ୍ର ପରିମିତ ଭୂମି ଦେବିନାହିଁ । ଶକ୍ତିମାନ୍ ବୋଲି ପିତା ରାଜ୍ୟ ଦେଇଥିଲେ । ଯୁଦ୍ଧରେ ଯାହାର ଶକ୍ତି ଅଧିକ ହେବ, ସେ ସମ୍ରାଟ୍ । ଆସ ।

[ ପ୍ରସ୍ଥାନ ]

## — ଦ୍ୱିତୀୟ ଦୃଶ୍ୟ —

ସ୍ଥାନ—କୃଷ୍ଣାନଦୀ ତୀର ରାଜପ୍ରାସାଦ ।

[ କାଞ୍ଚୀରାଜା କଳେବରେଶ୍ୱର ଓ ତାଙ୍କ କନ୍ୟା ପଦ୍ମାବତୀ ଦଣ୍ଡାୟମାନ ]

କଳେ—ନା ଏଠାରେ ଆଉ ବେଶିଦିନ ନୁହେଁ, ପଦ୍ମ !

ପଦ୍ମ—ତେବେ ବାପା, ଏଠାକୁ ଆସିଲେ କାହିଁକି ?

କଳେ—ରାଜ୍ୟ ରକ୍ଷା କରିବାକୁ ।

ପଦ୍ମ—ରକ୍ଷା କରିବାକୁ ? କାହିଁକି, ବାପା ?

କଳେ—ବର୍ତ୍ତମାନ ଉତ୍କଳରେ ଘୋରତର ଅନ୍ତର୍ବିବାଦ ଚାଲିଅଛି । ଏକ ପକ୍ଷରେ ପୁରୁଷୋତ୍ତମ ଦେବ ଓ ଅନ୍ୟ ପକ୍ଷରେ ହମ୍ବୀର ଦେବ । ଯେପରି ଦେଖାଯାଉଛି—ହମ୍ବୀର ଦେବ ଶୀଘ୍ର ଜୟଲାଭ କରିବେ । ପୁରୁଷୋତ୍ତମ ଅନେକ ଯୁଦ୍ଧରେ ପରାସ୍ତ ହେଲେଣି, ସୈନ୍ୟ ସାମନ୍ତ ମଧ୍ୟ ଆଉ ନାହାନ୍ତି । ଯୁଦ୍ଧ ଶୀଘ୍ର ବନ୍ଦ ହେବ । ମୋର ଭୟ ଥିଲା, ତାଙ୍କ ଯୁଦ୍ଧର ଗୋଳମାଳରେ କାଞ୍ଚୀର କିଛି କ୍ଷତି ହୋଇପାରେ । ସେଥିପାଇଁ ସସୈନ୍ୟରେ ଏ ସୀମାନ୍ତ ପ୍ରଦେଶରେ ଅବସ୍ଥାନ କରୁଥିଲି । ଯୁଦ୍ଧ ବନ୍ଦ ହେଲେ ନଗରୀକୁ ଫେରିଯିବା ।

ପଦ୍ମ—ଯୁଦ୍ଧ ଯେତେ ଶୀଘ୍ର ବନ୍ଦ ହେବ ବୋଲି ଆପଣ ବିବେଚନା କରନ୍ତି, ବାପା, ସେତେ ଶୀଘ୍ର ହେଉନାହିଁ । ପୁରୁଷୋତ୍ତମ ଦେବ ଅତି ପ୍ରତାପଶାଳୀ ନରପତି । ଏତେ ଯୁଦ୍ଧରେ ପରାସ୍ତ ହେବାର କାରଣ ଯୁଦ୍ଧ କରିବାକୁ ତାଙ୍କର ଅନିଚ୍ଛା, ଭ୍ରାତୃବିବାଦ ଶୋଭନୀୟ ନୁହେଁ ବୋଲି ସେ ଚିରକାଳ କହୁଅଛନ୍ତି । ବର୍ତ୍ତମାନ ଶୁଣାଯାଏ, ତାଙ୍କର ମନ ପରିବର୍ତ୍ତିତ ହୋଇଅଛି । ସେ ନିଜେ ଶୀଘ୍ର ଏ ଅଞ୍ଚଳକୁ ଯୁଦ୍ଧକୁ ଆସୁଅଛନ୍ତି ।

କଳେ—ହମ୍ବୀରଦେବ ଜୟୀ ହୁଅନ୍ତୁ ବା ପୁରୁଷୋତ୍ତମ ଦେବ ଜୟୀ ହୁଅନ୍ତୁ, ସେଥିରେ ଆମ୍ଭର ବିଶେଷ ଲାଭ ବା କ୍ଷତି ନାହିଁ । ଯାହା ହେବାର ଶୀଘ୍ର ହୋଇଗଲେ ହେଲା । ଏଠାରେ ଆଉ ବେଶିଦିନ ରହିବାକୁ ସୁଖ ଲାଗୁନାହିଁ, ପଦ୍ମ !

ପଦ୍ମ—କାହିଁକି ବାପା ? ମୋତ ତ ଏ ସ୍ଥାନ ବଡ଼ ରମଣୀୟ ବୋ
ହେଉଅଛି, ଏ ପର୍ବତଗୁଡ଼ିକ ଆପଣାର ବିଶାଳ ବକ୍ଷଃସ୍ଥଳରେ ଅନନ୍ତ ପଥ ଅଧିକାର କରି ରହିଅଛନ୍ତି, ଗୋଟିକ ପରେ ଗୋଟିଏ ଦେଖିଲେ ବୋଧହୁଏ ଯେପରି କୌଣସି ନସ ସ୍ୱର୍ଗ ଦେଶର ସୋପାନମାଳା ମର୍ତ୍ତ୍ୟ ଉପରକୁ ଲମ୍ବି ପଡ଼ିଅଛି ତରୁଲତାଙ୍କର କୋମଳ ଶ୍ୟାମଳତା ଗିରିବନର ଉଦର ଅଙ୍ଗ ଅବିରଳ ଖେଳୁଅଛି । ପ୍ରଦୋଷରେ ଯେତେବେଳେ ଅସ୍ତଗାମୀ ରବିର ରକ୍ତିମ ଆଭା ପର୍ବତର ଉନ୍ନତ ଅବୟବରେ ଆପଣା ଅତୁଳ ସମ୍ପଦ ଢାଳିଦିଏ, ସେ ଦୃଶ୍ୟ ଅତି ମନୋହର, ପୁଣି ଯେତେବେଳେ ଉଷାର ମଧୁସ୍ନିଗ୍ଧ ସମୀରଣରେ ସୁଦୂ ନିକୁଞ୍ଜବାସୀ ବସନ୍ତଦୂତର ତରଙ୍ଗାୟିତ ତରଳ ସଙ୍ଗ ମୃଦୁମନ୍ଦ ତାନରେ ଭାସି ଆସି ଶ୍ରୀବନକନ୍ଦର ସ୍ପର୍ଶକରେ ହେତେବେଳେ ତରୁଲତା କ୍ଷଣକ ନିମନ୍ତେ ନିସ୍ପନ୍ଦ, ବନପତ୍ର ନିସ୍ତବ୍ଧ, ଆଉ ବନପର୍ବତନିବାସୀ ପଶୁପକ୍ଷୀମାନେ ନୀରବ ହୋଇ ରହନ୍ତି । ପୁଣି ନଗରର ପ୍ରାନ୍ତରେ ଆଶାର କ୍ଷୀଣ ରେଖା ସମ ଏହି କୃଷ୍ଣାନଦୀ ଅସ୍ଫୁଟ ମଧୁର କଳବାଣୀରେ ନିରନ୍ତର ଯାଉଅଛି,—ଯେପରି ଜନନୀର ହୃଦୟରୁ ବାତ୍ସଲ୍ୟର ସୁମଧୁ ଧାରା ।

କଳେ—ହଁ, ପଦ୍ମ, ଅନେକ ଅଂଶରେ ଏହି କୃଷ୍ଣାନଦୀ ଖୁବ୍ ଭଲ ଏହାର ମାଛଗୁଡ଼ିକ ଖୁବ୍ ମଧୁର । ତେବେ ଗୋଟାକେତେ କଳ ରହି ନଦୀଟାକୁ ସଙ୍କଟମୟ କରି ପକାଇ ଅଛନ୍ତି । ପାହାଡ଼ ଜଙ୍ଗଲଗୁଡ଼ାକ ମଧ୍ୟ ବେଶ୍ । ଠେକୁଆ, ହରିଣ ବୁଲି ରହିଅଛ ଅନନ୍ତ ଶିକାର କରିବାକୁ ଯାଇଥିଲା । ମୁଁ ଦେଖେ, ଆ ମାରି ଆଣିଛି । ଠେକୁଆ ମାଂସଟା ବଡ଼ ମାଂସ । [ ପ୍ର

ପଦ୍ମ—ମନୁଷ୍ୟର ଏ ଜୀବହିଂସାପ୍ରବୃତ୍ତି ବଡ଼ ଜଘନ୍ୟ । ମନୁଷ୍ୟ ଯେଉଁ ଟିକିକ ଦେବତ୍ୱ ଅଛି, ତାକୁ ବିନାଶକରି ମନୁ କେବଳ ପଶୁତ୍ୱମୟ ହିଂସ୍ର ଜୀବବିଶେଷରେ ପରିଣତ କ

ଏହି ଜୀବହିଂସା କି କଦର୍ଯ୍ୟ, କି କୁତ୍ସିତ; ପ୍ରେମରେ ପ୍ରତିଷ୍ଠିତ ମାନବ ପ୍ରାଣରେ କି ଘୋର ଶଙ୍କୁତା !

[ ରାଘବନାମକ ଜଣେ ଭୃତ୍ୟର ପ୍ରବେଶ ]

କିଏ ? ରାଘବ !

ରାଘ—ଜୁହାର, ଜେମାମଣି !

ପଦ୍ମା—କୁଆଡ଼େ ରାଘବ ?

ରାଘ—ଗ୍ଟେଠବାପୁ ସାହେବ ଆଜି ଶିକାରକୁ ଯାଇଥିଲେ, ଗୋଟାଏ ବଡ଼ ସମ୍ବର ମାରି ଆଣିଅଛନ୍ତି । ମତେ କହିଲେ, "ଜେମା ଦେଖିବେ, ଡାକିଆଣ । ବଜେ। ହନ୍ତୁ, ଜେମାମଣି !

ପଦ୍ମା—ମୁଁ ଯିବି ନାହିଁ ରାଘବ ! ତୁମେ ଯାଅ ତାଙ୍କୁ କହିଦେବ, ଯାଅ ।

[ ରାଣୀ ସତ୍ୟବତୀଙ୍କର ପ୍ରବେଶ ]

ଏଇ ତ ମା । ଯାଅ ରାଘବ, ଯାଆ, କହିଦେବ, ମୁଁ ଯିବି ନାହିଁ ।

ରାଘବ—ଜୁହାର, ଜେମାମଣି ! [ ପ୍ରସ୍ଥାନ ]

ପଦ୍ମା—ମା, ଅନନ୍ତ ଭାଇ ପ୍ରତିଦିନ ଏ ବନ ମଧ୍ୟରୁ ଅନେକ ଜୀବଜନ୍ତୁ ମାରି ଆଣୁଛନ୍ତି । ଆଜି ଗୋଟାଏ ବଡ ସମ୍ବର ମାରି ମୋତେ ଦେଖିବାକୁ ଡାକି ପଠାଇଥିଲେ । ତାଙ୍କୁ ତୁମେ ମନା କଲ ନାହିଁ ? ମୁଁ କେତେଥର କହିଲିଣି । ସୁମନ୍ତ ଭାଇଙ୍କି ମଧ୍ୟ କହିଛି ।

ସତ୍ୟ—ଏଇ କଥାକୁ ତୋର ଏତେ ଦୁଃଖ, ପଦ୍ମା ? ହତ୍ୟା କ୍ଷତ୍ରିୟର ଧର୍ମ । ରକ୍ତରେ ରଞ୍ଜିତ ନ ହେଲେ କ୍ଷତ୍ରିୟର ହସ୍ତ ସୁନ୍ଦର ଦିଶେ ନାହିଁ । ପୁଣି ସମ୍ବର, ବାଘ, ଭାଲୁ ତ ପଶୁ । ପଣ୍ଡିତମାନେ କହନ୍ତି, ମନୁଷ୍ୟ ପରି ପଶୁର ଜ୍ଞାନ ନାହିଁ । ତା ପରେ କେତେଗୁଡ଼ାଏ ପଶୁଙ୍କୁ ମନୁଷ୍ୟ ଆହାର ଭୋଜ୍ୟ କରିଅଛି । ମାଇଲେ ବିଶେଷ କ୍ଷତି ବା କଣ ? ପଶୁହତ୍ୟା ମନୁଷ୍ୟ ହତ୍ୟାଠାରୁ କଦାପି ଅଧିକ ନୃଶଂସ ନୁହେ । ଏଇ କୃଷ୍ଣାନଦୀ । ତାର ସେ ପାଖରେ ସେହି ବନ ପ୍ରାନ୍ତର ଦେଖୁଛୁ, ପଦ୍ମା । କାଲି ସେଠାରେ ଘୋର ଯୁଦ୍ଧ ହେବ, କାରଣ ଓଡ଼ିଶାର

ରଜା ପୁରୁଷୋତ୍ତମ ଦେବଙ୍କ ବିପକ୍ଷରେ ବିଦ୍ରୋହ ଘଟିଅଛି କେତେ ଯୁବକ, ଆହା, ବନସ୍ଥର ମୃଗ ସମ୍ବର ପରି ପ୍ରାଣ ହରାଇବେ। ଏହାଠାରୁ ବଳି ଆଉ କରୁଣ ଦୃଶ୍ୟ କଣ ଅଛି, ପଦ୍ମ? ଆଜ ଯେଉଁ ସୁନ୍ଦର କାନନର କୋମଳ ଦୂର୍ବାରେ ଶ୍ୟାମଳ, କାଲି ସେଠାରେ ନରର ରକ୍ତନଦୀ ପ୍ରବାହିତ ହେବ। କୁସୁମର ଶୀତଳ ମଳୟ ଆଜ ଯେଉଁ ପ୍ରାନ୍ତରକୁ ମଧୁର ସୌରଭରେ ସିକ୍ତ କରୁଅଛି, କାଲି ତାହା ଧ୍ୱଂସ ଶ୍ମଶାନରେ ପରିଣତ ହେବ, ଶବରାଶିର ଦୁର୍ଗନ୍ଧ ମଧ୍ୟରେ ଶୃଗାଳ କୁକ୍କୁର ବିକଟ ଚିତ୍କାର କରୁଥିବେ, ପଦ୍ମ! ଏହାଠାରୁ ବଳି ଦାରୁଣ ଦୃଶ୍ୟ କଣ ଆଉ ଜଗତରେ?

ପଦ୍ମ—ମୁଁ ଶୁଣୁଥିଲି ଯୁଦ୍ଧ ହେବ ବୋଲି। ଏତେ ଶୀଘ୍ର, ମା! ପୁରୁଷୋତ୍ତମ ଦେବ ଯୁଦ୍ଧକୁ ସ୍ୱୟଂ ଆସୁଅଛନ୍ତି। ସେ କଣ ଆସିଲେଣି?

ନେପଥ୍ୟେ—ପଦ୍ମ?

ସତ୍ୟ—ମୁଁ ଜାଣି ନାହିଁ। ତେବେ ଏତିକି ଜାଣେ ଯେ କାଲି ଯୁଦ୍ଧ ହେବ, ଆଉ ସେ ଯୁଦ୍ଧରେ ପୁରୁଷୋତ୍ତମ ଦେବ ଉପସ୍ଥିତ ଥିବାର କଥା।

[ କନକର ପ୍ରବେଶ ]

ଏଇ ତ କନକ ଆସିଲାଣି। ମୁଁ ଯାଏ, ପଦ୍ମ! ବେଳ ବହୁତ ହେଲାଣି। [ ପ୍ରସ୍ଥାନ ]

ପଦ୍ମ—କନକ!

କନକ—କଣ, ପଦ୍ମ?

ପଦ୍ମ—କଣ ହେବ? କନକ!

କନକ—କଣ ହେବ ଅର୍ଥ? କଣ ହେଲା, ମୁଁ ଜାଣେ। ହେବ ମନୁଷ୍ୟକୁ ଅଗୋଚର। ହେବ ଯେତେଦିନ ପର୍ଯ୍ୟନ୍ତ ହେଲା ହୋଇ ନାହିଁ, ତା ବିଷୟରେ ଭାବିବା ହେବା ମୂର୍ଖତା ମାତ୍ର। ହେଲା ବିଷୟରେ ସୁଖର ସମ୍ବାଦ କହିପାରେ—ଏଠାରେ ଯେଉଁ ଚିତ୍ରଶାଳା ବସାଇଥିଲେ, ତହିଁରେ ସାତୋଟି ବାଳିକା ପ୍ରବେଶ

କଲେଣି । ସୁଖର ସଂବାଦ ନୁହେ, ପଦ୍ମ ? କିଛି କହୁ ନାହଁ ଯେ ?

ପଦ୍ମ—ହଁ, ସୁଖର ସମ୍ବାଦ ନିଶ୍ଚୟ, କନକ ! ମନୋରଥ ସିଦ୍ଧ ହେଲେ କାହାର ପ୍ରାଣରେ ସୁଖ ନ ହୁଏ ? କିନ୍ତୁ – ଭବିଷ୍ୟତର ଜ୍ଞାନ ମନୁଷ୍ୟର ଥିଲେ ସେ କେତେ ସୁଖୀ ହୋଇ ନ ଥାନ୍ତା, କନକ !

କନକ—ଦୁଃଖୀ ମଧ୍ୟ ହୋଇ ଥାଆନ୍ତା କେତେକ । ପ୍ରେମର ପ୍ରତିମା ପ୍ରାଣକାନ୍ତଙ୍କର—ଅବଶ୍ୟ ନାରୀ ପକ୍ଷରେ କହୁଛି, ପଦ୍ମ, ଆଜି ଯାହାଙ୍କ ହୃଦୟରେ ପ୍ରଣୟର ମଧୁର ଲହରୀ ଖେଳି ଆସୁଅଛି, ସେହି ନାରୀମାନଙ୍କ ପକ୍ଷରେ—ପ୍ରେମର ପ୍ରତିମା ପ୍ରାଣକାନ୍ତଙ୍କର ଆଗମନ କଥା ଆଗରୁ ଜାଣି ପାରିଲେ ଅବଶ୍ୟ ସୁଖ ଅଛି । ତେବେ ଯେତେବେଳେ ବିଦାୟ, ବିଚ୍ଛେଦ, ଭବିଷ୍ୟତର ଜ୍ଞାନରେ କି ସୁଖ, ପଦ୍ମ ? ସଂସାରରେ ଅବିମିଶ୍ର ସୁଖ କିଛି ନାହିଁ । ସୁଖ ସଙ୍ଗରେ ଦୁଃଖ ମଧ୍ୟ ସବୁବେଳେ ବନ୍ଧା ।

ପଦ୍ମ—ସେଇ ଯେ ପାନ୍ତର ଦେଖୁଛି, କନକ,—ନଦୀର ଅପର ପାର୍ଶ୍ୱରେ—ସେଠାରେ କାଲି ଯୁଦ୍ଧ ହେବ । ସେଦିନ ମା'ଙ୍କଠାରୁ ମହାରାଜ ପୁରୁଷୋତ୍ତମ ଦେବଙ୍କ ବୀରତ୍ୱ, ପରାକ୍ରମ, ଆଉ ବୀରତ୍ୱର ପରାକ୍ରମର ଚିର ସହଚର ସେ ଉଦାରତା ବିଷୟରେ କେତେକଥା ଶୁଣିଥିଲେ । ସେହି ପୁରୁଷୋତ୍ତମ ସ୍ୱୟଂ ଏଠାକୁ ଆସିଅଛନ୍ତି । ତାଙ୍କର ଭାଇ ବିକ୍ରମଦେବ ବିଦ୍ରୋହୀ । ବିଦ୍ରୋହ ଦମନ ନିମନ୍ତେ ମହାରାଜା ଏଠାରେ ଉପସ୍ଥିତ । ମୁଁ ଯୁଦ୍ଧ ଦେଖିନାହିଁ । ତୁ ମଧ୍ୟ ଦେଖିନାହୁଁ କନକ ! ଆମ୍ଭେମାନେ କାଲି ସେ ପ୍ରାନ୍ତରକୁ ଯିବା, କନକ ! ନା, ପ୍ରୟୋଜନ ନାହିଁ, ଯୁଦ୍ଧ ଦେଖିବା ନାରୀର ଧର୍ମ ନୁହେ । ସେଥିରେ ସୁଖ ଯେତିକି, ଦୁଃଖ ମଧ୍ୟ ସେତିକି । ଯଦି ପରାଜୟ ହୁଏ । ନା, କନକ ପ୍ରୟୋଜନ ନାହିଁ । ନା, ଜୟ—ଯୁଦ୍ଧରେ ଜୟ ହୁଏ ।

କନକ—ବେଶ୍ ତ, ଜୟ ହେଲେ ପରାଜୟ ହେବ ନିଶ୍ଚୟ ।

ପଦ୍ମ—ନା, ଜୟ, କନକ !

କନକ—ନା ପରାଜୟ—ବୁଝିପାରୁ ନାହୁଁ ?

ପଦ୍ମ—ବୁଝୁଛି, କନକ—ଜୟ ।

କନକ—ନା, ଦେଖ—କ ଆଉ ଖ ମଧ୍ୟରେ ଯୁଦ୍ଧ ହେଲା । ଧର କ ଜୟଲାଭ କଲା । ତେବେ ଖ'ର ତ ପରାଜୟ । ବୁଝିଲୁ ?

ପଦ୍ମ—ବୁଝିଲି, କ'ର ତ ପୁଣି ଜୟ । ସେଥି କା । ଜୟ, କନକ, ଜୟ ।

କନକ—ଅଚ୍ଛା, ଯୁଦ୍ଧରେ ତ ଅନେକ ମନୁଷ୍ୟ ମରିବେ ?

ପଦ୍ମ—ହଁ ମରିବେ, ସେ କଥା ମା ଏଇକ୍ଷଣି କହୁଥିଲେ, କନକ ! ମରିବେ ।

କନକ—ଆମ୍ଭେମାନେ ସେଠାକୁ ଗଲେ କିଛି ସାହାଯ୍ୟ କରି ପାରିବା ନାହିଁ, ପଦ୍ମ ?

ପଦ୍ମ—ମୃତ ଲୋକ ପ୍ରତି ପୁଣି କି ସାହାଯ୍ୟ ? ସେଠାରେ ସବୁ ଦୁଃଖମୟ କନକ ! ସବୁ ଦୁଃଖମୟ !

କନକ—ସାହାଯ୍ୟ ମୃତ ପାଇଁ ନୁହେ, ପଦ୍ମ—ମୁମୂର୍ଷୁ ବ୍ୟକ୍ତିର ସାହାଯ୍ୟ ।

ପଦ୍ମ—ମୁମୂର୍ଷୁ ! ମୁମୂର୍ଷୁ ପ୍ରାଣରେ କି ଦୁଃଖ । ହଁ ଆମ୍ଭେମାନେ ଯିବା, କନକ ! ମୁମୂର୍ଷୁର ମୃତ୍ୟୁଶଯ୍ୟାର ଯନ୍ତ୍ରଣାରେ ଟିକିଏ ସାହାଯ୍ୟ କରିବା, ଆଶ୍ୱାସନା ଦେବା । ଆହା, କି ଦୁଃଖ ! ମୁଁ ଶୁଣିଅଛି, ବିଜୟ ନଗରର ରାଜକନ୍ୟା କମଳାବତୀ ଯୁଦ୍ଧକ୍ଷେତ୍ରକୁ ଯାଇ ଏହିପରି ସେବା କରୁଥିଲେ । ଆମେ ଯିବା, କନକ !

କନକ—ହଁ, ପଦ୍ମ, କାଲି ସକାଳେ ଯିବା ।

ପଦ୍ମ—କନକ, ସଂସାରଟା କଣ ! ମନୁଷ୍ୟ ଯେତେବେଳେ ଜନ୍ମ ହୁଏ, ସେ ଗୋଟିଏ ପୁଷ୍ପକଳିକା ସଦୃଶ । ଜୀବନ ତାର ଅନନ୍ତ ଆଶାରେ ଭରା, ଅକଳ୍ପିତ ସମ୍ଭାବନାରାଶିରେ ପୂର୍ଣ୍ଣ । କିନ୍ତୁ ଯେତେବେଳେ ସ୍ୱପ୍ନରୁ ସତ୍ୟକୁ ଆସିବାକୁ ହୁଏ, ସେତେ-ବେଳେ, ସବୁ ଅନ୍ୟପ୍ରକାର । ଜୀବନର ମଧୁମକ୍ଷୀ ଦିନେ ଦୁଇଦିନ ଦେଖାଦିଏ ମାତ୍ର । ଅଳ୍ପ ମଧୁର କୂଜନରେ ଦିନେ ଦୁଇଦିନ ବିହାର କରେ । ତତ୍ପରେ କି ପରିଣାମ ! ମରେ

ଆଜି କପରି ଅବସାଦ ଲାଗୁଛି, ତୁ ଗୋଟିଏ ଗୀତ ଗା ଦେଖି, କନକ, ଗା !

କନକ—କି ଗୀତ ଗାଇବି ? ତୋର ସେଇ "ସରମେ ସରଣୀ ରୁହିଁ ?" ତୋର ତ ସବୁ ଗୀତ ବଡ଼ ଚମତ୍କାର । ନା, ଗାଇବି "ମିଳନେ ବିରହ ଦିଏ" ?

ପଦ୍ମ—ତା' ଯାହା ତୋର ଇଚ୍ଛା । ତୋ କଣ୍ଠରେ ସବୁ ମଧୁର, କନକ, ଗା !

କନକ—ଆଚ୍ଛା ଗାଉଛି ତେବେ "ସରମେ ସରଣୀ ରୁହିଁ ।"

ସରମେ ସରଣୀ ରୁହିଁ,
କହରେ କୋକିଳ ଡାକୁ ଅବିରଳ
କାହା ଆସିବାର ପାଇଁ ? ଘୋଷା ।

ଯା ଲାଗି ତୁ ଏତେ ଗାଉଚରେ ଝୁରି
ବନେ ବନେ ନିତି ବିଜନେ ବୁଲି,
ଏ ସବୁ ସେ ତୋର ଜାଣୁ କି କୋକିଳ
ବୁଝୁଛି କି ଅବା ନାହିଁ ?
ଡାଳୁ ଡାଳେ କେତେ ବସୁ ତୁ ଉଡ଼ି,
କମ୍ପନେ କୁସୁମ ପଡ଼ଇ ଝଡ଼ି;
କେହି କଦେ ବାରେ ତୋ କଥା ତାଠାରେ
ଜଣାଇବ ପିକ ଯାଇ ?
ଗଗନେ ପୂର୍ଣ୍ଣେନ୍ଦୁ ନିଶିରେ ନିତି
ଅଗଣିତ ଗ୍ରହ ତାରକାପନ୍ତି,
ଉଷାରେ ଦୋସର ବିସୋରି ସକଳ
ଯାଆନ୍ତି ସେ ଦୂରେ କାହିଁ !
ସକଳ ଅସାର ଜଗତେ ହେଲେ,
ପରାଣ ପିପାସା ଲିଭେ କି ତିଳେ ?
ଅନ୍ତିମ ଦିବସେ ସୁଖ ଦୁଃଖ ଶେଷେ
ଭେଟ ହେବ ଦିନେ ତହିଁ ।

[ ପଟକ୍ଷେପଣ ]

## — ତୃତୀୟ ଦୃଶ୍ୟ —

ସ୍ଥାନ—କୃଷ୍ଣାନଦୀତୀର—ଯୁଦ୍ଧ ପ୍ରାନ୍ତରର ଏକ ଭାଗ
[ପୁରୁଷୋତ୍ତମ ଦେବ ଓ ବକ୍ସି ବିଶ୍ୱନାଥଙ୍କ ପ୍ରବେଶ]

ରାଜା—ପାଞ୍ଚ ସହସ୍ର ସୈନ୍ୟ ନିହତ ?

ବିଶ୍ୱ—ଆଜି ଦୁଇଜଣ ସୈନ୍ୟାଧ୍ୟକ୍ଷ ଆହତ—ଅଭିମନ୍ୟୁ ସାମନ୍ତ, ତାଙ୍କ ଭଗିନୀପତି ମୃତ୍ୟୁଞ୍ଜୟ ନରେନ୍ଦ୍ର ।

ରାଜା—ସେମାନେ ବର୍ତ୍ତମାନ କେଉଁଠାରେ, ବିଶ୍ୱନାଥ ?

ବିଶ୍ୱ—ମୁଁ ତାଙ୍କୁ ଏଇକ୍ଷଣି ଶିବିରରେ ରଖି ଆସିଲି । ଭଲ ଅଛନ୍ତି ।

ରାଜା—ତାହାହେଲେ, ବିଶ୍ୱନାଥ, ଆଜିର ଏ ଯୁଦ୍ଧରେ ବିଶେଷ ଆଶା ନାହିଁ ?

ବିଶ୍ୱ—କିଛି କହି ହେବନାହିଁ, ମହାରାଜ ! ତେବେ ବକ୍ସି ଅର୍ଜୁନ ସିଂହ ସୁବର୍ଣ୍ଣି ଦେବଙ୍କୁ ପରାସ୍ତ କରି କାମଣ୍ଡାର ସିଂହାସନ ଅଧିକାର କରି ଫେରି ଆସି ଏବେ ସୈନ୍ୟ ସାମନ୍ତ ଯୁଦ୍ଧରେ ଚାଳନ କରୁଅଛନ୍ତି । ଏ ବୃଦ୍ଧ ବୟସରେ ମଧ୍ୟ ସିଂହବିକ୍ରମରେ ଯୁଦ୍ଧଭୂମିରେ ଦଣ୍ଡାୟମାନ । ସନ୍ଧ୍ୟା ପୂର୍ବରୁ ସମ୍ଭବତଃ ଯୁଦ୍ଧ ଶେଷ ହେଉନାହିଁ । ବିକ୍ରମଦେବଙ୍କ ସୈନ୍ୟମାନେ ସଂଖ୍ୟାରେ ଖୁବ୍ ବେଶି ସତ, କିନ୍ତୁ ଅଧିକାଂଶ ଅଶିକ୍ଷିତ । ତେବେ ସେମାନେ ଯୁଦ୍ଧକ୍ଷେତ୍ରରେ ନୀତି ପାଳନ କରୁ ନ ଥିବାରୁ ଆମ୍ଭମାନଙ୍କୁ ଟିକିଏ ବିବ୍ରତ ହେବାକୁ ପଡ଼ୁଅଛି । ଶୁଣିଲି, ଅବୈଧ ଆକ୍ରମଣ କରିବାକୁ ବିକ୍ରମ ଦେବ ନିଜେ ସୈନ୍ୟମାନଙ୍କୁ ଆଦେଶ ଦେଇ ଅଛନ୍ତି । ଆମ୍ଭମାନଙ୍କର କେତେଜଣ ଭାରବାହକ କ୍ଷୀର ନେଇ ଯୁଦ୍ଧଭୂମିକୁ ଯାଉଥିଲେ । ବିକ୍ରମ ଦେବଙ୍କ ସୈନ୍ୟମାନେ ତାଙ୍କୁ ବଧ କରି କ୍ଷୀରଗୁଡ଼ିକ ନେଇ ଯାଇଅଛନ୍ତି । ସେମାନେ ମଧ୍ୟ ଶତ୍ରୁଦ୍ୱାରା ନିହତ ହୋଇଅଛନ୍ତି ।

ନେପଥ୍ୟେ—କେଉଁଠାରେ ସେ ବର୍ବର ? ଧର୍ମଦ୍ରୋହୀ, ରାଜ୍ୟଦସ୍ୟୁ, ବର୍ବର କେଉଁଠାରେ ?

ରାଜା—କିଏ ସେ, ବିଶ୍ୱନାଥ ?

ନେପଥ୍ୟେ—ଚାଲନ୍ତୁ ମହାରାଜା' ସେଇ ଗଛଆଡ଼କୁ ।

ରାଜା—କି ଶବ୍ଦ, ବିଶ୍ୱନାଥ ? କ୍ରମେ ନିକଟତର ହେଉଛି ଯେ ।

ନେପଥ୍ୟେ—ଏଇ ଯେ, ମହାରାଜା, ସେ ବର୍ବର ।

ବିଶ୍ୱ—ଏ ତ ବିକ୍ରମ ଦେବ ।

ରାଜା—ବିକ୍ରମ କଣ ଯୁଦ୍ଧରେ ଜୟୀ, ବିଶ୍ୱନାଥ ?

[ ବିକ୍ରମ ଓ ତାଙ୍କର ଜଣେ ସୈନିକର ପ୍ରବେଶ ]

ବିକ୍ରମ—ଆଜି ବେଶ ସ୍ଥାନରେ ସାକ୍ଷାତ୍, ପୁରୁଷାଧମ !

ରାଜା—ଜଗତର ସକଳ ସ୍ଥାନ ସମାନ ବିକ୍ରମ ଦେବ ! ତୁମେ ଏଠାରେ କାହିଁକି ?

ବିକ୍ରମ—କାହିଁକି ଦେଖିବୁ । ଆକ୍ରମଣ କର, ସୈନିକ !

ରାଜା—ବିକ୍ରମ, କ୍ଷାନ୍ତ ହୁଅ ଭାଇ, ଏ ଯୁଦ୍ଧ ସୁନ୍ଦର ହେବନାହିଁ ।

ବିକ୍ରମ—ରାଜଦ୍ରୋହୀ ସଙ୍ଗେ ଯୁଦ୍ଧ କେବେ ଅସୁନ୍ଦର ନୁହେ । କର ଆକ୍ରମଣ, ସୈନିକ !

[ ବିଶ୍ୱନାଥଙ୍କୁ ସୈନିକ ଓ ପୁରୁଷୋତ୍ତମଙ୍କୁ ବିକ୍ରମ ଆକ୍ରମଣ କଲେ । ସୈନିକ ମୃତ, ବିଶ୍ୱନାଥ ଓ ବିକ୍ରମ ଆହତ ହୋଇ ଭୂମିରେ ନିପତିତ । ]

ରାଜା—ଉଠ ବିକ୍ରମ, କ୍ଷୋଭ ନାହିଁ, ଭାଇ, ଉଠ !

ନେପଥ୍ୟେ—କେଉଁଆଡ଼େ ?

ନେପଥ୍ୟେ—ସେଇ ଗଛ ଆଡ଼କୁ ।

ରାଜା—ପୁଣି କଣ, ବିଶ୍ୱନାଥ ?

[ ବିଶ୍ୱନାଥ ଉଠି ଛିଡ଼ା ହେଲେ ]

ବିଶ୍ୱ—ମହାରାଜ !

[ ଚାରିଜଣ ସୈନିକଙ୍କର ପ୍ରବେଶ ]

ପ୍ର. ସୈ—ମହାରାଜା ଯେ ଆହତ ।

ଦ୍ୱି. ସୈ—ହତ୍ୟାକାରୀ କିଏ ?

ତୃ. ସୈ—ଏଇ କାପୁରୁଷଦ୍ୱୟ । ଆଉ କିଏ ହୋଇପାରେ ?

ଚ. ସୈ—ବଧ କର !

ପ୍ର. ସୈ—କର ଆକ୍ରମଣ !

ସମସ୍ତେ—କର ଆକ୍ରମଣ ।

[ ବିଶ୍ୱନାଥ ଓ ପୁରୁଷୋତ୍ତମ ଆହତ ଏବଂ ନିପତିତ । ଦୁଇଜଣ ସୈନିକ ନିହତ । ]

ପ୍ର. ସୈ—ଓଃ, କି ଯୁଦ୍ଧ !

ଦ୍ୱି. ସୈ—ରଘୁନାଥ, ଗଙ୍ଗାଧର ଦୁଇଜଣଯାକ ଯେ ନିହତ ହୋଇଗଲେ !

ତୃ. ସୈ—ବିଶ୍ୱନାଥ ପୁରୁଷୋତ୍ତମ ଦୁହେଁ—ମୁମୂର୍ଷୁ ନିହତପ୍ରାୟ । ଚାଲ, ଆମ୍ଭେମାନେ ପଳାୟନ କରିବା । ଏ ସ୍ଥାନ ନିଃସଙ୍କଟ ନୁହେ ।

ଦ୍ୱି. ସୈ—ଚାଲ, ମହାରାଜାଙ୍କୁ ଘେନି ଶୀଘ୍ର ଶିବିରକୁ ଯିବା ।

[ ପ୍ରସ୍ଥାନ ]

ରାଜା—ବଡ଼ କଷ୍ଟ, ବିଶ୍ୱନାଥ ! [ ବିଶ୍ୱନାଥ ଛିଡ଼ା ହେଲେ ]

ବିଶ୍ୱ—ମହାରାଜ ! [ ନିପତିତ, ମୃତ ]

ରାଜା—ବିଶ୍ୱନାଥ, ଟିକିଏ ପାଣି ଦିଅ ବଡ଼ କଷ୍ଟ—ବଡ଼ କଷ୍ଟ । ପ୍ରାଣ—ଉଡ଼ି—ଯାଉ—ଅଛି । ନଦୀ କଣ ଏତେ ଦୂର ? ବିଶ୍ୱନାଥ —ବଡ଼—କଷ୍ଟ । ଓଃ—କି ପିପାସା । ଫେରି ନାହିଁ ? ବିଶ୍ୱ —ନାଥ—ପ୍ରାଣ—ଉଡ଼ି—ଯାଉ—ଅଛି । ପିପାସା—ବଡ଼—କଷ୍ଟ —ଦିଅ—କାହିଁ ?

ନେପଥ୍ୟେ—କି ଶବ୍ଦ, କନକ ? କି କରୁଣ ସ୍ୱର ?

ନେପଥ୍ୟେ—ଏ କାହାର ମୁମୂର୍ଷୁ ବାଣୀ । ଚାଲ, ପଦ୍ମ ! ସେଇଆଡେ ଚାଲ ।

ରାଜା—ବିଶ୍ୱନାଥ—ଆଉ—ଦିଅ । କାହିଁ—ଓଃ-କି ପିପାସା—କି କଷ୍ଟ । କେହି ନାହିଁ । ପାଣି—ପାଣି—ବିଶ୍ୱ-ନାଥ ।

[ ପଦ୍ମ ଓ କନକର ପ୍ରବେଶ ]

ପଦ୍ମ—ଏଇ ଯେ, ଓଃ କି କରୁଣ ଦୃଶ୍ୟ ! [ଜଳଦାନ]

ରାଜା—ଦିଅ—ବିଶ୍ୱନାଥ ! ଆଉ ଦିଅ ! ବଡ଼ କଷ୍ଟ, ବିଶ୍ୱନାଥ !

ପଦ୍ମ—ତିନିଜଣ ମୃତ, ଆଉ ଏ ଯୁବକ ଓ କି ବିଷମ ଆଘାତ !

[ଜଳଦାନ]

କନକ—ଚାଲ, ପଦ୍ମ ! ସେ ଚୈତ୍ରମୂଳକୁ ଯିବା । ସେଠାରେ ମଧ୍ୟ
କିଏ ପଡ଼ି ରହିଛି, ଦେଖୁଛୁ ?

ପଦ୍ମ—ଚାଲ । [ ପ୍ରସ୍ଥାନ ]

ରାଜା—ବିଶ୍ୱନାଥ କାହାନ୍ତି ? କିଏ ତୁମେ ନାରି ! ଦେଖା ନା ମାନବୀ ।
କିଏ ତୁମେ ? ବିଶ୍ୱନାଥ ! ( ଦଣ୍ଡାୟମାନ ହୋଇ ) କିଏ ତୁମେ
ଚାଲିଗଲ ? ଆହା—ବିଶ୍ୱନାଥ, ଏ କଣ ? ଓଡ଼ିଶାର ରାଜମୁକୁଟରୁ
ଏ ବହୁମୂଲ୍ୟ ମଣିଟି ଆଜି ବିଚ୍ଛିନ୍ନ ! ଆଉ ନାହିଁ । ଶରୀର ଶୀତଳ,
ଅଙ୍ଗ ପ୍ରତ୍ୟଙ୍ଗ ଜଡ଼, ନାସାରୁ ଜୀବନର କ୍ଷୀଣ ଧାରଟିଏ ମଧ୍ୟ
ନାହିଁ, ଶେଷ ! ଓଡ଼ିଶାର ତିନିଲକ୍ଷ ସୈନିକଙ୍କର ସମୁଜ୍ଜ୍ୱଳ ରତ୍ନ
ଆଜି ଏଠାରେ ଏହିପରି, ଏ ମାଟିଖଣ୍ଡ ଉପରେ ଜୀବନର ଅନ୍ତିମ
ନିଦ୍ରା ! ଘୋର ସଙ୍କଟରେ ପଡ଼ି ଯେତେବେଳେ, ବିଶ୍ୱନାଥ,
ତୁମ୍ଭର ଏ ପୁରୁଷୋତ୍ତମ ଦେବ ସାହସ, ଶକ୍ତି ହରାଇବ; ସକଳ
ଆଶା ପରିତ୍ୟାଗ କରି କର୍ତ୍ତବ୍ୟଜ୍ଞାନଶୂନ୍ୟ ହେବ, ସେତେବେଳେ
କିଏ ପୁଣି ଆଶାର ବାଣୀରେ, ସାହସର ମନ୍ତ୍ରରେ ଅନୁପ୍ରାଣିତ
କରିବ ? ବିପଦରେ କିଏ ଆଉ ସମ୍ମୁଖରେ ଦଣ୍ଡାୟମାନ ହେବ,
ଉପୂଟଚଳେ କିଏ ଅଭୟ ଦେବ; ବିଶ୍ୱନାଥ ? ଓଡ଼ିଶାର
ସୌଭାଗ୍ୟଗଗନର ପ୍ରାଚୀନ ଉଷା ତାରାଟି ତୁମ୍ଭେ, ଆଜି ଅସ୍ତମିତ ।
ଯାଅ, ବିଶ୍ୱନାଥ ! ଦୁଇଜଣ ଶିବିରରୁ ବାହାରି ପ୍ରାଣରେ ବହୁତ
ଆଶା ପୋଷଣ କରି ଏ ପ୍ରାନ୍ତରରେ ବିଚରଣ କରିଥିଲେ । ଏବେ
ମୁଁ ଏକା ଶିବିରକୁ ଫେରିଯିବି । ଯାଅ; ସୈନିକବର ! କି
ପ୍ରକାର ଏ ଶରୀରର ସତ୍କାର କରିବି ? କେହି ନାହିଁ । ପ୍ରିୟ
ବିଶ୍ୱନାଥ, ଯାଅ । ତୁମ୍ଭର ଏ ମୃତଦେହ (ଟେକି) ଧରୁରଥିଲି
ଭାରିହୋଇଥିବ । କେଡ଼େ ଉଚ୍ଛ୍ୱାସ ! ଆହା, ବିଶ୍ୱନାଥ !

[ପଟ୍ଟ ପତନ]

## ଦୃଶ୍ୟ ପରିବର୍ତ୍ତନ

ସ୍ଥାନ—କୃଷ୍ମାନଘଗର, ଯୁଦ୍ଧ ପ୍ରାନ୍ତରର ଅପର ସ୍ଥାନ ।

[ପଦ୍ମାବତୀ ଓ କନକଙ୍କ ପ୍ରବେଶ]

କନକ—ଏହି ଯେ ଆଉ ଜଣେ ମୁମୂର୍ଷୁ ଯୁବକ ପଦ୍ମ, ସେ ଗଛମୂଳରେ । ଚାଲ ଟିକିଏ ପାଣି ଦେବା ତା ତୁଣ୍ଡରେ । ବିଚାରର କି କଷ୍ଟ ?

( ଜଣେ ପ୍ରହରୀର ପ୍ରବେଶ )

ପ୍ରହରୀ—କିଏ ତୁମେ ଦୁଇଜଣ ? ଏ ଯୁଦ୍ଧ ଭୂଇଁରେ ଏମିତି ବୁଲୁଚ ? କି ଉଦ୍ଦେଶ୍ୟ ତୁମର ? ଯୁଦ୍ଧ ଭୂଇଁରେ ସ୍ତ୍ରୀଜାତିଙ୍କି ବୁଲିବାକୁ ମନା । ତୁମେ କଣ ଜାଣ ନାହିଁ ? ମୁଁ ଏଇକ୍ଷଣି ବନ୍ଦୀ କରନ୍ତି ଦୁହିଁଙ୍କି । ଅଚିହ୍ନା ଲୋକଙ୍କୁ ଯୁଦ୍ଧ ଭୂଇଁରେ ପୂରାଇବା ଭାରି ଆପଦ । ତୁମ୍ଭେମାନେ ଶତ୍ରୁଦ୍ୱାର ପଠା ହୋଇ ଥାଇପାର, କିଏ ଜାଣେ ? କେବଳ ମହାରାଜାଙ୍କର ହୁକୁମ ଯେ ସ୍ତ୍ରୀଜାତିଙ୍କ ସମ୍ମାନ କରିବା ନିମନ୍ତେ । ସ୍ତ୍ରୀମାନଙ୍କ ପ୍ରତି ଯେପରି କୌଣସି ପ୍ରକାର ଅପମାନ ନ ହୁଏ, ସମ୍ରାଟଙ୍କ ଆଜ୍ଞା, ମୁଁ ଏ କଥା ଦେଖିବି । ତେବେ କହ ତୁମ୍ଭେ କିଏ ? କି ଉଦ୍ଦେଶ୍ୟରେ ଏଠାକୁ ଆସିଛ ?

କନକ—ଆମ୍ଭେମାନେ ବସନ୍ତପୁରର ପ୍ରବାସୀ ।

ପ୍ରହରୀ—ବସନ୍ତପୁର ଘର ! ଏଠାକୁ ଆସିବାର ଅଭିପ୍ରାୟ ?

କନକ—ଯୁଦ୍ଧକ୍ଷେତ୍ରରେ ମୁମୂର୍ଷୁ ବ୍ୟକ୍ତିମାନେ ପିପାସାରେ ଯନ୍ତ୍ରଣା ଭୋଗୁଅଛନ୍ତି ଦେଖି ଟିକିଏ ଟିକିଏ ପାଣି ଦେଉଛୁ ।

ପ୍ରହରୀ—ତା କରି ପାର; କିନ୍ତୁ ଦେଖ, ଯୁଦ୍ଧସ୍ଥାନକୁ ଯେପରି ନ ଯାଅ । ମହାରାଜା ଜାଣି ପାରିଲେ ଆମମାନଙ୍କୁ ଦୋଷ ଦେବେ । ପ୍ରହରୀର କାର୍ଯ୍ୟ କୌଣସି ଲୋକଙ୍କୁ ଯୁଦ୍ଧଭୂଇଁକି ନ ଛାଡ଼ିବା ।

ପଦ୍ମ—କିଏ ତୁମର ମହାରାଜା, ବୁଢ଼ା ?

ପ୍ରହରୀ—ମହାରାଜା ? କାହିଁକି, ଓଡ଼ିଶାର ମହାରାଜା ପୁରୁଷୋତ୍ତମ ଦେବ ।

ପଦ୍ମ—ସେ କଣ ଏ ଯୁଦ୍ଧକ୍ଷେତ୍ରକୁ ଆସିଛନ୍ତି ?

ପ୍ରହରୀ—ହଁ, ମହାରାଜା ଆସିଛନ୍ତି ।

ପଦ୍ମ—ତେବେ ସେ ଜଣ ବର୍ତ୍ତମାନ ଯୁଦ୍ଧକ୍ଷେତ୍ରରେ ?

ପ୍ରହରୀ—ହଁ, ମହାରାଜା ଏ ଯୁଦ୍ଧ କ୍ଷେତ୍ରରେ; କିନ୍ତୁ ସେ ଏପର୍ଯ୍ୟନ୍ତ ଅସ୍ତ୍ର ଧରି ନାହାନ୍ତି । ସେନାପତି ବସନ୍ତବରାଠ ଚାଲି ଯାଇଛନ୍ତି ରାଜଧାନୀକୁ । ସେଠାରେ କାଲେ ଯୁଦ୍ଧ ହେବ, ସେଥିପାଇଁ ସେନାପତି ରାଜଧାନୀରେ ରହିବେ । ଏବେ ଅର୍ଜୁନ ସିଂହ ସେନାପତି, ତାଙ୍କ କଥାରେ ବର୍ତ୍ତମାନ ଯୁଦ୍ଧ ଚାଲୁଛି । ଯାଏଁ, ବାଳିକା ବଦହେ ! କିନ୍ତୁ ସାବଧାନ, ଯୁଦ୍ଧଭୂଇଁକୁ ସେପରି ନ ଯାଅ ! ସାବଧାନ ! ( ପ୍ରସ୍ଥାନ )

ପଦ୍ମ—କନକ ! ମହାରାଜା ପୁରୁଷୋତ୍ତମ ଦେବ ଏ ଯୁଦ୍ଧକୁ ଆସିଛନ୍ତି ?

କନକ—ଆସିବାର ତ କଥା ଥିଲା, ଆସିଥିବେ । ଚାଲ ପଦ୍ମ, ଏ ଯୁବକଟିକୁ ଟିକିଏ ପାଣି ଦେବା । ତାର ବହୁତ କଷ୍ଟ ହେଉଛି । ଆହା ଯୁବକ !

ପଦ୍ମ—ଚାଲ । ଦେଖ କନକ, ସେ ଯୁବକଟିକୁ ଯେ ସେ ଗଛମୂଳେ ଛାଡ଼ି ଆସିଲେ, ତାଙ୍କର ଘୋର ଯନ୍ତ୍ରଣା ହେଉଥିଲା । ଚାଲ, ସେଠାକୁ ଟିକିଏ ଯିବା ।

କନକ—ତାର ଆଉ ସେ ଯନ୍ତ୍ରଣା ନ ଥିବ । ଚାଲ ଏଣେ ଯିବା । ଏ ଯୁବକଟି ଏଠାରେ ପଡ଼ିଛି । ଆଉ ମଧ୍ୟ ନୂତନ ସ୍ଥାନରେ ଖୋଜିବା ।

ପଦ୍ମ—ନା, କନକ, ସେଠାକୁ ଟିକିଏ ଚାଲ । ଯୁବକ, ଆହା କି କଷ୍ଟ !

କନକ—ଏଇ ଯେ ସେ ଯୁବକ ଆଉ ଜଣକୁ ଘେନି ଅଶ୍ୱପୃଷ୍ଠରେ ଚାଲିଗଲେ । ବେଶ୍ ସୁସ୍ଥ, ସବଳ । ଏଣେ ଆସ, ପଦ୍ମ !

ପଦ୍ମ—ଚାଲ, କନକ ! [ ପ୍ରସ୍ଥାନ ]

## —ଚତୁର୍ଥ ଦୃଶ୍ୟ—

ସ୍ଥାନ—କୃଷ୍ଣାନଦୀତୀର ଶିବିର ।

[ ପୁରୁଷୋତ୍ତମ ଦେବ ଓ ଅର୍ଜୁନ ସିଂହ ଦଣ୍ଡାୟମାନ ]

ରାଜା—ବେଶ, କିନ୍ତୁ ସୈନ୍ୟ କାହାନ୍ତି, ଅର୍ଜୁନ ସିଂହ ?

ଅର୍ଜୁନ—ସେ କଣ, ମହାରାଜ ! ସୈନ୍ୟ ନାହାନ୍ତି ? ମହାରାଜାଙ୍କର ନାମ ମାତ୍ର ଶୁଣିଲେ ଅନ୍ତଃପୁରର ଅବଳା ମଧ୍ୟ ଅସ୍ତ୍ର ଘେନି ଉଠିବେ । ସୈନ୍ୟ ନାହାନ୍ତି ? ମୁଁ ଅଶୀ ସହସ୍ର ସୈନ୍ୟ ସଜ୍ଜିତ କରି ରଖିଅଛି । ତତ୍ପରେ ସୋନପୁର, ବାମଣ୍ଡା, ତାମ୍ରଲିପ୍ତ, କାଶୀପୁରରେ ପ୍ରାୟ ଏକ ଲକ୍ଷ ସୈନ୍ୟ ଅବସ୍ଥାନ କରୁଅଛନ୍ତି । ଏହା ଛଡ଼ା ଏକ ଲକ୍ଷ ସୈନ୍ୟ ରାଜଧାନୀରେ ରକ୍ଷିତ ଅଛନ୍ତି । ଏମାନଙ୍କ ପ୍ରତ୍ୟେକଙ୍କ ଜୀବନ ମହାରାଜାଙ୍କ ନିମନ୍ତେ ଉତ୍ସୃଷ୍ଟ । ତତ୍ପରେ ବାତ୍ସଲ୍ୟରେ ପରିପାଳିତ, ସ୍ନେହରେ ବଶୀଭୂତ ପ୍ରଜାଗଣ, ମହାରାଜାଙ୍କ ବିଜୟ ନିମନ୍ତେ, ସ୍ୱଦେଶର ମଙ୍ଗଳ କାମନାରେ, ପ୍ରାଣ ଦେବାକୁ ପ୍ରସ୍ତୁତ । ଅଧୀର ହେବେ ନାହିଁ, ମହାରାଜ, ସୈନ୍ୟ ବହୁତ ।

ରାଜା—କିନ୍ତୁ ବକ୍ସି ଅଭିରାମଙ୍କ ସ୍ଥାନ କିଏ ପୂର୍ଣ୍ଣ କରିବ ? ବିଶ୍ୱନାଥ ପୁଣି କାଲି ଯାଇଅଛନ୍ତି । ଉଃ, କି ଦୃଶ୍ୟ ସେ ଯୁଦ୍ଧକ୍ଷେତ୍ରର କାଲି ! ବିପକ୍ଷର ସୈନିକମାନଙ୍କ ଆକ୍ରମଣରେ ଆହତ ହୋଇ ମୁଁ ପିପାସାରେ କାତର । ସେତିକିବେଳେ ସ୍ୱର୍ଗର ଦେବୀତୁଲ୍ୟ କିଏ ଆସି ମୋର ମୁମୂର୍ଷୁ କଣ୍ଠରେ ଅମୃତ ଢାଳି ଦେଇଗଲା ।

ଅର୍ଜୁନ—ସେ ତ କାଞ୍ଚିରାଜାଙ୍କ କନ୍ୟା, ମହାରାଜ ! ଯୁଦ୍ଧକ୍ଷେତ୍ରରେ ଜଳଦାନ କରି ବୁଲୁଥିଲେ । ବଡ଼ ଗୁଣବତୀ ସେ ରାଜକନ୍ୟା ।

ରାଜା—କାଞ୍ଚିରାଜାଙ୍କ କନ୍ୟା ପଦ୍ମାବତୀ—ଯାହାଙ୍କ କୀର୍ତ୍ତି, ଯଶ, ଜନମୁଖରେ ଫୁଟି ଉଠିଅଛି । ଉଃ କି ଦୟା ତାଙ୍କର ! କରୁଣାର ମୂର୍ତ୍ତି । ଏ ଜୀବନ ଆଜ ଯେ ଦେଖୁଛ, ସୈନିକବର, ଏ ତାଙ୍କର କୃପା । ନୋହିଲେ ମୁଁ କାଲି ଯୁଦ୍ଧକ୍ଷେତ୍ରରୁ ଫେରି ନ ଥାନ୍ତି ।

ଅର୍ଜୁନ—ଏତେ କଷ୍ଟ, ମହାରାଜ ? ଆଜ ଯୁଦ୍ଧକୁ ଯିବେ ?

ରାଜା—ଯିବ । ଯୁଦ୍ଧକ୍ଷେତ୍ରକୁ ନ ଯିବ ? ସେ ଚିନ୍ତା ନାହିଁ । ମୁଁ ପ୍ରଥମେ କହୁଥିଲି ଯୁଦ୍ଧ ବନ୍ଦ କରିବାକୁ, ଭ୍ରାତୃବିବାଦ ଶୋଭନୀୟ ନୁହେ ବୋଲି ; କିନ୍ତୁ ଯୁଦ୍ଧ ଥରେ ଆରମ୍ଭ କରି ମଧ୍ୟରେ ଏ ଦୁର୍ବଳତା ମଧ୍ୟ ଶୋଭନୀୟ ନୁହେଁ, ଅର୍ଜ୍ଜୁନ ସିଂହ ! ଆଜି ମୁଁ ଯୁଦ୍ଧକୁ ଯିବ । ତୁମ୍ଭେ ଏକା, ପୁଣି ଏ ବୃଦ୍ଧ ବୟସ । ମୁଁ ଯିବ ।

ଅର୍ଜ୍ଜୁନ—ବୃଦ୍ଧ ବୟସ ସତ୍ୟ ମହାରାଜ ! କିନ୍ତୁ ଅର୍ଜ୍ଜୁନ ସିଂହ ଏ ପର୍ଯ୍ୟନ୍ତ ଅସମର୍ଥ ନୁହେ । ଆବାଲ୍ୟରୁ ଯୁଦ୍ଧ କରି କରି ଏ ଶରୀର ପାଷାଣରୁ କଠିନ ହୋଇଅଛି । ଏ ପ୍ରାଣ ବଜ୍ରରୁ ଟାଣ ହୋଇଅଛି । କିଛି ଚିନ୍ତା ନାହିଁ ମହାରାଜ ! ଜାଣିଥିବେ ଅର୍ଜ୍ଜୁନ ସିଂହର ଧମନୀରେ ଏକ ବିନ୍ଦୁ ରକ୍ତ ପ୍ରବାହିତ ହେଉଥିବା ଯାଏ ସେ ବିନ୍ଦୁଟି ମହାରାଜାଙ୍କର । ଅର୍ଜ୍ଜୁନ ସିଂହର ଏ ତରବାରି ଚିରକାଳ ଶତ୍ରୁ ରକ୍ତରେ ବିଧୌତ ହୋଇଅଛି । ଓଡ଼ିଶାର ଗଜପତିଙ୍କର ଏପରି ଯୁଦ୍ଧ ହୋଇନାହିଁ, ଯହିଁରେ ଏ ପ୍ରିୟତମ ବସ୍ତୁଟି ମୋର ଶତ୍ରୁର ଉଷ୍ଣରକ୍ତ ପାନ ନ କରିଛି । ବୃଦ୍ଧ ଅର୍ଜ୍ଜୁନ ସିଂହ ଜୀବିତ ଥାଉଁ ଥାଉଁ ମହାରାଜାଙ୍କର କୌଣସି ଚିନ୍ତା ନାହିଁ ।

ରାଜା—ବିକ୍ରମ, ବିକ୍ରମ ଦେବ ତ କାଲି ପରାସ୍ତ ହୋଇ ଆଜି ପୁନଶ୍ଚ ଯୁଦ୍ଧ କରିବାକୁ ଉଦ୍ୟତ । ଆଜି ପରାସ୍ତ ହେଲେ କାଲି ପୁଣି କେଜାଣି ଯୁଦ୍ଧ କରିବେ । ଏପରି କେତେଦିନ ଚାଲିଥିବ ?

ଅର୍ଜ୍ଜୁନ ଆଉ ବେଶିଦିନ ନୁହେ, ମହାରାଜ ! ବିକ୍ରମ ଦେବ ପଞ୍ଚଶ ସହସ୍ର ମାତ୍ର ସୈନ୍ୟ ଘେନି ଯୁଦ୍ଧ ଆରମ୍ଭ କରିଥିଲେ । ସେ ସୈନ୍ୟମାନେ ପୁଣି ଅଧିକାଂଶ ଅଶିକ୍ଷିତ । ସେଥିରୁ ପ୍ରାୟ ଦଶ ସହସ୍ର କାଲି ନିହତ ହୋଇ ଅଛନ୍ତି । ନୂତନ ସୈନ୍ୟ ମଧ୍ୟ ଦୁଷ୍ପ୍ରାପ୍ୟ । ଆଉ କେତେ ଦିନ ଏପରି ଚଳାଇବେ ? ଖୁବ୍ ବେଶି ତିନି ଦିନ । ତହିଁରୁ ଅଧିକ ନୁହେ, ମହାରାଜ !

ଅମ୍ଭମାନଙ୍କର ଏହି କୋଡ଼ିଏ ସହସ୍ର ସୈନ୍ୟରୁ ବେଶି ଯୁଦ୍ଧ ଭୂମିକୁ ଢୋଇବାକୁ ସମ୍ଭବ ନାହିଁ ।

ରାଜା—ସୈନିକବର, ଯୁଦ୍ଧକୁ ଯିବା—ଦୁହେଁ ଦୁଇଆଡ଼େ । ଦେଖ, କି ସୁନ୍ଦର ଏ ପ୍ରଭାତ । ଊଷାର ମଳୟସୁଧାରା ନିଶିଥିନୀର ବିଦାୟ ଉପହାର ଘେନି ଚତୁର୍ଦ୍ଦିଗରେ ବିତରଣ କରି ବୁଲୁଅଛି । ପ୍ରାଚୀର ତରୁଣ ଗଗନ କି ମହତ୍ତ୍ୱ ଗରିମା ଆଭାରେ ବିଦ୍ୟମାନ । ଆଉ ଦେଖ, ଅର୍ଜ୍ଜୁନ ସିଂହ, ଆକାଶରେ ବିମଳ ନୀଳିମା ଉପରେ ଉଦୀୟମାନ ତପନର ଲୋହିତ ରଶ୍ମିରେଖା କି ମଧୁର ମୋହନରେ ଲେଖା ହୋଇ ଆସୁଅଛି । କି ବିମୋହନ ରୂପରେ ଏହି ଦୂର ବନମାଳାର ଶ୍ୟାମଳ ତରୁଲତାପୁଞ୍ଜ ଊଷାର ସୁବର୍ଣ୍ଣ ପରିଧାନ ପିନ୍ଧି ବିରାଜିତ । ଆଉ ପୁଣି କାକ କୋକିଳଙ୍କର ସୁମଧୁର ସ୍ୱରଲହରୀ ତରୁଲତାର ଭିତର ଅନ୍ତରାଳରୁ ଅବିରଳ ଭାସି ଆସି ଏ ପ୍ରାନ୍ତରକୁ କିପରି ସେହି ବିଶ୍ୱଜୀବନର ପୁଣ୍ୟ ସମ୍ପଦରେ ଜୀବନ୍ତ ରଖିଅଛି । ଆହା, ଦିବସ ଯାମିନୀର ଏ କି ମଧୁର ମିଳନ, ଶ୍ୟାମଳ ଲୋହିତର କି ପବିତ୍ର ଆଲିଙ୍ଗନ ! ଏ ମିଳନ କାଳରେ, ଚତୁର୍ଦ୍ଦିଗରେ ପ୍ରକୃତିର ଏ ପୁଣ୍ୟ ଆଲିଙ୍ଗନ ମଧ୍ୟରେ, ସୈନିକବର, ଆଜି ବିଦାୟ ଘେନିବାକୁ ହେବ । ଆଜି ଏ ଜନ୍ମର ବିଦାୟ । ଯଦି ପୁନର୍ବାର ସାକ୍ଷାତ୍ ହୁଏ, ଉତ୍ତମ । ସେତେବେଳେ ହସି ଖେଳି ପୁନର୍ବାର ପରସ୍ପରକୁ ଆଲିଙ୍ଗନ କରିବା, ଜୀବନର ଦୁଃଖକାହାଣୀ ବିସ୍ମୃତ କରି ସୁଖରେ କାଳଯାପନ କରିବା; ନୋହିଲେ ଏ ଶେଷ ଦେଖା, ସେନାପତି ! ବୃଦ୍ଧ ଅର୍ଜ୍ଜୁନ ସିଂହ, ବିଦାୟ ଦିଅ । ଓଡ଼ିଶାର ରାଜସିଂହାସନ ପାଇଁ ତୁମ୍ଭେ ଯଥେଷ୍ଟ କରିଅଛ । କ୍ଷୋଭ ନାହିଁ, ବକ୍ସି ! ଯଦି ଜୀବନରେ ଆଉ ଦେଖା କରିବାର ସୁଯୋଗ ନ ମିଳେ ।

[ ଟିକିଏ ଦୂରରେ ନେପଥ୍ୟ ବାଦ୍ୟଶବ୍ଦ ]

ଏ କଣ, ବକ୍ସି ? ଶତ୍ରୁ ନିକଟରେ, ଯାଅ ଆଉ ବିଳମ୍ବ ନାହିଁ, ସତ୍ୱର ଯାଅ, ସୈନିକବର !

[ ଅର୍ଜ୍ଜୁନ ସିଂହଙ୍କ ପ୍ରସ୍ଥାନ ]

[ବନ୍ଦୀ ବୃଦ୍ଧ ଅର୍ଜ୍ଜୁନ ସିଂହ ତମ୍ବୁର ଅନ୍ତରାଳରେ ।]

ଯାଅ ବୃଦ୍ଧ ! ବୃଦ୍ଧ ହେଲେ ସୁଦ୍ଧା ସିଂହ । ସିଂହ, ଯାଅ !

[ ନେପଥ୍ୟ ନିକଟରେ ବାଦ୍ୟ ଓ କୋଳାହଳ ]

ଶତ୍ରୁ କଣ ଏତେ ନିକଟରେ ? କି ଉଦ୍ଦେଶ୍ୟ ? କାହିଁ ମୋର ତରବାରି ? ପ୍ରହରୀ, ତରବାରି ଦିଅ । ( ପ୍ରହରୀ ତରବାରି ଦେଲେ ) ଏଇ ତରବାରି । ଦେଖ, ତରବାରି ! ତୋର ପରିତୃପ୍ତି ପାଇଁ ଉନ୍ମୁକ୍ତ ଶତ୍ରୁର ବକ୍ଷ । ତା ଯଦି ତୁ ନ ପାଉ, ତୋର ଉପାୟକର ଏହି ବକ୍ଷରେ ତୋତେ ଅନ୍ତିମ ଆଶ୍ରୟ ଦେବାକୁ ହେବ ।

[ ବିକ୍ରମଙ୍କର ପ୍ରବେଶ ]

ରାଜା—ବିକ୍ରମ ଦେବ, ଶତ୍ରୁ ଶିବିରରେ ଏକାକୀ ଏପରି ଯେ ?

ବିକ୍ରମ—କାଲର ସାକ୍ଷାତ୍ ସ୍ମରଣ କର, ଦସ୍ୟୁ ! ଆଜି ପୁଣି ସାକ୍ଷାତ୍ ।

ରାଜା—ଆଜି ସାକ୍ଷାତ୍‌ର ଉଦ୍ଦେଶ୍ୟ, ବିକ୍ରମ ଦେବ ?

ବିକ୍ରମ—ଯୁଦ୍ଧ ।

ରାଜା—ଏକାକୀ ଯୁଦ୍ଧ ? ସେ କପରି, ବିକ୍ରମ ?

ବିକ୍ରମ—ଆତ୍ମରକ୍ଷା କର, ବର୍ବର ।

ରାଜା—ଶାନ୍ତ ହୁଅ, ବିକ୍ରମ ! ତୁମ୍ଭେ ବର୍ତ୍ତମାନ ମୋ ଶିବିରରେ ଏକାକୀ । ସସୈନ୍ୟରେ ଆକ୍ରମଣ କରିବାକୁ ଆସିଥିଲେ, ମୁଁ ଆତ୍ମରକ୍ଷା କରନ୍ତି । ତୁମ୍ଭେ ଏହିକ୍ଷଣି ଏ କୁଟୀରର ଅତିଥି । ମୁଁ ଆତ୍ମରକ୍ଷା କରିବିନାହିଁ । ଏଇ ଅସ୍ତ୍ର ତ୍ୟାଗ କଲି । ତୁମ୍ଭର ଇଚ୍ଛା ମୋତେ ବଧ କରିବ, କର । ମୋର ଆତ୍ମରକ୍ଷାର ପ୍ରୟୋଜନ ନାହିଁ ।

ବିକ୍ରମ—ଭୀରୁ, କାପୁରୁଷ, ଦସ୍ୟୁ । ପ୍ରାଣରେ ଯେବେ ଏତେ ମମତା, ମୃତ୍ୟୁକୁ ଯେବେ ଏତେ ଭୟ, ଯୁଦ୍ଧକ୍ଷେତ୍ରକୁ ଆସିଥିଲୁ କି ନିମନ୍ତେ ? ଦେଖ, ଆତ୍ମ ରକ୍ଷାକର !

[ବିକ୍ରମ ପୁରୁଷୋତ୍ତମ ଦେବଙ୍କୁ ଆକ୍ରମଣ କରିବାକୁ ଉଦ୍ୟତ ହେଲନ୍ତି, ପ୍ରହରୀ ତରବାରି ଉଠାଇ ବିକ୍ରମଙ୍କୁ ବାଧା ଦେବା]

ଦୂର ହୁଅ, ପ୍ରହରୀ ! ତୋର ବଧ ଏ ତରବାରିରେ ନୁହେ ।

ରାଜା—ଶାନ୍ତ ହୁଅ ପ୍ରହରି ! [ ପ୍ରହରୀ ଶାନ୍ତ ହେଲା ]
ବନ୍ଧମ—ଗୁରୁ, ପ୍ରାଣ ପ୍ରତି ଯଦି ଏତେ ମମତା, ମାଡିବ ନାହିଁ ।
ରାଜା—ମମତା ନୁହେଁ, ବନ୍ଧମ ଦେବ ! ପୁରୁଷୋତ୍ତମ ଦେବ ବେଶ୍ ମରି ଜାଣେ । ମମତା କିଛି ନୁହେଁ । ଏ ମୃତ୍ୟୁର ଭୟ ନୁହେଁ, ବନ୍ଧମ !
ବନ୍ଧମ - ଗୁରୁ, କାପୁରୁଷର ଆଶ୍ରୟ, ବୀରତ୍ୱର ଛଳନା, ଉଦାରତାର ପ୍ରବଞ୍ଚନା । ( ଗୋଟିଏ ଶିଶିର ବଜାଇ ) ତୋର ହତ୍ୟା, କାପୁରୁଷ: ଯୁଦ୍ଧକ୍ଷେତ୍ରରେ ନୁହେଁ; ଏ ରାଜହସ୍ତରେ, ରାଜ ଦରବାରରେ ନୁହେଁ ।

[ ସୈନିକମାନଙ୍କର ପ୍ରବେଶ ]

ସୈନ୍ୟଗଣ—ମହାରାଜାଙ୍କର ଜୟ ।
ବନ୍ଧମ—ଏହାଙ୍କୁ ବନ୍ଦୀ କର; ସୈନିକଗଣ !
ପ୍ରହରୀ—ମହାରାଜ !
ରାଜା—ଶାନ୍ତ ହୁଅ ପ୍ରହରୀ !

[ ସୈନିକଗଣ ବନ୍ଦୀ କଲେ ]

ପ୍ରହରୀ—ମହାରାଜ !
ରାଜା—ପ୍ରହରି; କିଛି ଚିନ୍ତା ନାହିଁ ।
ବନ୍ଧମ—ତୋର ପୁରୁଷୋତ୍ତମ ନିଜେ ନିଶ୍ଚିନ୍ତ, ପ୍ରହରି ! ତୋର ଏତେ ଚିନ୍ତା କାହିଁକି ? ବନ୍ଦୀକୁ ନେଇଯାଅ, ସୈନିକଗଣ !

[ପ୍ରହରୀର ଅନୁଗମନ]

ରାଜା—ତୁମ୍ଭର ଆସିବାର ପ୍ରୟୋଜନ ନାହିଁ । ତୁମ୍ଭେ ଶିବିର ରକ୍ଷା କର, ପ୍ରହରି; ଆଉ ବୃଦ୍ଧ ଅର୍ଜୁନ ସିଂହ ଫେରିଲେ ଏ ସମ୍ବାଦ ଦିଅ ।
ପ୍ରହରୀ—ଅବଶେଷରେ ମହାରାଜା ବନ୍ଦୀ । [ ପ୍ରସ୍ଥାନ ]

## —ପଞ୍ଚମ ଦୃଶ୍ୟ—

ସ୍ଥାନ—କୃଷ୍ଣାନଦୀ ନିକଟରେ ଗୋଟିଏ ଦୁର୍ଗ ।

[ ବିକ୍ରମ ଦେବ ଓ ରାମଚନ୍ଦ୍ର ଦେବ ଦଣ୍ଡାୟମାନ ]

ରାମ—ଏ ଦୁର୍ଗ ମୁଁ ପ୍ରଥମେ ଅଧିକାର କରିଛି ।

ବିକ୍ରମ—ମୁଁ ପ୍ରଥମେ ଅଧିକାର କରିଛି ।

ରାମ—ମୋର ସୈନ୍ୟମାନେ ପ୍ରଥମେ ଏଠାରେ ପ୍ରବେଶ କରିଥିଲେ ।

ବିକ୍ରମ—ନା, ମୋର ସୈନ୍ୟମାନେ ପ୍ରଥମେ ପ୍ରବେଶ କରିଥିଲେ ।

ରାମ—ମୁଁ ବର୍ତ୍ତମାନ ଏ ଦୁର୍ଗରେ ଅଧିକାରୀ ।

ବିକ୍ରମ—ନା, ଅଧିକାରୀ ମୁଁ ।

ରାମ—କିପରି ?

ବିକ୍ରମ—ଅଧିକାର ଥିବାରୁ ।

ରାମ—କି ଅଧିକାର ?

ବିକ୍ରମ—ରାଜାର ଯେ ଅଧିକାର ରାଜ୍ୟରେ ଥାଏ ।

ରାମ—କିଏ ରାଜା ?

ବିକ୍ରମ—ସମଗ୍ର ଓଡ଼ିଶାର ରାଜା ମୁଁ, କେବଳ ଏ ଦୁର୍ଗର ନୁହେ, ରାମଚନ୍ଦ୍ର !

ରାମ—ତୁମ୍ଭେ ସମଗ୍ର ପୃଥିବୀର ରାଜା ହୋଇପାର; କିନ୍ତୁ ଏ ଦୁର୍ଗର କଦାପି ନୁହ, ବିକ୍ରମ ଦେବ !

ବିକ୍ରମ—ନୁହେଁ ?

ରାମ—ନା, ନୁହଁ ।

ବିକ୍ରମ—ତେବେ ଦେଖାଯାଉ, କିଏ ଏ ଦୁର୍ଗରେ ରାଜା ।

ରାମ—କିପରି ?

ବିକ୍ରମ—କିପରି ?

ରାଜା—ହଁ, କିପରି ଦେଖାଯିବ—କିଏ ଏ ଦୁର୍ଗର ରାଜା ?

ବିକ୍ରମ—ଯାହାର ଶକ୍ତି ଅଧିକ ।

ରାମ—କାହାର ଶକ୍ତି ଅଧିକ ?

ବିକ୍ରମ—ମୋର । ନା, ପରୀକ୍ଷା କରି ଦେଖିବା—କାହାର ଅଧିକ ।

ରମ—ଭିକ୍ଷା ?

ବକ୍ରମ—ହଁ, ଭିକ୍ଷା, ଆତ୍ମରକ୍ଷା କର, ବର୍ବର !

ରାମ—ଆତ୍ମରକ୍ଷା ?

ବକ୍ରମ—ହଁ ଆତ୍ମରକ୍ଷା, କାପୁରୁଷ !

[ ଜଣେ ସୈନିକର ପ୍ରବେଶ ]

ସୈନିକ—ମହାରାଜ, ସେନାପତି ଅର୍ଜୁନ ସିଂହ ଅକ୍ରମଣ କରୁଅଛି !

ବକ୍ରମ—କରୁ, ଯାଅ ସୈନିକ ! ଆଗେ ନିଷ୍ପତ୍ତି ହେଉ କିଏ ଏ ଦୁର୍ଗରେ ରାଜା, ନଚେତ୍ ଯୁଦ୍ଧରେ କି ଲାଭ ? [ସୈନିକର ପ୍ରସ୍ଥାନ]

ରମ—ତା ସତ୍ୟ, ବକ୍ରମ ଦେବ ! ଯୁଦ୍ଧରେ କି ଲାଭ ? ଆଗେ ନିଷ୍ପତ୍ତି ହେଉ, କିଏ ଏ ଦୁର୍ଗର ରାଜା ।

ବକ୍ରମ—ସେ ତ ନିଷ୍ପତ୍ତି ହୋଇଅଛି । ସମଗ୍ର ଉତ୍କଳ ଦେଶର ଯେ ରାଜା, ତା ନିକଟରେ ଏ ଦୁର୍ଗଖଣ୍ଡର ପ୍ରଶ୍ନ ପୁଣି କାହିଁକି ?

ରାମ—ଏ ଶରୀରରେ ବିନ୍ଦୁଏ ରକ୍ତ ଥିବାଯାଏ ଦୁର୍ଗ ତୁମ୍ଭର ନୁହେଁ, ବକ୍ରମ ଦେବ !

[ ସୈନିକର ପୁନରପି ପ୍ରବେଶ ]

ସୈନିକ—ଅର୍ଜୁନ ସିଂହ ଦୁର୍ଗଦ୍ୱାରରେ, ମହାରାଜ !

ବକ୍ରମ—ଯାଅ, ସୈନିକ, କଥା କହ ନାହିଁ ।

[ ସୈନିକ ପ୍ରସ୍ଥାନ ]

ଏ ଶରୀରରେ ବିନ୍ଦୁଏ ରକ୍ତ ଥିବାଯାଏ ଦୁର୍ଗ ମୋର ରାମଚନ୍ଦ୍ର ଦେବ !

ରାମ—ଆଚ୍ଛା ଦେଖାଯାଉ, ବକ୍ରମ ଦେବ !

ବକ୍ରମ—ଦେଖାଯାଉ ।

[ ଆକ୍ରମଣରେ ବକ୍ରମ ନିପତିତ ହେଲେ ]

ରାମ—କିଏ ହେଲା ଏ ଦୁର୍ଗର ରାଜା ବକ୍ରମଦେବ ?

ବକ୍ରମ—(ଉଠି) କିଏ ହେଲା ?

[ ଅର୍ଜୁନ ସିଂହଙ୍କ ପ୍ରବେଶ ]

ରାମ—ଅର୍ଜୁନ ସିଂହ, ତୁମ୍ଭେ ଜୟଲାଭ କରିଅଛ ? ତୁମ୍ଭ ପୁରୁଷୋତ୍ତମଙ୍କର ପ୍ରଧାନ ଶତ୍ରୁ ଏଇ ବକ୍ରମ ଦେବ । ବଡ଼ କାପୁରୁଷ, ବଡ଼ ଭୀରୁ, ବଡ଼ ଦୁର୍ବଳ । ବଧକର, ନଚେତ୍ ବନ୍ଦୀ କରି ନିଅ ।

ଅର୍ଜ୍ଜୁନ—ଶତ୍ରୁର ସାହାଯ୍ୟରେ ଶତ୍ରୁକୁ ବଧ ବା ବନ୍ଦୀ କରିବା ଖଣ୍ଡାୟତ ଜାଣେ ନାହିଁ, ରାମଚନ୍ଦ୍ର ଦେବ ! ଇଚ୍ଛା ହେଲେ ଉଭୟଙ୍କୁ ବଧ କରନ୍ତୁ, ବନ୍ଦୀକରି ନଅନ୍ତୁ । କିନ୍ତୁ ଯୁବକଦ୍ୱୟ, ସମ୍ରାଟ କପିଳେନ୍ଦ୍ର ଦେବଙ୍କ ଅନ୍ନ ଜଳରେ ଏ ଶରୀର ପୁଷ୍ଟ, ଏ ପ୍ରାଣ ପ୍ରତିପାଳିତ । ସେ ଇଚ୍ଛା ନାହିଁ । ଓଡ଼ିଶା ଗଜପତିଙ୍କ ବକ୍ସି ଅନ୍ୟାୟରେ କାହାର ପ୍ରାଣ ନିଏ ନାହିଁ । ପ୍ରାଣଦାନ କରିବା ଖଣ୍ଡାୟତର ଧର୍ମ । ଯାଅ, ଯୁବକଦ୍ୱୟ—ଏ ଦୁର୍ଗରୁ ସତ୍ୱର ନିଷ୍କ୍ରାନ୍ତ ହୁଅ । (ରାମଚନ୍ଦ୍ର ଦେବଙ୍କ ପ୍ରସ୍ଥାନ) ଏ ମହାରାଜ ପୁରୁଷୋତ୍ତମ ଦେବଙ୍କ ଦୁର୍ଗ । ପଳାୟନ କର, ବିକ୍ରମ ଦେବ !

ବିକ୍ରମ—ପଳାୟନ ? କି ନିମନ୍ତେ, ବୃଦ୍ଧ ?

ଅର୍ଜ୍ଜୁନ—ସମ୍ମାନ ନିମନ୍ତେ ଯୁବକ, ଆଉ ସେଥିରୁ ଅଧିକ ହେଲେ ଜୀବନ ନିମନ୍ତେ ।

ବିକ୍ରମ—ବିକ୍ରମ ଦେବର ସମ୍ମାନ ହାନି କରେ, କିଏ ଅଛି ଏପରି ? ଦୂରର କଥାତ ଜୀବନ ।

ଅର୍ଜ୍ଜୁନ—ଦୂରର କଥା ନିଶ୍ଚୟ, ଯୁବକ ! ତା ନ ହେଲେ ଏ ପ୍ରଳାପ ଶୁଣି ନ ଥାନ୍ତି । ସତ୍ୱର ନିଷ୍କ୍ରାନ୍ତ ହୁଅ ।

ବିକ୍ରମ—ନା, ଏ ଦୁର୍ଗ ମୋର । ରାମଚନ୍ଦ୍ର ଦେବଙ୍କୁ ପରାସ୍ତ କରି ଅଧିକାର କରିଛି— ଏ ମୋର ଦୁର୍ଗ ।

ଅର୍ଜ୍ଜୁନ—ଦୁର୍ଗ କାହାର ସେ ପ୍ରଶ୍ନ ଏଠାରେ ହେଉନାହିଁ । ଶୀଘ୍ର ନିଷ୍କ୍ରାନ୍ତ ହୁଅ, ବିକ୍ରମ ଦେବ !

ବିକ୍ରମ— ଅର୍ଜ୍ଜୁନ ସିଂହ, ଶୀଘ୍ର ନିଷ୍କ୍ରାନ୍ତ ହୁଅ । ନଚେତ୍ ଏ ବୃଦ୍ଧ ମସ୍ତକ ତୁମ୍ଭର ଏଇ ମୁହୂର୍ତ୍ତରେ ଛିନ୍ନ ହେବ ।

ଅର୍ଜ୍ଜୁନ—ସେ ଭୟ ନାହିଁ, ଯୁବକ ! ଅର୍ଜ୍ଜୁନ ସିଂହ ମୃତ୍ୟୁକୁ ଡରେ ନାହିଁ । ଜୀବନର ମମତା ରଖି ଖଣ୍ଡାୟତ କେବେ ଯୁଦ୍ଧଭୂମିକୁ ଆସେ ? ଭ୍ରାନ୍ତ ଯୁବକ !

ବିକ୍ରମ—ତେବେ ତ ବେଶ୍ ସାହସୀ ବୃଦ୍ଧ ! ଏବେ ଆତ୍ମରକ୍ଷା କର ।

ଅର୍ଜ୍ଜୁନ—ପ୍ରୟୋଜନ ନାହିଁ, ଯୁବକ ! ଆତ୍ମରକ୍ଷାର ସ୍ଥାନ ଆନ୍ୟତ୍ର ।

ବିକ୍ରମ—ଅନ୍ୟାୟ । ଏତେ ଆସ୍ପର୍ଦ୍ଧା, ବୃଦ୍ଧ ! ଦେଖ ଏଇ ତୁମର ଶେଷ ବାକ୍ୟ ।

( ବିକ୍ରମ୍ ଆକ୍ରମଣ କରିବାକୁ ଉଦ୍ୟତ ହେଲରୁ ଅର୍ଜ୍ଜୁନ ସିଂହଙ୍କ ସୈନ୍ୟମାନେ ଘୁରି ପାଖରେ ଘେରିଗଲେ । )

ଅର୍ଜ୍ଜୁନ—କ୍ଷାନ୍ତହୁଅ, ସୈନିକଗଣ ! ଯୁବକକୁ ଯିବାର ପଥ ଦିଅ ।

[ ସୈନିକମାନେ ଘୁଞ୍ଚିଗଲେ ]

ବିକ୍ରମ୍ ଦେବ, ପ୍ରାଣର ମୂଲ୍ୟ ଏତେ ଅଳ୍ପ ନୁହେଁ । ଶକ୍ତି ଅଛି ଯାଅ, ସମ୍ମୁଖଯୁଦ୍ଧରେ; ଯୁଦ୍ଧକ୍ଷେତ୍ରରେ ପ୍ରାଣଦେବ । ଦୁର୍ଗର କକ୍ଷ ଜୀବନଦାନର ସ୍ଥାନ ନୁହେ । ଯାଅ, ତୁମ୍ଭେ ମହାରାଜ କପିଳେନ୍ଦ୍ର ଦେବଙ୍କ ପୁତ୍ର । ତାର ଉପଯୁକ୍ତକର ନିଜକୁ । ଯାଅ, ଯୁବକ ! [ ବିକ୍ରମ ଦେବଙ୍କ ପ୍ରସ୍ଥାନ ]

ବର୍ତ୍ତମାନ ଦୁର୍ଗ ମହାରାଜାଙ୍କର । ଶତ୍ରୁ ଏତେ କ୍ଷୀଣ । ତରୁଣ ରବିର ଧୀର କିରଣରେ ହିମାଳୟ ତୁଷାରଶିଳା ବିଗଳିତ ହେଲା ପରି ବିଦ୍ରୋହିବୃନ୍ଦ କ୍ଷଣକ ମଧ୍ୟରେ ବଳ ବୀର୍ଯ୍ୟ ହରାଇ ଦେଉଛନ୍ତି । ଭବିଷ୍ୟତ ଉଜ୍ଜ୍ୱଳ ମା ଉତ୍କଳ ଭୂମିର । ଆସ, ସୈନିକଗଣ !

ସୈନିକ—ଜୟ, ମହାରାଜାଙ୍କର ଜୟ । [ ପ୍ରସ୍ଥାନ ]

---

## —ଷଷ୍ଠ ଦୃଶ୍ୟ—

ସ୍ଥାନ—କୃଷ୍ଣାନଦୀକୂଳରେ ବିକ୍ରମ ଦେବଙ୍କ ଶିବିର

( ପୁରୁଷୋତ୍ତମ ଦେବ ବନ୍ଦୀ ଓ ପ୍ରହରୀ ଦଣ୍ଡାୟମାନ )

ରାଜା—ନା, ଏ ତ ଅନ୍ୟାୟ ।

ପ୍ରହରୀ—ଅନ୍ୟାୟ କଣ, ମହାରାଜ ?

ରାଜା—ଅନ୍ୟାୟ ନୁହେଁ, ପ୍ରହରୀ ? ଘୋର ଅନ୍ୟାୟ ।

ପ୍ରହରୀ—ଅନ୍ୟାୟ ତ ମୋର, ମହାରାଜଙ୍କର କଣ ଅଛି ?

ରଜା—ତୁମ୍ଭର ଅନ୍ୟାୟରେ ମୋର ନିଷ୍କୃତି ଏକ ଅନ୍ୟାୟ । ପୁଣି ଆହୁରି ଏକ ଅନ୍ୟାୟ—ମୋର ଏପରି ଉପାୟରେ ପଳାୟନ । ପ୍ରହରି, ତୁମ୍ଭର ଏ ଦୟା ନିମନ୍ତେ ମୁଁ କୃତଜ୍ଞ । ମୋର ଜୀବନ ରକ୍ଷାପାଇଁ ତୁମ୍ଭେ ନିଜର ଜୀବନ ଦେବାକୁ ପ୍ରସ୍ତୁତ ଅଛ ଓଡ଼ିଆ ଏହା ପାରେ । କିନ୍ତୁ ଯେଉଁ ଓଡ଼ିଆର ପ୍ରାଣ ଏ ମହତ୍ ତ୍ୟାଗରେ ଗଠିତ, ସେ ପୁଣି କପରି ଏଡ଼େ ହୀନ, କାପୁରୁଷ ହେବ, ପ୍ରହରି ; କେବଳ ପ୍ରାଣ ଲୋଭରେ, ଗୋପନରେ ଶତ୍ରୁର କାରାରୁ ପଳାୟନ କରିବ ? ନା, ତା ହେବ ନାହିଁ । କିନ୍ତୁ ଏ ଦୁର୍ଦ୍ଦିନରେ ସକଳ ଦୁଃଖ ଶୋକ ମଧ୍ୟରେ ମୋ ପ୍ରାଣରେ ଏକ ଅପୂର୍ବ ଆହ୍ଲାଦ ହେଉଅଛି, ପ୍ରହରି ଯେ ଏ ଜାତି ଏତେ ପତିତ ହେଲେ ମଧ୍ୟ ଏପରି ମହତ୍, ବୀରତ୍ୱ ସାହସ, ଶକ୍ତି ରାଜପ୍ରାସାଦର ଉଚ୍ଚ ପାଷାଣସୌଧ ମଧ୍ୟରୁ ବିଲୁପ୍ତ ହୋଇଥିଲେ ମଧ୍ୟ କୁଟୀରେ କୁଟୀରେ ତାହାର ପୁଣ୍ୟ—ସୌରଭ ବିକଶି ଉଠୁଛି । ଏ ଦେଶରେ ପ୍ରକୃତ ପୁରୁଷୋତ୍ତମ ଦେବଙ୍କ ବିକ୍ରମ ଦେବ ନ ଥିଲେ ମଧ୍ୟ ତୋଭଳ ପ୍ରଧାନ ଅଛନ୍ତି । ବିକ୍ରମ—ମତେ ହତ୍ୟା କରିବେ—,ମୋର ଅଶୁମାତ୍ର କ୍ଷୋଭ ନାହିଁ, ମୁଁ ପ୍ରସ୍ତୁତ ଅଛି । ତୁମ୍ଭେ, ପ୍ରହରି ମରିବାକୁ ଜାଣ ? ଆଜି ଯେ ମୁଁ ବିଶାଳ ଓଡ଼ିଶା ରାଜ୍ୟର ଶାସକ, ପାଳକ, ନିୟାମକ ବୋଲି ଆପଣାକୁ ପରିଚିତ କରିବାର ଉପଯୁକ୍ତ ମଣେ, ସେହି ମୁଁ ମୃତ୍ୟୁକୁ ଏତେ ଭୟ କରିବି ? ନା, ତା ହେବ ନାହିଁ, ପ୍ରହରି ! ତୁମ୍ଭର ଜୀବନ ଅମୂଲ୍ୟ, ଦୁର୍ଲଭ । ତୁମ୍ଭେ ବଞ୍ଚିଥାଅ । ମରିବାର ପାଳି ମୁଁ, ମରେ । ତୁମ୍ଭର ଦୟା ନିମନ୍ତେ ମୋର ପ୍ରତିଦାନ ଦେବାର କିଛି ନାହିଁ, ପ୍ରହରି ! ଅଛି କେବଳ ଏ ହୃଦୟ ।

ପ୍ରହରୀ—ମହାରାଜ !

ରଜା—ଦୁଃଖ ନାହିଁ, ପ୍ରହରୀ !

ପ୍ରହରୀ—ମହାରାଜ, କ୍ଷୁଧା ହେଉଥିବ, କିଛି ସାମାନ୍ୟ ଖାଦ୍ୟ ଅଛି ! ଅନୁମତି ହେଲେ ଦିଅନ୍ତି ।

ରଜା—ଯେତେବେଳେ ମୋର ବନ୍ଦୀକର୍ତ୍ତା, ମୋର ଏ ଶରୀରଖଣ୍ଡର ଅଧିକାରୀ, ପାନାହାର ନିଷେଧ କରିଛନ୍ତି—ଆଉ କି କ୍ଷୁଧା ? ଖାଇବାର ଇଚ୍ଛା ନାହିଁ, ପ୍ରହରି !

ପ୍ରହରୀ—ନାହିଁ ?

ରଜା—ନାହିଁ, କିଛି ବିବରିବ ନାହିଁ, ପ୍ରହରୀ; ତୁମ୍ଭର ଦୟା ଅସୀମ; ମୁଁ ତାର ପାତ୍ର ନୁହେ ।

ପ୍ରହରୀ—ମହାରଜ !

ରଜା—ପ୍ରହରୀ,—ପ୍ରହରୀ, ତୁମ୍ଭେ ନିଜ ସ୍ଥାନକୁ ଯାଅ ।

[ ପ୍ରହରୀର ଦୂରକୁ ପ୍ରସ୍ଥାନ ]

ନେପଥ୍ୟେ—କେବଳ ବଧ ନହେ । ବର୍ବରକୁ ସମୁଚିତ ଶିକ୍ଷାଦେବା ପ୍ରୟୋଜନ ।

ନେପଥ୍ୟେ—ମହାରାଜାଙ୍କର ଜୟ ?

[ ବିକ୍ରମ ଓ ସୈନିକଗଣଙ୍କ ପ୍ରବେଶ

ବିକ୍ରମ—ମହାରାଜାଙ୍କର ସମସ୍ତ କୁଶଳ ?

ରଜା—ଅକୁଶଳ କିଛି ନୁହେ, ବିକ୍ରମ ଦେବ !

ବିକ୍ରମ—ଯୁଦ୍ଧ ଶେଷ ହେଲା ?

ରଜା—ଶେଷ ? ହେଲା ତେବେ, ବିକ୍ରମ !

ବିକ୍ରମ—କପରି ?

ରଜା—ଯେପରି ଦେଖୁଛ, ବିକ୍ରମ ଦେବ !

ବିକ୍ରମ—ଦେଖୁଛି ତୁମ୍ଭେ ମହାରଜା ପୁରୁଷୋତ୍ତମ ଦେବ । କିନ୍ତୁ ଦୁଃଖ ହେଉଛି—ବସିବାର ସିଂହାସନ ନାହିଁ, ପିନ୍ଧିବାର ମୁକୁଟ ନାହିଁ ।

ରଜା—ସବୁ ଅଛି, ବିକ୍ରମ ଦେବ ! ବର୍ତ୍ତମାନ ମୁଁ ଯେଉଁ ସିଂହାସନରେ ଆସୀନ ଯେଉଁ ରଜମୁକୁଟରେ ମୋର ମସ୍ତକ ମଣ୍ଡିତ, ତାହା ଅପହରଣ କରିବାର କ୍ଷମତା ତୁମ୍ଭର ନାହିଁ, ବନ୍ଦୀକର୍ତ୍ତା !

ବିକ୍ରମ—ଓଡ଼ିଶାର ମହାରାଜା ତ ବେଶ୍ କବି ଥିଲେ ବା ନାୟ୍ତିକ ଥିଲେ । ତା ନ ହେଲେ କି ଏପରି ?—ପ୍ରହରୀ, ମହାରାଜାଙ୍କୁ ସିଂହାସନ ଦିଅ; ମୁକୁଟ ଦିଅ ।

ପ୍ରହରୀ—ବିକ୍ରମ ଦେବ !

ବିକ୍ରମ—କି ଆସ୍ପର୍ଦ୍ଧା, ପ୍ରହରୀ !

ପ୍ରହରୀ—ଆସ୍ପର୍ଦ୍ଧା ନୁହେ, ବିକ୍ରମ ଦେବ ! ଦେଖି, ବିବେଚନା କରି କାର୍ଯ୍ୟକର । ନଚେତ୍ ଅମଙ୍ଗଳ ଘଟିବ ।

ବିକ୍ରମ—ବିକ୍ରମ ଦେବ ତେବେ ତାଙ୍କର ପ୍ରହରୀଠାରୁ କର୍ତ୍ତବ୍ୟ ଶିକ୍ଷା କରିବେ ?

ପ୍ରହରୀ—କରି ପାରନ୍ତି ।

ବିକ୍ରମ—କରି ପାରନ୍ତି ?

ପ୍ରହରୀ—ହିଁ କରି ପାରନ୍ତି । ଏଥିରେ ଏତେ ଅସମ୍ଭବ କଣ, ବିକ୍ରମ ଦେବ ?

ବିକ୍ରମ—ଅସମ୍ଭବ କଣ ? ସୈନିକଗଣ, ପ୍ରହରୀକୁ ବନ୍ଦୀ କର । ଆଜି ଆଜି ସୂର୍ଯ୍ୟାସ୍ତ ପୂର୍ବରୁ ତାର ଶିରଚ୍ଛେଦ କରି ମୋତେ ଦେଖାଅ । ସାମାନ୍ୟ ପ୍ରହରୀ ତାର ପୁଣି ଏତେ ଆସ୍ପର୍ଦ୍ଧା !

ପ୍ରହରୀ—ସେ ଭୟ ଗୋବିନ୍ଦ ପ୍ରଧାନର ନାହିଁ, ବିକ୍ରମ ଦେବ ! ଶିରଚ୍ଛେଦ ସୂର୍ଯ୍ୟାସ୍ତପୂର୍ବରୁ କାହିଁକି ? ଏ ସାମାନ୍ୟ ପ୍ରହରୀର ଶିରରେ ଯଦି ଏତେ ମୂଲ୍ୟ ଥାଏ, ତେବେ ଏହିକ୍ଷଣି ।

( ଶିରଚ୍ଛେଦ କରିବାକୁ ଉଦ୍ୟତ ହେଲାରୁ ସୈନିକଗଣ ବାଧା ଦେଲେ )

ବିକ୍ରମ—ପ୍ରହରୀର ସାହାସ ତ ବେଶ୍ ? ଯାଅ ସୈନିକଗଣ ଏହାକୁ ଘେନିଯାଅ । କିନ୍ତୁ ଦେଖ ସୂର୍ଯ୍ୟାସ୍ତ ପୂର୍ବରୁ ଏହାର ଛିନ୍ନ ଶିର ଯେପରି ମୁଁ ପାଏ । ( ସୈନିକଗଣ ପ୍ରହରୀକୁ ଘେନି ପ୍ରସ୍ଥାନ । କଣ ପୁରୁଷୋତ୍ତମ, ଆଜି କିଏ ଓଡ଼ିଶାର ରାଜା—ରାଜପୁତ୍ର ବିକ୍ରମ ଦେବ, ନା ରାଜଦ୍ରୋହୀ ପୁରୁଷୋତ୍ତମ ? କିଏ ରାଜା ?

ରାଜା—ଭୃତ୍ୟ ପ୍ରତି ଅତ୍ୟାଚାର, ତତ୍ପରେ ପୁଣି ବନ୍ଦୀ ପ୍ରତି ତିରସ୍କାର । ଏ କଳଙ୍କ ବିକ୍ରମ ତୁମ୍ଭର ନୁହେଁ—ଏ ମୋର କଳଙ୍କ; ପୁଣ୍ୟ ଜନ୍ମ-ଭୂମିର କଳଙ୍କ; ଅନଙ୍ଗ, ନରସିଂହ, କପିଳେନ୍ଦ୍ରଙ୍କ ଉନ୍ନତ କୀର୍ତ୍ତିରେ କଳଙ୍କ; କ୍ଷତ୍ରିୟର ଉଦାର, ଉଜ୍ଜ୍ୱଳ ଧର୍ମରେ କଳଙ୍କ ।

ବିକ୍ରମ—ଦୁଃଖ ଲାଗୁଛି, ପୁରୁଷୋତ୍ତମ ! ନା, ପୁରୁଷୋତ୍ତମ ମହାରାଜ !

ରାଜା—ନିଶ୍ଚୟ, ପୁରୁଷୋତ୍ତମ ମହାରାଜ । ସେ ଆଜି ବନ୍ଦୀ ବୋଲି ଯେ ମହାରାଜ ନୁହନ୍ତି, ତାହା ନୁହେ । ନିଅ ତୁମ୍ଭର ବନ୍ଦନ, ବିକ୍ରମ

ଦେବ ! ( ବନ୍ଧନ ଛିନ୍ନ କରି ) ପୁରୁଷୋତ୍ତମ ବଜ୍ରମ ହସ୍ତରେ ବନ୍ଦୀ ହେବାର ପ୍ରାଣୀ ନୁହେ ।

ବଜ୍ରମ—ଏ ବର୍ବରକୁ ଏହି ମୁହୂର୍ତ୍ତରେ ହତ୍ୟା କର, ସୈନିକଗଣ !

[ ସୈନିକଗଣ ପାଶ୍ଚାତ୍ପଦ ]

ବଜ୍ରମ ଦେବଙ୍କର ଆଦେଶ, ହତ୍ୟା କର ।

ସୈନିକ—ମହାରାଜ ! [ ପଶ୍ଚାତ୍ପଦ ]

ବଜ୍ରମ—ହତ୍ୟା କର, ମହାରାଜ ବଜ୍ରମ ଦେବଙ୍କ ଆଜ୍ଞା ।

ସୈନିକ—ମହାରାଜ ! [ ପଶ୍ଚାତ୍ପଦ ]

ବଜ୍ରମ—ଅନନ୍ତ ରାଉତ, ଲୋକନାଥ ରଣସିଂହ, ମୁକୁନ୍ଦ ବଶ୍ୱାଳ;—

[ ନେପଥ୍ୟେ ରଣ ବାଦ୍ୟର ଶବ୍ଦ ]

ଏ କଣ ? କ ଶବ୍ଦ ?

ସୈନିକ—ଶତ୍ରୁ, ମହାରାଜ, ଶତ୍ରୁ ।

ବଜ୍ରମ—ଶତ୍ରୁ ? ଆଗେ ହତ୍ୟାକର ।

[ ଅର୍ଜ୍ଜୁନ ସିଂହର ପ୍ରବେଶ ]

ଅର୍ଜ୍ଜୁନ—ହତ୍ୟା—କାହାର ହତ୍ୟା, ବଜ୍ରମ ଦେବ ?

ବଜ୍ରମ—ହତ୍ୟା; ବୃଦ୍ଧ ଅର୍ଜ୍ଜୁନ ସିଂହ ? ତୁମ୍ଭେ ଏଠାରେ ? କ ଉଦ୍ଦେଶ୍ୟ ?

ଅର୍ଜ୍ଜୁନ—ଆସିବାର ଉଦ୍ଦେଶ୍ୟ ?—କ ଉପାୟ, ବଜ୍ରମ ଦେବ, ନରସିଂହ ଦେବ, ଗୋପାଳକିଶୋର ଦେବ ? ତୁମ୍ଭେମାନେ ବର୍ତ୍ତମାନ ବନ୍ଦୀ ।

ନର—ବନ୍ଦୀ !

ଗୋପା—ବନ୍ଦୀ !

ବଜ୍ରମ—ବନ୍ଦୀ !

ଅର୍ଜ୍ଜୁନ—ବନ୍ଦୀ । ସୈନିକଗଣ, ଏମାନଙ୍କୁ ନେଇ ଯାଅ ।

( କେତେକସୈନିକ ବନ୍ଦୀଗଣଙ୍କୁ ନେଇ ପ୍ରସ୍ଥାନ ) ମହାରାଜାଙ୍କର ଜୟ ।

ରଜା—ସୈନିକବର ଅର୍ଜ୍ଜୁନ ସିଂହ, ବଡ଼ ଶୁଭ ମୁହୂର୍ତ୍ତରେ ଏ ସାକ୍ଷାତ୍ । ସେ ବଦାୟ ବେଳର କଥା ମନେପଡୁଥାଏ । ତୁମେ ଚାଲିଗଲ, ସେତିକି ମାତ୍ର ଦେଖା । ଭାବିଥିଲି, ସେତିକିରେ ଯୁଦ୍ଧ ଶେଷ ହେଲା; ଓଡ଼ିଶାର ରାଜସିଂହାସନକୁ କଳଙ୍କିତ କରି

ମୁଁ ଏହିଠାରେ ବିଦାୟ ନେବି । କିନ୍ତୁ ଏ ଯେପରି ବିଧିର ଏକ ଅଦ୍ଭୁତ ନିର୍ଦ୍ଦେଶ, ଭାଗ୍ୟର ଏକ ବିଚିତ୍ର କ୍ରୀଡ଼ା । ବଡ଼ ମଧୁର, ଏ ସାକ୍ଷାତ ପୁନରାୟ । ଯୁଦ୍ଧ ସମ୍ବାଦ କଣ କହିପାରି, ଅର୍ଜ୍ଜୁନସିଂହ ?

ଅର୍ଜ୍ଜୁନ—ସମ୍ବାଦ ସମସ୍ତ ମଙ୍ଗଳ, ମହାରାଜ ! ମୁଁ ସେଠାରେ ଗୁର ଜଣଙ୍କୁ ବନ୍ଦୀ କରି ଆସିଅଛି । ଏମାନେ ତିନି ଜଣ ଏଠାରେ ବନ୍ଦୀ । ରାମଚନ୍ଦ୍ର ଦେବ କ୍ଷମା ଭିକ୍ଷା କରିଅଛନ୍ତି । ବାକି ପଦ୍ମଲଭ ଦେବ, ବ୍ରଜକିଶୋର ଦେବ ଏପର୍ଯ୍ୟନ୍ତ ନିରୁଦ୍ଦିଷ୍ଟ । ତାଙ୍କର ସନ୍ଧାନ ନେବାକୁ ହେବ । ଆସନ୍ତୁ ମହାରାଜ ! ଯୁଦ୍ଧ ଆଜି ଶେଷ । ବର୍ତ୍ତମାନ ତୋଫାନ ସ୍ଥିର ଆକାଶ ନିର୍ମଳ । ସୌଭାଗ୍ୟରବି ପୁନରାୟ ଓଡ଼ିଶାର ବିଶାଳ ଆକାଶରେ ଉଜ୍ଜ୍ୱଳ କିରଣ ବର୍ଷଣ କରିବ । ଆଉ ଚିନ୍ତା ନାହିଁ, ମହାରାଜ ! ବିଜୟ ଧର୍ମର, ମହତ୍ତ୍ୱର, ଉଦାର ରାଜନୀତିର । ସୈନ୍ୟଗଣ, ଜୟଭେରୀ ବଜାଅ ।

ସୈନିକ—ଜୟ ମହାରାଜାଙ୍କର ଜୟ ।

ରାଜା—ଏ ଜୟ, ଅର୍ଜ୍ଜୁନ ସିଂହ, ପୁରୁଷୋତ୍ତମ ଦେବର ନୁହେ । ଏ ତୁମର ଜୟ, ବୃଦ୍ଧ ସେନାପତି ! ଆମ୍ଭେମାନେ ବର୍ତ୍ତମାନ ଶିବିରକୁ ଫେରିଯିବା । ଆସ ସୈନିକଗଣ !

ସୈନିକଗଣ—

ରଞ୍ଜିତ ଅସିଧାରେ, ଶତ୍ରୁ ରକ୍ତ ଗାରେ—
ଲେଖ ହେ ଆଜି ବିଜୟବିଭବ ଜନ୍ମଭୂମି ଭାଲେ । [ଘୋଷା]
ନିର୍ମଳ ଆଜି ଧ୍ୱାନ୍ତ ଗଗନ, ବର୍ଷେ ତପନ ପୁଣ୍ୟ କିରଣ
ଶତ୍ରୁ ଆଜି ଦଳିତ ଚରଣେ, ଛିନ୍ନ ଏ କରବାଳେ ।
ଭିନ୍ନ କରିଛୁ ବୈରିଚକ୍ର, ବୈରିଦମ୍ଭ କରିଛୁ ଖର୍ବ,
ମୃତ୍ୟୁ ମନ୍ତ୍ର ଲେଖି ଆସିଛୁ ଶତ୍ରୁର ଶତ ଭାଲେ ।
ମାତି ଉଠ ହେ ପୁଣ୍ୟ କରମେ, ବିଶ୍ୱାସ ରଖି ବୀରଧର୍ମେ,
ପୁଣ୍ୟ କର୍ମେ ବୀର ଶକ୍ତି ଦେଖୁ ଏ ଜଗତ ବାରେ ।
ଇତିହାସ ଯାର ଖ୍ୟାତ ଲିଖିତ—ସନ୍ତତି କଲେ ପତିତ ମୁଦ୍ରିତ,

ଭୂଷିତ କର ସେ ଜନମ୍ମି ତନୁ କୀର୍ତ୍ତିକୁସୁମମାଳେ ।
ଜୀବନ ପଣ କର ରେ ଭାଇ, ଦେଶ କରମେ ପ୍ରାଣ ଦେଇ,
ବୀର ଧର୍ମେ ପାଇବ ଫଳ ଜୀବନ ପର ପାରେ ।
[ ପ୍ରସ୍ଥାନ ]

---

## —ସପ୍ତମ ଦୃଶ୍ୟ—

ସ୍ଥାନ—କୃଷ୍ଣା ନଦୀକୂଳରେ କାଞ୍ଚୀରାଜାଙ୍କ ପ୍ରାସାଦ
[ କଳେବରେଶ୍ୱର ଓ ସୁମନ୍ତ ସିଂହ ଦଣ୍ଡାୟମାନ ]

କଳେ—ଓଡ଼ିଶାରେ ଯେ ଅନ୍ତର୍ବିବାଦ ଚାଲିଥିଲା ଶେଷ ହୋଇଅଛି ନା, ସୁମନ୍ତ ?

ସୁମନ୍ତ—ହଁ ପିତା, ଶେଷ ହୋଇଅଛି ।

କଳେ—ଦଶ ପନ୍ଦର ଦିନ ଖୁବ୍ ଗୋଳମାଳ ଲାଗିଥିଲା । ନଦୀର ଅପର ପାର୍ଶ୍ୱସ୍ଥ ବନଭୂମି ରାତିରେ ଆଲୋକିତ ଦିଶୁଥାଏ । ଦିନସାକ ଚହଳ ପଡ଼ୁଥାଏ । ନଦୀବକ୍ଷରେ ମଧ୍ୟ ଅନେକ ନୌକା ଯାତାୟାତ କରିବାର ଦେଖିଅଛି । ଏବେ ଅନେକ ଦିନ ହେଲା ସେ ସବୁ କିଛି ନାହିଁ । ଯୁଦ୍ଧ ତାହାହେଲେ ଶେଷ ହୋଇଅଛି ସୁମନ୍ତ ?

ସୁମନ୍ତ—ହଁ, ପିତା, ଶେଷ ହୋଇଅଛି । ହମ୍ବୀର ଦେବ ପ୍ରଭୃତି ଭାଇମାନେ ପରାସ୍ତ ହୋଇ ବନ୍ଦୀ । ପୁରୁଷୋତ୍ତମ ଦେବ ବର୍ତ୍ତମାନ ବିଶାଳ ଓଡ଼ିଶା ଦେଶର ରାଜା । ସେ ଯେପରି ପ୍ରତାପଶାଳୀ, ସେହିପରି ନ୍ୟାୟବାନ୍ । ତାଙ୍କ ରାଜତ୍ୱରେ ଉତ୍କଳଭୂମି ନବୀନ ଗୌରବମାଳାରେ ଭୂଷିତ ହେବ । ଓଡ଼ିଶାର ଏ ଯୁବକ ନରପତିଙ୍କ ପରି ଭାରତ ଭୂମିରେ କେତେ ଜଣ ଅଛନ୍ତି ? ବଡ଼ ଗୁଣବାନ୍ ।

କଳେ—କିନ୍ତୁ ଓଡ଼ିଶାର ରାଜା ଆତ୍ମଗୌରବ ଜାଣନ୍ତି ନାହିଁ; ରଥଯାତ୍ରା ସମୟରେ ଚଣ୍ଡାଳପରି ଶ୍ରୀକ୍ଷେତ୍ରର ରାଜମାର୍ଗ ମାର୍ଜନା

କରନ୍ତୁ । ଏଠା ବଡ଼ ମାଚତା । ସେ ଯାହାହେଉ ସୀମାନ୍ତ ପ୍ରଦେଶର ଯୁଦ୍ଧ ଯେତେବେଳେ ଶେଷ, ଆମ୍ଭେମାନେ ଏଠାରୁ ଶୀଘ୍ର ଯିବା, ସୁମନ୍ତ !

ସୁମନ୍ତ—ହଁ ପିତା, ଯିବା । ମୁଁ ସେ କଥା ଅନେକ ଦିନୁ ଭାବୁଛି । ଆପଣ ନୀରବ ଥିଲେ ବୋଲି କିଛି କହୁନାହିଁ ।

କଳେ—ଶୀଘ୍ର ଯିବା ଦରକାର । ମନ୍ତ୍ରୀଙ୍କ ହସ୍ତରେ ରାଜ୍ୟଭାର ଅଛି । ଏତେଦିନ ରାଜଧାନୀ ଛାଡ଼ି ରହିବା ଭଲ ହୋଇନାହିଁ । ସେ କଣ କରୁଥିବେ କେଜାଣି । ତୁମେ ଯିବାପାଇଁ ସବୁ ପ୍ରସ୍ତୁତ କର, ସୁମନ୍ତ ! ମୁଁ ଯାଏ । [ପ୍ରସ୍ଥାନ]

ସୁମନ୍ତ—ଏ ରମଣୀୟ ଭୂମି ଛାଡ଼ି ଯିବାକୁ ହେବ—ଏ ବନ, ଏ ଗିରିମାଳା, ଏ ପ୍ରାନ୍ତର, ଏଇ ଯେ ବିଶାଳ ତଟିନୀ ଦିବା ନିଶି ମଧୁର କଲ୍ଲୋଳରେ ବହି ଯାଉଛି । ବିଦାୟ ଦିଅ ଗିରି, ବନ, ନଦୀ, ପ୍ରାନ୍ତର ! ତୁମର ଏ ମୋହନ ମାଧୁରୀ, କମନୀୟ କାନ୍ତି ଦିନେ ମନରୁ ଯିବ ନାହିଁ ।

[ ପଦ୍ମାବତୀ ଓ କନକର ପ୍ରବେଶ ]

ବିଦାୟ ଦିଅ ।

ପଦ୍ମ—ସୁମନ୍ତ ଭାଇ, କେବେ ଯିବାର ହେଉଛି ?

ସୁମନ୍ତ—ପଦ୍ମ ? ଶୀଘ୍ର ସମ୍ଭବତଃ କାଲି ?

କନକ—କାଲି ? ଏତେ ଶୀଘ୍ର କାହିଁକି ?

ପଦ୍ମ—ଯିବା ପୂର୍ବରୁ, ଭାଇ, ଆମର ଗୋଟିଏ ଅନୁରୋଧ ଅଛି । କରିବାକୁ ହେବ ।

ସୁମନ୍ତ—କରିବା, କଣ, କହ ।

କନକ—ଏ ବସନ୍ତପୁରରେ ଗୋଟିଏ ଚିତ୍ରଶାଳା ଆମେମାନେ ବସାଇଥିଲୁ, ତା ତୁମେ ଦେଖିଛ । ରାମପୁରରେ ଗୋଟିଏ ଗୋଶାଳା ମଧ୍ୟ ଅଛି । ବସ୍ତୁଗଡ଼ରେ ଗୋଟିଏ ସଙ୍ଗୀତଶାଳା ।

ପଦ୍ମ—ଏ ତିନୋଟି ତୁମେ ଆଜ ଯାଇ ଦେଖିବ, ଭାଇ ।

ସୁମନ୍ତ—ମୁଁ ଶୁଣିଥିଲି ଚିତ୍ରଶାଳାର କଥା । ଗୋଶାଳା, ସଙ୍ଗୀତଶାଳା ମଧ୍ୟ ବସାଇଛ, ଭଲ କଥା । ଆସ, ଏଇକ୍ଷଣି ଯାଇ ଦେଖି ଆସିବା । ନଗରକୁ ଯିବାପାଇଁ ଶୀଘ୍ର ପ୍ରସ୍ତୁତ ହେବାକୁ ହେବ ।

[ ପ୍ରସ୍ଥାନ ]

## —ଅଷ୍ଟମ ଦୃଶ୍ୟ—

ସ୍ଥାନ—ଓଡ଼ିଶା ରାଜାଙ୍କ ପ୍ରାସାଦ

[ ରାଜାପୁରୁଷୋତ୍ତମ ଦେବ, ମନ୍ତ୍ରୀ,ସେନାପତି ଓ ଅର୍ଜୁନ ସିଂହ ଆସୀନ

ନର୍ତ୍ତକୀଗଣ—

( ଆଜି ) ମଧୁର ଏ ଶୁଭ ମିଳନେ ମିଳନ ପ୍ରଭୁ ହେ,
ହୃଦେ ହୃଦେ ଆନନ୍ଦ ଅପାର;
( ଆଜି ) କି ଦେଇ ପୂଜିବୁ ତବ ଚରଣତଳେ ହୋଦେବ,
ଅଛି କିବା ସମ୍ପଦ କାହାର ? ( ଘୋଷା )
(ପ୍ରଭୁ ) ସମରେ ଅରାତି ବଧି ଆସିଛୁ ବାହୁଡି ଦେଶେ,
ପୁର ଉଠେ ଚଉଦିଗ ସମରବିଜୟ ଘୋଷେ;
( ଆଜି) ଅବନୀ ଆକାଶେ ଚଳି ରହିଛି ବିଜୟ ଶିଖା,
ଉଚ୍ଛୁଳଇ ବିଜୟ ସମ୍ଭାର ।
( ଆଜି ) କଲ୍ଲୋଳିନୀ ସରୋବରେ, ସମୀରଣ ମର୍ମରେ,
ବାଜେ ଜୟଗୀତିର ଝଙ୍କାର ।
( ଆହା ) ଫୁଲେ ଫୁଲେ ଭରମରୀ କାନନପ୍ରାନ୍ତରେ ପୂରି,
ଡାଳେ ଡାଳେ ଗାଏ ପିକ ଗୁଞ୍ଜେ ପୁଲକେ ଅଳି,
( ଆଜି ) ଅନଳେ ଆକାଶେ ନୀରେ ମଧୁର ତରଙ୍ଗେ ଖେଳେ
ପରାଣର ପ୍ରୀତି ଶତଧାର ।
( ଆଜି ) ବିଜୟ ହରଷେ ତବ ବରଷେ କି ଅବା ହେବ,
ସରଗରୁ କୁସୁମ ଆସାର ।

[ ପୁଷ୍ପାଞ୍ଜଳି ଅର୍ପଣ ଓ ପ୍ରସ୍ଥାନ ]

ରାଜା—କଣ କହୁଛନ୍ତି, ମନ୍ତ୍ରି ? ମୁକ୍ତ କରି ଦେବା ଭଲ ନୁହେଁ ?

ମନ୍ତ୍ରୀ—ମହାରାଜାଙ୍କର ଯେ ଇଚ୍ଛା, ଆଉ ସେନାପତିଙ୍କର ଯେ ଅଭିମତ । କଣ ସେନାପତି ?

ସେନା—ଭଲ, ଆର୍ଯ୍ୟ; ଭଲ ସେମାନଙ୍କ ପକ୍ଷରେ, ଆଉ ମହାରାଜାଙ୍କର ଉଦାରତା, କ୍ଷମା, ଦୟା ପକ୍ଷରେ ।

ରାଜା—ସାମ୍ରାଜ୍ୟ ପକ୍ଷରେ କଣ, ସେନାପତି, କ୍ଷତିର ସମ୍ଭାବନା ଅଛି ?

ସେନା—ମହାରାଜାଙ୍କ ସାମ୍ରାଜ୍ୟରେ କ୍ଷତି କରିବାର ଆଶଙ୍କା କୌଣସି ବ୍ୟକ୍ତିଠାରୁ ବିଶେଷ ନାହିଁ, ମହାରାଜ ! କିନ୍ତୁ କାରାରୁ ମୁକ୍ତ ହେଲେ ସେମାନେ ବିଦ୍ରୋହ ଘଟାଇବେ, ଏହି ମାତ୍ର ସମ୍ଭାବନା ।

ରାଜା—ତେବେ ଆଜୀବନ କଣ ବନ୍ଦୀ କରି ରଖିବା ?

ମନ୍ତ୍ରୀ—ରାଜ୍ୟର ସମୃଦ୍ଧି ପାଇଁ, ପ୍ରଜାଗଣଙ୍କ ସୌଭାଗ୍ୟ ନିମନ୍ତେ ରଖିବା ଅବିହିତ ନୁହେଁ, ମହାରାଜ ?

ରାଜା—ଆଜୀବନ ବନ୍ଦୀ ? କିନ୍ତୁ ମନ୍ତ୍ରି, ଏଥିରେ ସେମାନଙ୍କ ପ୍ରାଣରେ କି ଘୋର ଅଶାନ୍ତି ! ନ୍ୟାୟତଃ ସେମାନଙ୍କର ଏ ବିଶାଳ ସାମ୍ରାଜ୍ୟ, ମୁଁ ବଳପୂର୍ବକ ଅଧିକାର କଲି । ସେଥିରେ ସେମାନେ ବର୍ତ୍ତମାନ ନୀରବ । କିନ୍ତୁ ଜୀବନର ଏକମାତ୍ର ସୁଖ-ପ୍ରାଣୀର ପ୍ରାଣ, କୁସୁମର ସୌରଭ, ଚନ୍ଦ୍ରମାର ଜ୍ୟୋତ୍ସ୍ନା, ମନୁଷ୍ୟର ସେ ସ୍ୱାଧୀନତା—ନିଜର ଇଚ୍ଛାନୁରୂପ ଆହାର, ବିହାର ଶୟନ ଓ ସ୍ୱପ୍ନ—ବନ ପ୍ରାନ୍ତରରେ ବିଚରଣ କରି ହୃଦୟର ଭାର ବେଳେ ବେଳେ ବିମଳ ସମୀର ସ୍ରୋତରେ ଭସାଇ ଦେବାର ସେ ପୁଣ୍ୟ ଅଧିକାର—ଉନ୍ମୁକ୍ତ ପ୍ରାଣର ସେ ଉଚ୍ଚ ମଧୁର ହାସ୍ୟ-ସେ ଅବାରିତ ବାଣୀ-ଦୁଃଖ ବେଳେ, ଯନ୍ତ୍ରଣାରେ ପ୍ରାଣର ଅଶାନ୍ତି, ଅବାଧରେ ପ୍ରକାଶ କରିବାର ମାନବର ସେ ପବିତ୍ର ରାଜତ୍ୱ—ଶୋକରେ ବିଳାପ-ସୁଖରେ ସ୍ମିତ—ମନୁଷ୍ୟ ଜୀବନର ଏକମାତ୍ର ପରିତୃପ୍ତି, ତାର ସେହି ହସିବା କାନ୍ଦିବାରୁ କାହାକୁ ବଞ୍ଚିତ କରିବାର ଅଧିକାର, ସେନାପତି ମନୁଷ୍ୟର ନାହିଁ । ସେମାନେ ଏବେ ଆମର ବନ୍ଦୀ । ବନ୍ଦୀ ପ୍ରତି ଉପଯୁକ୍ତ ବ୍ୟବହାର ବନ୍ଧନରୁ ମୁକ୍ତି । କଣ କହୁଛ, ଅର୍ଜ୍ଜୁନ ସିଂହ ?

**ଅର୍ଜୁନ**—ନିଶ୍ଚୟ ମହାରାଜ, ବନ୍ଧନରୁ ମୁକ୍ତ ।

**ସେନା**—ମୁକ୍ତ, ମହାରାଜ !

**ରାଜା**—ଏ ବିଜୟ ତୁମର, ସେନାପତି, ଆଉ ତୁମ ବୃଦ୍ଧ ବକ୍ସି ଅର୍ଜୁନସିଂହଙ୍କର । ବିକ୍ରମ, ନରସିଂହ, ଗୋପାଳକିଶୋର ସମସ୍ତେ ତୁମ ବନ୍ଦୀ । ଆଉ ମନ୍ତ୍ରୀ ଏ ବିଶାଳ ରାଜ୍ୟର ଚାଳକ, ଆପଣଙ୍କ ଇଚ୍ଛା ହେଲେ ଅନୁମତି ଦିଅନ୍ତୁ—ସେମାନେ ବନ୍ଧନରୁ ମୁକ୍ତ ହୁଅନ୍ତୁ ।

**ମନ୍ତ୍ରୀ**—ମହାରାଜାଙ୍କ ଆଦେଶ ହିଁ ଆମ୍ଭମାନଙ୍କର ଇଚ୍ଛା । ମୁକ୍ତ ହୁଅନ୍ତୁ, ମହାରାଜ !

**ସେନା**—ବକ୍ସି ଅର୍ଜୁନସିଂହ, ଏ ସାମ୍ରାଜ୍ୟ ବହୁଦିନ ତୁମରି ବଳରେ ରହିଅଛି, ତୁମ ଶକ୍ତି ସମ୍ମୁଖରେ ମୁଁ ନତମସ୍ତକ, ଉଦାରତାରେ ବିସ୍ମିତ । ଧନ୍ୟ ହୁଅ, ବୃଦ୍ଧ ସୈନିକବର ! ( ଯବନିକା )

—XOX—

# ଦ୍ୱିତୀୟ ଅଙ୍କ

## —ପ୍ରଥମ ଦୃଶ୍ୟ—

ସ୍ଥାନ—କାଞ୍ଚୀରାଜପ୍ରାସାଦ ନିକଟସ୍ଥ ଉଦ୍ୟାନ

[ ପଦ୍ମାବତୀ ଏକାକୀ ଦଣ୍ଡାୟମାନ ]

ପଦ୍ମ—

ଏ ବିଜନେ ବାସେ ବସି ଏକାକିନୀ
ନୀରବେ ରହିଛି ଅନାଇଁ,
( ଏସେ ) ସମୀର ଲହରୀ ବହି ଆସେ, ନଏ,
ଅନ୍ତର ଭାବନା ଭସାଇ ।
ସୁଖ ଦୁଃଖ ମୋର ମିଶିଯାଏ ଯେତେ
ନିରାଶା ଆଶା ଏ ଅନ୍ତରେ,
( ଖାଲି ) ଚାହିଁ ମୁଁ ବସିଛି ନୀରବ ନୟନେ
ପରାଣ ଗୁପତ ମନ୍ତ୍ରରେ ।
କିଏ କେତେବେଳେ ଚାହିଁ ଯାଏ ବାରେ
ମୋ ପଥ ଦିଏ ସେ ଫେରାଇ
( ତେବେ ) ବିଜନ ବିପିନେ ଏକାକିନୀ ଏଥି
ବସିବା ରହିବି କିପାଇଁ ?
ପବନର ତେଜ ଭାସିଯାଏ ଯେତେ
ଫେର କି ଆସିବ ନିକର,
( ଆହା ) ଫୁଲୁ ଫୁଲେ ଏ ଯେ ଅଳି ଉଡ଼ି ବୁଲେ'
ଉଡ଼ିବ କି ଆସି ଦୋସର ?

ଶୁକ, ପିକ ବସି ତରୁ ଲତା ଡାଳେ
ଡାକନ୍ତି ପୀୟୂଷ ଲହରୀ;
( ଆଉ ) ସେ ଦିନୁ କି ଲଗେ ବାହୁଡ଼ି ଆସିବ
ଅନନ୍ତ ବିତାନେ ବହରି ?
ବାରେକ ଅନ୍ତର ହେଲେ ନ ଫେରଇ
କି ଦୁଃଖ ନିରାଶା ଜଗତେ,
( ତେବେ ) ମୁଁ ଯେତେ ବସିଅଛି ଶୂନ୍ୟ ପ୍ରାଣେ ଏଥି,
ଫେରିବାର କିବା ପଥେ ?

( ଗୋଟିଏ ଚିହ୍ନ ଦେଖି ) କାହିଁକି ? ଏ କଣ ସମ୍ଭବ ? ପ୍ରବଳ ପ୍ରତାପଶାଳୀ ବୀର ପୁରୁଷୋତ୍ତମ ମୃତ୍ୟୁର ଏ ଅନ୍ତିମ ଭୂମି-ଶଯ୍ୟାରେ ଉଃ କଷ୍ଟ ! କି କରୁଣ ସେ ଦିନର ସେ ମୁମୂର୍ଷୁ ବାଣୀ ! ଜଳପାନ ନିମନ୍ତେ ତୃଷାର୍ତ୍ତର ସେ କିରୁଣ 'ବିଶ୍ୱନାଥ, ବିଶ୍ୱନାଥ' ଡାକ । ଆହା, କିଏ ସେ ବିଶ୍ୱନାଥ ! ଏ କଣ ସମ୍ଭବ ? ନା—ଏ କଳ୍ପନା ନୁହେଁ, ଏ ସତ୍ୟ, ଏ ମଧୁର ବାସ୍ତବତା । ବୀରର ଶୋଭା ସଙ୍କଟ, କ୍ଷତ୍ରିୟର ଭୂଷଣ ଯୁଦ୍ଧଭୂମିରେ ମୁମୂର୍ଷା । ନା—ଅସମ୍ଭବ ନୁହେ । କିନ୍ତୁ କି କଷ୍ଟ; ଉଃ, କି କଷ୍ଟ, କି ପିପାସା—କି କରୁଣ ବାଣୀ—ତତ୍ପରେ ଏଇ ବାଟେ—ଦେଖିଛି, କନକ କହୁଥିଲା । କିଏ କନକ ?

କନକ—ପଦ୍ମ !

ପଦ୍ମ—ଆଜ ଏତେ ଚଞ୍ଚଳ ଯେ, କନକ !

କନକ—ଚଞ୍ଚଳ ! କାହିଁକି । ଏ ତ ବେଳ ବୁଡ଼ି ଆସିଲାଣି । ଆଉ ଟିକିଏ ଗଲେ ସୂର୍ଯ୍ୟ ଅସ୍ତ ହୋଇଯିବ । ପିଲାଦିନେ ବେଳ ଜଣା ପଡୁ ନ ଥିଲା । ଦିନଯାକ ସକାଳୁ ସନ୍ଧ୍ୟାବେଳଯାଏ ଅଣ୍ଟେ ନାହିଁ । ସେତେବେଳେ ଦିନଯାକ ଖେଳି ଖେଳି ସନ୍ଧ୍ୟାବେଳକୁ କହୁଥିଲି—'ଆହା,, ଦିନଟା ଆଉ ହେଲେ ଟିକିଏ ବଡ଼ ହୋଇଥାନ୍ତା ।' ଏବେ ତ ଆଉ ସେପରି ହେଉ ନାହିଁ । ଏବେ ଦିନଟା ଭାରି ବଡ଼ ଜଣା ପଡ଼ିଲାଣି । ବସି ବସି ସରୁନାହିଁ । ନୁହେଁ, ପଦ ?

ପଦ୍ମ—ପିଲାଦିନର ଅନେକ କଥା ଅଛି ଆଉ ନାହିଁ, କନକ ! ଦିନଯାକ ଦାଣ୍ଡରେ ଖେଳି ଖେଳି ଧୂଳିଧୂସର ହୋଇ ସନ୍ଧ୍ୟାବେଳେ ଉଆସକୁ ଫେରି ଆସିଲେ ମା ପଣତକାନିରେ ଝାଡ଼ିଦେଇ ନେଇ କୋଳରେ ପୂରାନ୍ତି । ଏବେ ଧୂଳି ଦେଖିଲେ ପାଞ୍ଚ ହାତ ଦୂରରୁ ନାକ ଟେକା ।

କନକ—ତା ଯାହା କହିଲୁ ସତ, ପଦ୍ମ ! ଉମା ସେଦିନ ମୋ ଉପରକୁ ମୁଠାଏ ଧୂଳି ଫିଙ୍ଗି ଦେଲା । ତାଙ୍କୁ ଯେତେ ରାଗ ହୋଇଚି !

ପଦ୍ମ—ଉମା ବଡ଼ ଦୁଷ୍ଟ ପଡ଼ିଛି । ଆଜି ମୁଁ ଗୋଟିଏ କାମ କରୁଥିଲି, ଥରକୁ ଥର ମୋ ପାଖକୁ ଧାଇଁଥାଏ କନକ ! ବଡ଼ ଦୁଷ୍ଟ, ଆମେ ତ ପିଲାଦିନେ ଇମିତି ନ ଥିଲେ ।

କନକ—ସତ ନା ! ହଁ ବର୍ତ୍ତମାନ ପରା ବଡ଼ ହୋଇଗଲୁଣି, ପିଲାଦିନ କଥା ମନେ କାହିଁକି ପଡ଼ିବ ? ମନେ ନାହିଁ, ମୋତେ କିମିତି ସେଦିନ ଚନ୍ଦନପୋଖରୀରେ ପେଲିଦେଇଥିଲୁ ? ମାଛ କୁମ୍ଭୀର ଖାଇ ଯାଇଥାନ୍ତେ । ମଦନା ଥିଲା ବୋଲି ଟେକି ଆଣିଲା । ଆଉ ଦିନେ ତାତିଲା ପାଣି ମୋ ଉପରେ ଅଜାଡ଼ି ଦେଇଥିଲୁ ଯେ, ଫୋଟକା ହୋଇଯାଇଥିଲା । ଆଠ ବର୍ଷ ହେଲାଣି—ଏପର୍ଯ୍ୟନ୍ତ ଏଇ ହାତରେ ଚିହ୍ନ ରହିଛି । ଆଜି ବଡ଼ ହୋଇଗଲୁ, ପାଠ ପଢ଼ିଲୁ, ଗୀତ ଗାଇଲୁ, ଚିତ୍ରବିଦ୍ୟା ଶିଖିଲୁ, ଏବେ ତତେ ଦେଖିଲେ କିଏ କହିବ ଯେ ତୁ ସେହି ଠିକ ପିଲାଟି; ମାଆଙ୍କର ସେହି ଦୁଷ୍ଟ ଗେଲବସର ବାୟାଣୀଟି ! କଣ, ନୁହେଁ ପଦ୍ମ ?

ପଦ୍ମ—କେତେ କଥା ମନେ ରଖିଛୁ କନକ, ମୋର ଯୂଇ ଗଛଟି ଯେ ତୁ ଦିନେ ଓପାଡ଼ି ଦେଇଥିଲୁ—ସେ କଥା ? ସେ କଥା କଣ ମୁଁ ମନେ ରଖିଛି ?

କନକ—ନା; ମୁଁ ମନେ ରଖିଛି । ତୁ ମନେ ରଖିଥିଲେ ପୁଣି କହନ୍ତୁ କିପରି ? ଜଣେ ମନେ ରଖେ; ଆଉ ଜଣକର ପେଟ ପୂରେ ? ମୁଁ ଏବେ ଖଣି ଖାଇକରି ଆସିଛିନା, ଦେଖ ତୋ ପେଟ ପୂରିଥିବ; ପଦ୍ମ ?

ପଦ୍ମ—( ଗ୍ଭଲ ) ବର୍ତ୍ତମାନ ଏବେ ତୁ ଗ୍ଭଲୁଛୁ; କନକ ତୁ ଏ ଫୁଲ ଗଛ ପାଖରେ ଛିଡ଼ା ହୋଇଛୁ । ତୁ ବର୍ତ୍ତମାନ ଏ ଚିତ୍ର ଦେଖୁଛୁ ।

କନକ—କି ଚିତ୍ର; ପଦ୍ମ !

ପଦ୍ମ—ଗୋଟିଏ ଚିତ୍ର, ଦେଖିଲୁ କିପରି ହୋଇଛି ?

କନକ—ବେଶ ତ, ଏ କୁ'ଠାର ଚିତ୍ର ପଦ୍ମ ? ବଡ଼ ସୁନ୍ଦର ହୋଇଛି ।

ପଦ୍ମ—ତୁ ଚିହ୍ନିପାରୁ ନାହୁଁ ?

କନକ—ଦେଖି, ଭଲକରି ଦେଖେ । ନା, ଏପରି ସ୍ଥାନ ତ ଆମର ଏ ଉଆସ ମଧ୍ୟରେ କୌଣସିଠାରେ ନାହିଁ । କୁ'ଠାର ଚିତ୍ର, ପଦ୍ମ ?

ପଦ୍ମ—ଉଆସରେ ନାହିଁ ତ । ଉଆସରେ ନ ହେଲେ କଣ ଚିତ୍ର କରିବାକୁ ମନା ଅଛି ? କୌଣସି ଦୂର ସ୍ଥାନର । ଚିହ୍ନିପାରୁଛୁ ?

କନକ—ଓଃ, ଏ ସେ କୃଷ୍ଣାନଦୀ, ନୁହେଁ ? ନୁହେଁ, ପଦ୍ମ ! ଚିହ୍ନିଲି, ଏଥର ସବୁଚିହ୍ନିଲି । ଏଇଟି ସେ ବିନାୟକ ପର୍ବତ ଯେଉଁଠାରୁ ଅନନ୍ତଭାଇ ବିନାୟକ ଦେବଙ୍କୁ ଅଣାଇ ଅଛନ୍ତି । ଏଇଟି ସେ ବସନ୍ତ-ପୁର ଗ୍ରାମ , ଏଠାରେ ଆମ୍ଭେମାନେ ଥିଲେ, ନୁହେଁ ?

ପଦ୍ମ—ଆଉ ଏଇଟି ସେ ପ୍ରାନ୍ତର, ସେ ଯୁଦ୍ଧପ୍ରାନ୍ତର—ଯେଉଁଠାରେ ସହସ୍ର ସହସ୍ର ବୀର ସଂସାରର ଲୀଳାଖେଳା ସାରି ଜୀବନର ଅନ୍ତିମ ନିଦ୍ରା ଭଜିଲେ । ଆଃ, କି ଭୀଷଣ ସେ ଯୁଦ୍ଧ ! ମନୁଷ୍ୟ-ସମାଜର ଏକ ପ୍ରଳୟ, କନକ । ଆଉ ଏଇ ସେହି ଯୁବକ-ଶତ୍ରୁର ହସ୍ତରେ ଅଙ୍ଗ କ୍ଷତବିକ୍ଷତ—ନିଜର ରକ୍ତଧାରରେ ଶରୀର ଆରକ୍ତ ଯନ୍ତ୍ରଣାରେ ମୁମୂର୍ଷ, ପିପାସାରେ କାତର, ନିଃସହାୟ, ନିର୍ଗତଜୀବନର ଅନ୍ତିମଜ୍ୱାଳାରେ ନୀରବ—ମରଣର ନିଷ୍ଠୁର ବନ୍ଧନରେ ନିଷ୍ପନ୍ଦ—ଯୁଦ୍ଧଭୂମିର ବିକଟ ଶ୍ମଶାନ ମଧ୍ୟରେ ଏକମାତ୍ର ନବପ୍ରସ୍ଫୁଟିତ କୁସୁମ—କିନ୍ତୁ ଜଗତର ନିର୍ଦ୍ଦୟ ପରଶରେ ନିମିଷକେ ମଉଳି ପଡ଼ିବାକୁ ଉଦ୍ୟତ ଏଇ ସେ ବନର ଏକମାତ୍ର ମାଳଞ୍ଚ—ଗଗନର ଦ୍ୱିତୀୟ ଚନ୍ଦ୍ରମା—ଯେ କ୍ଷୀଣ କରୁଣ ବାଣୀରେ ଡାକୁଥିଲେ—'ବିଶ୍ୱନାଥ ବିଶ୍ୱନାଥ'; କିଏ

ସେ ବିଶ୍ୱନାଥ, କନକ ? ଆମେମାନେ ମୁଖରେ ଟିକିଏ ଜଳ ଢାଳିଦେଲେ, ଫେରି ଆସିଲେ । ଉତ୍ତରେ ତୁ ଦୂରରୁ ଦେଖିଛୁ, ସେ ଅଶ୍ୱପୃଷ୍ଠରେ ଚାଲିଗଲେ । ଏ ସେଇ ଯୁବକ ନୁହନ୍ତି, କନକ ? ଆହା, ଶବରେ ମଧ୍ୟ କି ନିଃସହାୟ ! ଭୂମିଶଯ୍ୟାରେ ଶୋଇ ମଧ୍ୟ କି ଉନ୍ନତ, ଉଦାତ, ସିଂହ ବକ୍ଷମାନଙ୍କୁ ବଳି ଖାଇ । ଖାଇ ହେବାର କଷ୍ଟ ଏଇଠାରେ ।

କନକ—ଯୁବକଙ୍କ ଦୁଃଖରେ ବଡ଼ ଅଧୀର ହେଉଛୁ, ପଦ୍ମ ! ଜାଣୁ କିଏ ସେ ଯୁବକ ?

ପଦ୍ମ—ନା, ଜାଣେ ନାହିଁ, କନକ ! କିନ୍ତୁ ସେ କରୁଣ ଦୃଶ୍ୟ ହୃଦୟରୁ ଲିଭୁନାହିଁ । ଜାଣେ ନା, କିଏ ସେ ଯୁବକ ।

କନକ—ସେ ଯୁବକ—ସେଦିନ—କୃଷ୍ଣାନଦୀକୂଳରେ ସୁମନ୍ତ ଭାଇ କହୁଥିଲେ—

ପଦ୍ମ—କଣ କହୁଥିଲେ, କନକ ?

କନକ—କୃଷ୍ଣାନଦୀଟି ବଡ଼ ସୁନ୍ଦର, ନୁହେ ?

ପଦ୍ମ—ସୁମନ୍ତ ଭାଇ କଣ କହୁଥିଲେ, କନକ ?

କନକ—ତୋର ଏ ଶବଟିରେ ମଧ୍ୟ ନଦୀଟି ବେଶ୍ ହୋଇଛି ।

ପଦ୍ମ—ନା, କହ, କନକ !

କନକ—ବାଲୁକା ଶଯ୍ୟା ଉପରେ ସ୍ୱଚ୍ଛ ଜଳଧାରାଟି ଯେପରି ଧୀର କଳରବରେ ବହିଯାଉଛି ।

ପଦ୍ମ—କହ, କନକ !

କନକ—କହୁଛି ତ ।

ପଦ୍ମ—କଣ କହୁଛୁ ?

କନକ—ଯାହା କୁହାଯାଏ ।

ପଦ୍ମ—କଣ ?

କନକ—କଥା, ଯାହା କୁହାଯାଏ, ତାହା କଥା ।

ପଦ୍ମ—କହ, କନକ

କନକ—ଯାହା କରାଯାଏ ତାହା କାର୍ଯ୍ୟ ।,

ପଦ୍ମ—ନା ।

କନକ—ନା, ଯାହା ଦେଖାଯାଏ, ତାହା ଦୃଶ୍ୟ । ଏହିପରି ବ୍ୟାକରଣରେ ଅନେକ କଥା ଅଛି ।

ପଦ୍ମ—କହ, କନକ !

କନକ—ଆହୁରି ଶୁଣିବୁ ? ଭଷା ପ୍ରତି ତୋର ତ ବଡ଼ ଆଦର ଦେଖୁଛି । ଶୁଣ୍ ତେବେ । ଯାହା ଖିଆ ଯାଏ, ତାହା ଖାଦ୍ୟ—ଚବ୍ୟ ଚୋଷ୍ୟ, ଲେହ୍ୟ, ପେୟ, ମାନ୍ୟ, ସୌଖ୍ୟ, ଭକ୍ଷ୍ୟ ଇତ୍ୟାଦି । ଆହୁରି ମଧ୍ୟ ଶାପ୍ୟ, ଗୋପ୍ୟ, ଉଦ୍ଵାର୍ଯ୍ୟ, ସାମ୍ରାଜ୍ୟ—ଏପରି ଅନେକ ।

ପଦ୍ମ—ନା କହ, କନକ, ସୁମନ୍ତ ଭାଇ କଣ କହୁଥିଲେ ।

କନକ—ଦାକ୍ଷିଣାତ୍ୟରେ ତିନୋଟି ନଦୀ—ଗୋଦାବରୀ, କୃଷ୍ଣା, କାବେରୀ ।

ପଦ୍ମ—ତା ମୁଁ ଜାଣେ ।

କନକ—ଆଉ ସବୁଠାରୁ କୃଷ୍ଣାନଦୀଟି ଅଧିକ ସୁନ୍ଦର ।

ପଦ୍ମ—କହ, କନକ, ବଡ଼ ବ୍ୟସ୍ତ କରୁଛୁ । କହ ନା, ସୁମନ୍ତ ଭାଇ କଣ କହୁଥିଲେ ?

କନକ—ସୁମନ୍ତ ଭାଇ କହୁଥିଲେ, ପଦ୍ମାର ସେ ଯୁବକ ଯେପରି ହୃଦୟର ନିଧି, ଗଳାର ମାଳା ।

ପଦ୍ମ—ଯାଃ ।

କନକ—ସତ କହିଲେ, ଯାଃ । ପ୍ରାଣର ପରଶମଣି; ଯାଃ ।

ପଦ୍ମ—ଥା କନକ, ମୁଁ ଯାଉଛି । [ ଯିବାକୁ ଉଦ୍ୟତ ]

କନକ—ନା, ନା, ତା ନୁହେ । ଶୁଣ୍ ।

ପଦ୍ମ—ଯା, ମୁଁ ଶୁଣିବି ନାହିଁ ।

କନକ—ଶୁଣ୍ ସେ ଯୁବକ, ସୁମନ୍ତ ଭାଇ କହିଲେ —

ପଦ୍ମ—ନାହିଁ ଶୁଣିବି ନାହିଁ ମୁଁ । କଣ ?

କନକ—ଯୁଦ୍ଧଭୂମିରେ ଆହତ ହୋଇ ପଡ଼ିଥିଲେ ।

ପଦ୍ମ—କିଏ ସେ ?

କନକ—ଶେଷକୁ ଅଶ୍ୱପୃଷ୍ଠରେ ଚାଲିଗଲେ ।

ପଦ୍ମ—ତା ପରେ, କିଏ ସେ ଯୁବକ

କନକ—ଗଳାର ମାଳା ।
ପଦ୍ମ—ତୁ କହିବୁ ନାହିଁ, କନକ ! ମୁଁ ଯାଉଛି ।
କନକ—ରହ, ପଦ୍ମ ! ଶୁଣ୍, ଶୁଣ୍ ନା; ଶୁଣିବୁ ନାହିଁ ?
ପଦ୍ମ—ନା, କଣ ?
କନକ—ଶୁଣ୍ ।
ପଦ୍ମ—କହ ।
କନକ—ପଦ୍ମ !
ପଦ୍ମ—କନକ, କହ ନା ଏଥର ।
କନକ—ସେ ଯୁବକ
ପଦ୍ମ - କିଏ ?
କନକ—ଏତେ ଅଧୀର ହେଉଛୁ କାହିଁକି ? ଶୁଣ୍, କହୁଛି ତ ।
ପଦ୍ମ—ଅଧୀର କିଏ ହେଉଛି ? କହ ।
କନକ – ଓଡ଼ିଶାର ରାଜାଙ୍କୁ ଜାଣୁ , ପଦ୍ମ ?
ପଦ୍ମ—ହଁ ଜାଣେ । କଣ ହେଲା ?
କନକ—ହେଲା ନାହିଁ କିଛି ।
ପଦ୍ମ—ତେବେ କହ ।
କନକ—ତେବେ କହୁଛି, ସେ ଯୁବକ ଯଦି ଓଡ଼ିଶାର ରାଜା ହୋଇଥାନ୍ତେ ।
ପଦ୍ମ—ଓଡ଼ିଶାର ରାଜା ପୁରୁଷୋତ୍ତମ ଦେବ ?
କନକ—ହଁ, ଓଡ଼ିଶାର ରାଜା, ପୁରୁଷୋତ୍ତମ ଦେବ, ପଦ୍ମ !
ପଦ୍ମ—ନା, କନକ, ମିଛ କହୁଛୁ ।
କନକ—କହିଲି ତେବେ !
ପଦ୍ମ—କହ ନା କନକ !
କନକ—ଯା କହିଲି, ସେ ତ ମିଛ ହେଲା, ଆଉ କହିବି କଣ ?
ପଦ୍ମ—ସତ କହୁଛୁ, କନକ ?
କନକ—ନ ହେଲା ଏବେ ମୁଁ ଯାଉଛି । [ ପ୍ରସ୍ଥାନ ]
ପଦ୍ମ—ଓଡ଼ିଶାର ରାଜା ପୁରୁଷୋତ୍ତମ ଦେବ । ବିଜୟଗୌରବରେ
ବିଭୂଷିତ ପୁରୁଷୋତ୍ତମ ଦେବ । କି ବୀର—ମରଣଶଯ୍ୟାରେ
ସୁଦ୍ଧା ମୁଖର ସେ କମଳତା, ଅଧରର ସେ ମଧୁର ସ୍ମିତ,

ନୟନର ସେ ଜ୍ୱଳନ୍ତ ଜ୍ୟୋତି, ବକ୍ଷର ସେ ଉନ୍ମୁକ୍ତ ବିଶାଳତା କପୋଳର ସେ ଉନ୍ନତ ସୌନ୍ଦର୍ଯ୍ୟ, ହୃଦୟର ସେ ଧୀର ଦମ୍ଭ କିଛି ଉଣା ହୋଇନାହିଁ । କିନ୍ତୁ ଯୁଦ୍ଧଭୂମିର ଏ କି କରୁଣ ଦୃଶ୍ୟ ! ପ୍ରବଳ ପ୍ରତାପଶାଳୀ ବୀର ପୁରୁଷୋତ୍ତମ— ଏପରି ମାନଭାବରେ ଶାୟିତ । ଓଃ କି କଷ୍ଟ ! ବୀର ହେବାର ପ୍ରାୟଶ୍ଚିତ୍ତ ଏହିଠାରେ । ଓଃ କି କଷ୍ଟ ! [ ପ୍ରସ୍ଥାନ ]

---

## — ଦ୍ୱିତୀୟ ଦୃଶ୍ୟ —

ସ୍ଥାନ—କାଞ୍ଚୀର ରାଜପ୍ରାସାଦ

[ ରାଜା କଳେବରେଶ୍ୱର ଓ ରାଣୀ ସତ୍ୟବତୀ ଉପବିଷ୍ଟ ]

କଳେ—ଦେଖ, ସେଥିରେ ବଡ଼ ଅସୁବିଧା, ପ୍ରିୟେ ! ପ୍ରାୟ ପାଞ୍ଚଶ କୋଶ ବାଟ । ଗଲେ କେବଳ କାଶୀରୁ ଫେରି ଆସି ହେବ ନାହିଁ । ଗୟା, ପ୍ରୟାଗ, ହରଦ୍ୱାର, ଦିଲ୍ଲୀ, ହସ୍ତିନା ସବୁ ଦେଖିବା ଦରକାର ବୋଲି କହୁଛ । ନିତାନ୍ତ ପକ୍ଷେ ଦୁଇ ବରଷ । ଏ ଦୀର୍ଘକାଳ ରାଜ୍ୟ ଚଳାଇବ କିଏ ? କହ ଦେଖି ପ୍ରଥମେ ଏ ପ୍ରଶ୍ନର ଉତ୍ତର ।

ସତ୍ୟ—କାହିଁକି ? ସୁମନ୍ତ ।

କଳେ—ସୁମନ୍ତ ରାଜ୍ୟ ଚଳାଇବ ! ରାଜ୍ୟ ଶାସନ ପିଲାଖେଳ ନୁହେ, ପ୍ରିୟେ ! ସୁମନ୍ତ ରାଜ୍ୟ ଚଳାଇବ ?

ସତ୍ୟ—ହଁ ।

କଳେ—ଅସମ୍ଭବ ।

ସତ୍ୟ—ଅସମ୍ଭବ କାହିଁକି ?

କଳେ—କାହିଁକି, ସେ ଭିନ୍ନ କଥା । ଅସମ୍ଭବ ।

ସତ୍ୟ—ଅସମ୍ଭବ; ଶୁଣ ତେବେ, ପ୍ରିୟତମ ! ମନୁଷ୍ୟର ଏ ଜୀବନ ଚିରସ୍ଥାୟୀ ନୁହେ । ତୁମ୍ଭେ ଦୀର୍ଘକାଳ ରାଜ୍ୟ ଶାସନ କରିଅଛ । ତୁମ୍ଭର ବୟସ ଯେତେବେଳେ ଚବିଶବରଷ ସେତେ ତରୁଣ

ତରଙ୍ଗାୟିତ ବୟସରେ ତୁମ୍ଭେ କାଞ୍ଚୀର ରାଜସିଂହାସନରେ ବସିଥିଲ । ବର୍ତ୍ତମାନ ଛପନ ବର୍ଷ । ଏ ବୟସରେ ଲୋକେ ବାନପ୍ରସ୍ଥ କରିବାର କଥା । ସିଂହାସନରେ ବସିବା ତୁମ୍ଭଙ୍କୁ ବର୍ତ୍ତମାନ ଆଉ ଶୋଭା ପାଉନାହିଁ । କାଞ୍ଚୀର ଏ ରାଜମୁକୁଟ ଯେପରି ତୁମ୍ଭର ଏ ମସ୍ତକ ଗୁଡ଼ି, କୌଣସି ତରୁଣ ରାଜଶିର ଲୋଡ଼ୁଅଛି । ମନୁଷ୍ୟଜୀବନର ଉଦ୍ଦେଶ୍ୟ ନୁହେ, ପ୍ରିୟତମ, ସିଂହାସନରେ ବସି ରାଜପ୍ରାସାଦର ସୁଖରାଶି ମଧ୍ୟରେ ବିଚରଣ କରିବା । ପ୍ରକୃତ ସୁଖ ଯାହା, ଯହିଁରେ ମାନବ ଜୀବନର ଯଥାର୍ଥ ଆନନ୍ଦ ଜନ୍ମେ, ତାହା ସିଂହାସନରେ ନାହିଁ, ରାଜମୁକୁଟରେ ନାହିଁ, କି ରାଜ୍ୟଶାସନର ପରିପାଟୀ ମଧ୍ୟରେ ନାହିଁ । ଏ ରକ୍ତ, ମାଂସ ଅସ୍ଥିର ସ୍ଥୂଳ ଶରୀର ଛଡ଼ା ମନୁଷ୍ୟର ଯେ ଆଉ ଗୋଟିଏ ସୂକ୍ଷ୍ମ ଶରୀର ଅଛି—ତାହାର ସୁଖହିଁ ସୁଖ । ଏ ବୃଦ୍ଧ ବୟସରେ, ପ୍ରାଣେଶ୍ୱର, ତୁମ୍ଭର ସେହି ସୁଖ ଲୋଡ଼ିବା ଉଚିତ ? ରାଜ୍ୟ ଶାସନ ବହୁକାଳ କରିଅଛ । ରାଜମୁକୁଟର କ୍ଷମତାସୁଲଭ ସୁଖ ସମ୍ଭୋଗରେ ଜୀବନର ବହୁତ ଉନ୍ନତ ଶକ୍ତି କ୍ଷୟ କରିଅଛ । ଆଉ ସୁନ୍ଦର ନୁହେଁ ବର୍ତ୍ତମାନ ସେ ସବୁ ପରିତ୍ୟାଗ କର । ସୁମନ୍ତ ଜ୍ଞାନୀ, ପ୍ରବୀଣ ବୟସରେ ମଧ୍ୟ ନିତାନ୍ତ ଯୁବକ ନୁହେ । ତା ହସ୍ତରେ ଏ ରାଜ୍ୟଭାର ଅର୍ପଣ କରି ଚାଲ ଆମ୍ଭେମାନେ ବାନପ୍ରସ୍ଥରେ ଯିବା । ସୁମନ୍ତ ରାଜ୍ୟଶାସନ କରୁ ବା ନ କରୁ ତୁମ୍ଭର ସେଥିରେ କଣ ? ଏଣିକି ଏ ତାର ରାଜ୍ୟ, ତୁମ୍ଭର ନୁହେ । ତୁମ୍ଭେ ଆଉ ରାଜ୍ୟର ରାଜା ନୁହ—ଜଣେ ସାଧାରଣ ପ୍ରଜା ମାତ୍ର । ରାଜ୍ୟ ଶାସନରେ ତ୍ରୁଟି ଘଟିଲେ କେହି କହିବ ନାହିଁ, ଦୋଷ ତୁମ୍ଭର । ସୁମନ୍ତର ଅଭିଷେକ କରିଦିଅ । ସେ ସିଂହାସନରେ ବସୁ । ଚାଲ ଆମ୍ଭେମାନେ କାଶୀ ଯିବା ଏ ରାଜଭବନରେ ଆଉ ଶାନ୍ତି ମିଳୁ ନାହିଁ, ପ୍ରିୟ ! ଏ ବର୍ତ୍ତମାନ ଏକ କାରାବାସ, ନା ଏଠାରେ ଆଉ ବେଶି ଦିନ ନୁହେ । କଣ କହୁଛ, ପ୍ରିୟତମ ?

କପିଳ—ତୁମେ ଏହିକ୍ଷଣି ଯାଅ, ରାଣି !

ସତ୍ୟ—ଯିବ ତ, ମୋ ପ୍ରଶ୍ନର ଉତ୍ତର ଦିଅ ଆଗେ ।

କଳେ—ପ୍ରଶ୍ନ, କି ପ୍ରଶ୍ନ ରାଣି !

ସତ୍ୟ—ଯାହା ପଚାରିଲି ।

କଳେ—କଣ ପଚାରିଲ, ତୁମେ ?

ସତ୍ୟ—ବାରାଣସୀ ଯିବା କଥା ।

କଳେ—ଓ, ଏଇ କଥା ।

ସତ୍ୟ—ହଁ, ଏଇ କଥା ମାତ୍ର ।

କଳେ—ଏ କଥା ଏତେ ସହଜ ନୁହେ ଯେ, ମୁଁ ଏଇକ୍ଷଣି ତୁମ ପ୍ରଶ୍ନର ଏକ ଉତ୍ତର ଦେଇ ବସିବି ।

ସତ୍ୟ— ତେବେ କେବେ ଦେବ ?

କଳେ—ଅନ୍ୟ ସମୟରେ, ରାଣି !

ସତ୍ୟ—ଅନ୍ୟ ସମୟ, ତାର ଅର୍ଥ ?

କଳେ—ବିବେଚନା କରି ।

ସତ୍ୟ—ଆଚ୍ଛା, ମୁଁ ତେବେ ଯାଏ ।

କଳେ—ଯାଅ । କାଶୀ ଯାତ୍ରା । ତାର ଅର୍ଥ ଦୁଇବର୍ଷ । ସୁମନ୍ତ୍ର ରାଜ୍ୟ ଶାସନ କରିବ । ସ୍ୱୀକାର କରେ, ସୁମନ୍ତ୍ର ବିଦ୍ୱାନ୍, ଜ୍ଞାନୀ । ବିଦ୍ୟାରେ କିନ୍ତୁ ରାଜ୍ୟ ଶାସନ ହୁଏନାହିଁ । ରାଜ୍ୟଶାସନ ଯୁକ୍ତିତର୍କର କଥା ନୁହେ ଯେ ଯାର ଜ୍ଞାନ ଅଧିକ, ସେ ଜୟଲାଭ କରିବ । ଶାସନ ଲାଗି, ଗଭୀର ରାଜନୀତିର ପ୍ରୟୋଜନ, ରାଣି ! କିଏ, ପ୍ରହରୀ ? କିଛି କେତେ ହେବ, ପ୍ରହରୀ ? [ ପ୍ରହରୀର ପ୍ରବେଶ ]

ପ୍ରହରୀ—କୁଆଁ ତାରା ତ ଏଇ ଠିକଏ ହେଲା ବୁଡ଼ୁଛି, ମହିମା ! ଜେମାଙ୍କ ଘରେ ଆଲୁଅ ଜଳୁଛି । ସେ ପଢ଼ୁଛନ୍ତି । ପାଠ ଦୋଳ ଏଇକ୍ଷଣି ଜୁଆସକୁ ଆସିଲେ । କିଛି ଦ'ଘଡ଼ି, ଜା ପହରେ ହେବ ମହିମା !

କଳେ—ଯୁବରାଜ ଏଇକ୍ଷଣି ଆସିଲେ ? ଆଚ୍ଛା ପ୍ରହରି ମୁଁ ଏ ରାଜ୍ୟ ଭଲ ବୁଝୁଛି, ନା ଯୁବରାଜ ରାଜା ହେଲେ ଭଲ ବୁଝିବେ ?

ପ୍ରହରୀ—ତୁମ୍ଭେ, ଏ ରାଜକୁ ଇନ୍ଦ୍ରଦେବତା ପ୍ରାପ୍ୟ ପାଳନ୍ତୁ, ମଣିମା !

କଳେ—ସମସ୍ତେ ଖୁସିରେ ଅଛନ୍ତି ନା, ପ୍ରହରୀ ?

ପ୍ରହରୀ—ପାଟଦୋଉ ଗାଦିରେ ବସିଲେ ମଧ୍ୟ ଚମିଛି କରିବେ । ଯେତେ ହେଲେ ଗାଦିର ପୁଅ, ଏକଥା କୁଆଡ଼େ ଯିବ ?

କଳେ—ଏପରି କରିବେ ? ନାହିଁ ପରା, ପ୍ରହରୀ ବଡ଼ର କର କହିଲୁ !

ପ୍ରହରୀ—ନାଇଁ ମଣିମା, ଏମିତି କୁ'ଠେଇ ହେବ ? ଏଇ ତ ସାକ୍ଷାତ୍ ବୃହସ୍ପତିଙ୍କ ପରି ।

କଳେ—ଠିକ୍ କହିଲୁ । ଆଚ୍ଛା, ଏ ସିଂହାସନରେ ପ୍ରହରୀ ମୁଁ ବସିଲେ ସୁନ୍ଦର ଦିଶୁଛି, ନା ଯୁବରାଜ ବସିଲେ ସୁନ୍ଦର ଦିଶିବ ? କହିଲୁ ଦେଖି ?

ପ୍ରହରୀ—ତୁମ୍ଭେ ବସିଥିଲେ ପୁନିଅଁ ରାତିର ଜହ୍ନ ପରି ଦିଶୁଛି, ମଣିମା ।

କଳେ—ସେମିତି ଉଜ୍ଜ୍ୱଳ ଦିଶୁଛି, ନା ପ୍ରହରୀ ?

ପ୍ରହରୀ—ପାଟଦୋଉ ଯେବେ ଗାଦିରେ ବସିଲେ ଇମିତି ମାନିବ । ଭେଣ୍ଡିଆ ବୟସ । ବସିଥିଲେ ଉଆସ ଆଲୁଅ ଦିଶୁଥିବ, ମଣିମା !

କଳେ—ନାହିଁ ପ୍ରହରୀ, ଏପରି ସୁନ୍ଦର ଦିଶିବ କୁଆଡ଼ୁ ?

ପ୍ରହରୀ—ନାଇଁ, ତୁମ୍ଭ, ଯେତେ ହେଲେ ଇମିତି ହେବ କୁଆଡ଼ୁ ?

କଳେ—ଆଚ୍ଛା, ଏ ମୁକୁଟ ଦେଖୁଛୁ, ପ୍ରହରୀ ?

ପ୍ରହରୀ—ଦେଖୁଛୁ ମଣିମା !

କଳେ—ମୋ ମୁଣ୍ଡକୁ ବେଶି ପସନ୍ଦ ଦିଶୁଛି, ନା ସୁମନ୍ତ ପିନ୍ଧିଲେ ବେଶି ଦିଶିବ ?

ପ୍ରହରୀ—ତୁମ୍ଭଙ୍କ ମୁଣ୍ଡରେ ହୀରପରି ଜକ ଜକ ଦିଶୁଛି, ମଣିମା !

କଳେ—ତତେ ଏବେ ଦିଶୁଛି ?

ପ୍ରହରୀ—ହଁ, ମଣିମା, ଅନ୍ଧାର ଘର ଆଲୁଅ ହେଇ ଯାଉଛି ।

କଳେ—ସୁମନ୍ତ ମୁଣ୍ଡରେ କମିତି ଦିଶିବ ?

ପ୍ରହରୀ—ପାଠଦୋଉଙ୍କ ଗୋଟା ଦେହକୁ ଡାଉଡାଉ ଜଳିବ ପଡ଼ି; ଭାରି ମାନବ, ମଣିମା !

କଳେ—ନାହିଁ; ଏପରି କଣ ମାନବ ?

ପ୍ରହରୀ—ହଁ; ଏମିତି ପୁଣି ହେବ କୁଆଡ଼ୁ । ଯେତେ ହେଲେ ତ ପିଲା ବଇସ ।

କଳେ—ହଁ; ଠିକ୍ କହୁଛୁ ପ୍ରହରି ! ଆଚ୍ଛା; ଏବେ ବାନପ୍ରସ୍ଥରେ ଯିବା ଭଲ । କହିଲୁ ଦେଖି ।

ପ୍ରହରୀ—ହଁ ଭଲ ନୋହିବ କାହିଁକି; ତୁମ୍ଭୁ ? ମଣିମା ହାଣ୍ଡିରେ ବଜେ ହୋଇଥିବାବେଳେ କେଡ଼େ ସୁନ୍ଦର ଦିଶୁଥାଏ । କୁଆଡକୁ ବଜେ ହେବେ ।

କଳେ—ଆରେ ବାନପ୍ରସ୍ଥ; ବାନପ୍ରସ୍ଥ ।

ପ୍ରହରୀ—ମୁଁ କି ଜାଣେ, ଛାଇକି ଲୋକ, ମଣିମା ! ଏତେ ବଡ ହେଲଣି ତୁମ୍ଭେ କୁଆଡେ ବଜେ ହେବେ ମୁଣ୍ଡୋହିଙ୍କ ଡାକରା ଆସିବ ଇଷିଣି ।

କଳେ—ଆରେ ବାନପ୍ରସ୍ଥବୋଲିଲେ ଏ ଭଆସ, ଏ ସିଂହାସନ, ଏ ମୁକୁଟ ସବୁ ଛାଡ଼ି ବନକୁ ଯିବା କଥା; ବୁଝିଲୁ ।

ପ୍ରହରୀ—ତୁମ୍ଭ ବଣକୁ ବଜେ ହେବେ । କଣ; ପାତିଧିକ । ହଁ, କାଲି ଗୋଟେ ଜନ୍ତୁ ଚଡଥିଲା ।

କଳେ—ଆରେ ନାହିଁ; ଖାଲି ଭିକାରି ପରି ଏଣେ ତେଣେ ବୁଲିବାକୁ ।

ପ୍ରହରୀ—ମଣିମା; କି କଥା ତୁଣ୍ଡରେ ଧରୁଛ ! ଶଏ କୋଶ ପୃଥ୍ୱୀର ମଉଡମଣି; କଣ ଶ୍ରୀମୁଖରୁ ବାହାରୁଚି ।

କଳେ—ବଡ ଖରାପ; ନା ପ୍ରହରୀ । ଏ ରଜକ ଛାଡ଼ି ଯାଇ କାଶୀ, ମଥୁରା, ବୃନ୍ଦାବନ ବୁଲିବାରେ କି ସୁଖ ।

ପ୍ରହରୀ—ବୁଢ଼ା ରଜା ଯିମିତି ଯାଇଥିଲେ; ମଣିମା । ଯାଇକରି ପୁରୁସ୍ତମରେ ଜଗନ୍ନାଥଙ୍କ ପାଖରେ ଥିଲେ ।

କଳେ—ହଁ ଏତେବେଳକୁ ବୁଝିଲୁ । କି ମୂର୍ଖ ତୁ ରେ । ସେଇକଥା

ପ୍ରହରୀ—ସିଏ ମଣିମା; ବଡ଼ ଭଲ । ବଇସ ଖସି ଆସିଲାବେଳକୁ ଯାଇ ମହାପ୍ରଭୁଙ୍କ ପାଖରେ ରହିବ । ବଡ଼ ଭଲ, ମଣିମା !

କଳେ—ଆରେ ନାହିଁ, ଇଏ ଭଲ ନା; ସିଏ କଣ ଭଲ ?

ପ୍ରହରୀ—ହଁ ମଣିମା ଇଏ ଭଲ; ସିଏ ମଧ ଭଲ ।

କଳେ—ସିଏ ଭଲ ? ରଜା ହେବା ଭିକାରୀ ହେବା ସମାନ ?

ପ୍ରହରୀ—ନାଇଁ ମଣିମା, ଏ କଥା ପୁଣି କୁଆଡୁ ହେବ ?

କଳେ—ହଁ ଏତେବେଳକୁ ଠିକ କଥା କହିଲୁ । ଆଚ୍ଛା, ଯା ପ୍ରହରୀ ! ଯାଇ ଦେଖି ଆସିଲୁ, ଜହ୍ନ ଉଇଁଲାଣି । ରାତି ବହୁତ ହୋଇଗଲାଣି ପରା ।

[ ପ୍ରହରୀର ପ୍ରସ୍ଥାନ ]

ପ୍ରହରୀ ମୁର୍ଖ ହେଲେ ସୁଦ୍ଧା ବେଶ୍ ଚତୁର, ଠିକ୍ କଥା କହିଛୁ । ରଜା ହେବା, ଭିକାରୀ ହେବା ସମାନ ନୁହେ । ତା କଦାପି ହୋଇ ନ ପାରେ । ରାଣୀ ଭ୍ରାନ୍ତ ।

( ସୁମନ୍ତର ପ୍ରବେଶ )

ସୁମନ୍ତ—ବାପା !

କଳେ—କିଏ ସୁମନ୍ତ !

ସୁମନ୍ତ—ହଁ, ବାପା !

କଳେ—ଏତେବେଳେ କୁଆଡ଼େ ?

ସୁମନ୍ତ—ଏକ ବିଶେଷ ସମ୍ବାଦ ନେଇ ।

କଳେ—ବର୍ତ୍ତମାନ ସମୟ ନୁହେ, ସୁମନ୍ତ । ଅନ୍ୟ ଅବସର ବେଳେ ଶୁଣିବି ।

ସୁମନ୍ତ—ବିଶେଷ ଦରକାର, ବାପା, ରାଜ୍ୟର ମଙ୍ଗଳ କେତେକ ପରିମାଣରେ ତା ଉପରେ ନିର୍ଭର କରେ ।

କଳେ—କହିଲି, ଅନ୍ୟ ସମୟରେ ଶୁଣିବି ।

ସୁମନ୍ତ—ତାହାହେଲେ କାଲି କହିବି, ବାପା !

କଳେ—ଅଚ୍ଛା, ଏଇକ୍ଷଣି ଯା । ( ସୁମନ୍ତର ପ୍ରସ୍ଥାନ ) ଏଇ ତ, ଏଇ ସୁମନ୍ତ ପୁଣି ରାଜ୍ୟ ଶାସନ କରିବ ? କାଞ୍ଚୀର ବିସ୍ତୃତ

ସାମ୍ରାଜ୍ୟ ମଧ୍ୟରେ ଏହା ବୃଦ୍ଧି ବଲୁପ୍ତ ହୋଇଯିବ ମାତ୍ର ସୁମନ୍ତ, କ୍ଷମା କରନ୍ତୁ; କିନ୍ତୁ ଜ୍ଞାନ ସର୍ବଦା ଯୋଗ୍ୟତା ନୁହେ ବୃଦ୍ଧଦେବ କଣ ଜ୍ଞାନୀ ନ ଥିଲେ ! ରାଜ୍ୟ ଶାସନରେ ନିଜର ଅଯୋଗ୍ୟତା ବୁଝି ପାରି ନିଜେ ବନକୁ ଚାଲିଗଲେ । ଜ୍ଞାନର କ୍ଷେତ୍ର ବିଦ୍ୟାଳୟରେ । ଜ୍ଞାନ ଅଧ୍ୟାପକର ଅଳଙ୍କାର ହୋଇ ପାରେ, ରାଜାର କଦାପି ନୁହେ । ନା, ଅସମ୍ଭବ । ସୁମନ୍ତ ରାଜା ହେବ ଅସମ୍ଭବ ଅସମ୍ଭବ । କାଞ୍ଚୀର ରାଜା କଟକବରେଶ୍ୱର

( ପଟ କ୍ଷେପଣ )

—— —— —— ——

## —ତୃତୀୟ ଦୃଶ୍ୟ—

ସ୍ଥାନ—କାଠଯୋଡ଼ୀ ନଦୀକୂଳ

[ ରାଜା ପୁରୁଷୋତ୍ତମଙ୍କର ପ୍ରବେଶ ]

ରାଜା—କାଞ୍ଚୀର ସମସ୍ତ ମରୁଦେଶରେ ଏକମାତ୍ର କୁସୁମ ଉଦ୍ଭାବଣ । ଦେଖି ନାହିଁ । ସେ କ୍ଷଣିକର ଦେଖା ଦେଖା ନୁହେ । ଚକ୍ଷୁର ଏକ ପଲକରେ ଦେଖିଛି ମାତ୍ର । ସେତେବେଳେ ଆଖି ବୁଜି ହୋଇଗଲା । ପୁଣି ଅନାଇଲା ବେଳକୁ ଆଉ ନାହିଁ । ଉଃ, ରଣଭୂମିର ସେ ଭୀଷଣତା, ସେ ବିକଟ ଶ୍ମଶାନ, ଚତୁର୍ଦ୍ଦିଗରେ ଯେ ମୁମୂର୍ଷୁ ବାଣୀ ! ମନେ ଅଛି ସେ ବୃକ୍ଷମୂଳ । ସେତେବେଳେ କି କଷ୍ଟ, କି ଦାରୁଣ ଯନ୍ତ୍ରଣା, ଧମନୀରେ କି ଅବଶତା, ଅସ୍ଥିଖଣ୍ଡରେ କି ଦୁର୍ବଳତା ! ପୁଣି କି ଘୋର ପିପାସା ଜୀବନର ଶେଷମୁହୂର୍ତ୍ତକୁ ଆନ୍ଦୋଳିତ କରୁଥିଲା । ପ୍ରାଣର ପ୍ରିୟ ସୈନିକବର ବୃଦ୍ଧ ବିଶ୍ୱନାଥ ନିକଟରେ ମୃତ୍ୟୁଶଯ୍ୟାରେ ସେତେବେଳେ କିଏ ଆସି ମୁଖରେ ଜଳ ଢାଳି ଦେଇଗଲା ? ସ୍ୱର୍ଗର ଦେବୀ, ଶୂନ୍ୟର ଅପ୍ସରା, କିଏ ସେ ? ଦେଖି ନାହିଁ । ଚକ୍ଷୁ ଅର୍ଦ୍ଧମୁଦ୍ରିତ ରଥାପି, ନା, ଦେଖିଛି । ଚପଳା ନିମିଷକ ପାଇଁ ଜଗତକୁ ଆଲୋକିତ କରି ପୁଣି କି ଚଞ୍ଚଳ ଆକାଶ ମଧ୍ୟରେ ଲୁଚିଯାଏ !

ସେ ଲୁଚିଯାଏ ସତ୍ୟ, ତାର ସେ ଅତୁଳ ପ୍ରଭା ନୟନେ ନୟନେ ରହିଯାଏ । କୋକିଳର ସଙ୍ଗୀତ, କ୍ଷଣସ୍ଥାୟୀ, କ୍ଷଣକର ସେ ନିସ୍ୱନ; କିନ୍ତୁ ହୃଦୟତନ୍ତ୍ରୀରେ ଆଜୀବନ ନୂତନ ନୂତନ ଲହରୀମାନ ଖେଳାଉଥାଏ; ଦେଖିଛୁ । ଦେଖିଲାବେଳୁଁ ସେ ଅପୂର୍ବ ସମ୍ପଦ ଆଖିରେ ଲଗି ରହିଛି । ପ୍ରାଣରେ କି ବିଚିତ୍ର ତରଙ୍ଗମାଳା ଖେଳୁଅଛି । ଆହା, ପଦ୍ମାବତୀ, ତୁମେ କେଉଁକାନନର କୁସୁମ କେଉଁ ଗଗନର ଚନ୍ଦ୍ରମା ତୁମେ, କେଉଁ ମେଘମାଳାର ବିଦ୍ୟୁତ୍ ! ସେ ଦିନ ଭୀଷଣ ବୃଷ୍ଟି, ତୋଫାନର ସେ ବିକଟ ଅନ୍ଧକାର ମଧ୍ୟରେ ନିମିଷେ ମାତ୍ର କମ୍ପି ଉଠିଲ, ବିଦ୍ୟୁତ୍ ପରି ପୁଣି କୁଆଡ଼େ ଲୁଚିଗଲ; କିନ୍ତୁ ଏବେ ପ୍ରତି ମୁହୂର୍ତ୍ତରେ ଆସି, ମୋର ଶୟନ ନାହିଁ, ଜାଗରଣ ନାହିଁ, କର୍ମ ନାହିଁ, ଅବସର ନାହିଁ—ସବୁ-ବେଳେ ଚକ୍ଷୁର ପ୍ରତି ପଲକରେ' ହୃଦୟର ପ୍ରତି କମ୍ପନରେ' ନାଡ଼ିକାର ପ୍ରତ୍ୟେକ ସ୍ପନ୍ଦନରେ ଆସି ଥରେ ଥରେ ମୋର ଜୀବନ ସମ୍ମୁଖରେ ନାଚି ଯାଉଅଛ । ଆଃ କାହିଁକି ସେ ଦେଖା ଦେଲ ପଦ୍ମାବତୀ ? କି ଦୟା' ହୃଦୟର କି ଅପୂର୍ବ କରୁଣା' ସ୍ନେହର ସେ କି ବିଚିତ୍ର ପ୍ରବାହ' ମହତ୍ତ୍ୱର କି ପୂର୍ଣ୍ଣ ଉଚ୍ଛ୍ୱାସ ! କିଏ ତୁମେ' ପଦ୍ମାବତି ? ସତ୍ୟ' ନା ସ୍ୱପ୍ନ ? ଏହି ପାର୍ଥିବ ଜଗତର ସ୍ୱର୍ଗ-ସୁଲଭ ନିଧି' ନା ସ୍ୱପ୍ନରାଜ୍ୟର କାମୋଦ୍ଦୀପନ ଛାୟା କେହି ? କିଏ ତୁମେ ? ରଜନୀର ଘୋର ଅନ୍ଧକାର ମଧ୍ୟରୁ ଉଷାର ଜ୍ୟୋତିର୍ମୟ ତପନର ଜନ୍ମ । ଆଉ ପଙ୍କରୁ ଜନ୍ମେ ପଦ୍ମ । ସେହିପରି କାଞ୍ଚୀର ସେ ତମସାଚ୍ଛନ୍ନ ଅରଣ୍ୟରୁ' ରାଜଭବନର ସେହି ଦାରୁଣ କାଳିମା ମଧ୍ୟରୁ ଜନ୍ମିଅଛ ତୁମେ ପ୍ରାଣର ଦୁର୍ଲ୍ଲଭ ପରଶମଣି ସରଗ ସମ୍ପଦ, ସ୍ୱପ୍ନପ୍ରତିମା, ପଦ୍ମାବତି । ପଦ୍ମାବତୀ' ଚାଲିଗଲ ବିଦ୍ୟୁତ୍‌ପରି ନିମିଷ ମାତ୍ରକେ ନିଭିଗଲ ଶରତର ଚନ୍ଦ୍ରମା ତୁମେ ପଲକ ମଧ୍ୟରେ ମେଘମାଳାର ଅନ୍ତରାଳରେ କାହିଁ ଲୁଚିଗଲ ? ଯାଅ' ! ଦେଖିଛୁ ଚକ୍ଷୁର ପଲକରେ ସେତେବେଳେ ଦେଖିଛୁ । ଏବେ ପ୍ରତି ପଲକରେ ତୁମେ । ଏକା ପଦ୍ମାବତୀ ଦେଖିଥିଲି,

ଏବେ ଶତ ପଦ୍ମାବତୀ ଦେଖୁଅଛୁ । ଜଗତ୍ ପଦ୍ମାବତୀମୟ ପଦ୍ମାବତୀ !

[ ବାସନ୍ତୀ ଓ ପ୍ରହରୀର ପ୍ରବେଶ ]

ବାସନ୍ତୀ—ଭାଇ !

ରାଜା—ବାସନ୍ତୀ ଫେରି ଆସିଲୁ ?

ପ୍ରହରୀ—ମଣିମା ଜେମାଙ୍କର ଟିକିଏ ହେଲେ ବଗୁର ନାହିଁ ।

ବାସନ୍ତୀ—ଭାଇ ନଈର ପାଣି ବେଶ୍ ସଫା ଦିଶୁଛି । ତେବେ ଶୀତ କାଳରେ ଆହୁରି ସଫା ହୁଏ ।

ରାଜା—ବସନ୍ତ କାଳରେ ତାଠାରୁ ଆହୁରି ମଧ୍ୟ ହୁଏ ବାସନ୍ତି !

ପ୍ରହରୀ—ମଣିମା ଜେମା ବଡ଼ ଅବଗୁର ପଣ କରୁଛନ୍ତି ।

ବାସନ୍ତୀ—ଭାଇ ନଈରେ ବାଲି ବେଶି ହୋଇଗଲେ, ପାଣି ଊଣା ହୋଇଯାଏ ନା ?

ରାଜା—ହାଃ ହାଃ, ନା ପାଣି ଊଣା ହୋଇଗଲେ ବାଲି ବେଶି ହୋଇଯାଏ ।

ପ୍ରହରୀ—ମଣିମା ଜେମା ଆଜ ନଈରେ ବୁଡି ଯାଇଥାନ୍ତେ ।

ବାସନ୍ତୀ—ଭାଇ କାଠଯୋଡ଼ି ବଡ଼ ନା ମହାନଦୀ ବଡ଼ ?

ରାଜା—କଣ ପ୍ରହରି ?

ପ୍ରହରୀ—ମଣିମା ଜେମା ଆଜି ନଈରେ ବୁଡ଼ି ଯାଇଥାନ୍ତେ

ବାସନ୍ତୀ—ନା ଭାଇ !

ପ୍ରହରୀ—ମଣିମା ଗୋଟେ ଭଙ୍ଗା ନାଆରେ ବସି ନଈ ଭିତରକୁ ବାହାରି ଗଲେ ।

ବାସନ୍ତୀ—ତୁମେ ତ ମଧ୍ୟ ଯାଇଥିଲ, ପ୍ରହରି !

ରାଜା—କଣ ହେଲା ?

ପ୍ରହରୀ—ନାଆଟା ମଝିରେ ବୁଡ଼ି ଯାଇଥାନ୍ତା, ପାଣି ପଶି ଟଳମଳ ହେଲା ।

ରାଜା—ଦେଖ, ତୁ ବଡ ଦୁଷ୍ଟ ହୋଇଗଲୁଣି, ବାସନ୍ତି ! ଏପରି ଆଉ କରିବୁ ନାହିଁ । ଏବେ ଚାଲ୍, ଘରକୁ ଚାଲ । ( ସମସ୍ତଙ୍କ ପ୍ରସ୍ଥାନ )

## —ଚତୁର୍ଥ ଦୃଶ୍ୟ—

ସ୍ଥାନ—ଓଡ଼ିଶା ରାଜାଙ୍କ ପ୍ରାସାଦ

( ରାଜା ପୁରୁଷୋତ୍ତମ ଦେବ, ସେନାପତି ଓ ଅର୍ଜ୍ଜୁନ ସିଂହ ଦଣ୍ଡାୟମାନ )

ରାଜା—ତୁମ୍ଭର ଅନୁମାନ ଠିକ୍, ସେନାପତି !

ସେନା—ବର୍ତ୍ତମାନ କଣ କରିବାକୁ ହେବ, ଆଦେଶ ଦିଅନ୍ତୁ, ମହାରାଜ !

ରାଜା—ଆଦେଶ, ସେନାପତି ! ତୁମ୍ଭର ଯାହା ଇଚ୍ଛା କର !

ସେନା—ମହାରାଜ, ଏଥର ବିକ୍ରମ ଦେବଙ୍କୁ ଏପରି ନିରସ୍ତ୍ର କରିବାକୁ ହେବ ଯେ, ଭବିଷ୍ୟତରେ ସେ ଯେପରି ଆଉ ଥରେ ବିଦ୍ରୋହର ଚିନ୍ତା ସୁଦ୍ଧା ନ କରନ୍ତି ।

ରାଜା—ତା ନିଶ୍ଚୟ, ସେନାପତି ! ଦୟାର ପରିମାଣ ଅଛି । କ୍ଷମାର ଗୋଟିଏ ସୀମାଅଛି । ବାରମ୍ବାର ବିଦ୍ରୋହ । ଦକ୍ଷିଣ ପ୍ରଦେଶ ଏଥିରେ ଛାରଖାର ହୋଇଗଲା । ବିଦ୍ରୋହ ଚିରକାଳପାଇଁ ଦମନ ନ କଲେ ରାଜ୍ୟ ପ୍ରତି କର୍ତ୍ତବ୍ୟରେ ତ୍ରୁଟି ଘଟିବ, ସେନାପତି ! ଆଜି ଯଦି ବିକ୍ରମଦେବ ଓଡ଼ିଶାର ରାଜା ହୋଇଥାନ୍ତେ, ଆଉ ମୁଁ ଏପରି ବାରମ୍ବାର ବିଦ୍ରୋହରେ ଦେଶ ଛାରଖାର କରୁଥାନ୍ତି—ବିକ୍ରମଙ୍କର କର୍ତ୍ତବ୍ୟ ହୁଅନ୍ତା ସର୍ବପ୍ରଥମେ ମୋ ବିପକ୍ଷରେ ଅସ୍ତ୍ର ଧାରଣ କରିବା । ଏହା ରାଜାର କାର୍ଯ୍ୟ, ତୁମ୍ଭର ମତ କଣ, ସେନାପତି ? ନୁହେ ?

ସେନା—ନିଶ୍ଚୟ, ମହାରାଜ !

ରାଜା—ନିଶ୍ଚୟ, ତେବେ ପୁନଶ୍ଚ ଯୁଦ୍ଧର ଆୟୋଜନ ।

ସେନା—ଆୟୋଜନ ସମସ୍ତ ଠିକ୍, ମହାରାଜ !

ଅର୍ଜ୍ଜୁନ—ସୈନ୍ୟ ମଧ୍ୟ ସଜ୍ଜିତ ।

ରାଜା—କିନ୍ତୁ ଅର୍ଜ୍ଜୁନ ସିଂହ, ତୁମ୍ଭର ଏ ବୃଦ୍ଧ ବୟସରେ ଯୁଦ୍ଧ ଏଣିକି ଅସହ୍ୟ ହୋଇ ପଡ଼ିବ । ବିଶେଷ କଷ୍ଟ ହେବ ।

ଅର୍ଜ୍ଜୁନ—କଷ୍ଟ ମହାରାଜ ! ଅର୍ଜ୍ଜୁନ ସିଂହର କଷ୍ଟ ନାହିଁ । ଯୁଦ୍ଧ ତାହାର ଦୈନନ୍ଦିନ କର୍ମ । ଆହାର ନିଦ୍ରା ଯେପରି, ଯୁଦ୍ଧ ସେହିପରି । ଦିନେ ଉପବାସ କଲେ ଅର୍ଜ୍ଜୁନ ସିଂହର ଯେ ଯନ୍ତ୍ରଣା ହୁଏନାହିଁ, ଯାହା ଅସ୍ତ୍ର ଗୁଞ୍ଜନାରୁ ବିରତ ହେଲେ ତାହାର ଶରୀର ଖଣ୍ଡରେ

ଘୋଟିଯାଏ; ମନରେ ଦାରୁଣ ଅତୃପ୍ତି ଘଟାଏ । କଷ୍ଟ ନୁହେଁ, ମହାରାଜ ! ମୁଁ ଏ ଯୁଦ୍ଧକୁ ଯିବ । ଜୀବନର ସମସ୍ତ ଧାନଶକ୍ତି ଓଡ଼ିଶାର ମଙ୍ଗଳ ନିମନ୍ତେ ଉତ୍ସର୍ଗ କରିଅଛୁ । ଏ ପ୍ରାଣ ଏବେ ମୋର ନୁହେଁ, ମହାରାଜ ! ଏ ମହାରାଜାଙ୍କ ପ୍ରାଣ, ଦେଶବାସୀଙ୍କର ପ୍ରାପ୍ୟ । ମୋର ଅଧିକାର ନାହିଁ, ଗୃହ କୋଣରେ ବସି ପୁତ୍ର କନ୍ୟାଙ୍କ ମଧୁର ବାଣୀ, କୋମଳ ଆଦର ମଧ୍ୟରେ କାଳାତିପାତ କରିବା ଲାଗି । ଯୁଦ୍ଧକୁ ଯିବ, ଜୀବନର ଶେଷ ରକ୍ତବିନ୍ଦୁଟି ମୋର ଯୁଦ୍ଧଭୂମିରେ ଢାଳିଦେବ—ଅନ୍ତିମ ନିଃଶ୍ୱାସ ଧାରଟି ଯୁଦ୍ଧକ୍ଷେତ୍ରର ଉତ୍ତପ୍ତ ବାୟୁମଣ୍ଡଳରେ ମିଶାଇଦେବ । ଅର୍ଜ୍ଜୁନ ସିଂହର ମରଣ ସ୍ଥାନ ନୀରବ ନିସ୍ତବ୍ଧ ନିଷ୍କଣ୍ଟକ ଗୃହର ପ୍ରାଙ୍ଗଣ ନୁହେ । ଇହକାଳ ପ୍ରାୟ ଶେଷ କରିଅଛୁ । ପରକାଳ ଆରମ୍ଭ କରିବ, ସମରକ୍ଷେତ୍ରର ଉନ୍ମୁକ୍ତ ଶବରାଶି ମଧ୍ୟରେ ମୁମୂର୍ଷୁ କଣ୍ଠର ଆର୍ତ୍ତନାଦମିଶ୍ରିତ ରଣବାଦ୍ୟର ଧ୍ୱନିମୟ ଆକର୍ଷଣ ସମକ୍ଷରେ । ମୁଁ ଯୁଦ୍ଧକୁ ଯିବ ମହାରାଜ !

ରାଜା— ତୁମେ ଯିବ, ଅର୍ଜ୍ଜୁନ ସିଂହ ?

ଅର୍ଜ୍ଜୁନ— ଯିବ, ମହାରାଜ ! ସେନାପତି ରାଜଧାନୀରେ ରହନ୍ତୁ । ଗଜପତିଙ୍କର ଏ ଯୁଦ୍ଧରେ ଏହି ତରବାରିଟି ମୋର ଶେଷ ବାର ଗର୍ଜ୍ଜନା କରି ଆସେ ।

ରାଜା—ଅଚ୍ଛା ଯାଅ, ଅର୍ଜ୍ଜୁନ ସିଂହ !

ସେନା—ଯାଅ, ଅର୍ଜ୍ଜୁନ ସିଂହ ! ତୁମ୍ଭେ ଯୁଦ୍ଧଭୂମିରେ ଉପସ୍ଥିତ ଥିଲେ, ବିଜୟ ନିଶ୍ଚିତ । ଯାଅ, ଶୀଘ୍ର ପ୍ରସ୍ତୁତ ହୋଇ ଆସ ।

ଅର୍ଜ୍ଜୁନ—ବିଦାୟ ନେଉଛୁ ତେବେ, ସେନାପତି ମହାଶୟ ! ଯୁଦ୍ଧଭୂମିରୁ ଫେରିଲେ ଆଉ ଥରେ ଜୀବନର ଅନ୍ତିମ ବିଦାୟ ଘେନି ଯିବ, ନଚେତ୍ ଏଇ ଶେଷ ବିଦାୟ ନେଉଛୁ । ( ପ୍ରସ୍ଥାନ )

ସେନା—ଜୀବନରେ ବହୁବାର ସାକ୍ଷାତ୍ ହେବ, ଅର୍ଜ୍ଜୁନ ସିଂହ ! ଏ ଶେଷ ଦେଖା ନୁହେ । ମହାରାଜ, ଏ ଯୁଦ୍ଧ ବଡ଼ ବେଶି ଏକ ଦିନରୁ ଅଧିକ ନୁହେଁ ।

ରାଜା—ସମ୍ଭବତଃ ନୁହେ ସେନାପତି !

ନେପଥ୍ୟେ—ଭାଇ !

ସେନା—କପିଳେନ୍ଦ୍ର ଦେବଙ୍କ ସୈନ୍ୟ ତିରିଶ ସହସ୍ର ।

ରାଜା—ଖୁବ୍ ବେଶି ଧର ଚାଳିଶ ବା ପଚାଶ । ତହିଁରୁ ତ ଅଧିକ ନୁହେ ।

( ବାସନ୍ତୀର ପ୍ରବେଶ )

କିଏ ବାସନ୍ତି ! ଏତେବେଳେ କୁଆଡ଼େ ମା ? ତୋର ଏ ବେଶ କାହିଁକି, ବାସନ୍ତି ?

ବାସନ୍ତୀ—ମୁଁ ଯୁଦ୍ଧକୁ ଯିବି ଭାଇ !

ରାଜା—ଯୁଦ୍ଧକୁ ?

ବାସନ୍ତୀ—ହଁ ଯୁଦ୍ଧକୁ ।

ରାଜା—କି ଯୁଦ୍ଧକୁ, ବାସନ୍ତି ?

ବାସନ୍ତୀ—ଦାକ୍ଷିଣାତ୍ୟରେ ଯେଉଁ ଯୁଦ୍ଧକୁ ତୁମେ ଯାଉଛ ।

ରାଜା—ଏ ଅଭିଳାଷ କାହିଁକି ବାସନ୍ତି !

ବାସନ୍ତୀ—ନା, ମୁଁ ନିଶ୍ଚୟ ଯିବି ଭାଇ !

ରାଜା—ବାସନ୍ତି, ଯୁଦ୍ଧଭୂମିରେ କି କଷ୍ଟ, ଜାଣୁ ?

ବାସନ୍ତୀ—ହଁ, ଜାଣେ ।

ରାଜା—ସହି ପାରିବୁ ସେ କଷ୍ଟ ?

ବାସନ୍ତୀ—ପାରିବି ।

ରାଜା—ନା ବାସନ୍ତି, ପାରିବୁ ନାହିଁ ।

ବାସନ୍ତୀ—ହଁ, ପାରିବି, ଭାଇ !

ରାଜା—ସେଥର ଯାଇଥିଲୁ, ମା, କେତେ କଷ୍ଟ । ଖାଇବାର ନାହିଁ, ପିଇବାର ନାହିଁ, ବସିବାର ଆସନ ନାହିଁ, ଶୋଇବାର ସ୍ଥାନ ନାହିଁ, ବଡ଼ କଷ୍ଟ । ନା, ତୋର ଯିବା ଦରକାର ନାହିଁ, ବାସନ୍ତି !

ବାସନ୍ତୀ—ନା' ମୁଁ ଯିବି ।

ରାଜା—ମା'ଙ୍କୁ ପଚାରିଥିଲୁ ?

ବାସନ୍ତୀ—ମା ଅନୁମତି ଦେଇଛନ୍ତି; ଭାଇ, ଯିବି ।

ରାଜା—ତେବେ ଯିବୁ ନିଶ୍ଚୟ ; ବାସନ୍ତି ?

ବାସନ୍ତୀ—ହଁ ଯିବ ।

ରାଜା—ପ୍ରସ୍ତୁତ ହୁଅ ତେବେ ।

ବାସନ୍ତୀ—ମୋର ବିଳମ୍ବ ନାହିଁ, ବାପା, ମୁଁ ଏହିକ୍ଷଣି ଆସିବି

(ପ୍ରସ୍ଥାନ)

ସେନା—ବାଳିକାର ଏ କି ତେଜ, ମହାରାଜ ! ପ୍ରଭାତର ତପନ ପରି, ଅନ୍ଧକାର ରଜନୀର ତଡ଼ିତ୍ ସମାନ କି ଏକ ଅପୂର୍ବ ଆଭା ବାଳିକାର ମୁଖମଣ୍ଡଳରେ ଖେଳିଗଲା ।

ରାଜା—ବଡ଼ ତେଜ, ସେନାପତି ! ଚକ୍ଷୁର କୋଣରୁ ଯେପରି ଏକ ବହ୍ନିଶିଖା, କଣ୍ଠରେ ଯେପରି ସିଂହର ଗର୍ଜନ, ବାକ୍ୟରେ ଯେପରି କି ମହତ୍ ଉଦାରତା । ଏ କଣ, ସେନାପତି ? ଓଃ କି ତେଜ ! ବହୁଦିନ ବାସନ୍ତୀକୁ ଦେଖିଅଛି; କିନ୍ତୁ ତାର ଉନ୍ମତ ସୌନ୍ଦର୍ଯ୍ୟ ଆଜି ପ୍ରଥମ । ଓଃ କି ସେ ତେଜ ! ମୁଁ ତା ସଙ୍ଗରେ କଥା କହୁଥିଲି, ତା ପ୍ରଶ୍ନର ଉତ୍ତର ଦେଉଥିଲି, କିନ୍ତୁ ପ୍ରତିକ୍ଷଣରେ କି ଏକ ବିରାଟ ପରାଜୟ ଘଟୁଥିବାର ଭାବନା, କି ଏକ ଦୁର୍ବଳତା ପ୍ରାଣରେ ଅନୁଭବ କରୁଥାଏ ! ତାକୁ ଯୁଦ୍ଧଭୂମିକୁ ନେବା ମୋର ଇଚ୍ଛା ନ ଥିଲା; କିନ୍ତୁ ବାରଣ କରି ପାରିଲି ନାହିଁ । ତାର ଚକ୍ଷୁର ଜ୍ୱଳନ୍ତ ଦୃଷ୍ଟିରେ ମୋର ଇଚ୍ଛା ଯେପରି ଜଳିଗଲା । ତାର କଣ୍ଠର ସରଳ ନିର୍ଘୋଷରେ ମୋର କଣ୍ଠ କିପରି ରୁଦ୍ଧ ହୋଇ ଆସିଲା । ଓଃ, କି ତେଜ, କି ତେଜ, ସେନାପତି, କି ସେ ତେଜ !

ସେନା—ଅପୂର୍ବ ତେଜ, ମହାରାଜ ! ବାଳିକା ଯୁଦ୍ଧଭୂମିକୁ ଯାଉ ।

ରାଜା—ତାର ଇଚ୍ଛା ଯିବ, ସେ ଇଚ୍ଛା ଅନିବାର୍ଯ୍ୟ । ଓଃ କି ତେଜ ! କି ତେଜ, ସେନାପତି !

(ସୈନିକର ପ୍ରବେଶ)

ସୈନିକ—ମହାରାଜ, ସମ୍ବାଦ ଆସିଅଛି—ବିକ୍ରମ ଦେବ ଅଠର ଖଣ୍ଡ ଗ୍ରାମ ପୋଡ଼ି ଦେଇଅଛନ୍ତି ।

ରାଜା—ଅଠର ଖଣ୍ଡ ଗ୍ରାମ ପୋଡ଼ି ଦେଇଅଛନ୍ତି ?

ସୈନିକ—ଆଜ୍ଞା, ତାଙ୍କର ସୈନ୍ୟମାନେ ସମସ୍ତ ଗ୍ରାମ ନଗର ଲୁଣ୍ଠନ କରୁଅଛନ୍ତି ।

ରାଜା—ବିକ୍ରମ, କି ନିମନ୍ତେ ତୁମ୍ଭର ଏ ଅତ୍ୟାଚାର ? ମୁଁ ତୁମ୍ଭର ଶତ୍ରୁ ହୋଇ ପାରେ, ଦରିଦ୍ର ପ୍ରଜାଗଣ ନୁହନ୍ତି । ଜାଣ ନିଶ୍ଚୟ, ବିକ୍ରମ ଦେବ, ଯେ ବହ୍ନିରେ ତୁମ୍ଭେ ଦୁଃଖୀର କୁଟୀରମାନ ଏତେ ନିର୍ଦ୍ଦୟ ନିଃଶଙ୍କ ପ୍ରାଣରେ ଜାଳି ଦେଉଅଛ, ସେହି ବହ୍ନିଶିଖା ତୁମ୍ଭର ଏ ବିଦ୍ରୋହ ଚିରକାଳପାଇଁ ଭସ୍ମୀଭୂତ କରିବ । ଆଉ ସହି ହେଉ ନାହିଁ ସେନାପତି !

ସେନା—ବିକ୍ରମ ଦେବ, ଜାଣି ରଖ, ଏଇ ତୁମ୍ଭର ଶେଷ ବିଦ୍ରୋହ । ଏଇ ସର୍ବନାଶ । (ପଟକ୍ଷେପଣ)

---

## —ପଞ୍ଚମ ଦୃଶ୍ୟ—

ସ୍ଥାନ—କାଞ୍ଚୀ ରାଜପ୍ରାସାଦ

(ପଦ୍ମାବତୀଙ୍କର ଏକାକୀ ପ୍ରବେଶ । ପଛରେ କନକ ଅଜ୍ଞାତ ଭାବରେ )

ପଦ୍ମ—

କିପାଇଁ ହେ ବନ୍ଧୁବର, ନିଦୟା କର ?
ସ୍ମୃତିପଟୁ ପୋଛି ଦେଇ ମନରୁ କରୁଛ ଦୂର । ଘୋଷା ।
ବସେ ମୁଁ ନିରତେ ରହିଁ ତବ ଆସିବାର ପାଇଁ
ନ ଆସିଲ ଦ୍ୱାରେ ବନ୍ଧୁ, ବିଫଳ ମୋ ବସିବାର ॥
ନିଶୀଥେ ନୀରବେ ରହି ଥାଏ ଗଗନେ ଅନାଇଁ,
ଯାଆନ୍ତି ନିମିଷେ ଲୁଚି ତାରା ବଧୂ ଗଗନର ॥
ପିକ ବସି ଚୂତଡ଼ାଳେ ମଧୁର ଲହରୀ ଢାଳେ,
ଡେରିଲେ ଶ୍ରବଣ ମୁହିଁ ଦୂରୁ ସେ ହୁଅଇ ଦୂର ॥
ବନେ ଉପବନେ ନିତି ଗାଏ ମୋ ପରାଣ ଗୀତି,
ସମୀରେ ଭାସି ବା କାହିଁ ଯାଏ, ଏ ଧିଆନ ମୋର ॥
ହିଅ ବନ୍ଧୁ ଦୂର କରି, ସ୍ମୃତିଟିକ ଯିବ ଧରି,
ବାହାରକ ଜୀବନେ ଯେବେ ହେଲା ନାହିଁ ଭେଟିବାର ॥

କନକ—ବେଶ୍ ଗୀତ । କୁଆଡ଼େ ଯିବୁ, ପଦ୍ମ ?

ପଦ୍ମ—କନକ, ତୁ ମୋ ସାଙ୍ଗେ ସାଙ୍ଗେ ଆସିଛୁ ପରା ?

କନକ—ଆଉ ନଇଲେ ତୁ ନିଜେ ଗାଇ ନିଜେ ଶୁଣନ୍ତୁ ନା କଣ ? ବେଶ୍ ତ !

ପଦ୍ମ—ନିଜେ ଗାଇ ନିଜେ ଶୁଣିବା ତ ଏ ସଂସାର । ଆଉ କଏ ଅଛି ?

କନକ—କାହିଁକି ? ଏଇ ଯେ ମୁଁ ଶୁଣିଲି । ମୁଁ ଅଛି । ନା, ନାହିଁ କରିବୁ

ପଦ୍ମ—କଣ ଶୁଣିଲୁ, କନକ ? ଗୀତ ? ଏକଥା ତ ଆଜ ନୂଆ ନୁହେଁ ।

କନକ—ଗୀତ ଶୁଣିବା ନୂଆ ନୁହେଁ । ତେବେ ଆଜକାଲି ତୋର ଏକ ଅପୂର୍ବ ପରିବର୍ତ୍ତନ ଦେଖୁଛି,ପଦ୍ମ ! ସେଇଟା ତ ନୂଆ ।

ପଦ୍ମ—ମୋର ପରିବର୍ତ୍ତନ ?

କନକ—ହଁ, ସେ ସୀମାନ୍ତ ପ୍ରଦେଶରୁ ଫେରିଲା ଦିନରୁ ତୋର ଯେ ଏକ ବିଶେଷ ପରିବର୍ତ୍ତନ ।

ପଦ୍ମ—ତା ନିଶ୍ଚୟ । ପରିବର୍ତ୍ତନ ସବୁବେଳେ ଲାଗିଛି, କନକ ! ପ୍ରତି କ୍ଷଣରେ ପରିବର୍ତ୍ତନ । ଏଇ ତୁ ଆସିଲା ବେଳକୁ ବର୍ତ୍ତମାନ ପରିବର୍ତ୍ତନ ।

କନକ—ନା, ପଦ୍ମ ! ସେ ପରିବର୍ତ୍ତନ ନୁହେଁ; ବିଶେଷ କିଛି ! କହ ଦେଖି ସତ କଥା । ତୋର ସେପରି କିଛି ହୋଇ ନାହିଁ ?

ପଦ୍ମ—କିପରି, କନକ ?

କନକ—କିପରି ? ଦେଖ, ତୋର ଏକାକୀ ରହିବାର ଇଚ୍ଛା, ନିର୍ଜନତାକୁ ସୁଖକର ମଣିବା, ଏକୁଟିଆ ଏପରି ଅବୋଧ ସଙ୍ଗୀତ ଗାଇ ବୁଲିବା, ମଧ୍ୟେ ମଧ୍ୟେ ଦୀର୍ଘଶ୍ୱାସ—ଯେପରି କି ଶକୁନ୍ତଳା ଦୁଷ୍ମନ୍ତଙ୍କ ରାଜଭବନରୁ ଫେରି ଆସୁଛନ୍ତି; ଦୀର୍ଘଦୃଷ୍ଟି ଅର୍ଥାତ୍ ଯେଉଁ ଆଡ଼କୁ ଚାହିଁଥିବୁ ତା ବହୁକ୍ଷଣ ପର୍ଯ୍ୟନ୍ତ; ପୁଣି ସଂଯତ ବାକ୍ୟ, ଆବଦ୍ଧ ହାସ୍ୟ, ଚକିତ ଗତି, ରାତିରେ ନିଦ୍ରାର ଅଭାବ, ଦିବସରେ କର୍ମରେ ଆଳସ୍ୟ, ସବୁବେଳେ ଅନ୍ୟମନସ୍କତା —ଯେପରି ଆଉ ଗୋଟାଏ ଗୁରୁଚିନ୍ତା କଣ ପ୍ରାଣରେ ପୂରି

ରହିଛି; ନୁହେଁ ପଦ୍ମ ? ଏଇ ସବୁ ପରିବର୍ତ୍ତନ ତୋର ହୋଇ ନାହିଁ ? କହ ଦେଖି ସତ କଥା ?

ପଦ୍ମ—ହୋଇପାରେ, କନକ ! ଆଉ କାହାର କଣ ହୁଏ ନାହିଁ ?

କନକ—ହୁଏ ।

ପଦ୍ମ—ତେବେ ?

କନକ—ଯାହାର ହୁଏ, ଲୋକେ କହନ୍ତି, ତାର ପରିବର୍ତ୍ତନ ହୋଇଛି ।

ପଦ୍ମ—ନା, କନକ !

କନକ—ନା, କହ ଦେଖି ସେଇ ଯେ ଯୁବକଟି ସେଦିନ ଯୁଦ୍ଧ-କ୍ଷେତ୍ରରେ ଦେଖିଥିଲେ—

ପଦ୍ମ—ଆହା ଯୁବକଙ୍କର କି କଷ୍ଟ, କନକ, କି ଯନ୍ତ୍ରଣା !

କନକ—ଯନ୍ତ୍ରଣା ଯୁବକଙ୍କର ନୁହେଁ, ପଦ୍ମ; ଯନ୍ତ୍ରଣା ଏବେ ପଦ୍ମର ।

ପଦ୍ମ—ତା ସତ, କନକ, ପରର ଦୁଃଖରେ ଦୁଃଖ ହେବ ନାହିଁ ?

କନକ—ପର ! ସେ ତ ନିଜର ଦୁଃଖରେ ଦୁଃଖୀ ପଦ୍ମ ! ପର କିଏ ?

ପଦ୍ମ—ବୁଝିଲି ନାହିଁ କନକ !

କନକ—ବୁଝିବୁ କାହିଁକି ? କି ପରିବର୍ତ୍ତନ ! ଦୁଇ କ୍ଷଣରେ ଏତେ !

ପଦ୍ମ—ଜୀବନଟା ତ କ୍ଷଣେ ମାତ୍ର କନକ !

କନକ—ହଁ ସେଇ କ୍ଷଣକରେ ତ ବର୍ତ୍ତମାନ ପଦ୍ମାବତୀର ଜୀବନ । ମୁଁ ସେଇ କଥା କହୁଛି ପଦ୍ମ ! ତୋର ଏ ଚମକିତ ଗୃହାଣି-ମିଶା ଈଷତ୍ ହାସ୍ୟ ଗଭୀର ଭାବନାଜଡ଼ିତ ଏ ଅଳ୍ପ କଥା—ଏହି ସବୁ ଦେଖିଲେ ମନେ ହୁଏ ଯେପରି ତୋ ପ୍ରାଣରେ କି ଏକ ମଧୁର ନୈରାଶ୍ୟ ଖେଳୁଛି । ନୁହେଁ, ପଦ୍ମ ? ଠିକ୍ କହୁ ନାହିଁ ?

ପଦ୍ମ—ଠିକ୍, କନକ ! ନୈରାଶ୍ୟ ନ ହୋଇ ଆଉ କଣ ହୋଇ ପାରେ ?

କନକ—ନୈରାଶ୍ୟ କାହିଁକି ପଦ୍ମ ! ମନୁଷ୍ୟ ଜୀବନ ଆଶାମୟ ।

ପଦ୍ମ—ଆଶାର କିନ୍ତୁ ଏକ ସୀମା ଅଛି, କନକ, ଯେ ସୀମା ପାର ହେଲେ ତେଣିକି ସବୁ କେବଳ ନୈରାଶ୍ୟ ପରିପୂର୍ଣ୍ଣ ।

କନକ—ପାର ନ ହେଲେ ?

ପଦ୍ମ—ନ ହେବା କି ସବୁବେଳେ ସମ୍ଭବ ?

କନକ—ଅସମ୍ଭବ ନୁହେ ।

ପଦ୍ମ—ତୁ ଜାଣୁ କନକ ଅସମ୍ଭବ ନୁହେ ?

କନକ—କଣ ଅସମ୍ଭବ ନୁହେଁ; କଣ ସେ ପଦ୍ମ ?

ପଦ୍ମ—ତୋର ଏଇ କଥା ଗଲ ନାହିଁ, କନକ ! ସବୁବେଳେ ପରିହାସ !

କନକ—ସବୁବେଳେ ଅର୍ଥ ?

ପଦ୍ମ—କହ, କନକ, ଅସମ୍ଭବ ନୁହେ ?

କନକ—ନୁହେ, ପଦ୍ମ, ଖୁବ୍ ସମ୍ଭବ ।

ପଦ୍ମ—କପରି ?

କନକ—ଯେପରି ଇଚ୍ଛା ।

ପଦ୍ମ—ବଡ଼ ଦୁଃଖ, କନକ, ଏ ବଡ଼ କଷ୍ଟ ।

କନକ—ସଂସାର ଦୁଃଖମୟ, ପଦ୍ମ ! ବନ୍ଧୁର ବିଚ୍ଛେଦରେ ଦୁଃଖ; ଆଶାର ନୈରାଶ୍ୟରେ ଦୁଃଖ; ଆଉ ଦୁଃଖ, ଦୁଃଖରେ, ସୁଖର ଅଭାବ ହେଲେ ଯେ ଦୁଃଖ, ସେଥିରେ ପୁଣି ଘୋର ଦୁଃଖ, ପଦ୍ମ ।

ପଦ୍ମ—ଦୁଃଖ ଦୁଃଖ ନୁହେ, କନକ; ଦୁଃଖ ସଂସାରର ସୁଖ । ଦୁଃଖ ନନ୍ଦନ କାନନର କୁସୁମ, ସ୍ୱର୍ଗର ଅମୃତ, ସାଗରର ଅମୂଲ୍ୟ ମଣି, ଗଗନର ବିମଳ ଶରତ୍ ଚନ୍ଦ୍ରମା । ପିକ ତରୁଡ଼ାଳରେ ବସି ମଧୁର ସଙ୍ଗୀତଧାର ଢାଳିଦିଏ । ସେତେବେଳେ ପ୍ରାଣରେ କି ଅପୂର୍ବ ଆନନ୍ଦ; କିନ୍ତୁ ସେ କ୍ଷଣକର ଆନନ୍ଦ, କନକ, କ୍ଷଣିକ ମଧ୍ୟରେ ପୁଣି କି ଅଜ୍ଞାତ ଦୁଃଖରେ ବିଲୀନ ହୋଇଯାଏ । ତପରେ ପ୍ରାଣ ସେ ସଙ୍ଗୀତଲହରୀ ନିରନ୍ତର ଖୋଜି ବୁଲୁଥାଏ ପ୍ରତି ପଲକରେ ଆଶା, ପ୍ରତି ପଲକରେ ପୁଣି ସମାନ ନୈରାଶ୍ୟ । ସେ କିନ୍ତୁ ଦୁଃଖ ନୁହେ, କନକ ! ସେ ଜୀବନର ନିତ୍ୟ ସୁଖ । ଜଗତର ଅପର ସୁଖ ଯେତେ ତା ନିକଟରେ କି ତୁଚ୍ଛ, କି ହୀନ । ଜାଣୁ ନାହିଁ କନକ, ଦୁଃଖରେ କି ସୁଖ;

ନୈରାଶ୍ୟରେ କି ଆଶା ! ଲତିକାର କୋମଳ କଣ୍ଟକସ୍ତରେ କୁସୁମ କଳିକା ମୋହନମୂର୍ତ୍ତିରେ ବିକଶୁଥାଏ । ମଙ୍ଗଳ ପଡ଼ିଲବେଳେ ଦୁଃଖ କିନ୍ତୁ ତତ୍ପରେ ତା ନିମନ୍ତେ ପ୍ରାଣର ଯେ ଅବିରଳ ଅନ୍ୱେଷଣ, ଅଜ୍ଞାତ ପାଇଁ ଯେ ବିଷମ ଭାବନା, ବିଗତର ଉଦ୍ଦେଶ୍ୟରେ ଜୀବନର ଯେ ଜ୍ୱଳନ୍ତ ଜାଗର—ସେ କି ସୁଖ କନକ ?

କନକ—ତେବେ, ପଦ୍ମ, ତୋର ଏ ଦୁଃଖ କାହିଁକି ?

ପଦ୍ମ—ଦୁଃଖ ନୁହେ, କନକ ! ତୁ ଜାଣୁ ନାହିଁ, ଜୀବନର କି ସୁଖମୟ ଦିବସ ଏଗୁଡ଼ିକ ମୋର ? ମୋର ବିଜନତାରେ ସୁଖ, ମୋର ଅବୋଧ ସଙ୍ଗୀତରେ ସୁଖ । ମୋର ଏ ପ୍ରତି ଦୀର୍ଘଶ୍ୱାସ ସୁଖର ଶୀତଳ ବିନ୍ଦୁରେ ସିକ୍ତ । ମୋର ଏ ଅଶ୍ରୁଧାରା ସୁଖ-ସମ୍ପଦର ବିମଳ ହାସ୍ୟର ପୁଣ୍ୟ ପରିଣତି । ଦୁଃଖ ନାହିଁ, କନକ ! ଆଶା ନିରାଶା ହେଲେ ଯାହା ହୁଏ ସେ ଦୁଃଖ ନୁହେ, ସେ ପୁନରାୟ ନବୀନ ଆଶା । ସେ ନିତ୍ୟ ସୁଖ, କନକ, ଦୁଃଖ ନୁହେ ।

କନକ—ଜାଣୁ, ପଦ୍ମ, ପୁରୁଷୋତ୍ତମ ଦେବ ଯୁଦ୍ଧରେ ଜୟୀ ହୋଇଛନ୍ତି ।

ପଦ୍ମ—ଜାଣେ । କିନ୍ତୁ ଜୟ ପରାଜୟ ମୋ ନିକଟରେ ସମାନ । ପୁରୁଷୋତ୍ତମ ଯଦି ଓଡ଼ିଶାର ରାଜା ନ ହୋଇ ଆଜି ବାଟର ଭିକାରୀ ହୁଅନ୍ତି--ନା, କନକ, ନା, ଆଜି ନୁହେ ଅସମ୍ଭବ, ଅସମ୍ଭବ ଥିଲା, ସବୁ ଅସମ୍ଭବ, କନକ । (ପ୍ରସ୍ଥାନ)

## - ଷଷ୍ଠ ଦୃଶ୍ୟ—

ସ୍ଥାନ—କାଞ୍ଚୀ ରାଜପ୍ରାସାଦର ବହିଃପ୍ରାଙ୍ଗଣ
( ସୁମନ୍ତ ରାୟ ଏକାକୀ ଉପବିଷ୍ଟ )

ସୁମନ୍ତ—ଅଃ, ଏ କି ଅପୂର୍ବ ସୌନ୍ଦର୍ଯ୍ୟ ! ପ୍ରକୃତିର କି ବିଚିତ୍ର ଲୀଳା ! ଦିଚ୍‌ବଳୟର ଦୂର ଅନ୍ତରାଳରୁ ତପନର କରମାଳା ଅବିରତ ଭାସି ଆସୁଅଛି । ତରୁଲତାଙ୍କର ଶ୍ୟାମଳିମାରେ ଗଗନମଣ୍ଡଳର ଏ ପାଟଳ ରକ୍ତିମା ମିଶି କି ମଧୁର ହୋଇଅଛି । ଏ ଯେ ବିଶାଳ ପ୍ରାନ୍ତର, ଦୂର୍ବାଦଳର କୋମଳ ଶ୍ୟାମଳିମାରେ କି· ମନୋହର, କି ମର୍ମସ୍ପର୍ଶୀ । ମଧ୍ୟେ ମଧ୍ୟେ ଗୋଟିଏ ଗୋଟିଏ ନୀରବ ତରୁ ଦଣ୍ଡାୟମାନ । ଯେପରି ପ୍ରତ୍ୟେକ ଜଣେ ଜଣେ ପ୍ରହରୀ—ପ୍ରାନ୍ତରର ଏ ବିମଳ ମାଧୁରୀ ଜଗି ରଖିଛନ୍ତି । ଏହିପରି ସେ ଦିନର ସେ ପ୍ରଭାତ, ସେହି କୃଷ୍ଣାନଦୀତଟ । ନଦୀର ତରଙ୍ଗମାଳା ଖେଳି ଉଠୁଥାଏ । ପ୍ରତ୍ୟେକ ଲହରୀ କ୍ଷଣେକ ନିମନ୍ତେ ଆପଣାର କ୍ଷୁଦ୍ର ଶିରଟି ଉପରକୁ ଟେକି ପୁଣି ସଲିଳରାଶିର ଅନନ୍ତଗର୍ଭରେ କାହିଁ ବିଲୀନ ହୋଇଯାଏ । ଚତୁର୍ଦ୍ଦିଗରେ କାକ କୋକିଳଙ୍କର ମଧୁର ସଙ୍ଗୀତ ସମୀରତରଙ୍ଗରେ ଅନ୍ତରୀକ୍ଷରେ ଭାସି ଉଠୁଥାଏ । ବସନ୍ତର ଅଭିନବ ଆଭରଣ ପିନ୍ଧି ବସୁନ୍ଧରା ବିରାଜମାନ । ଏ ସକଳ ସୌନ୍ଦର୍ଯ୍ୟ ମଧ୍ୟରେ, ବସନ୍ତର ଅମୂଲ୍ୟ ଉପହାରର ସେ ବିଚିତ୍ର ହିଲ୍ଲୋଳରେ, ଆଶାର ସେ ଅଶରୀରୀ ପ୍ରତିମା, ଜୀବନର ଦୁର୍ଲଭ ସମ୍ପଦ ବାସନ୍ତୀ । ଆଃ, ବାଳିକା ମୁଖମଣ୍ଡଳରେ କି ତେଜ, ହୃଦୟରେ କି ଶକ୍ତି, ନୟନର ଚାହାଣୀରେ କି ଅସୀମ ଦମ୍ଭ । ଥରେ ମାତ୍ର ଦେଖା, ତା ପୁଣି ନିମିଷକ ପାଇଁ । ପିତାଙ୍କର ଆଦେଶ, କୃଷ୍ଣାନଦୀତୀରରୁ ସତ୍ୱର ଫେରି ଆସିଲି; କିନ୍ତୁ ମୋର ଶରୀରର ଜୀବନ ଯାହା, ଏ ଅସ୍ଥିମାଂସ ମଧ୍ୟରେ ପ୍ରାଣ ଯେଉଁ ଟିକକ, ତାହା ସର୍ବଦା ସେହି ପୁଣ୍ୟତୋୟା ନଦୀତଟରେ । ବାସନ୍ତୀ !

( କନକର ପ୍ରବେଶ )

କନକ—ଏଇ ଯେ ସୁମନ୍ତଭାଇ । ସୁମନ୍ତ ଭାଇ, ମୁଁ ଆଜ ଖଣ୍ଡିଏ ଚଠି ପାଇଛି ଯେ କୃଷ୍ଣାନଦୀକୂଳ ପ୍ରଦେଶରେ ଆଜ ଥରେ ସେହିପରି ଯୁଦ୍ଧ ଲଗିଅଛି । ଯୁଦ୍ଧ ପୁଣି ସେଇ ପୁରୁଷୋତ୍ତମ ଦେବ ଆଉ ବହମ ଦେବଙ୍କ ମଧ୍ୟରେ ।

ସୁମନ୍ତ—ପୁନରାୟ ଯୁଦ୍ଧ, କନକ ?

କନକ—ପୁଣି ସେଇ ଯୁଦ୍ଧ, ଭାଇ ! କିନ୍ତୁ ଆଶ୍ଚର୍ଯ୍ୟର କଥା ଏଇ ଯେ, ଜଣେ କୁମାରୀ ସେ ଯୁଦ୍ଧରେ ଆପଣାର କୋମଳ ମଧୁର ଯୌବନଶ୍ରୀ ଢାଳି ଦେଇଅଛି । ନାରୀ ସୈନିକ ବେଶରେ । କି ଅପୂର୍ବ ଶୋଭା ସେ, ଭାଇ !

ସୁମନ୍ତ—ନାରୀ ! କିଏ ସେ ନାରୀ, କନକ !

କନକ—ନା, ଜାଣେନାହିଁ । ଲେଖା ଅଛି, ଜଣେ କୁମାରୀ, ନାରୀ ନୁହେ ।

ସୁମନ୍ତ—କୁମାରୀ, କୁମାରୀ ଯୁଦ୍ଧକ୍ଷେତ୍ରରେ ! ନା ନା,—କୁମାରୀର ଜୟ ହେଉ । କୁମାର ! ବଡ ଦୁଃସମ୍ବାଦ, କନକ ! କୁମାରୀ ଯୁଦ୍ଧକ୍ଷେତ୍ରରେ । କି ଦୁଃସମ୍ବାଦ ! ଯା, କନକ, କୁମାରୀ ବଡ଼ ଦୁଃସମ୍ବାଦ ଏ, ଯା । ( କନକର ପ୍ରସ୍ଥାନ ) କୁମାରୀ । ଓଃ, କି ତେଜ, କି ତେଜ, ହୃଦୟରେ କି ସାହସ ! ବାସନ୍ତି ! କୁମାରୀ ବାସନ୍ତୀ । ବାସନ୍ତୀ ଯୁଦ୍ଧକ୍ଷେତ୍ରରେ ? ଜୟ ହେଉ, ବାସନ୍ତି ! ଜୟ, କୁମାର !

( କଳେବରେଶ୍ୱରଙ୍କ ପ୍ରବେଶ )

ବାପା !

କଳେ—ଦେଖ, ସୁମନ୍ତ, ମୁଁ ଶୁଣୁଛି ସୁବର୍ଣ୍ଣପୁରଠାରେ ଯେଉଁ ଶସ୍ୟ ଗଚ୍ଛିତ ଥିଲା, ତା ତୁ ସମସ୍ତ ବିତରଣ କରିଦେଇଛୁ ।

ସୁମନ୍ତ—ସେଥିରୁ କେତେକ ଦିଆ ଯାଇଅଛି । ଏ ବର୍ଷ ସେ ଅଞ୍ଚଳରେ ଭୀଷଣ ଦୁର୍ଭିକ୍ଷ । ଲୋକେ ହାହାକାର କରୁଅଛନ୍ତି । ସେ ସ୍ଥାନର ଉତ୍ପନ୍ନ କେତେ ଅର୍ଥ ଏଥିପୂର୍ବରୁ ରାଜକୋଷକୁ

ଆସି ନାହିଁ । ସେଥିପାଇଁ କେତେକ ମୁଁ ସେଠାରେ ଦୁଃଖୀ ଲୋକଙ୍କୁ ବଣ୍ଟାଇ ଦେଇଛି ।

କଳେ—ତୋର କ ଅଧିକାର, ସୁମନ୍ତ, ଯେ ଯାହା ଇଚ୍ଛା ସେପରି କରିବୁ ? ଏଥିରେ ରାଜ୍ୟଶାସନ ପ୍ରତି ଘୋର କଳଙ୍କ ଘଟିବାର କଥା ! ମୋର କର୍ତ୍ତବ୍ୟ ଉପରେ ପୁଣି ତୋର ଇଚ୍ଛା । ସାବଧାନ ସୁମନ୍ତ, ଏଣିକି ଏପରି ସ୍ୱାଧୀନତା ଅବଲମ୍ବନ କଲେ, ଏ ସିଂହାସନ ତୋର ନୁହେ । ଅନନ୍ତ ରାଜା ହେବ । ତୋତେ ପଥର ଭିକାରୀ ପରି ରାଜପ୍ରାସାଦରୁ ନିଷ୍କାସିତ ହେବାକୁ ପଡ଼ିବ । ସାବଧାନ !

ସୁମନ୍ତ—ଏପରି କଟୁବାକ୍ୟ କହିବେ ନାହିଁ, ପିତା ! ମୁଁ ସିଂହାସନର ପ୍ରୟାସୀ ନୁହେ । ସମସ୍ତ କାଞ୍ଚୀ ରାଜ୍ୟର ରାଜା ହେଲେ ମୋର ଯେ ଆନନ୍ଦ, ପଥର ଭିକାରୀ ହେଲେ, ଜାଣିଥିବେ ସେହିପରି ଆନନ୍ଦ, ପିତା ! ମୋର ଏ ଭୟ ନାହିଁ ।

କଳେ—ଭୟ ନାହିଁ ?

ସୁମନ୍ତ—ନାହିଁ, ପିତା । ଆପଣ ପିତା, ମୁଁ ପୁତ୍ର । ପୁତ୍ରର କର୍ତ୍ତବ୍ୟ ନିମନ୍ତେ ମୁଁ ସଦା ପ୍ରସ୍ତୁତ । ଯୁବରାଜର କର୍ତ୍ତବ୍ୟ ମୋର ଭିନ୍ନ ।

କଳେ—ସୁମନ୍ତ, ଏତେ ଆସ୍ପର୍ଦ୍ଧା । ତୁ ପୁତ୍ର, ନଚେତ୍ ଏ ଗର୍ବର ଉପଯୁକ୍ତ ଉତ୍ତର ଦିଅନ୍ତି । ଏତେ ଆସ୍ପର୍ଦ୍ଧା ! (ପ୍ରସ୍ଥାନ)

ସୁମନ୍ତ—ଉଃ, କି ତେଜ ! ବାସନ୍ତୀ କଣ ଯୁଦ୍ଧଭୂମିରେ, ଅସ୍ତ୍ରର ଭୀଷଣ ଝଙ୍କାର ତଳେ, ମୁମୂର୍ଷୁ କଣ୍ଠର କରୁଣ ଆର୍ତ୍ତନାଦ ମଧ୍ୟରେ ? ଧ୍ୱଂସକ୍ଷେତ୍ରରେ ବାସନ୍ତୀ ? ଜୟ ହେଉ ବାଳିକାର, ଜୟ ହେଉ । ଦୂରରୁ ସେଦିନ କିଏ 'ବାସନ୍ତୀ' ବୋଲି ଡାକଦେଲା । ଆଗରୁ ଯାର ନାମ ଏତେ ଥର ଶୁଣିଥିଲି, ଜାଣିଲି ପ୍ରାଣର ସେ ସ୍ୱପ୍ନପ୍ରତିମା ନଯାଉଣୁ ସେ କାଞ୍ଚନ ମୂର୍ତ୍ତିଟି । ନିମିଷକେ ପୁଣି ଅନ୍ତର୍ଦ୍ଧାନ; ଆଜି ପୁନଶ୍ଚ ସେହି ଯୁଦ୍ଧଭୂମିରେ ବାସନ୍ତୀ । ବାସନ୍ତୀ, ବାସନ୍ତୀ !

[ ଯବନିକାପତନ ]

## —ସପ୍ତମ ଦୃଶ୍ୟ—

ସ୍ଥାନ—କୃଷ୍ଣାନଦୀକୂଳସ୍ଥ ଶିବିର

( ବଳରାମ ଦେବ, ନରସିଂହ ଦେବ, ରାମଚନ୍ଦ୍ର ଦେବଙ୍କ ପ୍ରବେଶ )

ବଳରାମ—ଆଜ ଶିବରାତ୍ରି ନା, ନରସିଂହ ?

ନର—ନା, ଆଜ ତ୍ରୟୋଦଶୀ, କାଲି ଶିବରାତ୍ରି ହେବ ।

ରାମ—ଆଜ ପୁରୁଷୋତ୍ତମ ବନ୍ଦୀ ହୋଇଥିଲା ।

ନର—ହଁ, ଏହି ବର୍ଷ ଆଜ, ଠିକ୍ ଆଜ ତ

ବଳରାମ—ଦେଖୁଁ ଦେଖୁଁ ବର୍ଷେ ହୋଇଗଲା । ଏ ବର୍ଷ ଆଜଯାଏ ତ ଯୁଦ୍ଧ ଆରମ୍ଭ ହେଲାନାହିଁ ।

ନର—ପୁରୁଷୋତ୍ତମ ବୋଧହୁଏ ବର୍ତ୍ତମାନ ଖାଲି । ନିଜର ଭ୍ରମ ବୁଝି ପାରୁଅଛି ।

ରାମ—ସେନାପତି କିଏ ଆସୁଛି-ବସନ୍ତ ରାଉତ, ନା ସେଇ ବୁଢ଼ା ଅର୍ଜୁନ ସିଂହ ?

ନର—ଅର୍ଜୁନ ସିଂହ ଆସିଥିଲେ ଭଲ ।

ବଳରାମ—ତା ଦରକାର ନାହିଁ, ନରସିଂହ । ଲଙ୍କାରେ ଯେଉଁଠି ସାନ, ସେଇଠି ଷାଠିଏ ହାତ । ମନେ ଅଛି, ସେଦିନର କଥା । ହଜ ଯିଏ ଆସୁ, ଏଥର ନିଶ୍ଚୟ ।

ନର—ତା ଠିକ୍, ଯୁଦ୍ଧ ଆଉ କେତେଦିନ ଚାଲିଥିବ ? ଏଇ ଥରକେ ଶେଷ ।

ରାମ ପୁରୁଷୋତ୍ତମକୁ କଣ ବନ୍ଦୀ କରିବା ନା ହତ୍ୟା ?

ବଳରାମ—ହତ୍ୟା । ସେପରି ମୂଢ଼ର ଦଣ୍ଡ ଆଉ କାହିଁରେ ହେବ ନାହିଁ । ହତ୍ୟା ।

ନର - ତେବେ ବନ୍ଦୀ କଲେ ଲାଭ ଅଛି । ଲାଭ ଏଇ ଯେ, ଆଜୀବନ ନିଜ କର୍ମର ଫଳ ଭୁଞ୍ଜୁଥିବ ।

ବଳରାମ—ତା ମଧ୍ୟ ଠିକ୍ ।

ରାମ—ବନ୍ଦୀ ଆଉ ହତ୍ୟା ଉଭୟ ଏକାବେଳକେ କରି ହୁଅନ୍ତା କି ?

ବିକ୍ରମ—ଆଉ ସେ ଅର୍ଜ୍ଜୁନ ସିଂହ ମଧ୍ୟ ସେଥି ସଙ୍ଗରେ !

ନର—ବସନ୍ତକୁମାର ଆମର ସେନାପତି ହେବ ।

ରାମ—ବିଶ୍ୱାସ ନାହିଁ, ନରସିଂହ !

ବିକ୍ରମ—କେହି ନୁହେଁ, ନରସିଂହ ! ନିଜ ଗୋଡ଼ରେ ଛିଡ଼ା ହେବାକୁ ହେବ ।

ନର—ତା ସତ୍ୟ । ବର୍ତ୍ତମାନ ଯୁଦ୍ଧ ଶୀଘ୍ର ଆରମ୍ଭ ହେଲେ ଭଲ । ଅପେକ୍ଷା ଆଉ ଭଲ ଲାଗୁନାହିଁ ।

ରାମ—ଗୋପାଳ କିଶୋର, ଦାମୋଦର, ଘନଶ୍ୟାମ ନାରାୟଣ କାଲି ଆସି ଏଠାରେ ପହଞ୍ଚିବେ ।

ନର—ତେଣିକି ତୁମୁଳ ଯୁଦ୍ଧ ।

ବିକ୍ରମ—ରଘୁନାଥ ସଙ୍ଗରେ ପଞ୍ଚସହସ୍ର ସୈନ୍ୟ ଯେ ଆସିବାର ଥିଲା ?

ରାମ—ସେମାନେ ଆସି ପହଞ୍ଚିଲେଣି ?

ନର—ହଁ, ପହଞ୍ଚିଲେଣି ।

ବିକ୍ରମ—ତୁମେମାନେ ତାଙ୍କ ରହିବା ନିମନ୍ତେ ଗୋଟିଏ ସ୍ଥାନ ଠିକ୍ କରିଛ ?

ନର—କରା ହୋଇଛି । ତେବେ ଚାଲ, ତାଙ୍କୁ ଦେଖିବା ।

ରାମ—ଆସ, ନରସିଂହ !

( ଦୁହିଁଙ୍କର ପ୍ରସ୍ଥାନ )

ବିକ୍ରମ—( ସ୍ୱଗତ ) ସୈନ୍ୟ ସଜ୍ଜିତ । ଏଥର ତୁମୁଳ ସଂଗ୍ରାମ । ଏ ଯୁଦ୍ଧରେ ଜୟ ଅବଶ୍ୟମ୍ଭାବୀ । ତେଣିକି ଏ ବିଶାଳ ରାଜ୍ୟର ରାଜା ବିକ୍ରମ ଦେବ । ନରସିଂହ, ରାମଚନ୍ଦ୍ର, ତୁମ୍ଭେ ବିଦ୍ରୋହ କରିପାର ବିଦ୍ରୋହର ଦମନ ଯୁଦ୍ଧଭୂମିରେ, ଶାଣିତ ତରବାରିର ଧାରରେ । ବିଶ୍ରାମ ନାହିଁ । ସୈନ୍ୟମାନଙ୍କ ସଙ୍ଗେ ମୋର ସର୍ବଦା ଉପସ୍ଥିତ ଥିବା ଦରକାର, ଯାଏ । (ପ୍ରସ୍ଥାନ)

## —ଅଷ୍ଟମ ଦୃଶ୍ୟ—

ସ୍ଥାନ—କୃଷ୍ଣାନଦୀ ତୀର

( ବାସନ୍ତୀ ଏକାକୀ ଦଣ୍ଡାୟମାନା )

ବାସନ୍ତୀ—ବହୁଦିନ ପରେ ପୁଣି ଏ କୃଷ୍ଣାନଦୀ । କେତେ ଦିବସ, କେତେ ନିଶି ବିତି ଯାଇଛି । ଏ ସୂର୍ଯ୍ୟ ପ୍ରାଚୀଗଗନରେ ଉଦିତ ହୋଇ କେତେଥର ଏହିପରି ପ୍ରତୀଚୀର ଦୂର ଚକ୍ରବାଳ ତଳେ ପୁଣି ଅସ୍ତ ହୋଇଛି; କିନ୍ତୁ ଏ ସବୁ ମୋର ଏକ ଘୋର ତମସାବୃତ ନିଶୀଥିନୀ । ବେଳେ ବେଳେ ଶୂନ୍ୟର ଅପର ପ୍ରାନ୍ତରୁ କ୍ଷୀଣ ତାରଟିଏ ଦେଖାଦିଏ ସତ୍ୟ, କିନ୍ତୁ ଗଗନ-ମଣ୍ଡଳରେ ସେ ନିଦାରୁଣ ମେଘମାଳାର ଅନ୍ତରାଳରେ ସହସା ପୁଣି କେଉଁ ଅଜ୍ଞାତ ରାଜ୍ୟରେ ବିଲୀନ ହୋଇଯାଏ । ଏଇ ସେ ସ୍ଥାନ। ଏ ବନ ପର୍ବତରେ, ଗଗନପ୍ରାନ୍ତରରେ ପ୍ରକୃତିର ଯେ ମାଧୁରୀ ଝଳକି ଉଠୁଅଛି, ତାର ପୂର୍ଣ୍ଣ ପ୍ରତିନିଧିସ୍ୱରୂପ ଏହିଠାରେ ଦଣ୍ଡାୟମାନ ସେ ବୀର ଯୁବକ—ବକ୍ଷରେ ଅସୀମ ଶକ୍ତି, ବିପୁଳ ସାହସ, କପୋଳରେ ଜ୍ୱଳନ୍ତ ପ୍ରଖର ତେଜ, ଯୁଦ୍ଧକ୍ଷେତ୍ରର ଭୀଷଣ ଶ୍ମଶାନ ସମ୍ମୁଖରେ ଅଟଳ, ଅଦମ୍ୟ ଯୌବନର ନବମୁକୁଳିତ ପ୍ରସୂନର ପ୍ରଫୁଲ୍ଲକାନ୍ତିରେ ପୁଣ୍ୟ—ସୌରଭ-କାଞ୍ଚୀରାଜ୍ୟର ସେ ବୀର ପୁରୁଷ ସୁମନ୍ତ ସିଂହ । ଏଇ ସେ ସ୍ଥାନ, ସେଇ ନଦୀ, ସେ ପ୍ରାନ୍ତର, ସେଇ ବନମାଳା, ସେଇ ସୂର୍ଯ୍ୟ, ସେହିପରି ପ୍ରତୀଚୀର ଅନନ୍ତ ରକ୍ତିମା ମଧ୍ୟରେ ବୁଡ଼ି ଯାଉଛି । ଏ ସବୁ ଭିତରେ ସେ ଯୁବା ପୁରୁଷ ଏକାକୀ ଦଣ୍ଡାୟମାନ । ସେଇଠାରେ । ଏକାକୀ । ନା, ଏ ଜାଗ୍ରତ ସ୍ୱପ୍ନ, ଏ ଏକ ବିମୁଗ୍ଧ ଭ୍ରାନ୍ତି । ନା, ନା କେଉଁଠାରେ ତୁମ୍ଭେ ସୁମନ୍ତ ସିଂହ ?

( ପଥିକର ପ୍ରବେଶ )

ପଥିକ - ମା, ତୁମେ କିଏ ଏ ସନ୍ଧ୍ୟାବେଳେ ଏଠାରେ ଏକାକୀ ଛିଡ଼ା ହୋଇ ରହିଛ ?

ବାସନ୍ତୀ ଏକାକୀ ?

ପଥିକ—ସନ୍ଧ୍ୟା ସମୟରେ ଏକାକୀ କାହିଁକି, ମା, ଏଠାରେ ?

ବାସନ୍ତୀ—ଆସିଥିଲି ସାୟାହ୍ନ ଭ୍ରମଣରେ । ସନ୍ଧ୍ୟା ହୋଇଯାଉଛି, ଏଇକ୍ଷଣି ଫେରି ଯିବି । କିଏ ତୁମେ, ପୁରୁଷ ?

ପଥିକ—ମୁଁ ପଥିକ; ବସନ୍ତପୁର ଯିବି । ଏ ଘାଟରେ ନାଆ ନ ଥାଏ, ମା ?

ବାସନ୍ତୀ—ଥାଏ..ତ ।

ପଥିକ—ବର୍ତ୍ତମାନ ସେ ନାହିଁ ?

ବାସନ୍ତୀ—ନାବିକ ସେ ପାରିକୁ ନେଇଯାଇଛି, ଏଇକ୍ଷଣି ଆସିବ । ଅପେକ୍ଷା କର, ପଥିକ ! ତୁମେ କି ଉଦ୍ଦେଶ୍ୟରେ ବସନ୍ତପୁର ଯିବ, କହିବ କି ?

ପଥିକ—ନିରୁଦ୍ଦେଶ୍ୟ । ଆସିଥିଲି ଯୁଦ୍ଧର ସମ୍ବାଦ ନେବାକୁ ।

ବାସନ୍ତୀ—କି ଯୁଦ୍ଧ ?

ପଥିକ—ଏଠାରେ ତୁମୁଳ ଯୁଦ୍ଧ ଲାଗିବାର ଦୂରକୁ ସାମ୍ବାଦ ମିଳୁଛି । ଏ ସ୍ଥାନରେ ତ କିଛି ନାହିଁ ।

ବାସନ୍ତୀ—ଯୁଦ୍ଧ ହେବାର କଥା । ହୋଇ ନାହିଁ; ହେବ, ପଥିକ ! କାହାପାଇଁ ଏ ଯୁଦ୍ଧର ସମ୍ବାଦ ?

ପଥିକ-କାହିଁକି, କାଞ୍ଚୀରାଜ୍ୟର ଯୁବରାଜ ସୁମନ୍ତରାୟ । ତାଙ୍କ ଲାଗି ଏ ସମ୍ବାଦ ।

ବାସନ୍ତୀ—କାଞ୍ଚୀରାଜ୍ୟର ଯୁବରାଜ ସୁମନ୍ତ ରାୟ !

ପଥିକ—ହଁ, ସୁମନ୍ତ ରାୟ । ତାଙ୍କୁ କଣ ତୁମେ ଜାଣ ?

ବାସନ୍ତୀ—ଜାଣେ, ପଥିକ ! ସରୋବରର କୁମୁଦିନୀ ଯେପରି ଦୂର-ଗଗନର ନିଶାମଣିକୁ ! ଜାଣେ, କାଞ୍ଚୀରାଜ୍ୟର ଯୁବରାଜ ସୁମନ୍ତ ରାୟ !

ପଥିକ—ତା ହେଲେ ଜାଣ ।

ବାସନ୍ତୀ—ନା, ଜାଣେ ନାହିଁ—ବାୟୁମଣ୍ଡଳର ପତଙ୍ଗ ଯେପରି ହସ୍ତୋତ୍ଥିତ ପ୍ରଦୀପ ଶିଖାକୁ ! ଜାଣେ ନାହିଁ, ପଥିକ ! କାଞ୍ଚୀରାଜ୍ୟର ଯୁବରାଜ ସୁମନ୍ତ ରାୟ !

ପଥିକ—ତୁମେ ଜାଣ ନାହିଁ ? ଏ ଦାକ୍ଷିଣାତ୍ୟରେ ଅଳ୍ପ ଲୋକ ଅଛନ୍ତି ଯେ ଯୁବରାଜଙ୍କୁ ପ୍ରତିଦିନ ପ୍ରତ୍ୟୁଷରେ ଥରେ ସ୍ମରଣ ନ କରନ୍ତି । ତୁମେ ତାଙ୍କର ନାମ ଜାଣ ନାହିଁ ?

ବାସନ୍ତୀ—ହଁ, ଏଇଠାରେ । ପ୍ରତ୍ୟୁଷରେ ଥରେ ସ୍ମରଣ । ନା, ଜୀବନରେ ଅବିରଳ । ସୁମନ୍ତ ରାୟ, ଜାଣେ ନାହିଁ । ତେବେ ଏଇଠାରେ ସେଦିନ ।

ପଥିକ—କଣ କହୁଛ, ମା ? ଆଚ୍ଛା ରହ, ଏଇ ନାଆ ଆସିଲାଣି ।

ବାସନ୍ତୀ—ଯାଅ, ପଥିକ ! ପଥିକ, ଚାଲିଯିବ ? ଯାଅ ।

ପଥିକ —ହଁ, ମା, ଯାଉଛି । ନାଆ ଦିଆର, ନାଉରୀ ? ରହ, ମା ।

(ପ୍ରସ୍ଥାନ)

ବାସନ୍ତୀ—ଯାଅ ପଥିକ ! କାଞ୍ଚୀରାଜ୍ୟର ଯୁବରାଜ ସୁମନ୍ତ ରାୟ, ଏ ଯୁଦ୍ଧର ସମ୍ବାଦରେ ତୁମର କି ପ୍ରୟୋଜନ ? ନା, ହୃଦୟ, ସ୍ଥିର ହୁଅ । ଏ ଏକା ବେଳକେ ନୈରାଶ୍ୟ ନୁହେ । ସ୍ଥିର ହୁଅ ହୃଦୟ ! ନା, ନା, ସ୍ଥିର ହୁଅ । କି କରୁଣ, କି ଅପୂର୍ବ ଦୟା ! ଯାଅ, ପଥିକ, ଯାଅ । କେତେ ଶୀଘ୍ର କେତେ ଦୂର ଭାସିଗଲ ! ମୁଁ ଆଜି ଯେଉଁଠାରେ, ସର୍ବଦା ସେଇଠାରେ । କି ଆନନ୍ଦରେ ତୁମେ ପ୍ରଭୁଙ୍କର ଆଦେଶ ସାଧନ କରୁଛ । ସେଥିରୁ ମୋତେ ବିନ୍ଦୁଟିଏ ଦେଇ ପାରନ୍ତ ? କି ଅପୂର୍ବ ଏ ଆନନ୍ଦ ଯୁବରାଜ, ଯୁଦ୍ଧ ସଙ୍ଗରେ କି ସମ୍ପର୍କ ତୁମର ? ଯୁଦ୍ଧର ସମ୍ବାଦରେ କି ଲାଭ ? କିନ୍ତୁ ଏ ପ୍ରାଣରେ ଦିବସ ଯାମିନୀ ନିରନ୍ତର ଯେ ଘୋର ଯୁଦ୍ଧ ଲାଗିଛି, ତାର କି ସମ୍ବାଦ ? ପଥିକ, ଚାଲିଗଲ ! ପ୍ରଭୁ ଯେ ଯୁଦ୍ଧର ସମ୍ବାଦ ନେବାକୁ ପଠାଇଥିଲେ, ତା ତ କିଛି ନେଲ ନାହିଁ ? ଓଃ କେତେଦୂର ଚାଲି ଯାଇଛ ? ନୌକା କି ଦ୍ରୁତ ଗତିରେ ଧାବମାନ ! କିନ୍ତୁ, ଏଇ ଯେ ନୌକା ଏହାଠାରୁ ଅଧିକ ଦ୍ରୁତଗତିରେ ଧାବମାନ, ଯୁବରାଜ ସୁମନ୍ତ ରାୟଙ୍କ ନିକଟକୁ ମୋର ଏଇ ଅଶାନ୍ତ ହୃଦୟସାଗରରେ··· ତାର କି ସମ୍ବାଦ ନେଇଗଲ, ପଥିକ ? ଯାଅ ଯାଅ । ମୁଁ ଏଠାରେ ଏକାକୀ । ନା, ତା

ନୁହେ । ଯାହାର ଏତେ ସହଚର, ଜୀବନ୍ତ ସଙ୍ଗୀ, ସେ ପୁଣି ଏକାକୀ ! ଯାଅ, ପଥିକ, ଯାଅ । ଆ, ରଜନି; ଆ, ଅନ୍ଧକାର; ଆସ, ନିର୍ଜନତା !!

( ଯବନିକା )

---

# ତୃତୀୟ ଅଙ୍କ

## —ପ୍ରଥମ ଦୃଶ୍ୟ—

ସ୍ଥାନ – କୃଷ୍ଣାନଦୀ ତୀର ପ୍ରାନ୍ତର

(ସାଧାରଣ ବେଶରେ ରାଜା ପୁରୁଷୋତ୍ତମ ଦେବ ଏକାକୀ ଦଣ୍ଡାୟମାନ)

ରାଜା—ଏଇ ସେ ସ୍ଥାନ । ଆଜି ବହୁଦିନ ଅତୀତ ହୋଇଅଛି, କିନ୍ତୁ ସେହି ଦୃଶ୍ୟ, ସବୁ ସେହିପରି ଏଇ ସ୍ଥାନ । ପ୍ରିୟ ସୈନିକବର ବିଶ୍ୱନାଥ ନରେନ୍ଦ୍ର ଏହିଠାରେ ଜୀବନର ଶେଷ-ନିଃଶ୍ୱାସ ତ୍ୟାଗ କଲେ, ସେ ଆଜକୁ ଏକ ବର୍ଷରୁ ଅଧିକ । ବିଶ୍ୱନାଥ, ଚାଲି ଯାଇଅଛି । ଆଜି ସେ ଦିନ, କ୍ଷଣକେ ମଧ୍ୟରେ ଚାଲିଗଲ, ଜୀବନରୁ ପ୍ରିୟତର, ନୟନର ନିମିଷପ୍ରତିମା ମୋର, ତୁମେ ପଦ୍ମାବତୀ । ଏଇ ବୃକ୍ଷମୂଳ, ଏଇ କ୍ଷୀଣ ଛାୟା, ଏଇ ଶ୍ୟାମଳ ଦୂବା । ଏହିଠାରେ ମୃତ୍ୟୁର ଅନ୍ତିମ ଶଯ୍ୟାରେ ଶାୟିତ, ବିକ୍ରମ ଦେବର ଆକ୍ରମଣରେ ଆହତ, ମୁମୂର୍ଷୁ ନିଃସହାୟ ମୁଁ, ପିପାସାରେ କାତର, ମରଣର ଯନ୍ତ୍ରଣାରେ ଅସ୍ଥିର । ସେତେବେଳେ କିଏ ଆସି ମୋର ଏ ଶୁଷ୍କ କଣ୍ଠରେ ସ୍ୱର୍ଗର ଅମୃତ ଢାଳି ଦେଇଗଲ, ମୋର ମରଣରେ ଜୀବନ ଦାନ କଲ ।

ଚିହ୍ନି ପାରିଲି ନାହିଁ, ପଦ୍ମାବତି ! ନା, ନା, ବିଶେଷ କିଛି ନ ଥିଲା । ଜାଣେ ଅସମ୍ଭବ । ଏ ଏକ ବିଷମ ଦୁରାଶା; କିନ୍ତୁ ବିଦାୟବେଳେ ଏତିକି କହି ଥାନ୍ତି—ଏ ଜୀବନ, ଦେବି, ତୁମରି । ହେଲା ନାହିଁ, ଚାଲିଗଲି । ଏବେ ତୁମ ମୋ ମଧ୍ୟରେ ଆକାଶ ପୃଥିବୀର ବ୍ୟବଧାନ । ସବୁ ସେହିପରି ରହିଅଛି । ସେହି ବିଶାଳ ପ୍ରାନ୍ତର, ସେହି ତରୁତଳ, ସେହି କୃଷ୍ଣାନଦୀ ଅଦୂରରେ ଅବୋଧ କଳତାନରେ ବହି ଯାଉଅଛି । ସବୁ ସେହି ପରି ଅବିକଳ, ଅକ୍ଷୁଣ୍ଣ । ଆଜି ନାହିଁ କେବଳ ତୁମେ, ପଦ୍ମାବତି ! ଓଃ କି ଭ୍ରମ, କି ନୈରାଶ୍ୟ !

( ଜଣେ ବୃଦ୍ଧର ପ୍ରବେଶ )

କିଏ ତୁମେ, ଅପରିଚିତ, ଏକାକୀ ଏ ଯୁଦ୍ଧଭୂମିରେ ଏପରି ବିଚରଣ କରୁଅଛ ?

ବୃଦ୍ଧ—ଯୁବକ ତୁମ ଘର ଏଠାରେ ?

ରାଜା—ନା, ମୁଁ ପ୍ରବାସୀ ।

ବୃଦ୍ଧ—ପ୍ରବାସୀ ? କେତେଦିନ ହେଲା ଏଠାକୁ ଆସିଛ ?

ରାଜା—ଏକମାସରୁ କିଛି ଅଧିକ । କି ଆବଶ୍ୟକ ତୁମ୍ଭର ?

ବୃଦ୍ଧ—ତୁମେ ଏ ଯୁଦ୍ଧର କୌଣସି ସମ୍ବାଦ ଜାଣ ?

ରାଜା—ଜାଣେ ।

ବୃଦ୍ଧ—କିଏ ଜୟୀ ହୋଇ ପାରିବ—ବିଜୟ ଦେବ, ନା ମହାରାଜା ପୁରୁଷୋତ୍ତମ ଦେବ ?

ରାଜା—ସେ କଥା ବଡ଼ ସହଜ ନୁହେଁ, ଜିଜ୍ଞାସୁ ! ବିଜୟ ଜୟୀ ହୋଇ ପାରନ୍ତି, ପୁରୁଷୋତ୍ତମ ମଧ୍ୟ ଜୟୀ ହୋଇ ପାରନ୍ତି ।

ବୃଦ୍ଧ—ତେବେ ଯୁଦ୍ଧ ଶେଷ ହୋଇନାହିଁ ?

ରାଜା—ଏ କଥା ଏଡ଼େ ସହଜ ନୁହେଁ ।

ବୃଦ୍ଧ—ବୋଇଲି ତେବେ ଯୁଦ୍ଧ ଶେଷ ହୋଇନାହିଁ ?

ରାଜା—ଆପାତତଃ ଶେଷ ହେଲା ବୋଧ ହେଉଅଛି ।

ବୃଦ୍ଧ—ତେବେ ଆପାତତଃ ଜୟୀ କିଏ ?

ରାଜା—ଆପାତତଃ ଜୟୀ, ପରିଶେଷରେ ଜୟୀ ହୋଇ ନ ପାରନ୍ତି ।

ବୃଦ୍ଧ—ତା ପାରନ୍ତି । ତେବେ ସେ କିଏ, ଯୁବକ ? ବୁଢ଼ାଲୋକ ଏତେ ଯୁକ୍ତିତର୍କ ଜାଣୁ ନାହିଁ ।

ରାଜା—ଜାଣିବାରେ ତୁମ୍ଭର ପ୍ରୟୋଜନ ?

ବୃଦ୍ଧ—ପ୍ରୟୋଜନ ଅଛି, ଯୁବକ ! କହ, ପୁରୁଷୋତ୍ତମ ଦେବ ?

ରାଜା—ପୁରୁଷୋତ୍ତମ ଦେବଙ୍କ ପ୍ରତି ତୁମ୍ଭର ଏତେ ପକ୍ଷପାତିତା କାହିଁକି ବୃଦ୍ଧ ?

ବୃଦ୍ଧ—ପକ୍ଷପାତିତା କଣ, ଯୁବକ ? ପୁରୁଷୋତ୍ତମ ଦେବ ଜୟୀ ନୁହନ୍ତି ?

ରାଜା—ହୋଇ ପାରନ୍ତି, ନ ପାରନ୍ତି, ମଧ୍ୟ । ତୁମ୍ଭର କି ପ୍ରୟୋଜନ, କହ ଆଗେ ।

ବୃଦ୍ଧ—ପ୍ରୟୋଜନ ଅଛି । ନ ଥିଲେ କିଏ ଏତେ ବାଟ ଆସେ ? ଅଛି, କହ ।

ରାଜା—କେତେ ବାଟ ?

ବୃଦ୍ଧ—ନା ବାଟ କଣ ? ବୁଢ଼ା ହେଲି ବୋଲି, ନଇଲେ ଏଇଠି । କହ ।

ରାଜା—କିଏ ତୁମ୍ଭେ ଯୁଦ୍ଧ ସମ୍ବାଦ ଜାଣିବାକୁ ଏତେ ବ୍ୟାକୁଳ ?

ବୃଦ୍ଧ—କିଏ ? ଯେ କଥା କହିବାର ଅଧିକାର ନାହିଁ; ନୋହିଲେ କହନ୍ତି । ମୋର କର୍ତ୍ତବ୍ୟ ଯୁଦ୍ଧର ସମ୍ବାଦ ଜାଣି ଯିବ, ଆଉ କିଛି ନୁହେ ।

ରାଜା—ଏତିକି ?

ବୃଦ୍ଧ—ଯୁବକ ତୁମ୍ଭର ପରିଚୟ ?

ରାଜା—ନିଜର ପରିଚୟ ଦେବାରେ ଯାର ଅଧିକାର ନାହିଁ ଅନ୍ୟର ପରିଚୟ ପୁଣି ସେ କିପରି ପ୍ରଶ୍ନ କରିପାରେ ?

ବୃଦ୍ଧ—କିନ୍ତୁ, ଯୁବକ, ତୁମ୍ଭର ମୁଖମଣ୍ଡଳର ଜ୍ୟୋତି, ବଚନର ଗୌରବ ଦୃଷ୍ଟିର ଉଦାରତାରୁ ଅନୁମାନ ହୁଏ, ତୁମ୍ଭେ ଏ ଯୁଦ୍ଧର ଜୟରେ ଭାଗୀ ।

ରାଜା—ହୋଇପାରେ ।

ବୃଦ୍ଧ—ତୁମ୍ଭର ତେଜ ଅସୀମ ଯୁବକ ! ଯେପରି ଆଉ ଜଣେ ଯୁବରାଜ । କହ, ମହାରାଜ ପୁରୁଷୋତ୍ତମ ଦେବଙ୍କର କି ସମ୍ବାଦ ।

ରଜା—ଜଗତରେ ଏତେ ଲୋକଙ୍କର, ତୁମ୍ଭର, ମୋର ଯେଉଁ ସମ୍ବାଦ ତାଙ୍କର ମଧ୍ୟ ସେଇ ସମ୍ବାଦ। ଆଉ କଣ, ଜାଣେ ନାହିଁ।

ବୃଦ୍ଧ—ଯୁବକ, ତୁମ୍ଭର ମହାରାଜାଙ୍କ ପ୍ରତି ଏତେ ଅନାସ୍ଥା କାହିଁକି ? ତୁମ୍ଭେ କଣ ବିକ୍ରମ ଦେବଙ୍କ ସୈନିକ ? ନା ତା ତ ମଧ୍ୟ ନୁହେ।

ରଜା—ଏ ଅନୁମାନର କାରଣ, ବୃଦ୍ଧ ?

ବୃଦ୍ଧ—କାରଣ ତୁମ୍ଭର ଉଦାସୀନତା। ମୁଁ ଯାଏ, ଯୁବକ ! ବିଳମ୍ବ ହେଉଛି।

ରଜା—ବୃଦ୍ଧ, କହିଲ ନାହିଁ ତୁମ୍ଭର ପରିଚୟ ?

ବୃଦ୍ଧ—ତାହା ମୋର ଅଧିକାର ବହିର୍ଭୁତ, କର୍ତ୍ତବ୍ୟର ଅତିରିକ୍ତ ଯୁବକ ! ତୁମ୍ଭେ ଏ ଯୁଦ୍ଧର ସମ୍ବାଦ ଜାଣ, କହ। ନତୁବା ବିଳମ୍ବରେ ଲାଭ ନାହିଁ।

ରଜା—ତୁମ୍ଭେ ଅନ୍ୟ ସ୍ଥାନରୁ ଅଧିକ ବିଶ୍ୱସ୍ତ ସମ୍ବାଦ ପାଇପାରିବ, ଜିଜ୍ଞାସୁ ! ଯାଅ ସେ ବସନ୍ତପୁରରେ ପଚାରିବ।

ବୃଦ୍ଧ—ଆଚ୍ଛା ରହ ଯୁବକ ! ଚିରଜୀବୀ ହୋଇ ଥାଅ ବାବୁ ! ରହ। ତୁମ୍ଭେ ନ କହିଲ ବୋଲି ମୋର ଦୁଃଖ ନାହିଁ। ବସନ୍ତପୁରରୁ ଜାଣି ଯିବି। ମୁଁ ମୋର ପରିଚୟ ନ ଦେଲି ବୋଲି କଛି ବିଗୃରିବ ନାହିଁ, ତୁମ୍ଭେ ରହ। ସାକ୍ଷାତ୍ ଜଣେ ସୁମନ୍ତ ରାୟ ତୁମ୍ଭେ। (ପ୍ରସ୍ଥାନ)

ରଜା—ବୃଦ୍ଧ ପରିଚୟ ଦେବାକୁ ଅସ୍ୱୀକୃତ। ନା, ଏ ଜଗତରେ ପରିଚୟ ମିଳେ ନାହିଁ। ସେଦିନ ପଦ୍ମାବତୀ ଗ୍ଲାଲିଗଲି। ଏଇ ବୃକ୍ଷମୂଳ ସେ। ଏବେ ଜୀବନରେ ପରିଚୟ ଅସମ୍ଭବ। ଓଃ, କିଏ ନୈବିଡ଼୍ୟ ! (ପ୍ରସ୍ଥାନ)

---

## —ଦ୍ୱିତୀୟ ଦୃଶ୍ୟ—

ସ୍ଥାନ—କାଞ୍ଚୀ ରାଜପ୍ରାସାଦ

( କଳେବରେଶ୍ୱର ଓ ରାଣୀ ସତ୍ୟବତୀ ଉପବିଷ୍ଟ )

ସତ୍ୟ—ବିବାହ ହେବାକୁ ତାର ଯେ କାହିଁକି ଇଚ୍ଛା ନାହିଁ।

କଳେ—ଅନିଚ୍ଛାର କାରଣ ?

ସତ୍ୟ—ତା କପରି ମୁଁ ଜାଣିବି ? ନରମାୟା ନାରାୟଣଙ୍କୁ ଅଗୋଚର ।

କଳେ—ଝିଅର ବିବାହ ହେବାକୁ ଇଚ୍ଛା ନାହିଁ ? ତା ତୁମେ ଜାଣିବ ନାହିଁ ? କହୁଛ ତାର ଅନିଚ୍ଛା ।

ସତ୍ୟ—ସେତିକି ଖାଲି ଜାଣେ ଯେ ତାର କପରି ଇଚ୍ଛା ନାହିଁ ।

କଳେ—ଇଚ୍ଛା ଅନିଚ୍ଛା କଣ ? ବିବାହର କଥା ସେ କଣ ଜାଣେ ? ନିର୍ବୋଧ ବାଳିକା । ବିବାହ ନ ହୋଇ ରହିବ ?

ସତ୍ୟ—ତା ସତ୍ୟ । ବିବାହ ନ ହୋଇ ରହିବ କପରି ? କିନ୍ତୁ ପଦ୍ମ ତ ମୋର ନିର୍ବୋଧ ନୁହେ ।

କଳେ—ନିର୍ବୋଧ, ପୂର୍ଣ୍ଣ ନିର୍ବୋଧ । ତା ନ ହେଲେ କି ଲୋକେ ବିବାହ ହେବାକୁ ନାରାଜ ହୁଅନ୍ତି ?

ସତ୍ୟ—ସେ ତ ସର୍ବଦା ପଢ଼ିବାରେ ବ୍ୟସ୍ତ ।

କଳେ—ପଢ଼ିବାରେ ବ୍ୟସ୍ତ ! ଏତେ ପଢ଼ିବାରେ ପ୍ରୟୋଜନ କଣ ?

ସତ୍ୟ—ତା ମୁଁ ତାକୁ ମନା କରିନାହିଁ । ତେବେ ଆଜକାଲି ତାର ଟିକିଏ କପରି ପରିବର୍ତ୍ତନ ଦେଖା ଯାଉଛି ।

କଳେ—ପରିବର୍ତ୍ତନ ପୁଣି କଣ ?

ସତ୍ୟ—ପରିବର୍ତ୍ତନ ଏଇ ଯେ, ସର୍ବଦା କଅଁର ଚନ୍ଦ୍ରତ ଉଆସ ଭିତରେ ପ୍ରାୟ ରହୁନାହିଁ । ସର୍ବଦା ଉଦ୍ୟାନ ମଧ୍ୟରେ ବସି ଏକାକୀ କଣ ଭାବୁଛି । କେତେବେଳେ ବା ଟିକିଏ ହସୁଛି । କେତେବେଳେ ବା ଗୀତଟାଏ ଗାଉଛି—ଏହିପରି ପରିବର୍ତ୍ତନ କ'ଣ ?

କଳେ—ଏ ତ ପାଗଳାମି । ପାଗଳ ହୋଇଯିବ କନ୍ୟା, ଶୀଘ୍ର ବିବାହର ପ୍ରୟୋଜନ ।

ସତ୍ୟ—ପଦ୍ମ ମୋର ପାଗଳ ହୋଇଯିବ ! ନା ମତିଭ୍ରମର ପରିଚୟ ତ କିଛି ମିଳୁ ନାହିଁ ନା, ପାଗଳ କାହିଁକି ହେବ ?

କଳେ—ତା ତୁମେ କପରି ଜାଣିବ ?

ସତ୍ୟ—ନା ମୁଁ ଜାଣେ । ଦେଖିଛି, ବରଞ୍ଚ ଏ କେତେ ଦିନରେ ତାର ମନର ଚଞ୍ଚଳତା ଟିକିଏ ଊଣା ହୋଇ ଯାଉଛି ।

କଳେ—ତେବେ ତ ତୁମେ ସନ୍ତୁଷ୍ଟ । ଝିଅକୁ ଚିରକୁମାରୀ କରି ରଖିଦିଅ । ବିବାହ କାହିଁକି ଦେବ ?

ସତ୍ୟ—ନା, ପଦ୍ମ କଣ ମୋର ବିବାହ ନ ହୋଇ ରହିବ ?

କଳେ—ବିବାହ ନ ହେବ କଣ ? କନ୍ୟା ପାଗଳ । ଆଜି ତାର କାରଣ ତୁମେ, ରାଣି !

ସତ୍ୟ—କାରଣ ମୁଁ ? ପଦ୍ମ ତ ପାଗଳ ନୁହେ ।

କଳେ—ହଁ, ପାଗଳ; ଆଜି ତାର କାରଣ ତୁମେ । ଦ୍ୱିରୁକ୍ତି କର ନାହିଁ ।

ସତ୍ୟ—ନା, ତା ନୁହେ । ପଦ୍ମ ମୋର ପାଗଳ ? ମା ପଦ୍ମ !

କଳେ—ଯାଅ, ଦ୍ୱିରୁକ୍ତି କରନାହିଁ । କନ୍ୟାର ବିବାହ ହେବାକୁ ଇଚ୍ଛାନାହିଁ ! ଯାଅ ।

ସତ୍ୟ—ଆଚ୍ଛା, ଯାଏ । ପଦ୍ମ ! ( ପ୍ରସ୍ଥାନ )

କଳେ—ବିବାହ ହେବା କନ୍ୟାର ଇଚ୍ଛା ଅନିଚ୍ଛା । ଏତେ ସ୍ୱାଧୀନତା ବାଳିକାର । ସେଥିରେ ପୁଣି ଏକ ନିର୍ବୋଧ ମାତାର ଏପରି ଆହୁତି ଦାନ କି ଭୟଙ୍କର !

( ପଟକ୍ଷେପଣ )

---

## —ତୃତୀୟ ଦୃଶ୍ୟ—

ସ୍ଥାନ—କାଞ୍ଚୀରାଜପ୍ରାସାଦର ବହିଃପ୍ରାଙ୍ଗଣ

( ପଦ୍ମାବତୀଙ୍କର ଏକାକୀ ପ୍ରବେଶ )

ପଦ୍ମ—

ଯେ ଆଶା ପରାଣେ ମୁହିଁ ଧରିଛି ନିରତେ
ନିରାଶାରୁ ବଳି ଦୂର ସେ,
ନିମିଷେ ଅନ୍ତରେ ଆଜି ଖେଳିଯାଇ ମୋର
ନିଭିଯାଏ ପୁଣି ନିମିଷେ ।

ସେ ଯେ ହୃଦନିଧି ମୋର ଚପଳା ଚଞ୍ଚଳ
କ୍ଷଣେ ନ ରହେ ମୋ ହୃଦୟେ,
ମୁଁ ଯେବେ ଲୋଡ଼ଇ ମୋର ଜୀବନକୁଟୀରେ
କିବା ସେ ଭ୍ରମଇ ନିଦୟେ ।
ନିରତେ ଏକାକୀ ମୁଁ ଯେ ଭାଳେ ବସି ମନେ
ନିରାଶ ଆକୁଳ ଧିଆନେ—
ତେଜି ନିମିଷକେ ଏ ମୋ ସସୀମ ପରାଣ
ଯାଏ ଯେ ମିଶି ସେ ଅସୀମେ ।
ନିମିଷକ ଦେଖା ଯେବେ ଦିଅଇ ସେ ଦୂରେ
ଅନନ୍ତରୁ ତାର ଅନାଇଁ,
ନିରାଶ ପରାଣେ ମୋର କେତେ ସୁଖ ଆଶା
ନିମିଷେ ଦିଏ ସେ ଖେଳାଇ ।
ନିମିଷେ ଲଭନ୍ତି ଯେବେ ଅସୀମ ସେ ନିଧି
ମୋର ଏ ଜୀବନ ଅନ୍ତରେ,
ସରଗ ସମ୍ପଦ ପୂର ଯାଆନ୍ତା ପରାଣେ
ମରଣ ଅନ୍ତିମ ଏ ପାରେ ।

ସୂର୍ଯ୍ୟ ତ ପ୍ରାୟ ଅସ୍ତ ହେବା ଉପରେ । ଦିବସର ଉଜ୍ଜ୍ୱଳ ଦୀପ୍ତି ଏହିକ୍ଷଣି ଗୃହୁଁ ଗୃହୁଁ ଦୂର ଚକ୍ରବାଳ ତଳେ ଲୁଚିଯିବ । କ୍ଷଣକେ ମଧ୍ୟରେ ଆକାଶ ମର୍ତ୍ତ୍ୟ ସବୁ ଅନ୍ଧକାର ! ଏ ଯେଉଁ ପକ୍ଷୀମାନେ ପ୍ରଫୁଲ୍ଲଚିତ୍ତରେ ବାୟୁବିତାନରେ ଉଡ଼ି ବୁଲୁଛନ୍ତି, ଏହିକ୍ଷଣି ପୁଣି ତରୁ ଡାଳରେ ଆଶ୍ରୟ ନେବେ । ପକ୍ଷୀମାନେ ବଡ଼ ଭାଗ୍ୟବାନ୍ । ମନୁଷ୍ୟ ଆହା କି ଦୁଃଖ, ନୈରାଶ୍ୟରେ କାଳ ଯାପନ କରୁଅଛି । ସୂର୍ଯ୍ୟ ଅସ୍ତ ହୋଇଗଲା । ଚତୁର୍ଦ୍ଦିଗ ଅନ୍ଧକାର; କିନ୍ତୁ ଜଳ, ସ୍ଥଳ ଶୂନ୍ୟ ଗଗନରେ ଆଶ୍ରୟ ନେବାର ସ୍ଥାନ ନାହିଁ । କି ଦୁଃଖ ! ସେଦିନ, ସେ ଯେଉଁ ଦୀପ୍ତିମାନ୍ ତପନ ଯୁଦ୍ଧଭୂମିର ଚକ୍ରବାଳରେ 'ନିମିଷକେ ଲୁଚିଗଲେ, ଆଉ କାହାନ୍ତି ? କନକ, କାହିଁ କନକ ?

ଏତେବେଳଯାଏ ଆସିଲା ନାହିଁ । ଅପେକ୍ଷା କରିବା ବଡ ବିଷମ ପରିଶ୍ରମ, ବଡ କଷ୍ଟ ।

( ସୁମନ୍ତ ସିଂହଙ୍କର ପ୍ରବେଶ )

ସୁମନ୍ତ—କିଏ, ପଦ୍ମ ? ଏକା ଏପରି ବସିଛୁ ଯେ ?

ପଦ୍ମ—ବସିଛି, କନକ ଏଇକ୍ଷଣି ଆସିବ । ଭାଇ, ତୁମେ ଆଜି ବୁଲିବାକୁ ଯାଇନାହଁ ?

ସୁମନ୍ତ—ବୁଲିବାକୁ ଯାଇ ନାହିଁ, ପଦ୍ମ ! ନାନା କଥା ଭାବି ବସିଗଲି । ଇଚ୍ଛା ହେଲାନାହିଁ ।

ପଦ୍ମ—ତା ସତ, ଭାଇ ! ତୁମେ ଯେ ଆଜି କମିତି ଟିକିଏ ଚିନ୍ତିତ ଦେଖାଯାଉଛ ।

ସୁମନ୍ତ—ହଁ, ଚିନ୍ତା କଲେ ଚିନ୍ତିତ ଦିଶିବାର କଥା ।

ପଦ୍ମ—କଣ ଚିନ୍ତା କରୁଥିଲ, ଭାଇ ?

ସୁମନ୍ତ—ସୁବର୍ଣ୍ଣପୁର ଅଞ୍ଚଳର ବହୁତ ଲୋକ ଅନ୍ନକଷ୍ଟରେ ମରି ଯାଉଅଛନ୍ତି । ବଡ ଦୁର୍ଭିକ୍ଷ । ଏ ବର୍ଷ ଶସ୍ୟ ବେଶ୍ ହୋଇଅଛି । ଦୁଇ ମାସ ବଞ୍ଚାଇ ରଖି ପାରିଲେ ହୁଅନ୍ତା ।

ପଦ୍ମ—ଲୋକେ କଣ ମରି ଯାଉଛନ୍ତି ? ମୁଁ ଶୁଣିଥିଲି ଦୁର୍ଭିକ୍ଷ ହୋଇଛି ବୋଲି । ଏପରି ଦୁର୍ଭିକ୍ଷ !

ସୁମନ୍ତ—ବିଶେଷ ଦୁର୍ଭିକ୍ଷ, ପଦ୍ମ ! ଗତ ପଚଶ ବର୍ଷ ମଧ୍ୟରେ ଏପରି କେବେ ହୋଇ ନ ଥିଲା ।

ପଦ୍ମ—ତାଙ୍କୁ ଧାନ ଗୁଣ୍ଡିଲା ଦେଲେ ସେମାନେ ତ ବେଶ୍ ଖାଇପିଇ ରହନ୍ତେ । ଦୁଇମାସ ମୋଟେ । ସେଠାରେ ଗଚ୍ଛିତ ଶସ୍ୟ ତ ଦିଆଯାଇପାରେ ।

ସୁମନ୍ତ—ହଁ, ବାପାଙ୍କ ଅନିଚ୍ଛା ଥିଲେ ମଧ୍ୟ ମୁଁ ସେଥିରୁ ଅଧିକାଂଶ ଦେଇ ସାରିଛି । ଆଉ ଦେବାକୁ ବର୍ତ୍ତମାନ ତାଙ୍କର ପ୍ରକାଶ୍ୟ ମନା । ମୁଁ ତାଙ୍କୁ ଦୁଇଥର କହିଲିଣି । ଆଉଥରେ କହି ଦେଖିବି ।

ପଦ୍ମ—ମୋର ବିଶ୍ୱାସ ବାପା ଏକଥା ଶୁଣିଲେ ମନା କରିବେ ନାହିଁ । ପ୍ରଜାମାନେ ମରିଯିବା ରାଜାର ଇଚ୍ଛା କଦାପି ହୋଇ ନ ପାରେ ।

ସୁମନ୍ତ—ତା ତ ନିଶ୍ଚୟ । ପ୍ରଜାମାନେ ବଞ୍ଚିଥିଲେ ତ ରାଜା ତାଙ୍କ ଉପରେ ଶାସନ କରିବେ । ପ୍ରଜାଙ୍କର ମଙ୍ଗଳ ଦେଖି ତାର ପ୍ରତିବିଧାନ ନ କରିବା ରାଜାର କର୍ତ୍ତବ୍ୟ ନୁହେଁ ।

ପଦ୍ମ—ତା ନିଶ୍ଚୟ ନୁହେ, ଭାଇ ! ତୁମେ କଣ ସୁବର୍ଣ୍ଣପୁର ଯିବ ?

ସୁମନ୍ତ—ହଁ, ମୁଁ ଯିବାର ସ୍ଥିର କରିଛି । ଦୁଇ ତିନିଦିନ ମଧ୍ୟରେ ଯିବି । ଦୁର୍ଭିକ୍ଷ ନିବାରଣ କରିବାପାଇଁ କିଛି ଗୋଟାଏ ପନ୍ଥା ଦେଖିବାକୁ ହେବ ।

ପଦ୍ମ—ମୁଁ ତୁମ ସଙ୍ଗରେ ଯାଆନ୍ତି, ଭାଇ !

ସୁମନ୍ତ—ଯିବୁ, ଇଚ୍ଛା, ଯାଇପାରୁ । କିନ୍ତୁ ସେ ଦୃଶ୍ୟ ଦେଖିଲେ ପ୍ରାଣରେ ଘୋର ଯନ୍ତ୍ରଣା ହେବ । ନ ଯିବା ଭଲ । ରହ ପଦ୍ମ, ସେ କଥା ତ ଏବେ ଏଣି ଅଛି । ମୁଁ ବାପାଙ୍କୁ ଯାଇ କହେ । ( ପ୍ରସ୍ଥାନ )

ପଦ୍ମ—ମାନବ ସମାଜର ଶତ୍ରୁ ବହୁତ—ରୋଗ ବୈରାଗ, ହିଂସ୍ରଜନ୍ତୁ, ଦ୍ୱେଷ, ହିଂସା । ତହିଁରେ ପୁଣି ପ୍ରକୃତିର ଏ ପ୍ରବଳ ରକ୍ତପିପାସା—ଦୁର୍ଭିକ୍ଷ, ଅନ୍ନ ଅଭାବରେ ପ୍ରାଣନାଶ । ରୋଗ ନାହିଁ, ବ୍ୟାଧି ନାହିଁ—ପର ଶେଷରେ ମୃତ୍ୟୁ । କି ଭୟଙ୍କର !

( କନକର ପ୍ରବେଶ )

କିଏ, କନକ ?

କନକ—ନା, ଆଉ ଜଣେ ।

ପଦ୍ମ—ତା ସତ, କନକ ! ତୁ ବର୍ତ୍ତମାନ ଆଉ ଜଣେ ।

କନକ—ନିଶ୍ଚୟ, ଆଉ ଜଣେ ମୁଁ ବର୍ତ୍ତମାନ । ଆକାଶ ପୃଥିବୀ ଦେଖୁଛୁ ତ । ଏବେ ଗୃହଆଡ଼ ଆଲୁଅ ଦିଶୁଛି । ପୃଥିବୀ ଆକାଶ ସମାନ, ଆଉ କେତେ କ୍ଷଣ ପରେ ପୃଥିବୀରେ ଚାରିଆଡ଼େ ଅନ୍ଧାର ଘୋଟି ଯିବ । ପୃଥିବୀ କହିବ ଆକାଶ, ତୁ ଏବେ ଆଉ ଜଣେ । ଆକାଶ କଣ କହିବ ଉତ୍ତରରେ, ପଦ୍ମ ।

ପଦ୍ମ—ଆକାଶ କହିବ, ନା, ସେଇ ପୁଚୁଣା କନକ। ଆଉ ଜଣେ କଣ ? ଯା, ଛାଡ଼ ସେ କଥା । ତୋର ଏତେ ବିଳମ୍ବ ହେଲା କାହିଁକି ?

କନକ—ଗୋଟେ ଗଳ୍ପ ଶୁଣୁଥିଲି ।

ପଦ୍ମ—କୁ' ଗଳ୍ପ ?

କନକ—ଗଳ୍ପ ତ । ତେବେ କୁ ଗଳ୍ପ ନୁହେ, ସୁ ଗଳ୍ପ ପଦ୍ମ !

ପଦ୍ମ—ତୋର ଏ ଦୂରଭ୍ୟାସ ଗଲାନାହିଁ, କନକ ! ପଚାରିଲେ ସରଳ କଥାରେ ଉତ୍ତର ଦେବୁନାହିଁ ?

କନକ—ନା, ବର୍ତ୍ତମାନ ଦୂରଭ୍ୟାସ ଗଲାଣି । ଦୂରରେ ଥିଲି ବୋଲି ଦୂରଭ୍ୟାସ । ଏବେ ତ ନିକଟକୁ ଆସିଲି, ବର୍ତ୍ତମାନ ନିକଟାଭ୍ୟାସ, ପଦ୍ମ !

ପଦ୍ମ—ହାଃ ହାଃ, ଯାଃ । ସବୁବେଳେ ଏକ କଥା ।

କନକ—ଆଚ୍ଛା ଦୂର କଥା କହୁଛି । ସୁମନ୍ତ ଭାଇଙ୍କୁ ଦେଖିଥିଲୁ ପଦ୍ମ ?

ପଦ୍ମ—ହଁ, ସେ ଆସିଥିଲେ । ଏହିକ୍ଷଣି ଗଲେ ।

କନକ—ଆଜକାଲି ତାଙ୍କର କିଛି ପରିବର୍ତ୍ତନ ଦେଖୁଛୁ ?

ପଦ୍ମ—ସେ ବର୍ତ୍ତମାନ ବଡ଼ ଚିନ୍ତିତ ଅଛନ୍ତି । ଦେଶରେ ପ୍ରବଳ ଦୁର୍ଭିକ୍ଷ ।

କନକ—ହଁ, ଦୁର୍ଭିକ୍ଷ ଯୋଗୁ ସେ ଚିନ୍ତିତ ଅଛନ୍ତି । ତା ଆଗରୁ ?

ପଦ୍ମ—ତା ଆଗରୁ ? ନା, ମୁଁ ତ କିଛି ଜାଣେ ନା ।

କନକ—ନାହିଁ ? ସେ ଦିନ ବଗିଚାରେ କଣ ବସି କହୁଥିଲେ, କିଛି ବୁଝିଲୁ ? ମୁଁ ଆଉ କେତେଦିନ ଦେଖିଛି ସେପରି ।

ପଦ୍ମ—ହଁ, ତାଙ୍କର ଏବେ କିପରି ଗୋଟାଏ ପରିବର୍ତ୍ତନ ହେଉଛି । ତାଙ୍କ ସ୍ୱଭାବ ତ ଏଭଳି ନ ଥିଲା । ବଡ଼ ଗଳ୍ପପ୍ରିୟ ଥିଲେ । ପ୍ରାଣପୂରିକି ହସୁଥିଲେ । ଏବେ ସେପରି କିଛି ନାହିଁ ? ହଁ, କନକ !

କନକ—ତେବେ ତାଙ୍କର ତାହା ଏକା ନୁହେ । ପରିବର୍ତ୍ତନ ଥରେ ଆରମ୍ଭ ହେଲେ ଘରଯାକ ଶୀଘ୍ର ମାଡ଼ଯାଏ, ଯେପରି ଏକ ସଂକ୍ରମଣ । କାହିଁକି ପରିବର୍ତ୍ତନ ଜାଣୁ ?

ପଦ୍ମ—ନା, ଜାଣେ ନାହିଁ ।

କନକ—ତା ତୁ କାହିଁକି ଜାଣିବୁ ?

ପଦ୍ମ—ଯେପରି କ ତୁ ସବୁ ଜାଣି ବସିଛୁ ।

କନକ—ମୁଁ ସବୁ ଜାଣେ । ଅନୁମାନ କରୁଛି, କିନ୍ତୁ ଭୁଲ ନୁହେ । କନକ କେବେ ଭୁଲ ଅନୁମାନ କରେନାହିଁ, ପଦ୍ମ ! ଠିକ୍ ଜାଣେ ।

ପଦ୍ମ—କହ ଦେଖି, କଣ ଜାଣୁ ?

କନକ—କହିଲି ପରା ।

ପଦ୍ମ—କଣ ?

କନକ—କହିଲି ସଂକ୍ରମଣ ।

ପଦ୍ମ—ସଂକ୍ରମଣ, ତା ଅର୍ଥ ? ତୋ କଥାରେ ଯେ ପଦ ପଦକେ ଟୀକା ଦରକାର ।

କନକ—ତା'ହେଲେ ମୁଁ ଯେବେ ଦଶ ଦୃଶଂ । କଥା ଏପରି କହିଯାଏ, ଆଜି ତୁ ଯେବେ ପାଖରେ ଥିବୁ, ଦେଶରେ ବସନ୍ତ ରୋଗ ହେବାର ଭୟ ନାହିଁ । ବେଶ୍ ପ୍ରତିକାର ।

ପଦ—ତୋତେ କିଏ ନ ଡରିବ କନକ !—ଖାଲି ବସନ୍ତ ରୋଗ କଣ ? ବାପା ସୁମନ୍ତ ଭାଇଙ୍କି କଣ କହିଥିବେ କେଜାଣି । ଭାଇ ଭୁଲ ବୁଝିଛନ୍ତି । ନାହିଁ କରିବାର ତ କୌଣସି କାରଣ ନାହିଁ । କନକ, କଣ କହିଲୁ ? ସଂକ୍ରମଣ ? ସଂକ୍ରମଣ ରୋଗ ହୁଏ; ସ୍ୱାସ୍ଥ୍ୟ, ନୁହେ, କନକ ! ( ପଟକ୍ଷେପଣ )

---

## —ଚତୁର୍ଥ ଦୃଶ୍ୟ—

ସ୍ଥାନ—କଟକର ରାସ୍ତା

( ଦୁଇଜଣ ନାଗରିକ—ଗୀତଗାଇ ପ୍ରବେଶ )

ଜନମେ ଯାହା ଲଭି    କରମେ ଥିବ ଲେଖି  
କେ ପୁଣି ପାରିବ ତା କରି ଆନ । ଘୋଷା ।

ଭାଇ ଭଗାରି ହେଲେ ଚଳି କି ହେବ ଭଲେ
ବିରୋଧେ ବିତି ସିନା ଯିବ ଦିନ ।
ଚିର ବିରୋଧୀ ନୋହି ବାନ୍ଧବ ହେଲେ ଭାଇ,
ସରଗ ପାଲଟନ୍ତା ଏ ଭୁବନ ।
ଭାଇ ଅଠର ମିଳି ଜଣକୁ ନୋହେ ସରି
ଏବେ ହୁଅନ୍ତି କେତେ ହୀନମାନ—
ବନ୍ଦଶାଳରେ ପଡ଼ି ଯାଉଅଛନ୍ତି ସଡ଼ି
କପାଳେ ଲେଖାଥିଲି କି କଷଣ ।
ବିଜୟ ଉତ୍ସବରେ ବାହୁଡ଼ିଲେଣି ପୁରେ
ନୃପତିମଣି ହୋଇ ପରସନ ।
ଇନ୍ଦ୍ର ଦେବତା ପ୍ରାୟେ ପାଳିବେ ନରରାଏ
ପୁଣି ହସିବ ଆହା କି ଘଟଣ ।
ସତ ସମ୍ପଦେ ପୂରି ପ୍ରୀତି ସ୍ନେହ ଉଛୁଳି
ନାଚିବେ ପୁଲକରେ ଗିରି ବନ ।
ମହୀମଣ୍ଡଳେ କାହିଁ ନାହିଁ ନ ଥିବ କେହି
ଉତ୍କଳ ପୁଣ୍ୟଭୂମି ସରିସମ ।

( ପ୍ରସ୍ଥାନ )

## ଦୃଶ୍ୟ ପରିବର୍ତ୍ତନ

ସ୍ଥାନ—କଟକରେ କାରାଗୃହ

( ବିକ୍ରମ ଦେବ, ନରସିଂହ ଦେବ, ରାମଚନ୍ଦ୍ର ଦେବ ବନ୍ଦୀ )

ନର—ଚତୁର୍ଦ୍ଦିଗରେ ଆଜି କି ଉତ୍ସବ । ଗାଅ, ବୈତାଳିକଗଣ ! ଗାଅ ପୁରବାସି ଗାଅ, ସୈନିକ ! ଆଶାର ଯେ ମଧୁର ତରଙ୍ଗ ଏ ହୃଦୟରେ ଖେଳୁଥିଲା, ଆଜି ଶୁଷ୍କ । ଠିକ୍ କହୁଅଛି, "ଜନମେ ଯାହା ବିହି କରମେ ଥିବ ଲିହି ।" ଓଃ କି ପରାଜୟ, କି ଲଜ୍ଜା କି ଅପମାନ

ବିକ୍ରମ—ଯାହା କହ ନରସିଂହ, ଲଜ୍ଜା ହେଉ, ଅଖ୍ୟାତି ହେଉ, ଅପମାନ ହେଉ, ଆଉ ସମ୍ଭବ ନୁହେ ।

ରାମ—ତା ସତ, ଭାଇ ! ଆଉ ସମ୍ଭବ ନୁହେଁ । ସୈନ୍ୟମାନେ ସମସ୍ତେ ନିହତ, ବନ୍ଧୁମାନେ ଉଦାସୀନ, ଏଥିରେ ଆଉ କି ଉପାୟ ?

ନର—ଦାସତ୍ୱ, ଅବଶେଷରେ ଦାସତ୍ୱ । ଦାସତ୍ୱ ଯେବେ ଏ କପାଳରେ ଲେଖା ଥିଲା, ବଳରାମ ଦେବ, ରାମଚନ୍ଦ୍ର ଦେବ, ନରସିଂହ ଦେବ, ସମ୍ରାଟ କପିଳେନ୍ଦ୍ର ଦେବଙ୍କ ପୁତ୍ର ହୋଇ ଯେବେ ପୁରୁଷୋତ୍ତମର ଦାସତ୍ୱ କରିବାକୁ ବିଧିର ନିର୍ଦ୍ଦେଶ ତେବେ ଅକାରଣ ଏତେ ରକ୍ତପାତ କାହିଁକି ? କିନ୍ତୁ ଆଉ କି ଉପାୟ, କି ଆଶା ?

ବଳରାମ—ଉପାୟ ନାହିଁ, ନରସିଂହ ! ଅଣୁମାତ୍ର ଉପାୟ ଥିଲେ ବଳରାମ ଆଜ ପୁରୁଷୋତ୍ତମର ଦୟାର ପାତ୍ର ହୋଇ ନ ଥାନ୍ତା । ଉପାୟ ନାହିଁ ।

ରାମ—ପଛରେ ଦଶଜଣ ସୈନିକ ଯେବେ ଛିଡ଼ା ହୋଇଥାନ୍ତେ, କାହାର ସାଧ ଥିଲା ନରସିଂହ, ରାମଚନ୍ଦ୍ର ଦେବାକୁ ଏ କାରାବାସରେ ଆଣି ରଖନ୍ତା ? କପାଳ ହୀନ; ବିଧାତା ବାମ; ନରସିଂହ, ବିଧାତା ବାମ ।

ବଳରାମ—କପାଳ ହୀନ ନିଶ୍ଚୟ, ବିଧାତା ବାମ ।

ନର—ଏ ଦାସତ୍ୱ ଅସହ୍ୟ, କିନ୍ତୁ ନିରୁପାୟ । ଏ ଜୀବନ ବର୍ତ୍ତମାନ ମରୁଭୂମିର ଧୂଳିକଣାଠାରୁ ହୀନ । ବୃଥା ଆଉ ବଞ୍ଚିବାର । କିନ୍ତୁ ଉପାୟ ନାହିଁ ଯେ ନିଜ ଇଚ୍ଛା ଅନୁରୂପ ପ୍ରାଣର ଏ ଦୁର୍ବହ ପରିଣାମ ଶେଷ କରିବି । ପିଞ୍ଜରରେ ପ୍ରାଣ ଯେମିତି ରଖିବାକୁ ହେବ; କିନ୍ତୁ ଥରେ ଯଦି ଏଥିରୁ ମୁକ୍ତ ହୁଅନ୍ତି, ଦେଖନ୍ତି ବର୍ତ୍ତମାନ ସୁଦ୍ଧା ରାଜଭକ୍ତ ପ୍ରଜା ଏ ଦେଶରେ ଅଛନ୍ତି କି ନାହିଁ ? ବିଦ୍ରୋହର ଦାବାନଳରେ ଓଡ଼ିଶାର ବନ ପ୍ରାନ୍ତର ଥରେ ଭସ୍ମୀକରି ଦେଖନ୍ତି, ଦାସ ହେବାର ଉପଯୁକ୍ତ କିଏ—ନରସିଂହ ନା ପୁରୁଷୋତ୍ତମ । କିନ୍ତୁ ଉପାୟ ନାହିଁ । ଓଃ, କି କଷ୍ଟ, କି ଘୋର ଦାସତ୍ୱ !

( ମନ୍ତ୍ରୀ ଓ ଅର୍ଜ୍ଜୁନ ସିଂହଙ୍କ ପ୍ରବେଶ )

ମନ୍ତ୍ରୀ—ବନ୍ଦୀ ଏମାନେ ? ଅନ୍ୟ ସମସ୍ତେ କେଉଁଠାରେ, ଅର୍ଜ୍ଜୁନ ସିଂହ ?

ଅର୍ଜ୍ଜୁନ—ସେମାନେ ଖଣ୍ଡୁକଣ୍ଟକଠାରେ ବନ୍ଦୀ ହୋଇଛନ୍ତି—ଦଶ ଜଣ । ତିନି ଜଣ କନକପଲ୍ଲୀରେ, ଦୁଇଜଣ ବାମଣ୍ଡା ଯୁଦ୍ଧରେ ନିହତ

ହୋଇଛନ୍ତି । ବର୍ତ୍ତମାନ ବନ୍ଦୀ ଏମାନେ ଷୋଳ ଜଣ, ମନ୍ତ୍ରି ମହାଶୟ !

ମନ୍ତ୍ରୀ—ତେବେ ବର୍ତ୍ତମାନ ନିଷ୍କଣ୍ଟକ । ମହାରାଜ ବହୁଦିନ ରାଜଧାନୀରୁ ଅନୁପସ୍ଥିତ ହେଲେଣି । ରାଜ୍ୟଭାର ଦୀର୍ଘକାଳ ଏ ଦୁର୍ବଳ ଶିରରେ ମୋର ରହିଥିଲା । ମହାରାଜ ରାଜ୍ୟ ଚଳାଇବେ । ମୋର ଏଣିକ ବିଶ୍ରାମର ଯୁଗ । ପ୍ରହରି, ବର୍ତ୍ତମାନ ଏ ବନ୍ଦୀମାନଙ୍କୁ କାରାବାସକୁ ଘେନିଯାଅ । କିନ୍ତୁ ଦେଖ, କାରାବାସରେ ରହି ଯେପରି କୌଣସି ଅସୁବିଧା ନ ହୁଏ । ଏ ବିଷୟରେ ସାବଧାନ ଥିବ ।

( ପ୍ରହରୀ ସହିତ ବନ୍ଦୀଙ୍କ ପ୍ରସ୍ଥାନ )

ଆଚ୍ଛା ବକ୍‌ସି, ଏମାନେ କଣ ଚିରକାଳ ବନ୍ଦୀ ହୋଇ ରହିବେ ?

ଅର୍ଜୁନ—ଏ ପ୍ରଶ୍ନର ଉତ୍ତର ବକ୍‌ସି ଦେଇ ନ ପାରେ, ମନ୍ତ୍ରି ମହାଶୟ ! ସୈନିକର କାର୍ଯ୍ୟ, ଯୁଦ୍ଧରେ ଶତ୍ରୁକୁ ପରାଜୟ କରି ଆଣିଦେବା । ଶତ୍ରୁ ପ୍ରତି କି ବ୍ୟବହାର କରିବାକୁ ହେବ, ତାହା ରାଜା ଓ ରାଜମନ୍ତ୍ରୀଙ୍କ ବିଚାରର ବିଷୟ ।

( ସେନାପତିଙ୍କର ପ୍ରବେଶ )

ଏଇ ସେନାପତି ମହାଶୟ ।

ସେନା—ଧନ୍ୟ ହୁଅ, ବୃଦ୍ଧ ବକ୍‌ସି, ଉତ୍କଳଭୂମିର ଗୌରବ ।

ଅର୍ଜୁନ—ସବୁ, ସେନାପତି ମହାଶୟ, ଆପଣଙ୍କ ଯତ୍ନ, କୌଶଳ, ଆଉ ଉଦ୍ୟୋଗର ଫଳ । ବନ୍ଦୀମାନେ କାରାଗାରକୁ ପ୍ରେରିତ ହୋଇଅଛନ୍ତି ।

ମନ୍ତ୍ରୀ—ବନ୍ଦୀମାନେ ଚିରକାଳ ବନ୍ଦୀ ହୋଇ ରହିବା ବିଷୟରେ ମହାରାଜାଙ୍କର ମତ କଣ, ସେନାପତି ?

ସେନା—ସେ କଥା ମୁଁ ବୁଝିନାହିଁ ।

ମନ୍ତ୍ରୀ—ଏମାନଙ୍କୁ ସେଥର ଛାଡ଼ିଦେଇ ପୁଣି ବିଦ୍ରୋହ ! ଏଥର ସେପରି ପୁଣି ହେଲେ ?

ସେନା—ସେ ଆଶଙ୍କା ଆଉ ନାହିଁ; ମନ୍ତ୍ରି ମହାଶୟ !

ଅର୍ଜ୍ଜୁନ—ନା, ସେମାନେ ବର୍ତ୍ତମାନ ନିରସ୍ତ୍ର, ନିରୁପାୟ । ବିଦ୍ରୋହର ଆଉ ଆଶଙ୍କା ନାହିଁ ।

ମନ୍ତ୍ରୀ—ତେବେ ଆମରଣ ବନ୍ଦୀ କରି କି ପ୍ରୟୋଜନ ? ଜୀବନର ଏ ସାମାନ୍ୟ ସ୍ୱାଧୀନତାଟିକରୁ ବଞ୍ଚିତ କରିବା ଘୋର ନିଷ୍ଠୁରତା ହେବ । ବିଶେଷତଃ ପୁରୁଷୋତ୍ତମ ଦେବଙ୍କ ଉଜ୍ଜ୍ୱଳ ରାଜତ୍ୱରେ ଏହା ଗୋଟାଏ କାଳିମା ହୋଇ ରହିବ । ଭବିଷ୍ୟତ୍ ଇତିହାସଲେଖକ ଏହାକୁ ଚନ୍ଦ୍ରର କଳଙ୍କ ପରି, ଅମୃତସାଗରରେ ବିଷର କଣିକା ସଦୃଶ ଚିତ୍ରିତ କରିବେ ।

( ରାଜାଙ୍କର ପ୍ରବେଶ )

ଏଇ ଯେ ମହାରାଜ, ସେନାପତି !

ରାଜା—ଏ ରାଜ୍ୟର ଗୁରୁଭାର ଆପଣ ବହନ କରି ଏଭଳି ସୁଚାରୁ ଶାସନ କରିଅଛନ୍ତି, ଦେଖି ମୁଁ ବିସ୍ମିତ ।

ମନ୍ତ୍ରୀ—ହଁ ମହାରାଜାଙ୍କ ଅନୁପସ୍ଥିତିରେ ଯେ କୌଣସି ପ୍ରକାର କାର୍ଯ୍ୟ ଚଳାଇ ଦେବା ମାତ୍ର । ବର୍ତ୍ତମାନ ରାଜ୍ୟ ନିଷ୍କଣ୍ଟକ ।

ରାଜା—ନିଷ୍କଣ୍ଟକ, ମନ୍ତ୍ରୀ ମହାଶୟ ! ଶତ୍ରୁମାନେ ସମସ୍ତେ ପରାଜିତ । କିନ୍ତୁ ଏ ବିଜୟ ସେନାପତିଙ୍କର ଓ ତାଙ୍କର ବିକ୍ରମୀ ବନ୍ଧୁ ଅର୍ଜ୍ଜୁନ ସିଂହଙ୍କର । ଏ ଦୁହିଙ୍କୁ ଦେଖିବା ଲାଗି ବହୁ ଲୋକ ପ୍ରାଙ୍ଗଣରେ ଅପେକ୍ଷା କରିଅଛନ୍ତି । ଆପଣ ଏମାନଙ୍କୁ ସଙ୍ଗରେ ନେଇ ସେମାନଙ୍କୁ ଦେଖାଇ ଆଣନ୍ତୁ ।

ମନ୍ତ୍ରୀ—ଆସ ବସନ୍ତ ରାଉତ, ଅର୍ଜ୍ଜୁନ ସିଂହ ! ଓଡ଼ିଶାର ସୌଭାଗ୍ୟଗଗନରେ ସୂର୍ଯ୍ୟ, ଚନ୍ଦ୍ର ଦୁଇଗୋଟି ତୁମ୍ଭେ, ଆସ ।

( ପ୍ରସ୍ଥାନ )

ରାଜା—ମା ଉତ୍କଳ ଭୂମି ଆଜି ନିଷ୍କଣ୍ଟକ । ଶତ୍ରୁ ଯେ କେବଳ ପରାଜିତ, ତାହା ନୁହେ, ଏକାବେଳକେ ନିରସ୍ତ୍ର, ଭବିଷ୍ୟତରେ ପୁଣି ବିଦ୍ରୋହ କରିବାକୁ ସମ୍ପୂର୍ଣ୍ଣ ଅସମର୍ଥ, ଦୁର୍ବଳ । ରାଜ୍ୟ ଆଜି ନିଷ୍କଣ୍ଟକ । ଦାରୁଣ ମରୁଭୂମିରେ ପରିଣତ ହୋଇଥିଲା ଯେଉଁ ବିଶାଳ ଶସ୍ୟକ୍ଷେତ୍ରମାଳା, ସେ ସମସ୍ତ ଅଚିରେ ଶସ୍ୟରାଶିର ମୋହନସମ୍ପଦରେ ଶ୍ୟାମଳିତ ହେବ । ଖିଷଣ ଶବରାଶିର ସ୍ତୂପ-

ପୁଞ୍ଜରେ ବିକଟ ଆକାର ଧାରଣ କରିଥିଲି ଯେଉଁ ବିସ୍ତୀର୍ଣ୍ଣ ପ୍ରାନ୍ତରମାନ ସେ ସବୁରେ ପୁନର୍ବାର ନରନାରୀ କଣ୍ଠର କୋଳାହଳ, ହାସ୍ୟରୋଳ ଭାସି ବୁଲିବ; ସ୍ନେହ ପ୍ରୀତିର ପୁଣ୍ୟତରଙ୍ଗ ଖେଳି ଉଠିବ । ମା ଉତ୍କଳ ଭୂମି ଏତେଦିନେ ନିଷ୍କଣ୍ଟକ । ପ୍ରତିଜ୍ଞା ଏତେଦିନେ ପୂର୍ଣ୍ଣ ହୋଇ ଅଛି । ଏ ରାଜାର ନୁହେଁ—ପୁତ୍ରର କର୍ତ୍ତବ୍ୟ । ଜନ୍ମଭୂମି ଜନନୀ ସମାନ । ଜନ୍ମଭୂମି ଯେତେବେଳେ ବିପନ୍ନ, ପ୍ରତ୍ୟେକ ସନ୍ତାନର କର୍ତ୍ତବ୍ୟ ସେ ବିପଦ ଦୂର କରିବା । ମୁଁ ତାହାହିଁ କରିଅଛି । ମାତୃଭୂମିକୁ ରକ୍ଷା କରିଅଛି, କିନ୍ତୁ କାହା ହସ୍ତରୁ ? ଯେ ନ୍ୟାୟତଃ ତାହାର ରକ୍ଷକ, ତାହାରି ହସ୍ତରୁ । ବିକ୍ରମ, ଆଜି ତୁମ୍ଭେ ବିଶାଳ ଉତ୍କଳ ସାମ୍ରାଜ୍ୟର ସମ୍ରାଟ ହୋଇ ବସିଥାନ୍ତ; ଆଉ ମୁଁ ପୁରୁଷୋତ୍ତମ, ତୁମ୍ଭର କୃପା ଭିକ୍ଷା କରୁଥାନ୍ତି । କିନ୍ତୁ ଭାଗ୍ୟର କି ପରିବର୍ତ୍ତନ ! ପ୍ରକୃତିର କି ବିପର୍ଯ୍ୟୟରେ ପଡ଼ି ଆଜି ତୁମ୍ଭେ ବନ୍ଦୀ, ତୁମ୍ଭର ଭାଇମାନେ କେତେକ ନିହତ, କେତେକ ବନ୍ଦୀ । ଆଜି ପୁରୁଷୋତ୍ତମ ଦେବ ତୁମ୍ଭ ଜୀବନର ହର୍ତ୍ତାକର୍ତ୍ତା । ଇଚ୍ଛାକଲେ ଅଗ୍ନିରେ ଦଗ୍ଧ କରିପାରେ, ସମୁଦ୍ରରେ ଭସାଇ ଦେଇପାରେ, ଏବଂ ଅସିର ତୀକ୍ଷ୍ଣ ଧାରରେ ମସ୍ତକ ଛିନ୍ନ କରିପାରେ । ପ୍ରକୃତିର ଏ କି ନିୟମ ! ବୁଝି ପାରେ, ଯେବେ କ୍ଷୁଧାର୍ତ୍ତ ସିଂହ କୋମଳ ମୃଗ ଶିଶୁର ରକ୍ତ ପାନ କରେ; କିନ୍ତୁ ଯେତେବେଳେ ମୃଗଶିଶୁ, ସିଂହର ବିଶାଳ ପୃଷ୍ଠରେ ବସି ନୃତ୍ୟ କରୁଥାଏ, ସେ କଥା ଅବୋଧ । ବିକ୍ରମ, ଭାଇ ମୋର, ଜୀବନରେ ବହୁତ କଷ୍ଟ ସହିଛ । ବନ, ପର୍ବତରେ ବହୁ ଦିନ ବୁଲିଛ । କ୍ଷୁଧାବେଳେ ଅନ୍ନ ମୁଠାକ ପାଇଁ, ପିପାସାରେ ପାଣି ଢୋକକ ପାଇଁ ବହୁତ ଭ୍ରମିଛ । ଅବଶେଷରେ ଏବେ ବନ୍ଦୀ । ନା, ଭାଇ, ଯାଅ । ସୁଖ ସ୍ୱଚ୍ଛନ୍ଦରେ, ନିର୍ଭୟରେ, ମୁକ୍ତ ସମୀର-ତରଙ୍ଗରେ ସ୍ୱାଧୀନ ପ୍ରାଣରେ ବିଚରଣ କର । ତୁମ୍ଭର ରାଜ୍ୟ ଅପହରଣ କରି ପ୍ରତିଦାନରେ ବନ୍ଦୀ ? ନା ନା, ନୁହେଁ । ଦେଶ ବର୍ତ୍ତମାନ ଶାନ୍ତିମୟ ହୋଇଅଛି । ପୂର୍ବର ସମୃଦ୍ଧି ପୁନର୍ବାର ଅଚିରେ ଫେରି ଆସିବ । ପ୍ରଭୋ, ତୁମ୍ଭର ଏ ବିଶାଳ କରୁଣା ! ଜୀବନରେ ବହୁବାର ତୁମ୍ଭର ଅପାର କୃପା ବର୍ଷଣ କରିଅଛ । ଆପଦରେ ବିପଦରେ ଉଦ୍ଧାର

କରଅଛ । "ଭଗବାନ୍ ! ସେଦିନ ଶ୍ରୀକ୍ଷେତ୍ରରେ ଅସୀମ ଅର୍ଣ୍ଣବର ଜଳତରଙ୍ଗ ମଧ୍ୟରେ ବୁଡ଼ି ଯାଉଥିଲି, କାହାର କରୁଣାମୟ କରଯୁଗଳ ଯେପରି ଉପରକୁ ଟେକି ଆଣିଲା । କୃଷ୍ଣାନଦୀ କୂଳରେ ଯୁଦ୍ଧଭୂମିରେ ଜୀବନର ଅନ୍ତିମ ନିଃଶ୍ୱାସଧାରା ବିସର୍ଜନ କରୁଥିଲି, କିଏ ଆସି ନୂତନ ପ୍ରାଣ ଢାଳି ଦେଇଗଲା । ପ୍ରଭୋ, ଅପାର କରୁଣା !

ଯେତେବେଳେ ଯାହା ଲୋଡ଼ିଛି ହେ ପିତା
ତେତେବେଳେ ତାହା ଦେଇଛ;
ଯେତେବେଳେ ଯାହା କରିଛି ହେ ପିତା
ତେତେବେଳେ ତାହା କରିଛ,
ପବନଦେବତା ହେ ପରାଣସଖା
କେତେମନ୍ତ୍ରେ ମନ ମୋହୁଛ;
ଯେତେ ଅପରାଧ, ଯେତେ ଅନାଚାର,
କ୍ଷମାନିଧି ସବୁ ସହୁଛ ।
( ପ୍ରସ୍ଥାନ )

—ପଞ୍ଚମ ଦୃଶ୍ୟ—

ସ୍ଥାନ—କାଞ୍ଚୀ ରାଜପ୍ରାସାଦ

( କଳେବରେଶ୍ୱର, ମନ୍ତ୍ରୀ, ଦୂତ, ପ୍ରହରୀ ଉପସ୍ଥିତ )

କଳେ—ଏ ବଡ଼ ଆସ୍ପର୍ଦ୍ଧା, ଦୂତ !

ଦୂତ—ଆସ୍ପର୍ଦ୍ଧା କାହିଁକି, ମହାରାଜ ?

କଳେ—ଅସ୍ପର୍ଦ୍ଧା ଯେ କାଞ୍ଚୀରାଜକୁମାରୀ ପ୍ରତ୍ୟାଶୀ ହୋଇଅଛି ।

ଦୂତ—ଏ କଣ ଅସ୍ପର୍ଦ୍ଧା ହେଲା ?

କଳେ—ନିଶ୍ଚି ଅସ୍ପର୍ଦ୍ଧା । ଏ ବାମନର ଚନ୍ଦ୍ରକୁ ହାତ ବଢାଇବା ପରି, ସାମାନ୍ୟ ପିମ୍ପୁଡ଼ି ହୋଇ ଘପତ୍ରୁଖାରେ ଚଢିବା ସମାନ । ଆସ୍ପର୍ଦ୍ଧା ନୁହେ, ଦୂତ ! ମୂର୍ଖତା ମାତ୍ର ।

ଦୂତ—ଗଜପତିଙ୍କର ଏପରି ନିନ୍ଦା କରିବେ ନାହିଁ, ମହାରାଜ !

କଳେ—ନିନ୍ଦା କରୁ ନୁହେଁ ! ସତ୍ୟ, ନଗ୍ନ ସତ୍ୟ । ତା ହେବନାହିଁ, ଦୂତ ! ସେ କୁଳାଙ୍ଗାର ହାତରେ ମୁଁ ମୋର କାଞ୍ଚୀରାଜ୍ୟର କାଞ୍ଚନ ଜେମା ପଦ୍ମାବତୀଙ୍କ ଦେବିନାହିଁ ।

ଦୂତ—ଭଲ କଥା । ମୁଁ ଦୂତ, ଏଇ ସମ୍ବାଦ ଯାଇ ଗଜପତିଙ୍କ ଶ୍ରୀମୁଖରେ ଜଣାଇବି । ଦୁର୍ନାମ ଶୁଣିବା ଦୂତର କର୍ତ୍ତବ୍ୟ ନୁହେଁ, ମହାରାଜ !

କଳେ—ଦୂତର ତ ବେଶ୍ କର୍ତ୍ତବ୍ୟ ଜ୍ଞାନ ଅଛି । ଏତିକି କର୍ତ୍ତବ୍ୟ ଜ୍ଞାନ ପୁରୁଷୋତ୍ତମର ଥିଲେ—ପୁରୁଷୋତ୍ତମ, କ୍ଷତ୍ରିୟକୁଳର କଳଙ୍କ । ସେ ବର୍ବର । ଏହିପରି କଳଙ୍କ ଥିଲା ପରଶୁରାମର, ବାରମ୍ବାର ଭାରତଭୂମିକୁ ନିକ୍ଷତ୍ରିୟ କରିଥିଲା, ଯାର ନାମରେ ବସୁନ୍ଧରା କମ୍ପିତ ହେଉଥାଏ, ନିଜର ଗର୍ବ ଲାଗି ଦିନେ ସେ ପାମର କ୍ଷତ୍ରିୟ ଶିରୋମଣି ରାମଚନ୍ଦ୍ରଙ୍କ ହସ୍ତରେ ବିଧ୍ୱସ୍ତ ହେଲା । ସେହିପରି ରାମଚନ୍ଦ୍ର ଦରକାର । ଯା, ଦୂତ ! ତୋର ରାଜାକୁ କହିବୁ, ମୋର ପଦ୍ମକୁ ବର ନ ମିଳିଲେ ଚିରକୁମାରୀ କରି ରଖିବି, ବରଞ୍ଚ ଚଣ୍ଡାଳ ସଙ୍ଗରେ ବିବାହ କରାଇବି । ସେ ଭ୍ରାତୃହନ୍ତା, କ୍ଷତ୍ରିୟବୈରୀ, ଚଣ୍ଡାଳ ବ୍ୟବସାୟୀ, ବର୍ବର । ତାର ଆସ୍ପର୍ଦ୍ଧା ଦେଖି ମୁଁ ବର୍ତ୍ତମାନ ବିସ୍ମିତ । କାଞ୍ଚୀରାଜ କପିଳେନ୍ଦ୍ର ଦେବଙ୍କ ପୁତ୍ର ନୁହେଁ, ଦୂତ, ଯେ ପୁରୁଷୋତ୍ତମ ଦ୍ୱାରରେ ଯାଇ ଭିକ୍ଷାର୍ଥୀ ହେବ । ଯା, ଶକ୍ତି ଅଛି, ପରାକ୍ରମ ଅଛି, କହିବୁ, ଏତେ ଯଦି ଲାଳସା, ପାଦ୍ମାବତୀଙ୍କୁ ବିବାହ ହେବାର ଯେବେ ଏତେ ପ୍ରବଳ ଅଭିଳାଷ, କହିବୁ, ଯୁଦ୍ଧରେ ଜୟ କରି ପଦ୍ମାବତୀଙ୍କୁ ନେଇଯାଉ । ପଦ୍ମାବତୀ ମୋର ଶାକ, ଚଣ୍ଡାଳ ନୁହେଁ ସେ ପଥର ଭିକ୍ଷୁକ ଆସି ଭିକ୍ଷା କଲେ, ତା ହସ୍ତରେ ଅର୍ପଣ କରିବି । ଯା, ଦୂତ, ତୋର ରାଜାକୁ ଯାଇ ଜଣାଅ ।

ଦୂତ—ଜଣାଇବି । ପ୍ରଭୁର ନିନ୍ଦା ଶୁଣି, ମହାରାଜ, ଓଡ଼ିଆ ଘରବରେ ଫେରେ ନାହିଁ । ତାର ପ୍ରତ୍ୟେକ ରକ୍ତବିନ୍ଦୁ ପ୍ରଭୁଙ୍କ ପଦରେ ଉତ୍ସୃଷ୍ଟ । ମୁଁ ଦୂତ, ଦୂତର କର୍ମ ସମ୍ବାଦ ବହନ କରିବା, ଏ ଅସାଧାରଣ ନୁହେଁ । ଅସାଧାରଣ ଭଣ ମାତ୍ର । ନୋହିଲେ ଏ ଜୀବନ ନେଇ ଫେରନ୍ତି ନାହିଁ, ମହାରାଜ ! ଦୂତ କର୍ତ୍ତବ୍ୟରେ

କ୍ଷୁଣ୍ଣ ଘଟିବ। ଏ ଅସ୍ତ୍ର ଏଣ୍ଡୁଠାରେ ବିସର୍ଜନ କରଗଲି। ଯଦି ଓଡ଼ିଆର ବାହୁରେ ଶକ୍ତି ଥାଏ, ତେବେ ଆସି ଏଠାରୁ ସ୍ୱଦେଶକୁ ପୁନରପି ନେବ।

କଳେ—ସାମାନ୍ୟ ଦୂତ ହୋଇ ମଧ୍ୟ ଏତେ ଆସ୍ପର୍ଦ୍ଧା! ଦେଖ, ପ୍ରାଣର ମମତା ଥିଲେ କଥାକୁ ପ୍ରତ୍ୟାହାର କର।

ଦୂତ—କଥାକୁ କହି ନାହିଁ ମହାରାଜ, ଯାହା ବିହିତ ବିବେଚନା କରିଛି, କହିଛି। ଥରେ ବଗୁର କରି କହି ସାରିଲେ ତାର ପ୍ରତ୍ୟାହାର ଓଡ଼ିଆ ଜାଣେ ନାହିଁ।

କଳେ—ପ୍ରହରୀ!

ପ୍ରହରୀ—ମହାରାଜ!

କଳେ—ଦୂତକୁ ଏହି ମୁହୂର୍ତ୍ତରେ ବନ୍ଦୀ କର, ପ୍ରହରୀ! ଏତେ ଆସ୍ପର୍ଦ୍ଧା!

ଦୂତ—ଆପତ୍ତି ନାହିଁ, ମହାରାଜ! ଦେଶର ଅପମାନ ସହି ନ ପାରିବା ଅପରାଧରେ ହତ ବା ବନ୍ଦୀ ହେବା ଓଡ଼ିଆର ଭୂଷଣ। କିଛି ଆପତ୍ତି ନାହିଁ ପ୍ରହରୀ!

( ବନ୍ଦୀ ସହ ପ୍ରହରୀର ପ୍ରସ୍ଥାନ )

ମନ୍ତ୍ରୀ—ମହାରାଜ, କ୍ଷମା କରିବେ। ଦୂତ ପ୍ରତି ଏ ବ୍ୟବହାର ଉଚିତ ହେଉ ନାହିଁ।

କଳେ—ଉଚିତ ହୋଇନାହିଁ? ପ୍ରାଣଦଣ୍ଡ, ପ୍ରାଣଦଣ୍ଡ—ଉଚିତ ହୋଇନାହିଁ? ଦୂତର ଏତେ ସାହସ—ରାଜପ୍ରାସାଦ ମଧ୍ୟରେ ରାଜାଙ୍କର ଅପମାନ କରିବ?

ମନ୍ତ୍ରୀ—ତଥାପି ସେ ଦୂତ, ମହାରାଜ!

କଳେ—ହେଲା, ତା ମୁଁ ଜାଣେ ମନ୍ତ୍ରି!

ମନ୍ତ୍ରୀ—ମହାରାଜ, ସମ୍ଭବତଃ ଏହାର ପରିଣାମ ଭଲ ହେବ ନାହିଁ।

କଳେ—ପରିଣାମ! ପରିଣାମ ନିମନ୍ତେ ମୋର ଭ୍ରୂକ୍ଷେପ ନାହିଁ, ମନ୍ତ୍ରି!

ମନ୍ତ୍ରୀ—ରାଣୀ, ଯୁବରାଜ ପ୍ରଭୃତିଙ୍କର ଏ ବିବାହରେ ସମ୍ମତି ଥିଲା, ମହାରାଜ! କରିଥିଲେ ହୋଇଥାନ୍ତା।

କଳେ—ଚୁପ୍ ହୁଅ, ମନ୍ତ୍ରି! ସେ ବିଚାର ତୁମ୍ଭ ହସ୍ତରେ ନାହିଁ, କି ରାଣୀ ଆଉ ଯୁବରାଜ ହସ୍ତରେ ନାହିଁ।

ମନ୍ତ୍ରୀ—କନ୍ଦର୍ପ ଦୂତ ପ୍ରତି ଏ ବ୍ୟବହାର ଅସୁନ୍ଦର ଦଶିବ ।
କନେ—ଅସୁନ୍ଦର କହୁଛ ନୁହେ, ଯାହା ହୋଇଅଛୁ ଠିକ୍ ।
ମନ୍ତ୍ରୀ—ନନ୍ଦା ହେବ, ମହାରାଜ !
କନେ—ନନ୍ଦା ? ଠିକ୍ ହୋଇଅଛୁ, ମନ୍ତ୍ରି ! ନନ୍ଦା କାହିଁକି ?
ମନ୍ତ୍ରୀ—ତଥାପି, ମହାରାଜ, ଅନଷ୍ଟର ଆଶଙ୍କା ପୂର୍ଣ୍ଣ । ବିପଦ ଘଟିପାରେ ।
କନେ—ତେବେ କଣ ସାମାନ୍ୟ ଦୂତଟାଏ ଏତେ ଅପମାନ ଦେଇ ଚାଲିଯିବ ?
ମନ୍ତ୍ରୀ—ସାମାନ୍ୟ ଦୂତଟାକୁ ବା ବନ୍ଦୀ କରି କି ଲାଭ ?
କନେ—ଲାଭ, ଲାଭ ଅପମାନର ପ୍ରତିହିଂସା । ତେବେ ବିପଦ ଘଟିପାରେ ।
ମନ୍ତ୍ରୀ—ପ୍ରତିହିଂସା, ମହାରାଜ, ସାମାନ୍ୟ ଦୂତଠାରେ ? ରାଜୋଚିତ ନୁହେ ।
କନେ—ରାଜୋଚିତ ନୁହେ ?
ମନ୍ତ୍ରୀ—ନୁହେ, ମହାରାଜ !
କନେ—ନୁହେ, କହୁଛ ମନ୍ତ୍ରୀ । ନୁହେ । ଅଚ୍ଛା ।

[ ପଟକ୍ଷେପଣ ]

---

## —ଷଷ୍ଠ ଦୃଶ୍ୟ—

### ସ୍ଥାନ—କାଞ୍ଚୀରାଜପ୍ରାସାଦର କକ୍ଷ

[ ପଦ୍ମାବତୀ ଓ କନକ ଦୁହିଙ୍କର ଗୋଟିଏ କକ୍ଷମଧ୍ୟରୁ ଆଗତ ]

ପଦ୍ମ—କେତେ ରାତି ହେବ କନକ ?
କନକ—କେଜାଣି ।
ପଦ୍ମ—ଅନୁମାନରେ ପ୍ରାୟ କେତେ ହେବ ?
କନକ—ଏ ଯେ, କୃଷ୍ଣପକ୍ଷ, ଚନ୍ଦ୍ର ଉଠିଥିଲେ ସିନା କହି ହୁଅନ୍ତା !
ପଦ୍ମ—ହଁ, କୃଷ୍ଣପକ୍ଷ, ଆଜ ତ ଅମାବାସ୍ୟା, କାଲିକି ଜହ୍ନ ଉଠିବ ।
କନକ—କାଲି ପ୍ରତିପଦା, ପଦ୍ମ !

ପଦ୍ମ—ପରଦିନ ଦ୍ୱିତୀୟା—ଜଗନ୍ନାଥ ମହାପ୍ରଭୁଙ୍କ ଗୁଣ୍ଡିଚା ଯାତ୍ରା ।

କନକ—ପର ଦିନକୁ ଠିକଏ ବେଶି ହୋଇ ଜହ୍ନ ପଡ଼ିବ ।

ପଦ୍ମ—ଦେଖିଲ୍, କନକ, ଶୁକ୍ରତାରା ଅସ୍ତ ହେଲଣି ? ଆହ୍ମର ମଧ ଦେଖି ଆସିବୁ, କାଳପୁରୁଷ ପୂର୍ବ ଦିଗରେ ଉଦୟ ହେଲଣି କି ନା ?

କନକ—ଆଚ୍ଛା । [ପ୍ରସ୍ଥାନ]

ପଦ୍ମ—ନକ୍ଷତ୍ରମାନେ ରାତିରେ ସମୟ ଜଣାଇବା ବିଷୟରେ ବେଶ୍ । ଅପାର ସମୁଦ୍ର ବକ୍ଷରେ ପଥଭ୍ରାନ୍ତ ନାବିକର ସହାୟ ଏହି ନକ୍ଷତ୍ର । ଉତ୍ତରମେରୁର ସେ ପୁଣ୍ୟତମ ଧ୍ରୁବତାରା, ନିଜ ସ୍ଥାନରୁ ବିନ୍ଦୁମାତ୍ର ଟଳିବାର ନାହିଁ । ସେଥିପାଇଁ କହନ୍ତି, ଜୀବନର ଧ୍ରୁବତାରା । ଆହା, ଆଉ କାହିଁକି ? ଆକାଶ ଥିଲେ ତ ଧ୍ରୁବତାରା ସେଥିରେ ବିରାଜିବ । [କନକର ପ୍ରତ୍ୟାଗମନ]

କନକ ଫେରିଲୁ ?

କନକ—ଆଜି ମେଘାଚ୍ଛନ୍ନ, ପଦ୍ମ ! ଝିପି ଝିପି ବର୍ଷା ହେଉଛି କିନ୍ତୁ ଦେଖାଯାଉ ନାହିଁ । ବିଜୁଳି, ମେଘ ଘଡ଼ଘଡ଼ି ମଧ ଭାରି ହେଉଛି ।

ପଦ୍ମ—ଆଜିକି ବୟାଳିଶ ଦିନ ।

କନକ—ସେ କଥା ବହୁତ ଶୁଣିଲି, ପଦ୍ମ !

ପଦ୍ମ—ବୟାଳିଶଟି ଦିନ ମୋର ବୟାଳିଶ ଯୁଗ । କପରି ଦିନ ରାତି କଟୁଛି, ମୁଁ ଜାଣି ପାରୁନାହିଁ, କନକ ! ଆଉ କେତେଦିନ ? କେତେଦିନ ତ ନୁହେ । ସେ ତ ଏକ ସୌଭାଗ୍ୟ । ନା, ଏ ଯେ ଚିରକାଳ କନକ !

କନକ—ବାପା ବଡ଼ ନିଷ୍ଠୁର ।

ପଦ୍ମ—ଦୂତ ଯାଇ ପହଞ୍ଚିବଣି । କି ସମ୍ବାଦ କହୁଥିବ ? ଚିରକାଳ, କନକ ! ହେଲା ନାହିଁ ।

କନକ—ବାପାଙ୍କ ମନ ବଦଳି ଯାଇ ପାରେ ଏ ମଧରେ ।

ପଦ୍ମ—ହେଲେ, ସେ ଦୂତ କଣ ଆଉଥରେ ଆସିବ ?

କନକ—ନ ଆସିବ କାହିଁକି ?

ପଦ୍ମ—ଅସମ୍ଭବ । (ଚିତ୍ର ଦେଖି) ଅସମ୍ଭବ କନକ ! ଆଉ ନୁହେ । ଜୀବନରେ ମୁହୂର୍ତ୍ତକ ପାଇଁ ଦେଖିଥିଲି । ଆଶା ଥିଲା ଆଜୀବନ··· । ସେଇ ହେଲା ଶେଷ ଦେଖା । ଏଣିକି ଏ ଚିତ୍ରରେ··· । ମୁଁ ଏ ସଂସାର ପୃଷ୍ଠରୁ ବିଲୀନ ହୋଇଯାନ୍ତି, କନକ, ତୁ ମୋର ଚିତ୍ର ଅଙ୍କନ କରି ଏଇଠାରେ ରଖି ଦିଅନ୍ତୁ ।

[ସୁମନ୍ତ ସିଂହଙ୍କ ପ୍ରବେଶ]

କନକ—କିଏ, ସୁମନ୍ତ ଭାଇ ?

ସୁମନ୍ତ—ତୁମେ ଦୁହେଁ ଏପରି କାହିଁକି, କନକ ! ପଦ୍ମ, ଏଠି କଣ କରୁଛ ?

ପଦ୍ମ—କରୁଛି ନାହିଁ, ଭାଇ ! କନକ ସଙ୍ଗରେ କଥାବାର୍ତ୍ତା ହେଉଥିଲି ।

କନକ—ନା, ଭାଇ ! ପଦ୍ମ ସେପରି ପାଗଳ । ବଡ଼ ଦୁଃଖ ।

ସୁମନ୍ତ—ଛି ପଦ୍ମ, ଏପରି ହୁଅନ୍ତି ? ତୁ ଆଜିକାଲି ପଢ଼ାପଢ଼ି ଛାଡ଼ିଦେଲୁଣି କି ? ଚିତ୍ର ଅଙ୍କନ ପରି ଆଉ ଚୋରି ହେଉ ନାହିଁ ?

କନକ—ଅନେକ ଦିନ ତଳେ ଏଇ ଚିତ୍ରଟି ଲେଖିଥିଲି । ଦେ ତ, ପଦ୍ମ ।

ସୁମନ୍ତ—ଦେଖି । (ଚିତ୍ରଦେଖି) ବେଶ୍ ଚିତ୍ର । ଏ ଯେ କୃଷ୍ଣାନଦୀ କୂଳର ଚିତ୍ର । ଯୁଦ୍ଧଭୂମିର ନା କଣ ? ଏ ତ ମୁମୂର୍ଷୁ ବା ମୃତ ସୈନିକ ।

କନକ—ସେ ପୁରୁଷୋତ୍ତମ ଦେବ, ଭାଇ, ଯୁଦ୍ଧଭୂମିରେ ମୁମୂର୍ଷୁ ଅବସ୍ଥାରେ ଏକାକୀ ଶାୟିତ ।

ସୁମନ୍ତ—ଛାଡ଼ କନକ, ସେ କଥା । ବାପା ଏଣେ ମହାଭ୍ରମ କରିଛନ୍ତି ।

[କଳେବରେଶ୍ୱରଙ୍କ ପ୍ରବେଶ]

କଳେ—କଣ, ସୁମନ୍ତ ?

ସୁମନ୍ତ—ଏମାନଙ୍କ ସଙ୍ଗେ ଗଳ୍ପ କରୁଛି, ବାପା !

କଳେ—ସେ କଣ ତୋ ହାତରେ ?

ସୁମନ୍ତ—ଗୋଟିଏ ଚିତ୍ର ।

କଳେ—ଗୋଟିଏ ଶବ୍ଦ। ବାପ। ଏକ ମହାଭ୍ରମ କରିଛନ୍ତି। ବାପାଙ୍କ ଭ୍ରମ ଦେଖିବା, ସୁମନ୍ତ ତୋର କାର୍ଯ୍ୟ। ଆଜି କନକ କହିବ, କାଞ୍ଚୀର ମହାରାଜ ବଡ଼ ନିଷ୍ଠୁର। କାଞ୍ଚୀ ସାମ୍ରାଜ୍ୟରେ ରାଜସିଂହାସନ ବିରୁଦ୍ଧରେ ଏ ପ୍ରଥମ ଷଡ଼ଯନ୍ତ୍ର। ଏ ସମସ୍ତର ମୂଳରେ ଯାହାକୁ ନିରୀହ ସରଳ ବାଳିକା ବୋଲି ଏତେଦିନ ବିଚାରିଥିଲି, ଏଇ ପଦ୍ମାବତୀ। ପଦ୍ମାବତୀ, ଛାଡ଼ ଏ ସବୁ।

ପଦ୍ମ—କଣ, ବାପା ?

କଳେ—କଣ ?

ପଦ୍ମ—କହନ୍ତୁ, ବାପା, ଛାଡ଼ିବି।

କଳେ—ଏ ପାଗଳାମି।

ପଦ୍ମ—ପାଗଳାମି ତ ମୋର କିଛି ନାହିଁ, ବାପା !

କଳେ—ପାଗଳାମି ନୁହେଁ। ଏହା ପିତା ସଙ୍ଗରେ କନ୍ୟାର ଘୋର ଶତ୍ରୁତା।

ପଦ୍ମ—ତା କହିବେ ନାହିଁ, ପିତା !

କଳେ—ଶତ୍ରୁତା ନୁହେଁ ? ଯେଉଁ ବର୍ବରର ଦୂତ ଆମି ସେଦିନ ରାଜସଭା ମଧ୍ୟରେ ଏତେ ଅପମାନ ଦେଇଗଲା, ବନ୍ଦୀ କରିଥାନ୍ତି, ଅପମାନ ଦେବାର ପୂର୍ଣ୍ଣ ପ୍ରତିଶୋଧ ନେଇଥାନ୍ତି—ମନ୍ତ୍ରୀ କହିଲେ—ସୁନ୍ଦର ନୁହେ ବୋଲି ଛାଡ଼ିଦେଲି। ସେହି କାପୁରୁଷର ମୂର୍ତ୍ତି ମୋର ଉଆସରେ ରଖାହେବ, ତା ପୁଣି ମୋର କନ୍ୟାଦ୍ୱାରା।

କନକ—କ୍ଷୁନ୍ନ ହୁଅନ୍ତୁ, ବାପା ! ପଦ୍ମର ଦୁଃଖ ଉପରେ ପୁଣି ଦୁଃଖ ହେବ। ତାକୁ କିଛି କହିବେ ନାହିଁ। ଯା, ପଦ୍ମ ତୁ ମାଙ୍କ ପାଖକୁ ଯା।

କଳେ—ଚୁପ୍ ହୁଅ, ବାଳିକା ! ମୁଁ ସମସ୍ତ କଥାକାର୍ତ୍ତା ଶୁଣିଅଛି। ଅସହ୍ୟ। ଶତ୍ରୁର ଅପମାନ ଉପରେ ପୁଣି କନ୍ୟାର ଏ ଦାରୁଣ ପଦାଘାତ।

ପଦ୍ମ—ଏ କଥା କହିବେ ନାହିଁ ପିତା ! ମୋର ଏଥିରେ ପ୍ରାଣ ହେଉଅଛି।

କଳେ—ତୋର ବହୁତ ପାପ ଏହାପୂର୍ବରୁ ଧୋଇଅଛୁ, କନ୍ୟା !
ମୋର ଏ ଭର୍ତ୍ସନା-ସ୍ରୋତରେ ଯଦ କଛୁ ଧୋଇ ହୋଇଯାଏ ।
ଦେଖ ପଦ୍ମାବତୀ, ଅନୁତାପ କର, ପାପ ନମନ୍ତେ ଅନୁତାପ କର ।
ଆଜ ନବୋଧ ବାଳକ, ତୁ ମଧ୍ୟ ଏ କନ୍ୟା ସଙ୍ଗରେ
ଯୋଗଦେଇଅଛୁ । ତାର ଶତ୍ରୁତା-ବହ୍ନିରେ ଆହୁତ ଢାଳୁଅଛୁ ।
ଦେଖ, ସେ ଶପ ଭାଙ୍ଗିଦେ । ଅନୁତାପ କର, କନ୍ୟା !

ସୁମନ୍ତ—ଏ ମୋହର ଶପଥ ନୁହେ, ପିତା ମୁଁ ଭାଙ୍ଗି ଦେବ ।

ପଦ୍ମ—ପାପ କର ନାହିଁ, ପିତା ! ଅନୁତାପ କ ନମନ୍ତେ ?

କଳେ—ନାହିଁ ?

ପଦ୍ମ— ବୁଝି ପାରୁ ନାହିଁ କଛୁ ।

କଳେ—ବୁଝିବୁ, କନ୍ୟା ! ଦେଖ, ନବୋଧ ବାଳକ ତୋର ବହୁତ
ଅନ୍ୟାୟ ଗତ କେତେଦନ ଦେଖିଛୁ, ଯାହା ଶୁଣିଅଛୁ ଅସହ୍ୟ,
ଏହି ସର୍ବଶେଷ । ଏପରି ସର୍ପ ମୋର ରାଜପ୍ରାସାଦର କୁସୁମବନ
ମଧ୍ୟରେ ରଖିବାକୁ ଇଚ୍ଛା ନାହିଁ । ଏଇ ମୁହୂର୍ତ୍ତରେ ଦୂରହୁଅ,
ବାଳକ !

ପଦ୍ମ—କୁଆଡ଼େ ଯିବ, ପିତା ?

କଳେ—ଯେଉଁଠାକୁ ଇଚ୍ଛା । କନ୍ତୁ ଏ ଉଆସ ମଧ୍ୟରେ ଆଉ ନୁହେ ।
ଯା ବାଳକ !

ଚଦ୍ମ—(ପ୍ରଣାମକର) ଯାଉଛୁ, ପିତା ! ବଦାୟ ଦଅନ୍ତୁ

[ପ୍ରସ୍ଥାନ]

କଳେ—ଯା, ଏଇ ମୁହୂର୍ତ୍ତରେ । ଶତ୍ରୁର ପୁଣି ଭକ୍ତ ? ଯା ।

କନକ—(ପ୍ରଣାମ କର) ଯାଉଛୁ ମୁଁ ।

ସୁମନ୍ତ—ପଦ୍ମର ଦୋଷ, ପିତା, ସେ ପୁରୁଷୋତ୍ତମ ଦେବଙ୍କ ଚିତ୍ର
ଉଆସରେ ରଖିଥିଲା । ମୁଁ ସେଥିରେ ପ୍ରଶ୍ରୟ ଦେଇଅଛୁ । ମୋତେ
ମଧ୍ୟ ତା ସଙ୍ଗରେ ବଦାୟ ଦଅନ୍ତୁ, ବାପା !

କଳେ—ଦେଖ, ବବେଚନା କର କଥା କହ ।

ସୁମନ୍ତ—ବବେଚନା କର କହୁଛୁ, ବାପା, ବଦାୟ ଦଅନ୍ତୁ ।

କଳେ—ନା, ବାଳକ, ବର୍ତ୍ତମାନ ସୁଦ୍ଧା କ୍ଷମା ଦେବ । କଥା ଫେରାଇ
ନେ, କ୍ଷମା ଦେବ ।

ସୁମନ୍ତ—ଏଇ କ୍ଷମା ଦିଅନ୍ତୁ, ପିତା, ଯେ ମୁଁ ପଦ୍ମ ସଙ୍ଗରେ ଉଆସରୁ ବିଦାୟ ଘେନି ଯାଉଛି ।

କଳେ—ସିଂହାସନରେ ଲୋଭ ନାହିଁ, ପୁତ୍ର ?

ସୁମନ୍ତ—ତାଠାରୁ ଏ ପ୍ରଲୋଭନ ଅଧିକ ମୋର—ଯେ ପ୍ରାଣର ଭଗିନୀ ସଙ୍ଗେ ବନ ମଧ୍ୟରେ ବିଚରଣ କରିବି ।

କଳେ—ମୂର୍ଖ ପୁତ୍ର, ବିବେଚନା କରି କାର୍ଯ୍ୟ କର ।

ସୁମନ୍ତ—ନା ବିଦାୟ ଦିଅନ୍ତୁ, ବାପା !

କଳେ—ମୋତେ ଭୟ ଦେଖାଉଛୁ, ସୁମନ୍ତ ? ଗଲେ ଯେପରି କାଞ୍ଚୀରାଜ୍ୟ ତୋସଙ୍ଗରେ ଗୋଡ଼ାଇଯିବ ।

ସୁମନ୍ତ—କାଞ୍ଚୀରାଜ୍ୟର ଗୋଟିଏ ଲୋଷ୍ଟ୍ର ମାଟି ସୁଦ୍ଧା ମୋ ପଛରେ ଯିବାର ମୁଁ ପ୍ରତ୍ୟାଶା ରଖି ନାହିଁ, ବାପା ! ବିଦାୟ ଦିଅନ୍ତୁ !

କଳେ—ଯା, ନିର୍ବୋଧ ବାଳକ ! ମନେ କରିଥିଲି, କନ୍ୟା ଏକା । ପୁତ୍ର ମଧ୍ୟ ସେହି ବହ୍ନିରେ, ଯା । [ସୁମନ୍ତର ପ୍ରସ୍ଥାନ]

ବେଶ୍ । ଶାନ୍ତ ହୁଅ, ଦାବାନଳ । ରାଜ୍ୟ ନିଷ୍କଣ୍ଟକ । ଯେଉଁ ରାଜଭବନରେ ପୁତ୍ର କନ୍ୟା ଶତ୍ରୁ ସେଠାରେ କି ଶାନ୍ତି, କି ସୌଭାଗ୍ୟ ? ବର୍ତ୍ତମାନ କଣ୍ଟକ ଦୂର ହୋଇଅଛି । ଯାଅ; ନିର୍ବୋଧ ବାଳକ ବାଳିକା, ଶତ୍ରୁଠାରୁ ବଳି ଶତ୍ରୁ ପୁତ୍ର କନ୍ୟା । ଏଣିକି ସୁଖରେ ରହିବି । ଅନନ୍ତ, ଏ ବିଶାଳ ରାଜ୍ୟର ଯୁବରାଜ; ଏ ସିଂହାସନର ଭାବୀରାଜା ବର୍ତ୍ତମାନ ତୁ । ଯାଅ ଦେଖିବି, ବର୍ତ୍ତମାନ ସେମାନେ କାଞ୍ଚୀରାଜ୍ୟର ସୀମା ମଧ୍ୟରେ ବିଚରଣ କରିବାକୁ ଯେପରି ନ ପାଆନ୍ତି । ପରେ ପ୍ରଜାମାନଙ୍କୁ ସଙ୍ଗରେ ଘେନି ବିଦ୍ରୋହ କରିବେ । ବେଗ ଯେତେବେଳେ ଗଲା, ସୀମା ପାର କରିବା ଠିକ୍ । ଯାଏଁ, ଏଇ କଥା ଆଗେ ।

[ପ୍ରସ୍ଥାନ]

## —ସପ୍ତମ ଦୃଶ୍ୟ—

ସ୍ଥାନ—କୃଷ୍ଣାନଦୀକୂଳ ପ୍ରଦେଶରେ ଗୋଟିଏ ଗୃହ

[ବିକ୍ରମ ଦେବ; ନରସିଂହ ଦେବ, ରାମଚନ୍ଦ୍ର, ଦେବ ଦଣ୍ଡାୟମାନ]

ରାମ—ଆଜି ଅନେକ ଗ୍ରାମ ବୁଲି ଆସିଲି । କିନ୍ତୁ ସବୁଠାରେ ନୈରାଶ୍ୟ ।

ବିକ୍ରମ—ନାରାୟଣପୁର, ଅନଙ୍ଗପଲ୍ଲୀ ଯାଇଥିଲ; ରାମଚନ୍ଦ୍ର ! ସେଠାରେ ବହୁସଂଖ୍ୟକ ଖଣ୍ଡାୟତ ବାସ କରୁଛନ୍ତି ।

ରାମ—କିନ୍ତୁ ସମସ୍ତ ଖଣ୍ଡାୟତ ନିଜର ଖଣ୍ଡା ଯେପରି ପୁରୁଷୋତ୍ତମ ଦେବର ପାଦତଳେ ସ୍ଥାପନ କରିଅଛନ୍ତି…… ।

ନର—ଏ ଦେଶରେ ତାହାହେଲେ, ଭାଇ, ଆଉ ରାଜଭକ୍ତି, ପ୍ରଜାବାତ୍ସଲ୍ୟ ନାହିଁ ।

ବିକ୍ରମ—ମୋର ନାରାୟଣପୁର, ଅନଙ୍ଗପଲ୍ଲୀ ଉପରେ ବଡ଼ ନିର୍ଭର ଥିଲା । ସେମାନେ କଣ କହିଲେ, ରାମଚନ୍ଦ୍ର ! ଠିକ୍ କହିଲ ଦେଖି ?

ରାମ—କହିଲେ, ହେବ ନାହିଁ । ଅସମ୍ଭବ ।

ବିକ୍ରମ—ଏତିକି ?

ରାମ—ନା ଭାଇ, ଆହୁରି ବେଶି ।

ବିକ୍ରମ—କଣ, ଭାଇ ?

ରାମ—ମୁଁ ଏକଥା ପ୍ରସ୍ତାବ କରିବାରୁ ସେମାନେ ମୋତେ ରାଜଦ୍ରୋହୀ ବୋଲି ତିରସ୍କାର କରିବାକୁ ଯେପରି ଉଦ୍ୟତ ହେଲେ ।

ନର—ତାପରେ ?

ରାମ—ମୁଁ ନିରାଶହୋଇ ପଳାଇ ଆସିଲି ।

ବିକ୍ରମ—ତା ହେଲେ ଆଉ କୌଣସି ଆଶା ନାହିଁ, ରାମଚନ୍ଦ୍ର ?

ନର—ଏ ତ ଘୋର ନୈରାଶ୍ୟର କଥା ।

ବିକ୍ରମ—ଆଚ୍ଛା, ନରସିଂହ, ତୁମେ ଯେ ଯାଇଥିଲ ଗୋପାଳପୁର, କଣ ହେଲା ?

ନର—ଗୋପାଳପୁର କାଲି ସନ୍ଧ୍ୟାରେ ଯାଇଥିଲି । ଦେଖିଲି ଗୃହିଣୀମାନେ ସନ୍ଧ୍ୟାଦୀପ ଦେଉଥିବେଳେ ପୁଅ ପତିଙ୍କ ପାଇଁ ମୁଣ୍ଡିଆ ମାରି

କହିଲେ, "ରାଜାଙ୍କର ମଙ୍ଗଳ ହେଉ" । ମୁଁ ଜଣକୁ ପଚାରିଲି, ରାଜା କିଏ ? ଗୋଟିଏ ପିଲା ମଧୁର କଣ୍ଠସ୍ୱରରେ ଆସି କହିଲା, 'ପୁରୁଷୋତ୍ତମ ଦେବ' । ପ୍ରାଣରେ କ୍ରୋଧବହ୍ନି ଜଳି ଉଠିଲା । ପୁଣି ସେ ବାଳକର ମୁଖକୁ ଚାହିଁଦେଇ ସବୁ କୁଆଡ଼େ କ୍ଷଣକ ମଧ୍ୟରେ ପାସୋର ଗଲା, ଭାଇ ! ଫେରଆସିଲି ।

ବାହମ—ଏ ତ ପୂର୍ଣ୍ଣ ନୈଦଣ୍ୟର କଥା. ନରସିଂହ ! ତେବେ ଆଉ ଏକ ସ୍ଥାନ ଅଛି, ମଣିପୁର ! ସେଠାକୁ ଆଜି ଯାଅ ।

ରାମ—ମୁଁ ସେଇ ବାଟେ କାଲି ଆସୁଥିଲି । ସେ ଗ୍ରାମରେ ଉପେନ୍ଦ୍ର ଜଗଦେବ ଆଉ ଗୋପୀନାଥ ବଳିଆରସିଂହ ଏ ଦୁହିଙ୍କ ସଙ୍ଗେ ଦେଖା ହେଲା ।

ବାହମ—ସେମାନେ ତ ଖୁବ୍ ଭଲ ମଣିଷ ।

ନର—ହଁ. ମୁଁ ତାଙ୍କୁ ଜାଣେ । ନେକ ଲୋକ । କଣ କହିଲେ ?

ରାମ—ଆଦର ଅଭ୍ୟର୍ଥନା ବେଶ୍ କଲେ ।

ବାହମ—ତେବେ ସେଆଡ଼ୁ କିଛି ଆଶା ଅଛି, ରାମଚନ୍ଦ୍ର ?

ରାମ—କହିଲେ, ପୁରୁଷୋତ୍ତମ ବିରୁଦ୍ଧରେ ଅସ୍ତ୍ର ଧାରଣ କରିବା ଏକ ଭ୍ରମ ହୋଇଅଛି ।

ବାହମ—କିପରି ?

ରାମ—ଆଉ କହିଲେ, ଯେଉଁ ସୈନ୍ୟମାନେ ଆମମାନଙ୍କର ସହାୟ ହୋଇଅଛନ୍ତି, ସେମାନେ ଦେଶଦ୍ରୋହୀ, ରାଜଦ୍ରୋହୀ, ପଶୁ ।

ବାହମ—ତେବେ ଛାଡ଼, ରାମଚନ୍ଦ୍ର ! ଏ କଥା ଏତିକିରେ !

ନର—ମୁଁ ସେ ଆଶା ଛାଡିଅଛି, ଭାଇ !

ରାମ—ହଁ, ଛାଡ଼; କିନ୍ତୁ ଏ ସବୁ କଥା ଗୋପନ ରଖିବାକୁ ହେବ ।

ବାହମ—ମହାଗୋପନ । ଯେପରି ପୁରୁଷୋତ୍ତମ ବା ଆଉ କାହାର କାନକୁ ନ ଯାଏ । ଚାଲ ରାମଚନ୍ଦ୍ର, ନରସିଂହ, ସେ ନିଭୃତକୁ । ବେଳ ବହୁତ ହେଲାଣି । ସକଳ ଦୁଃଖଶୋକହାରିଣୀ କୃଷ୍ଣା ନଦୀ । [ପ୍ରସ୍ଥାନ]

## —ଅଷ୍ଟମ ଦୃଶ୍ୟ—

ସ୍ଥାନ—କଟକ ରାଜପ୍ରସାଦ

[ ବାସନ୍ତୀ ଏକାକୀ ଦଣ୍ଡାୟମାନା ]

ବାସନ୍ତୀ—

ମରମେ ନିତି ଏ ବାସେ ଦବାନଳି ଥାଏ ରହିଁ,
ନିମିଷେ ନୟନ ତୋଳେ ପଲକ ମୋ ପଡ଼େ ନାହିଁ । (ଘୋଷା
ଅନ୍ତରାଳ ଭିତରେ ବସି କେତେ ଚିତ୍ର କାଢ଼ି ହସି,
କେତେ ବା ସପନ ସୁଖେ ଖେଳେ ମୁଁ ନିମିଷ ପାଇଁ ।
ଯେତେ ମୁଁ ଭୁଲାଏ ମନ, ସେ ମୋର ପରାଣଧନ
ଗଳିଯାଏ ନିମିଷକେ ଦୂରରୁ ଦୂରକୁ କାହିଁ ।

ସୁମନ୍ତ୍ର ବନ୍ଧୁ ବର୍ତ୍ତମାନ ଯେଉଁ ବନସ୍ତରେ ବୁଲୁଥିବେ ଆହା, ମୁଁ ଅଭାଗୀ ଯଦି ସେହିଠାରେ ଥାଆନ୍ତି···। ବନସ୍ତର ଯେଉଁ ଫଳଟି ଖାଇ କ୍ଷୁଧା ନିବାରଣ କରୁଥିବେ, ମୁଁ ସେଇଟି ତୋଳି ଆଣି ଦିଅନ୍ତି । ଝରଣାର ଯେଉଁ ପାଣିମୁନ୍ଦିକ ପିଇ ତୃଷା ଶାନ୍ତ କରୁଥିବେ, ମୁଁ ସେ ଟିକିକ ନେଇ ପାଖରେ ଉଭା ହୋଇଥାନ୍ତି । ସେ ଯେଉଁ ପତ୍ରଶଯ୍ୟାରେ ଶୟନ କରି ଭ୍ରମଣର ଶ୍ରମ ଦୂର କରୁଥିବେ, ମୁଁ ସେ ପତ୍ରଗୁଡ଼ିକ ଏକତ୍ର କରି ଶଯ୍ୟା ରଚି ଦିଅନ୍ତି । ତା ହେଲାନାହିଁ । ପ୍ରାଣର ସେ ପୁଣ୍ୟ ଚରଣମଣି ମୋର ବହୁଦୂରରେ । ଏ ପ୍ରାସାଦରେ ଆଉ ସୁଖ ନାହିଁ । ରାଜପରିବାରସୁଲଭ ସୁଖବିଳାସର ଉଦ୍‌ବେଳନ ମଧ୍ୟରେ ଦୀର୍ଘକାଳ ଅତିପାତ କରିଅଛି । ଯେତେବେଳେ ହୃଦୟର ସେ ଦୁର୍ଲ୍ଲଭ ନିଧି ମୋର—ରଜପୁତ-ଅଙ୍କ ପଥରେ ଭିକାରୀ ମୁଁ ମଧ୍ୟ ହେବି ପଥର ଭିକାରୁଣୀ । ସେ ବନବାସୀ; ମୁଁ ହେବି ବନବାସିନୀ । ଏ କଣ୍ଟକମୟ ସୌଧବାସରେ ଆଉ ସୁଖ ନାହିଁ । ଉଃ, କି କଷ୍ଟ ! ପ୍ରେମର କି ଏ ଯନ୍ତ୍ରଣା ! ମୁଁ ନାରୀ, ଦୁର୍ବଳା । ନା, ନାରୀ ବଳବତୀ ହୃଦୟକୁ ପାଷାଣ କରି କହିପାରିବ ନାହିଁ-ସୁମନ୍ତ୍ର ରାସ୍ତୁ

ମୋର କଏ ? ମୋର କଏ ? ମୋର ମୁ । ମୋ ମଧ୍ୟରେ ଯେଉଁ ଝିଙ୍କଲ ମୁଁ, ସେହ୍ବିତକ ସୁମନ୍ତ ବପୁ । ନାଗର ବଳ ନଶ୍ବୁର ଇଛାରେ ନୁହେଁ, ପ୍ରେମରେ । ପ୍ରେମ । ଆହ୍ବା—

[ପାବଙ୍ଗର ପ୍ରବେଶ]

କଏ, ପାବଙ୍ଗ ?

ପାବଙ୍ଗ—ହଁ, ଜେମାମଣି ।

ବାସନ୍ତୀ—ପାବଙ୍ଗ, ଜାଣୁ, କେଉଁ ବନସ୍ତରେ ? ସେଠାରେ କ ଫଳ ମିଳେ ?

ପାବଙ୍ଗ—ବନସ୍ତରେ କେତେ ପ୍ରକାର ଫଳ ଫଳେ, ଜେମାମଣି ! କୋଚିଲ୍ଲ, କାଙ୍କଡ଼, କେନ୍ଦୁ, କଇଥ, କାଇଞ୍ଚ, କଞ୍ଚଣ, କରମଙ୍ଗା କୁଆମଇଚା ଇମିତି କେତେ । କଦଳୀ, କାକୁଡ଼, କଖାରୁ, କମଳା ବଣରେ ମିଳେ ନାହିଁ । କଆ, କେତକ, କୁନ୍ଦ, କୁସୁମ, କନଅର କଳା ଅପରାଜିତା କୁଁଠି କୁଁଠି ମଧ୍ୟ ଫୁଟେ । କପା, କୋଳଥ, କୋଟଳା ଶାଗ କେହ୍ବ କେହ୍ବ ବୁଣିଥାନ୍ତି । କୋଇଲି, କଜଳପାପି, କବା, କୁଆଙ୍କ କଣ୍ଠସ୍ବରରେ ବଣ ପୂରି ରହିଥାଏ । କୃଷ୍ଣସାର, କଳାବାଉଁଟିଆ ଅନେକ । ବଣରେ ଖାଲି କନ୍ଧ, କୋଲ୍ହ, କାଳିଞ୍ଜି, କୋଳା । କେଉଟ, କରଣ, କୁମ୍ଭାର ଦେଖିବାକୁ ସପନ । ବାଟରେ ଯାଉଛ୍ରୁ କମାର, ନା ଲୁହା ପଜେଇ ଦେ ମୋର । କଣ ପଚାରୁଛ ଜେମାମଣି ! କୋଳ କଣିମ ତ ବଣକୁ ଯିବ । କେତେ କଉଡ଼ ମିଳନ୍ତା ହେଲେ ?

ବାସନ୍ତୀ—ପ୍ରସ୍ରବଣ ?

ପାବଙ୍ଗ—ବନସ୍ତଠାଯାକ ତ ଖାଲି ବଣ । ଗିରିଆଡ଼େ ବଣମଯୂ, ଜେମାମଣି !

ବାସନ୍ତୀ—ତୁ ଜାଣୁ, ପାବଙ୍ଗ, ସେ କେତେ ଦୂର ?

ପାବଙ୍ଗ—ଦୂର ବେଶି ନୁହେଁ, ଏଠୁ ଅଳ୍ପ ବାଟ ଗଲେ ପଡ଼ିବ । ପାଏ କି କୋଣେ ହେବ, କଏ ଜାଣେ ?

ବାସନ୍ତୀ—ତୁ ଯାଇ ପାରିବୁ, ପାବଙ୍ଗ ?

ପାବଙ୍ଗ—କୁଠୁକୁ ବଣକୁ ? ସେଠି ପରା ଖାଲି ବାଘ, ଭାଲୁ, ଜେମାମଣି !

ବାସନ୍ତୀ—ବାଘ ଭାଲୁ । ତେବେ ସେ ଏକା ଥିବେ କପରି ?

ପାର୍ବତୀ—ବାଘ ଭାଲୁ କେତେ । ଗୋଟେ ଗୋଟେ । ଏକା କଣ ଥିବେ ମ ?

ବାସନ୍ତୀ—ତୁ ଯାଇ ପାରିବୁ, ପାର୍ବତୀ ?

ପାର୍ବତୀ—କୁଆଡ଼େ, ଜେମାମଣି ?

ବାସନ୍ତୀ—ବନସ୍ତକୁ ।

ପାର୍ବତୀ—ମୁଁ କମିତି ଏକୁଟିଆ ଯିବି, ଜେମାମଣି ! କଣ କହୁଛ ମ ?

ବାସନ୍ତୀ—ପାରିବୁ ନାହିଁ ? ମୁଁ ପାରିବି ନାହିଁ, ପାର୍ବତୀ ?

ପାର୍ବତୀ—ମା, ବନସ୍ତକୁ ଯିବାକୁ ଏତେ କାହିଁକି ମନ ହେଉଛି ତୁମର ?

ବାସନ୍ତୀ—ନା, କିଛି ନୁହେ, ପାର୍ବତୀ ! ଯା, କିଛି ନୁହେଁ ।

ପାର୍ବତୀ—ମା ଡାକୁଥିବେ, ଜେମା ସାଆନ୍ତାଣି ! ମୁଁ ଯାଉଛି । [ପ୍ରସ୍ଥାନ]

ବାସନ୍ତୀ—ଯା ।

ପ୍ରେମ କି ପଦାର୍ଥ ! ନିଜକୁ ପର କରେ । ପରକୁ ଆଣି ପୁଣି ନିଜ କରେ । ନା, ପ୍ରେମରାଜ୍ୟରେ ନିଜ ପର କଣ ? ପ୍ରେମର ଅନନ୍ତ ସ୍ୱର୍ଗରାଜ୍ୟରେ ସମସ୍ତେ ଯେ ନିଜ । ପ୍ରିୟତମ ମୋର, ଜୀବନର ଅତୁଳ ସମ୍ପଦ ମୋର !

[ଯବନିକା]

---

# ଚତୁର୍ଥ ଅଙ୍କ

## —ପ୍ରଥମ ଦୃଶ୍ୟ—

ସ୍ଥାନ—କଟକର ରାଜପ୍ରାସାଦ

[ରାଜା ପୁରୁଷୋତ୍ତମ ଦେବ, ମନ୍ତ୍ରୀ, ସେନାପତି, ଦୂତ ଉପସ୍ଥିତ]

ମନ୍ତ୍ରୀ—ଏ କିଛି ପ୍ରତିହିଂସା ନୁହେ, ମହାରାଜ !

ସେନା—ନା, ନୁହେଁ ।

ରାଜା—ଠିକ୍, ଦୂତ; କାଞ୍ଚୀରାଜା ଏଇ କଥା କହିଅଛନ୍ତି ?

ଦୂତ—ହଁ, ମହିମା, କହୁଛନ୍ତି—ଉଡ଼ିଶାର ମହାରାଜା, ଯଦି ଶକ୍ତି ଅଛି, ଯୁଦ୍ଧ କରିବାକୁ ଆସନ୍ତୁ ।

ରାଜା—ଯୁଦ୍ଧର ନିମନ୍ତ୍ରଣ ପାଇ ଯୁଦ୍ଧଭୂମିକୁ ନ ଗଲେ ସେ ଏକ କଳଙ୍କ ନୁହେଁ ମନ୍ତ୍ରି ?

ମନ୍ତ୍ରୀ—ନିଶ୍ଚୟ, ମହାରାଜ, ଘୋର କଳଙ୍କ ।

ରାଜା—କିନ୍ତୁ ଏ ଯୁଦ୍ଧ ଯେପରି କରିବାର ନୁହେଁ । ତେବେ କରିବାକୁ ହେବ । ଆୟୋଜନ କର, ସେନାପତି ! ସୈନ୍ୟ ସଜ୍ଜିତ କର, ପ୍ରସ୍ତୁତ ହୁଅ ।

[ବାସନ୍ତୀର ପ୍ରବେଶ]

ବାସନ୍ତୀ—ଭାଇ, ମୁଁ ଯିବି ।

ରାଜା—କୁଆଡ଼େ, ବାସନ୍ତି ?

ବାସନ୍ତୀ—ଯୁଦ୍ଧକୁ ।

ରାଜା—ତୁ ପୁଣି କୁଆଡ଼େ ଯିବୁ ? ଏ ଯେ ବହୁଦୂର । ନା, ବାସନ୍ତି !

ବାସନ୍ତୀ—ମୁଁ ଯିବି, ଭାଇ !

ରାଜା—ତୋର ଇଚ୍ଛା । ସେଥର ଯୁଦ୍ଧଭୂମିକୁ ଯାଇଥିଲୁ । ଜାଣୁ ନାହୁଁ, କି କଷ୍ଟ ? ମୋର ଇଚ୍ଛା ନ ଥିଲା ତୋତେ ନେବାକୁ; କିନ୍ତୁ ନାହିଁ କରି ପାରିଲି ନାହିଁ । ଏଥର ଆଉ ଯିବୁନାହିଁ, ବାସନ୍ତି !

ବାସନ୍ତୀ—ନା, ଭାଇ, ମୁଁ ଯିବି ।

ରାଜା—ଆଚ୍ଛା, ମନ୍ତ୍ରୀଙ୍କୁ ପଚାରିଲୁ—ସେ କଣ କହୁଛନ୍ତି ?

ବାସନ୍ତୀ—ମୁଁ ଯିବି, ମନ୍ତ୍ରୀ ମହାଶୟ ! ଆପଣ କଣ କହୁଛନ୍ତି ?

ରାଜା—ସୈନ୍ୟ କେତେ ସହସ୍ର, ସେନାପତି ?

ବାସନ୍ତୀ—ଏଇ, ମନ୍ତ୍ରୀ ହଁ କହିଲେଣି । ମୁଁ ଯିବି ଭାଇ !

ସେନା—ପଚିଶ ସହସ୍ର ପ୍ରସ୍ତୁତ ।

ରାଜା—ଆପଣ ସମ୍ମତ ହେଲେ ମନ୍ତ୍ରି-ମହାଶୟ ? ବାସନ୍ତୀ ଯୁଦ୍ଧଭୂମିକୁ ଯିବ ?

ମନ୍ତ୍ରୀ—ଯାଆନ୍ତୁ, ମହାରାଜ !

ରାଜା—ଯାଉ । (ବାସନ୍ତୀ ଆଡ଼କୁ ଚାହିଁ, ତୋର ଇଚ୍ଛା, ବାସନ୍ତି ?

ବାସନ୍ତୀ—ହଁ, ମୁଁ ଯିବ, ଭାଇ ! ମା'ଙ୍କୁ ଯାଇ କହେ ।

[ପ୍ରସ୍ଥାନ]

ମନ୍ତ୍ରୀ—ବାଳିକାର କି ଅପୂର୍ବ ତେଜ !

ସେନା—କେବଳ ତେଜ ନୁହେ, ମନ୍ତ୍ରି-ମହାଶୟ ! ଯୁଦ୍ଧଭୂମିରେ ଅସୀମ ବୀରତ୍ୱ ମଧ୍ୟ । ବୀରବେଶରେ ବାଳିକା ଦେଖା ଦେଉଥିଲା, ଅର୍ଜ୍ଜୁନସିଂହ କହୁଥିଲେ । ଦେଖିଲେ ଆଖି ଝଲସିଯାଏ ।

ରାଜା—ଅଦ୍ଭୁତ ବାଳିକା । ଯାଆନ୍ତୁ, ମନ୍ତ୍ରି-ମହାଶୟ, ନଗରର ଲୋକ, ମାନଙ୍କ ଅବସ୍ଥା ଟିକିଏ ବୁଲି ଦେଖି ଆସିବେ । ଏ ଯୁଦ୍ଧରେ ତାଙ୍କର ସମ୍ମତି ଅଛି ତ ?

ମନ୍ତ୍ରୀ—ପୂର୍ଣ୍ଣ ସମ୍ମତି, ମହାରାଜ ! ମୁଁ ଯାଏ ତେବେ । [ପ୍ରସ୍ଥାନ]

ରାଜା—କେତେ ସୈନ୍ୟ କହିଲ, ସେନାପତି ? ପଚିଶ ସହସ୍ର ?

ସେନା—ହଁ, ମହାରାଜ ! ଆଉ ବେଶି ଦରକାର ହେବ ?

ରାଜା—ସମ୍ଭବତଃ ନୁହେଁ । ତେବେ ଆଉ ଦଶ ସହସ୍ର ନେଇଥିଲେ ହୁଏ ।

ସେନା—ତାହା ହିଁ ହେଉ, ମହାରାଜ !

ରାଜା—ଯାଅ ତେବେ ସେନାପତି—ଯୁଦ୍ଧର ଆୟୋଜନ କର, କାଲି ସକାଳୁ ଯିବାକୁ ହେବ ।

ସେନା—ସବୁ ପ୍ରାୟ ପ୍ରସ୍ତୁତ, ମହାରାଜ ! କେବଳ ଦଶ ସହସ୍ର ସୈନ୍ୟ ମୁଁ ଏହିକ୍ଷଣି କରିଦେବି । ଯାଏ । [ପ୍ରସ୍ଥାନ]

ରାଜା—ଯୁଦ୍ଧ । ଅବଶେଷରେ ଯୁଦ୍ଧ । କି ପରିଣାମ ଏ ଯୁଦ୍ଧର ? ଯୁଦ୍ଧର ଆହ୍ୱାନ ପଠାଇ ବଡ଼ ଭ୍ରମ କରିଅଛ, କାଞ୍ଚୀରାଜ ! ନା ଏ ଭ୍ରମ ତୁମ୍ଭର ନୁହେଁ । ଭ୍ରମ ପ୍ରଥମରେ ମୋର । ଉତ୍କଳର ସମ୍ମାନ ରକ୍ଷା ନିମନ୍ତେ ଏ ଯୁଦ୍ଧ କରିବାକୁ ହେଲା; କିନ୍ତୁ ମୁଁ ଉତ୍କଳର କିଏ ? ରାଜା ଯଦି ଆଜି ବହନ ହୋଇଥାନ୍ତେ, ମୁଁ କାହିଁକି ଅସ୍ତ୍ର ଧାରଣ କରନ୍ତି ? ଭୁଲ ସେହିଠାରେ । କାଞ୍ଚୀରାଜ, ତୁମ୍ଭେ ପଦ୍ମାବତୀଙ୍କର ପିତା । ଏ ଯୁଦ୍ଧ ତୁମ୍ଭ ସଙ୍ଗରେ ନୁହେଁ । ଏ ଉତ୍କଳ କାଞ୍ଚୀ ମଧ୍ୟରେ ଯୁଦ୍ଧ ନୁହେ । ଏ ପୁରୁଷୋତ୍ତମ ପଦ୍ମାବତୀଙ୍କର ଯୁଦ୍ଧ । ଏ ସମରଭୂମିର ଏକପାର୍ଶ୍ୱରେ ପଦ୍ମାବତୀ,

ଅପର ପାର୍ଶ୍ୱରେ ମୁଁ, ପୁରୁଷୋତ୍ତମ । ଏ ସମ୍ମାନ ରକ୍ଷାର ଯୁଦ୍ଧ ନୁହେ, ପ୍ରୀତିବନ୍ଧନର ଭଙ୍ଗାଭଙ୍ଗି । ପଦ୍ମାବତୀ, ଅବଶେଷରେ ଯୁଦ୍ଧ । ଯୁଦ୍ଧ ବର୍ତ୍ତମାନ ତାଙ୍କର ସଙ୍ଗରେ, ଯେ ମରଣବେଳେ ଏମୁଖରେ ଜଳ ଦାନକରି ପ୍ରାଣ ରକ୍ଷା କରିଥିଲେ, ଯାହାଙ୍କୁ ନିମିଷମାତ୍ର ଦେଖିଲେ କହନ୍ତି, ଏ ଜୀବନ, ଦେବ, ତୁମର । ଯାହାର ଚରଣ ତଳେ ଏ ହୃଦୟ ଢାଳିଦେଇଅଛି, ତାଙ୍କର ସମ୍ମୁଖରେ ପୁଣି ଏ ପାଷାଣ ବକ୍ଷ ବିସ୍ତାର କରିଦେବ । କି ପରିଣାମ ଏ ଯୁଦ୍ଧର, ଓଃ କି ପରିଣାମ ଶେଷରେ

[ଇନ୍ଦୁମତୀଙ୍କ ପ୍ରବେଶ]

କିଏ ମା ?

ଇନ୍ଦୁ—ପୁରୁ, ପୁଣି କୁଆଡ଼େ ଯୁଦ୍ଧକୁ ଯିବ ? ମୋତେ ସଙ୍ଗରେ ନେଇ ଯା ।

ରାଜା—ମା, ତୁମେ କୁଆଡ଼େ ଯିବ ?

ଇନ୍ଦୁ—ଯୁଦ୍ଧକୁ ।

ରାଜା—ତୁମେ ଏ ବୟସରେ ପୁଣି ଯୁଦ୍ଧଭୂମିକୁ ଯିବ ?

ଇନ୍ଦୁ—ଆଉ ଏକା ହୋଇ କିପରି ରହିବି, ପୁରୁ ? ଯୁଦ୍ଧ ନ ହେଉ । ତୁ ଯାଆନା ।

ରାଜା—ଯୁଦ୍ଧ ଯେ ହେବାର କଥା, ମା !

ଇନ୍ଦୁ—ମୁଁ କିପରି ରହିବି, ବାପା, ଏକା ହୋଇ ଏ ଉଆସରେ, ମୋ ଜୀବନଧନକୁ ବନସ୍ତ୍ର [illegible]ଠାଇଦେଇ ?

ରାଜା—ସେଥିରେ କଣ ଅଛି, ମା ! ନସ୍ତ କଣ ! ମୁଁ ଦୁଇମାସରେ ଫେରି ଆସିବି । କିଛି ଚିନ୍ତା କରିବ ନାହିଁ । ବିଶାଳ ରାଜ୍ୟର ଭାର ନେଇ କାର୍ଯ୍ୟ ନ କଲେ, ଚଳିବ କିପରି, ମା ?

ଇନ୍ଦୁ—ତାହା, ସତ ବାପା ! ମୁଁ କିପରି ରହିବି ମୋ ରତ୍ନଧନକୁ ଛାଡ଼ି ? କେତେ ଥର ଏପରି ଚାଲିଯାଉଛୁ । ମତେ ବଡ଼ କଷ୍ଟ ଲାଗୁଛି, ବାବୁ !

ରାଜା—କିଛି ଚିନ୍ତା ନାହିଁ, ମା !

ଇନ୍ଦୁ—କେତେ ସ୍ୱପ୍ନ ଦେଖେ । କେତେ ପାପଚିନ୍ତା ମନକୁ ଆସେ, କିପରି ରହିବି, ବାପା ମୋର ?

ରାଜା—ନା, ମା, ମୁଁ ଶୀଘ୍ର ଫେରିଆସିବି । କିନ୍ତୁ ଚନ୍ତା ନାହିଁ । ମୁଁ ଯାଇ ଦେଖେ, କଣ ହେଲା । (ପ୍ରସ୍ଥାନ)

ଇନ୍ଦୁ—ଗୋଟିଏ ବୃନ୍ତରେ ଦିଓଟିଫୁଲ ମୋର—ପୁତ୍ର ଆଉ ବାସନ୍ତୀ । ପୁତ୍ର ଚାଲିଯିବ । ସେ ଏକ କର୍ତ୍ତବ୍ୟ । ଯିବ, ଦୁଇ ମାସ । ଦୁଇ ମାସ । ଓଃ, କେତେ କାଳ ! ଦୁଇ ଯୁଗପରି ଲାଗୁଛି । ବାସନ୍ତୀ ମୋର ଏକା, ବାସନ୍ତୀକି କୋଳରେ ଧରି ଦିଓଟି ମାସ କଟାଇବି ଯେତେ ଦିନ ପୁତ୍ର ଫେରିନାହିଁ ।

( ବାସନ୍ତୀର ପ୍ରବେଶ )

ବାସନ୍ତୀ—ମା ।

ଇନ୍ଦୁ—ବାସନ୍ତି ! କଣ ମା ?

ବାସନ୍ତୀ—ମା, ମୁଁ ଭାଇଙ୍କ ସଙ୍ଗରେ ଯୁଦ୍ଧକୁ ଯାଉଛି ।

ଇନ୍ଦୁ—ତୁ କଣ କହୁଛୁ, ବାସନ୍ତି ?

ବାସନ୍ତୀ—ହଁ, ମା ଯିବି ।

ଇନ୍ଦୁ—ନା, ବାସନ୍ତି ! ତେବେ ମୋତେ ନେଇ ଯା ! ତୁ ଯିବୁ ନାହିଁ । ମୁଁ ଆଉ କା ଦେଖି ପ୍ରାଣ ଧରି ରହିବି ? ମୁଁ ଏ କଥା ଶୁଣିବି ନାହିଁ । ଯାଉଛି, ତୁ ଯିବୁ ନାହିଁ, ମା !

ବାସନ୍ତୀ—ମାଙ୍କର ଇଚ୍ଛା ନୁହେ । ମୁଁ କାହିଁକି ଯିବି ଯୁଦ୍ଧକୁ ? ସୁମନ୍ତ ବାପୁ ତ ବର୍ତ୍ତମାନ ବନବାସୀ । କାଞ୍ଚୀରାଜାଙ୍କ ଯୁଦ୍ଧରେ ସେ କଣ ଯୁଦ୍ଧ କରୁଥିବେ ? ତାହା ହୋଇଥିଲେ ମୁଁ ମଧ୍ୟ ସମର-ପ୍ରାଙ୍ଗଣରେ ଯାଇ ଦଣ୍ଡାୟମାନ ହୁଅନ୍ତି । ଦେଖନ୍ତି, ପ୍ରେମରେ ନପ୍ରେମରେ ସେ ଯୁଦ୍ଧ କି ମଧୁର ? ଯୁଦ୍ଧ କରନ୍ତି, ଶେଷରେ ପରାଜୟ ସ୍ୱୀକାର କରି କହନ୍ତି—ଏ ଜୀବନ, ପ୍ରଭୁ, ତୁମ୍ଭର । ସେ ଆଶା ତ ନାହିଁ, ତେବେ କାହିଁକି ? ନା, ଯିବି । ଯଦି ଶରତଗଗନର ସେ ପୂର୍ଣ୍ଣଚନ୍ଦ୍ରମା ମୋର ଖୋଜିବୁଲିବାର ନ ହୁଏ, ଯେଉଁ ଭୂମିରେ ଦିନେ ଜୀବନ କଟାଇବି ବୋଲି ହୃଦୟରେ ଆଶା ପୋଷିଥିଲି, ସେହିଠାରେ ସମର ପ୍ରାଙ୍ଗଣରେ ଏ ପ୍ରାଣ ବିସର୍ଜନ କରିବି । ସେ ଏକ ସୌଭାଗ୍ୟ । ପ୍ରାଣ ବିସର୍ଜନ କରିବି, ନୈରାଶ୍ୟରେ ନୁହେ, ଦୁଃଖରେ ନୁହେ, ଯୁଦ୍ଧରେ

ପ୍ରବଳ କୋଳାହଳ ମଧ୍ୟରେ; ଜୀବନରେ ଏହି ଆଶା ରହିଲା ଯେ, ଏ ଜନ୍ମରେ ନ ହେଲେ ସୁଦ୍ଧା ଏ ବାତ୍ୟାମୟ ଅର୍ଣ୍ଣବର ପର ପାରରେ ଥରେ ଭେଟ ହେବ । ଯିବ, ପୁଣି ଯିବ ।

( ନେପଥ୍ୟେ )

—ଦ୍ୱିତୀୟ ଦୃଶ୍ୟ—

ସ୍ଥାନ—ବନଭୂମି

( ପଦ୍ମାବତୀ ଓ କନକ ଦୁହିଙ୍କର ପ୍ରବେଶ )

ପଦ୍ମ—ଆଉ କେତେ ବାଟ, କନକ ?

କନକ—କେଜାଣି, ଏ ବନମଧ୍ୟରେ ତ ମନୁଷ୍ୟ ପାଦ ସୁଦ୍ଧା ପଡ଼ି ନାହିଁ, ଘରଦ୍ୱାର ଥିବା ଦୂରର କଥା । ଉଃ, ବଡ଼ କଷ୍ଟ ପଦ୍ମ !

ପଦ୍ମ—ବଡ଼ ଭୋକ, କନକ ! ପାଣିମୁନ୍ଦାଏ ହେଲେ ମିଳନ୍ତା !

କନକ—ଆଉ ପଦ ଚଳୁ ନାହିଁ । ସୂର୍ଯ୍ୟ ଅସ୍ତ ହେବା ବେଳ ଆସି ହେଲାଣି । ସକାଳୁ ଏପରି ଚାଲୁଚେ ।

ପଦ୍ମ—ନାରୀ ଶରୀର ବଡ଼ ଦୁର୍ବଳ, କଇଁଫୁଲ ପରି ଟିକିଏ ସୂର୍ଯ୍ୟ କିରଣ ପଡ଼ିଲେ ମଉଳି ପଡ଼େ । କି କଷ୍ଟ, କନକ !

କନକ - ବଡ଼ କଷ୍ଟ, ପଦ୍ମ ! ପ୍ରାଣ ଉଡ଼ିଗଲା ପରି ଲାଗୁଛି ।

ପଦ୍ମ—କଥା କହି ହେଉ ନାହିଁ, କନକ ! ପାଟି ଶୁଖି ଯାଉଛି । ଭୋକ, ଶୋଷ ଅତିଶୟ ।

କନକ—ବଡ଼ କଷ୍ଟ, ପଦ୍ମ । ଏଠି ବସିଲେ ଆଉ କଣ ହେବ ? ଚାଲ; ରାତି ହୋଇଯିବ ପିନା । ଚାଲି ପାରିବୁ, ପଦ୍ମ ? ଚାଲ ଟିକିଏ ।

ପଦ୍ମ—ଆଉ ଟିକିଏ ବସ, କନକ ! ବଡ଼ କଷ୍ଟ ଲାଗୁଛି ! ସୁମନ୍ତ ଭାଇ ଥିଲାବେଳେ ଏପରି ତ ହେଉ ନ ଥିଲା । ଉଃ, ଆଉ କହି ହେଉନାହିଁ ।

କନକ—ନା, ପଦ୍ମ, ଏତେ ଦୁର୍ବଳ ହୋଇପଡ଼ୁଛୁ କାହିଁକି ?

ପଦ୍ମ—ଆଜିକି ଗୁରୁ ଦିନ ।

କନକ—ହଁ ଆଜିକି ଗୁରୁ ଦିନ ହେଲା, ସୁମନ୍ତ ଭାଇ ଫେରିଲେ ନାହିଁ ।

ପଦ୍ମ—କୁଆଡ଼େ ଗଲେ, କନକ ? ଗୁରୁ ଦିନ ହେଲା, ବାହୁଡ଼ିଲେ ନାହିଁ । ଗୁରୁ ଦିନ ଗୁରୁ ଯୁଗ ହେଲାଣି ଏବେ, କନକ ! ଆହା ! କୁ'ଠି ଏକା ହୋଇ ବନରେ ବୁଲୁଥିବେ । ଆମରି କଥା ଝୁରି ହେଉଥିବେ । ଭାବୁଥିବେ—ପଦ୍ମ କଣ କରୁଥିବ ? କନକ କଣ କରୁଥିବ ? କାଞ୍ଚୀରାଜ୍ୟର ରାଜା ହୋଇ ବସିବାର ଲୋକ । ଏ କଷ୍ଟ କପାଳରେ ଲେଖା ଥିଲା । ତା ପରେ ପୁଣି ଆମପାଇଁ ଭାଳେଣି । ଉଃ, କଣ୍ଠ ଫାଟିଗଲା, କନକ ! ଆଉ କଥା କହି ହେଉନାହିଁ ।

କନକ—ତୁ ଏତେଗୁଡ଼ାଏ କଥା କହନା, ପଦ୍ମ ! ଆହା ସୁମନ୍ତ ଭାଇ କୁ'ଠି ଏକା ହୋଇ ବନସ୍ତ ଭିତରେ ବୁଲୁଥିବେ ! କଣ ଭାବୁଥିବେ ବସି ।

ପଦ୍ମ—ଏ ବନସ୍ତରେ ବାଟ ପାଇବା କଷ୍ଟ, କନକ ! କୁଆଡ଼େ ଯାଇ ଆଉ ଫେରି ପାରୁ ନାହାନ୍ତି, କି ଆଉ କଣ ହେଲା ? ପ୍ରଭୁ, ଉଃ ବଡ଼ କଷ୍ଟ ପାଉଥିବେ । ଭାରି ଶୋଷ ! କନକ ।

କନକ—ତୁ ଥା, ପଦ୍ମ, ମୁଁ ଯାଇ ମୁନ୍ଦାଏ ପାଣି ଆଣେ ।

ପଦ୍ମ—ତତେ ମଧ୍ୟ ଶୋଷ କରୁଛି । ତୁ କଣ ପାଣି ଆଣିବୁ ? ମୁଁ ଯାଏ, କନକ ! ତୁ ଥା । ( ଉଠିବାକୁ ଚେଷ୍ଟା କରି ) ନା, କନକ ! ପାରିବି ନାହିଁ । ଆଉବେଶି ବେଳ ନୁହେ । ତୁ ଯା ନା । ସୁମନ୍ତ ଭାଇ, ମା, ବାପା ସମସ୍ତେ କଣ କରୁଥିବେ ? ଆଉ ସମସ୍ତଙ୍କଠାରୁ ଦୂରରେ ଯେଉଁ ଯେ ପ୍ରାଣର ପରଶମଣି ଏ ହୃଦରାଜ୍ୟକୁ ଅଧିକାର କରି ରହିଅଛନ୍ତି, ସେ । ନା, ଆଉ ହେବନାହିଁ ।

[ କନକର ପ୍ରସ୍ଥାନ ]

କନକ, କନକ ! କୁଆଡ଼େ ଚାଲିଗଲୁ, କନକ ? ମନା କଲି, ଚାଲିଗଲୁ । ଯା, ଏ ଶେଷ ମୁହୂର୍ତ୍ତରେ ତୋ ସଙ୍ଗେ ମଧ୍ୟ ଟିକିଏ ଦେଖା ହେଲାନାହିଁ । ଯା, ସମସ୍ତଙ୍କୁ କହିବୁ, କନକ ! ଆଃ ଉଃ—

[ ବନବାସୀର ପ୍ରବେଶ ]

ବନ—ଆ, ଆ, ବେଗେ ଆ ବାହାରି, ଆଜ ରକ୍ଷା, ନାହିଁ ।

[ ଦ୍ୱିତୀୟ ବନବାସୀର ପ୍ରବେଶ ]

୨ୟ ବନ—ଚାଲ, ପଳା, ପଳା ! ଖାଇବ, ମା ଠାକୁରାଣୀ ପଳା, ଭାଇ, ପଳା । ଖାଇବ ମା ଠାକୁରାଣୀ, ମା ଜଗୁରାଣୀ, ମା ଭଗବତି !

ପଦ୍ମ—କିଏ, କନକ ? ନା ତ ।

୨ୟ ବନ—ଆଜ କି ସଙ୍କଟରୁ ରଖିଲୁ !

ପଦ୍ମ—କିଏ ତୁମେ, ଅପରିଚିତ ?

[ ପ୍ରଥମ ବନବାସୀର ପ୍ରତ୍ୟାଗମନ ]

୧ମ ବନ—କି ରେ, କଣ ଦେଖୁଛୁ ? ଖାଇ ତ ଯାଇଥାନ୍ତା ଆମକୁ ମଧ୍ୟ । ଜବର ଭୂଆଷୁଣୀ ଗୋଟାଏ । ମହାବଳ ହାବୁଡ଼ରୁ ଯାଏ କୁଆଡ଼େ ?

୨ୟ ବନ—ଭାଇ, ଇଆଡ଼େ ଆ ।

୧ମ ବନ—କଣ ?

ପଦ୍ମ—କଣ ଦେଖୁଛ, ତୁମ୍ଭେମାନେ ? କଣ କହୁଥିଲ ?

୧ମ ବନ—ଭାଇ, ଏ ବଣଦେବତି

୨ୟ ବନ—ହଁ, ଭାଇ, ଠିକ୍, ବଣଦେବତି । ବୋପା ପରା କହୁଥାଏ । ଜେ, ମା ବଣଦେବତି, ତୁ ଆଜ ଏ ସଙ୍କଟରୁ ରଖିଲୁ ।

୧ମ ବନ—ତୁ ରଖିଲୁ, ମା !

ପଦ୍ମ—କଣ କହୁଛ ଅପରିଚିତ ଦ୍ୱୟ ?

୧ମ ବନ—ମା ବଣଦେବତି, ଜୁହାର

୨ୟ ବନ—ଜୁହାର ମା, ବଣଦେବତି ! ଉଃ, ଇ ବଣଦେବତି ରଖିଲେ ସିନା, ନଇଲେ ତ ସରିଥିଲୁ !

୧ମ ବନ—କି ଭୂଆଷୁଣୀଟାକୁ ନେଇଗଲା କି

୨ୟ ବନ—ଚାଲ, ଭାଇ, ପଳେଇବା । ଜେ, ମା ବଣଦେବତି ।

[ ପ୍ରସ୍ଥାନ ]

ପଦ୍ମ—ବାଘ, ଭୂଆଷୁଣୀ । [ଚିନ୍ତା କରି] କଣ, କନକ ? କୁଆଡେ ଗଲୁ, କନକ ? ଶେଷକୁ କଣ ସେଇଆ ମଧ୍ୟ ଥିଲା ? କନକ, କନକ, କନକ ! [ କନକର ପ୍ରବେଶ ]

କନକ—ପଦ୍ମ, ଡାକୁଥିଲୁ ?
ପଦ୍ମ—କୁଆଡ଼େ ଗୁଲିଗଲୁ, କନକ, ଏ ବଣ ଭିତରେ ଏକାକୀ ?
କନକ—ଯାଇଥିଲି ପାଣି ମୁନ୍ଦାଏ ଆଣିବାକୁ
ପଦ୍ମ—ଆ, କନକ, ମୋ ପାଖକୁ ଆ । ବାଟରେ କିଛି ତ ଦେଖିନାହୁଁ ?
କନକ—ନା, ତେବେ ଗୋଟାଏ ଗୋଳମାଳ ଶୁଣିଲି । ଜଣେ ସ୍ତ୍ରୀ ଲୋକକୁ ବାନ୍ଧି ନେଇଗଲେ ବୋଲି । କେତେ ପାପଚିନ୍ତା ମନକୁ ଆସିଲା, ଧାଇଁଛି । ବସିଥିଲୁ, ପଦ୍ମ ?
ପଦ୍ମ—ହଁ, ବସିଛି । ପାଣି ଆଣିଛୁ ? ତୁ ଟିକିଏ ପି, ମତେ ଟିକିଏ ଦେ । ନେ, ତୁ ପି ।
କନକ—ତୁ ପି, ପଦ୍ମ !
ପଦ୍ମ—କେଡ଼େ ମଧୁର ଏ ପାଣି । ସୁମନ୍ତ ଭାଇ କି'ଦିନ ଆସିବେ ? କେତେ ତ ଖୋଜିଲେଣି, କନକ ! ଦେଖା ତ ହେଲା ନାହିଁ ।
କନକ—ଏଇ ବଣ ମଧ୍ୟରେ କେଉଁଠି ଅଛନ୍ତି ।
ପଦ୍ମ—ମା କଣ କରୁଥିବେ ?
କନକ—ବଗିଚାରେ ବୁଲୁଥିବେ । ଏ ତ ତାଙ୍କର ବଗିଚାରେ ବୁଲିବା ବେଳ । ଆମକୁ ସଙ୍ଗରେ ନେଇଯାନ୍ତି । ଆଜି ଏକା ବୁଲୁଥିବେ ।
ପଦ୍ମ—ବୁଲୁଥିବେ, କନକ ! ଝୁରୁଥିବେ ବସି ଅବା । ଆମ କଥା ପାସୋରି ହେଲେ ଯାଆନ୍ତେ ।
କନକ—ଆହା, ମା'ଙ୍କୁ ଆଉ ଦେଖିବା ନାହିଁ ?
ପଦ୍ମ—ବାପା ଶୋଇକରି ଉଠୁଥିବେ, କନକ !
କନକ—ସେଦିନର କଥା ମୋର ମନେ ପଡ଼ୁଯାଉଛି ପଦ୍ମ । କଣ ହେଲା ?
ପଦ୍ମ—ବଗିଚାରେ ସେ କେତୋଟି ଗଙ୍ଗଶିଉଳି ଗଛ ଲଗାଇଥିଲେ କନକ, ବଢ଼ିଯିବଣି, ଆର ବର୍ଷକୁ ଫୁଲ ଫୁଟିବ । ନୁହେଁ ?
କନକ—ଫୁଟିବ ପରା । ମାଳଘାଟିରେ ତ ଫୁଟିଥିଲା । ଦିନେ ମୁଁ ଗୋଟିଏ ତୋଳିଥିଲି, ତତେ ଆଣି ଦେଇଥିଲି ତ, ପଦ୍ମ ।
ପଦ୍ମ—ସେଇ ଫୁଲଗଛଟିମାନ ଦେଖି ଆମକଥା ମନେ ପକାଉଥିବେ । ଆହା, ଗଛ ହେଲେ ପୋତି ନ ଥାନ୍ତି, କନକ !
କନକ—ତୋର ସେ ଚଢ଼େଇଟା କଥା ମନେ ପଡୁନାହିଁ, ପଦ୍ମ ?

ପଦ୍ମ—ପଡ଼ିଛୁ । ନିତ୍ତ ମନେ ପଡ଼ୁଛି, କନକ ! ଅମ୍ବିକା, ଉମା, କମଳା ସମସ୍ତେ କେତେ ଶିଖି ଯିବେଣି ।

କନକ—ଅମ୍ବିକା କେତେ ଚଢ଼ ଶିଖି ସାଇଥିଲୁ । ଆହା, ସବୁ କୁଆଡ଼େ ରହିଲେ । ଏବେ କେବଳ ସ୍ୱପ୍ନ, ପଦ୍ମ !

ପଦ୍ମ—ସବୁଠାରୁ ଅଧିକ ସ୍ୱପ୍ନ ସେହି ପୁରୁଷମଣି, କନକ ! ଏ ଜୀବନରେ ଅସମ୍ଭବ । ଟିକିଏ ସେ ଚଉତି କାଢ଼, କନକ ! ଟିକିଏ ଦେଖିବା । କେତେ ଦୂରରେ ରହିଲେ !

କନକ—ବର୍ତ୍ତିଛି ଯେ ହୋଇଯିବ, ଏଠାରୁ ତ ପୁଣି ଯିବା । ସେ ଯେ ଏଠାକୁ କେତେ ଗୁଡ଼ାଏ ବାଟ । ଶବରର ଝିଅଟି ଶୁଣିଥିବ, ଦୁଃଖୀ ପ୍ରତି ଶବରକୁଟୀର ବାଜଉଆସରୁ ଅଧିକ । ଆହା, ଚାଲ, ଯିବା, ପଦ୍ମ !

ପଦ୍ମ—ହଁ ଯିବା ତ, ଟିକିଏ ବସ, କନକ ! ଆଉ ଦେଖିବା ନାହିଁ ଏ ଜୀବନରେ ?

କନକ—ସୁମନ୍ତ ଭଉଙ୍କି ଅଉ ଦେଖିବା ନାହିଁ, ପଦ୍ମ ?

ପଦ୍ମ—ତାଙ୍କୁ କଣ ଆଉ ନ ଦେଖନ୍ତେ, କନକ ? ଏଇ ବନ ମଧରେ ଅଛନ୍ତି, ଖୋଜିବା । ଖୋଜିଲେ କଣ ନ ଦେଖିବା ? ସେ ତ ପୁଣି ଖୋଜି ବୁଲୁଥିବେ ।

କନକ—ଏଇ ଯେ ଅନ୍ଧାର ହୋଇ ଆସିଲାଣି, ପଦ୍ମ !

[ ପଟକ୍ଷେପଣ ]

---

## —ତୃତୀୟ ଦୃଶ୍ୟ—

ସ୍ଥାନ—ବନଭୂମି

[ ପାବକର ଏକାକୀ ପ୍ରବେଶ ]

ପାବକ—କେତେ ବାଟ ତ ଆସିଲିଣି । କାହାକୁ ଦେଖିଲି ନାହିଁ । କେମିତି ଅବା ପାଇବେଟି । ପୁଣି ଏ ପଥରେ ତ ଏହି କଣ ଲେଖା-ହୋଇଛି । କଣ କେମିତି କହିଲେ ? 'ସୁମତି', ତିନି ଅକ୍ଷର

ସୁମନ୍ତ । ଏ ତ ତିନି ଅକ୍ଷର-ସୁ-ମ-ନ୍ତ । କିଏ ସେ ସୁମନ୍ତ
୯ ଛକରେ ପଥରେ ଲେଖି ଲେଖି ଯାଇଛି ? ଏଇ ସେଠିକି ପୁଣି
ଗୋଟେ ଡାଳ ଭାଙ୍ଗି ପକେଇଛି । ବଣବାଟରେ ଯାଆନ୍ତି କାହିଁକି,
ଏତେ ହଇରାଣ ହୁଅନ୍ତି କାହିଁକି ?

[ ସୁମନ୍ତ ରାୟଙ୍କ ପ୍ରବେଶ

ଏଇ ତ ଜଣେ କିଏ ଆସିଲାଣି, ପଚାରିଲେ କହିବ ପରା ! ଆରେ
ପୁଅ, ଶୁଣିଲୁ ଶୁଣିଲୁ, ଏଣିକି ଆ !

ସୁମନ୍ତ—କଣ କହୁଛ ବୁଢ଼ି !

ପାର୍ବତୀ—ତୋର ଘର ଏଇ ବଣରେ, ବାବୁ ?

ସୁମନ୍ତ—ନା, ବହୁତ ଦୂରରେ । ତୁମ ଘର କେଉଁଠାରେ, ବୁଢ଼ି !

ପାର୍ବତୀ—ମୋ ଘର ପଚାରୁଛୁ ପୁଅ ! କହିଲୁ କିଏ ଏମିତି ଡାଳ
ଭାଙ୍ଗି ବାଟଯାକ ପକେଇ ଦେଇ ଯାଇଛି, ଆଉ ଛକ ପଥରେ
ନା ଲେଖିଛି । କହି ପାରିବୁ ? ତାକୁ ଦେଖିଛୁ କି, ପୁଅ ?

ସୁମନ୍ତ—କାହିଁକି ?

ପାର୍ବତୀ—ନାଇଁ, ପଚାରୁଛି ।

ସୁମନ୍ତ—ମୋ ସାଙ୍ଗର ଦୁଇଜଣ ଲୋକ ଏଇ ବନ ମଧ୍ୟରେ
କୁଆଡ଼େ ବଣା ହୋଇଛନ୍ତି, ସେ ଜାଣିବାପାଇଁ ମୁଁ କରୁଛି ।
ମୋର ଦଉଟି ଭଉଣୀ, ବୁଢ଼ି—ପଦ୍ମ, କନକ । କୁଆଡ଼େ ରହିଲେ ?
କି କଷ୍ଟ ପାଉଥିବେ । ମାସେ ଆସି ହୋଇ ଗଲାଣି ।

ପାର୍ବତୀ—ଆହା, ତୁରୁ । କୁଆଡେ ଗଲେ ମ ? ହିଁ, ବଣରେ ରହିବା
ଲୋକଙ୍କର ବଣ ଭିତରେ ବାଟ ବଣା ହେଲେ କଷ୍ଟ କଣ ?
ଆମେ କଣ ହେଲେ ପାରନ୍ତୁ ? ତୁ କି ଲୋକ, ପୁଅ—କାହାର ନା
ଶବର ?

ସୁମନ୍ତ—ବର୍ତ୍ତମାନ ସେହିପରି କହୁଛି । ବନରେ ରହିଲା ଦିନରୁ ପୂର୍ଣ୍ଣ
ବନବାସୀ । ତୁମେ ଏଠାକୁ କାହିଁକି ଆସିଛ, ବୁଢ଼ି ?

ପାର୍ବତୀ—ଆସିଛି ଏଇ କଥା ବୁଝିବାକୁ । ଏ ସୁମନ୍ତ କା ନା ?

ସୁମନ୍ତ—ମୋର ନାମ ସୁମନ୍ତ ।

ପାର୍ବତୀ—ତୋର ନା, ପୁଅ ? ତତେ କେମା କମିତି ଡାକିଲେ ମ ?

ସୁମନ୍ତ—କିଏ ?

ପାଙ୍ଗଣ—ମନା କରିଥିଲେ ପରା [ ସ୍ୱଗତ ]। ନା, ନାହିଁ ପୁଅ, ତୋର ନା ସୁମତ ତ ?

ସୁମନ୍ତ—ସୁମନ୍ତ ଏଇ ଗଛପତ୍ରର ନାମ, ବୁଢ଼ି ! ଗଛ ପତ୍ରରେ ଲେଖା ଅଛି। ମୋ ନାମ କିପରି ? ମୋ ଦେହରେ ତ ଲେଖା ନାହିଁ।

ପାଙ୍ଗଣ—ତେବେ ତୋ ନା ନୁହେଁ। ସେଇ କଥା। ଜେମା ପୁଣି ତତେ କୁଆଡ଼ୁ ଚିହ୍ନନ୍ତେ ? ଆଉ ଜଣେ କିଏ।

ସୁମନ୍ତ—ଜେମା କିଏ ?

ପାଙ୍ଗଣ—ଓଡ଼ିଶା ରାଜାଙ୍କ ଜେମା, ବାସନ୍ତୀ।

ସୁମନ୍ତ—କେଉଁଠାରେ ସେ ଜେମା ?

ପାଙ୍ଗଣ—ଏଇ ବଣରେ ଅଛନ୍ତି; ସୁମତ କିଏ, ତାଙ୍କୁ ଖୋଜୁଛନ୍ତି।

ସୁମନ୍ତ—ମୁଁ ଜାଣେ, ତୁମ ଜେମାଙ୍କୁ ସମସ୍ତ ସମ୍ବାଦ ଦେଇ ପାରିବି, ବୁଢ଼ୀ ! ମୋର ତାଙ୍କ ସଙ୍ଗରେ ଦେଖା ହେବ କି ?

ପାଙ୍ଗଣ—ତୁ ଆମ ତମ୍ବୁକୁ ଗଲେ ଦେଖା ହେବ।

ସୁମନ୍ତ—ଯିବି। ତମ୍ବୁରେ ଆଉ କିଏ ଅଛି ?

ପାଙ୍ଗଣ—ସମସ୍ତେ। ମହାରାଜା, ସଇନ ସାମନ୍ତ, କେତେ ଅଛନ୍ତି। ଚାଲ।

ସୁମନ୍ତ—ଜେମା ଏଠାକୁ ଆସିବେ ନାହିଁ ?

ପାଙ୍ଗଣ—ଏଇ ବଣରେ ତ ଅଛନ୍ତି। ବୁଲିବାକୁ ଆସିଥିଲୁ, ଏଠି କେଉଁଠି ଦେଖା ହେଲେ···। ଖୋଜୁଥିବେ କୁଆଡ଼େ, ମୁଁ ଯାଏଁ ଦେଖିଲେ ଡାକି ଆଣିବି। ନଇଲେ ତମ୍ବୁରେ ଯାଇ କହିବି।

[ ପ୍ରସ୍ଥାନ ]

ସୁମନ୍ତ—ଯାଅ ବୁଢ଼ୀ ! ବାସନ୍ତୀ ପୁଣି ଏ ବନ ମଧ୍ୟରେ। ନା, କାହାଁକି ସାକ୍ଷାତ କରିବି। ମୁଁ ବର୍ତ୍ତମାନ ବନବାସୀ। ବନବାସୀର କି ଅଧିକାର, ହୃଦୟରେ ରାଜସୁତାଙ୍କ ପ୍ରତିମା ସ୍ଥାପନ କରିବ। ନା, କାଞ୍ଚୀରାଜ୍ୟର ସିଂହାସନ ଆଜି ଏହି ନିବିଡ଼ଅରଣ୍ୟ ମଧ୍ୟରେ ରଚନା କରନ୍ତୁ। ଏ ବନଫୁଲ ହେମମାଳାରେ ରାଜମୁକୁଟ ଗୁନ୍ଥି ରଖନ୍ତୁ। କିନ୍ତୁ ତା କି ଆଉ ସମ୍ଭବ ? ଯାଅ, ଦେବି, ପ୍ରାଣରୁ ବିସର୍ଜନ ଦେଲି ! ଏ ସ୍ମୃତି ମନରୁ ପୋଛିବାକୁ କେତେ ଥର

କେତେ ପ୍ରୟାସ କରିଅଛି । ଏ ବନଭୂମିର ଗଛଲତାଙ୍କୁ ଡାକି କେତେ କହିଅଛି, 'ତୁମ୍ଭେମାନେ ମୋ ଜୀବନର ସର୍ବସ୍ୱ ବର୍ତ୍ତମାନ । ସେ ଦେବୀ ବିଦାୟ ଦେଇ ଯାଆନ୍ତୁ ।' କିନ୍ତୁ ଗଛଲତାର କମ୍ପନରେ, ପିକ ମୟୂରଙ୍କ କଣ୍ଠପୀୟୂଷରେ ଯେପରି କିଏ ଅବିରତ କହେ, 'ନା, ଆଶା ପରିତ୍ୟାଗ କରନାହିଁ, ସୁମନ୍ତ !', ଏବେ କିନ୍ତୁ ଏ ବିଷମ ନୈରାଶ୍ୟ । ଏ ଅରଣ୍ୟ ମଧ୍ୟରେ ପୁଣି ମୋ ସ୍ୱର୍ଗସମ୍ପଦ । ଯାଅ, ଦେବି ! ବନର ଶ୍ୱାପଦ ଶଙ୍କିଳଙ୍କ ମଧ୍ୟରେ ବିଚରଣ କରୁଥିଲାବେଳେ ରାଜନନ୍ଦିନୀଙ୍କ ସ୍ମୃତି ହୃଦୟରେ ପୋଷି ରଖିବା ଏକ ମହାପାପ । ନା, ନା । ଉଃ କି ସୁନ୍ଦର ଏ ତରୁଲତା, ବନ ପର୍ବତ ! ଏଇଠାରେ ବସି ଏ କାନନ ଶୋଭା ଟିକିଏ ଦେଖିବି । ଏଇ ବର୍ତ୍ତମାନ ମୋ ଜୀବନର ସମ୍ପଦ । ( ଉପବେଶନ )

( ବାସନ୍ତୀଙ୍କ ପ୍ରବେଶ )

ବାସନ୍ତୀ—ପାର୍ବତୀ କହିଲା, 'କାନନ ଭିତରେ' ବୁଝି ପାରିଲି ନାହିଁ; କିନ୍ତୁ ବେଶ୍ ସଙ୍କେତ କହିଛି । ସେ ରାଜପୁରୁଷର ଲକ୍ଷଣ କେତେ ରାଜାଙ୍କଠାରେ ଦେଖି ନାହିଁ । ଶୁଣିଅଛି, ଗଙ୍ଗବଂଶର ଉଜ୍ଜ୍ୱଳ ଗୌରବ ନରସିଂହ ଦେବଙ୍କ ନୟନଯୁଗଳରେ ଝଲି । କେଉଁଠାରେ, ପ୍ରାଣେଶ୍ୱର ? ବହୁ ଦିନର ପ୍ରାଣର ବାସନା ଆଜି ପୂର୍ଣ୍ଣ ହୋଇଅଛି । ବହୁଦିନ ପରେ । ହେ ହୃଦୟନାଥ ମୋର, ଆଜି ପୁଣି ସେ ମୋହନ ମୂର୍ତ୍ତି ନୟନଭୋଳାରେ ଦର୍ଶନ କରିବି । ଆହା; କି ସୁନ୍ଦର ଏ ତରୁଲତା, ଫଳପୁଷ୍ପ !

ସୁମନ୍ତ—ବାସନ୍ତି, ହୃଦୟର ପରଶମଣି ମୋର ! ନା, ଦେବି, ଯାଅ ଜୀବନରେ ଥରେ ମାତ୍ର ସାକ୍ଷାତ୍ । ଆଉ ଥରେ ଦେଖିବାର ବାସନା ଥିଲା, ହୋଇଅଛି । ପ୍ରାଣର ଦୁର୍ବଳ ପିପାସା ଶାନ୍ତ ବର୍ତ୍ତମାନ । ଯାଅ ଦେବି ଆଉ ମୁହିଁ ।

ବାସନ୍ତୀ—କେଉଁଠାରେ ପ୍ରାଣେଶ୍ୱର ? ଆସ ଦେଖା ଦିଅ ।

ସୁମନ୍ତ—ବିଦାୟ, ! ଚିର ଜୀବନର ବିଦାୟ, ଦେବି !

ବାସନ୍ତୀ—ବିଦାୟ କି ଶବ୍ଦ ? ଏ ଯେପରି ଦେବକଣ୍ଠର ପୀୟୂଷଧାରା ବିଦାୟ ! କିଏ ତୁମ୍ଭେ, ମର୍ତ୍ତ୍ୟର ମାନବ, ନା ସ୍ୱର୍ଗର ଦେବତା ?

ବିଦାୟ ! ନା, ଆଜ ଜୀବନର ଅନନ୍ତ ମିଳନର ଦିବସରେ ବିଦାୟ ନୁହେ । ଶିଘ୍ର ଏଣ୍ଟିଆଡ଼ୁ, ଦେଖେ କିଏ । ପ୍ରାଣେଶ୍ୱର ଆଜ କାହାକୁ ଦେଖିଛି ?

ସୁମନ୍ତ—ଯାହାକୁ ଚିର ଜୀବନର 'ବିଦାୟ ଦେଇ ଏଣ୍ଠାରେ ଯିବ, ବାସନ୍ତି ?

ବାସନ୍ତୀ—ପ୍ରାଣେଶ୍ୱର !

ସୁମନ୍ତ—ପ୍ରାଣେଶ୍ୱରୀ—ବାସନ୍ତି—ନା, ଦେବି !

ବାସନ୍ତୀ—ମନେ ଅଛି ପ୍ରାଣେଶ୍ୱରୀ, ସେ କୁଞ୍ଜାନନ୍ଦାକୂଳରେ ସାକ୍ଷାତ ?

ସୁମନ୍ତ—ମନେ ଅଛି, ପ୍ରାଣେଶ୍ୱରୀ, କ୍ଷଣେକର ସେ ମଧୁର ଆଳାପନା ?

ବାସନ୍ତୀ—ମନେ ଅଛି ସେ ବନପ୍ରାନ୍ତର ?

ସୁମନ୍ତ—ମନେ ଅଛି ପ୍ରତୀଚୀଗଗନର ସେ ମୋହନ ମାଧୁରୀ ?

ବାସନ୍ତୀ—ଆଜ ବହୁ ଦିନ ପରେ ପୁଣି ସାକ୍ଷାତ୍, ପ୍ରାଣେଶ୍ୱର !

ସୁମନ୍ତ—ଆଜ ଆଉ ସେ ସକଳ କଥା ନାହିଁ, ପ୍ରାଣେଶ୍ୱରୀ !—ଏ ଯେପରି ଜୀବନର ଅନ୍ୟ ଏକ ଅଙ୍କ ।

ବାସନ୍ତୀ—ଏ ସେହି ଅଙ୍କର ଅପର ଦୃଶ୍ୟ, ପ୍ରାଣେଶ୍ୱର ! ଏକ ଦୃଶ୍ୟ ଦେଖି ମାଇଥିଲି । ଏହି ଦୃଶ୍ୟରେ ଆସି ପୁଣି ଭେଟିବାର ବାସନା ଥିଲା । ଆଜ ସେ ଦୀର୍ଘ ବାସନା ପୂର୍ଣ୍ଣ ହୋଇଅଛି ।

ସୁମନ୍ତ—ମୁଁ ବର୍ତ୍ତମାନ ବନବାସୀ, ଜାଣ ବାସନ୍ତି ?

ବାସନ୍ତୀ—ମୁଁ ଆଜଠାରୁ ବନବାସିନୀ ଜାଣ ପ୍ରାଣେଶ୍ୱର !

ସୁମନ୍ତ—ନା, ବାସନ୍ତି, ପ୍ରାଣରେ ଏ ପ୍ରୟାସ କାହିଁକି ?

ବାସନ୍ତୀ—ଏ ପ୍ରୟାସ ପ୍ରାଣରୁ ବିଚ୍ଛିନ୍ନ ନୁହେ, ପ୍ରାଣେଶ୍ୱର ! ପ୍ରାଣ ଯେପରି କେବଳ ଏହି ପ୍ରୟାସରେ ଗଢ଼ା ।

ସୁମନ୍ତ—ଏ ଯେ କଷ୍ଟର ଜୀବନ ।

ବାସନ୍ତୀ—କଷ୍ଟ ଦୁଇ ଭାଗ ହୋଇଗଲେ ମୋର ଅଧେ କଷ୍ଟ ହେବ, ପ୍ରାଣେଶ୍ୱର ! ଏବେ ଦୁର୍ବଳ ପ୍ରାଣରେ ସମୁଦାୟ ବହୁଅଛି ।

ସୁମନ୍ତ—ଏ ବନ ପ୍ରାନ୍ତରରେ ବୁଲି ପାରିବ ?

ବାସନ୍ତୀ—ପାରିବି ।

ସୁମନ୍ତ—ନା ପାରିବ ନାହିଁ, ବାସନ୍ତୀ ।

ବାସନ୍ତୀ—ପାରିବ ପ୍ରାଣେଶ୍ୱର । ଏ ବନଭୂମିର ପ୍ରତ୍ୟେକ ତରୁଲତା ମୋ ପ୍ରତି ସ୍ୱର୍ଗର ଗୋଟିଏ ଗୋଟିଏ ସୁଖ ସୌରଭର ସୋପାନ ପାରିବ ।

ସୁମନ୍ତ—ପାରିବ ? ଏ ଫୁଲଟିକୁ ମୋ ହାତରୁ ନେଇ ପାରିବ ପ୍ରାଣେଶ୍ୱରି !

ବାସନ୍ତୀ—ମୁଁ ଏ ଫୁଲଟି ଦେଇପାରେ ଏ ଚରଣରେ ପ୍ରାଣେଶ୍ୱର !

ସୁମନ୍ତ—ବାସନ୍ତି !

ବାସନ୍ତୀ—ପ୍ରାଣେଶ୍ୱର ଆଜ ଏହିଠାରେ ବିଦାୟ ଘେନିବାକୁ ହେବ । ସେ ଏକ କଠୋର କର୍ତ୍ତବ୍ୟ । ପ୍ରତିଜ୍ଞା କରିଅଛି । କାଞ୍ଚୀଦେଶ ସଙ୍ଗରେ ଓଡ଼ିଶାର ଭୀଷଣ ଯୁଦ୍ଧ । ସେ ଯୁଦ୍ଧରେ ମୁଁ ଅସ୍ତ୍ରଧାରଣ କରିବି ।

ସୁମନ୍ତ—କାଞ୍ଚୀ ସଙ୍ଗରେ ଓଡ଼ିଶାର ଯୁଦ୍ଧ ! ତୁମ୍ଭେ ପ୍ରାଣେଶ୍ୱରି, ଅସ୍ତ୍ରଧାରଣ କରିବ ? କାଞ୍ଚୀ ସଙ୍ଗରେ ଓଡ଼ିଶାର ଯୁଦ୍ଧ । ଯାଅ, ବୀରବେଶରେ ଥରେ ଦେଖିଥିଲି, ପ୍ରାଣେଶ୍ୱରି ! ଆଉ ଥରେ ସେ ଉନ୍ମତ୍ତ ଶୋଭା ଦେଖିବି । ବିଦାୟ ତେବେ ଏହିଠାରେ !

ବାସନ୍ତୀ— ବିଦାୟ ପ୍ରାଣେଶ୍ୱର ! କେତେ ଦିନେ ପୁଣି ସାକ୍ଷାତ୍ ?

[ ପ୍ରସ୍ଥାନ ]

ସୁମନ୍ତ—'ବିଦାୟ, ପ୍ରାଣେଶ୍ୱର !' କହିଲି ନାହିଁ, ବିଦାୟ ପ୍ରାଣେଶ୍ୱରି । ପ୍ରାଣେଶ୍ୱରି ବିଦାୟ । ନା, ଏ ଯେ ଜୀବନର ଅନନ୍ତ ମିଳନ । ବିଦାୟ କେଉଁଠାରେ ? କାଞ୍ଚୀ ସଙ୍ଗେ ଓଡ଼ିଶାର ଯୁଦ୍ଧ । କାଞ୍ଚୀରାଜ ବୃଦ୍ଧ, ଅସହାୟ ଏକାକୀ । କିଏ ସମର ଭୂମିରେ ଆସି ଦଣ୍ଡାୟମାନ ହେବ ? ନା, ଏ ବନବାସରେ ମଧ୍ୟ କର୍ତ୍ତବ୍ୟ ଅଛି । ପ୍ରଥମେ ପିତାଙ୍କର ସେବା, ତତ୍ପରେ ଆଦେଶ । ପୁତ୍ରର କର୍ତ୍ତବ୍ୟ ନ କଲେ ଏ ବନବାସରେ ମୋର ଅଧିକାର ନାହିଁ । ଆଗେ ଏ କର୍ତ୍ତବ୍ୟ ତତ୍ପରେ ଚିରବନବାସ, ବାସନ୍ତି, ବନବାସିନି, ପ୍ରାଣେଶ୍ୱରି ! ଆହା, ଏହିପରି ବନବାସିନୀ ହୋଇ ଦୁଃଖରେ କଷ୍ଟରେ ଭ୍ରମୁଥିବ, ପ୍ରାଣର ଭଗିନୀ ମୋର ପଦ୍ମାବତୀ, ଆଉ ତା ସଙ୍ଗରେ ଚିରଦୁଃଖିନୀ କନକଲତା । ଫେରିଲେ ପୁଣି ତୁମ୍ଭର ଅନ୍ୱେଷଣ ।

ପ୍ରାଣେଶ୍ୱର ଯାଉଅଛନ୍ତି । କଠୋର କର୍ତ୍ତବ୍ୟ ଯାଏ ଯାଏ; ଏ ମଧ୍ୟ କଠୋର କର୍ତ୍ତବ୍ୟ । ଯାଏ । [ ପ୍ରସ୍ଥାନ ]

---

## —ଚତୁର୍ଥ ଦୃଶ୍ୟ—

ସ୍ଥାନ—କାଞ୍ଚୀ ରାଜପ୍ରାସାଦର ବହିଃସ୍ଥ ପ୍ରାଙ୍ଗଣ

( କଳେବରେଶ୍ୱର କକ୍ଷ ମଧ୍ୟରେ ଓ ଭିକ୍ଷୁକ ପ୍ରାଙ୍ଗଣରେ ଦଣ୍ଡାୟମାନ )

ଭିକ୍ଷୁକ—

ବାଳଧନ ରେ, ନିତ୍ତ ବୁଲଇ ମୁହିଁ,
ଭିକ ମୁଠେ ମୁଠେ ମାଗିବାପାଇଁ । ଘୋଷା ।
ବଡ଼ ଦୁଃଖୀ ମୁଁ ଯେ, ମୋ ଭଳି ମହୀରେ
ଆଉ ଜଣେ କିଏ ଥିବ କି ନାହିଁ ।
ଯେବେ ଦୁଃଖ ମୋର ଯାଏ ମୁଁ ପାସୋର
ପୁଅ ଦୋହିତାଙ୍କ ବଦନ ଚାହିଁ ।
ରାଜଭୋଗ ମୋତେ ମିଳେ ନିତ୍ତ ଦିନ
କୁଡ଼ିଆଟେ ମୋର ବସିଲେ ଯାଇ ।
ଭିକ୍ଷା ପୁଞ୍ଜିଏ ମିଳିଯାଉ ମହାରାଜଙ୍କ ଉଆସରୁ ।

କଳେ—ଆହା; କିଏ ତୁ ଭିକାରି ? ଭିକ ମିଳିବ, ଗା ଗୀତ, ଆହୁରି ଗା

ଭିକ୍ଷୁକ—

ଯେବେ ଦୁଃଖ ମୋର ଯାଏ ମୁଁ ପାସୋର
ପୁଅ ଦୋହିତାଙ୍କ ବଦନ ଚାହିଁ ।
ମାଗି ମାଗି ବୁଲେ, ଯିଏ ଯାହା ଦେଲେ
ନିଏ ତା ଆନନ୍ଦେ, ନ ଦେଲେ ନାହିଁ ।
ରାଜ ଭୋଗ ମୋତେ ମିଳେ ନିତ୍ତ ଦିନ
କୁଡ଼ିଆରେ ମୋର ବସିଲେ ଯାଇ ।
ମାଗି ଯାହା ଦିଏ ପରିପଚ, ଦିଏ
ପୁଅ ଦୋହିତାଙ୍କ ତୁଣ୍ଡରେ ନେଇ ।

ବଡ଼ ଦୁଃଖୀ ମୁଁ ଯେ, ମୋ ଭଳି ମହୀରେ
ଆଉ ଜଣେ କିଏ ଥିବ କି ନାହିଁ ।
ଯେତେ ଦୁଃଖ ମୋର ଯାଏ ମୁଁ ପାସୋରି
ପୁଅ ଦୋହିତାଙ୍କ ବଦନ ଚୁମ୍ବି ।
ମିଳିଯାଉ ମୁଠିଏ କଣ, ଯିବା ।

କଳେ—( ଭିକ୍ଷା ଦେଇ ) ଭିକ୍ଷୁକ, ଯା କାଲି ଆସିବୁ ପୁଣି ।

ଭିକ୍ଷୁକ—ମହାରାଜାଙ୍କର ବଞ୍ଚି କରିଥାନ୍ତୁ ସାକ୍ଷୀ ଗୋପୀନାଥ । ଏ ଉଆସରୁ କେତେ କାଳକେ ଆଜି ମନମୁତାବକ ମିଳିଲା । (ପ୍ରସ୍ଥାନ)

କଳେ—ଭିକ୍ଷୁକର କି ସୁଖ, କି ମଧୁର ଆନନ୍ଦ ! କୁଟୀରରେ ଯାଇ ବସିଲେ ତାର ରାଜଭୋଗ ! ମୁଁ ସମସ୍ତ କାଞ୍ଚୀରାଜ୍ୟର ରାଜରାଜେଶ୍ୱର ହୋଇ, ରାଜପ୍ରାସାଦରେ ରହି ସୁଦ୍ଧା ଆଜି ଭିକ୍ଷୁକ । ନା ତାଠାରୁ ଅଧିକ ହୀନ । ପୁତ୍ର କନ୍ୟାଙ୍କର ମୁଖ ଦେଖି ଭିକ୍ଷୁକ ଜୀବନର ସକଳ ଦୁଃଖ ପାସୋରୁଅଛି । ପୁତ୍ର କନ୍ୟା—ଆହା ! ପ୍ରାଣର କନ୍ୟା ପଦ୍ମାବତୀ ଆଜି କେଉଁ ଅରଣ୍ୟରେ ବନ ଫଳମୂଳ ଖାଇ ବନ୍ୟଜନ୍ତୁ ପରି ବୁଲୁଥିବ ! ହିଂସ୍ର ଜୀବ ମଧ୍ୟରେ ପ୍ରାଣର ଆତଙ୍କରେ ସଢ଼ି ଯାଉଥିବ । ଆହା, ପ୍ରାଣରେ ପଦ୍ମ ଉଆସରୁ ବାହାର କରିଦେଲି—ବିନା ଦୋଷରେ ଚୋର । ଆହା, ସୁକୁମାରୀ ମୋର, ଏ ହୃଦୟର ପ୍ରତିମା ପଦ୍ମ ପଦ୍ମାବତୀ, କେଉଁଠାରେ ଯାଇଛିଲୁ ? ନିଷ୍ଠୁରତା ଭାବୁଥିବୁ । କ୍ଷମା, କହନ୍ତି କ୍ଷମା କରିବୁ, ପଦ୍ମ ! କି ନିମନ୍ତେ ? ଆହା, ପଦ୍ମ ମୋର ! ଆଉ ପ୍ରାଣାଧିକ ପୁତ୍ର ସୁମନ୍ତ । ଦିନେ ସ୍ନେହରେ କଥା ପଦେ କହିନାହିଁ । ଏ ସିଂହାସନକୁ ଭ୍ରୂକ୍ଷେପ କଲାନାହିଁ । ମୋର ଭର୍ତ୍ସନା ଶୁଣି ସିଂହସଦୃଶ ଉଦାର ପଦକ୍ଷେପରେ ଚାଲିଗଲା । ଏଇ ବାଟେ ସେଦିନ ଓହ୍ଲା, କେତେଦିନ ସେ ଆଜିକି ? ଭ୍ରୂକ୍ଷେପ କଲା ନାହିଁ । ସୁମନ୍ତ କେଉଁଠି ଥିବ ? କଣ କରୁଥିବ ? ବୀର ପୁତ୍ର ମୋର, କାଞ୍ଚୀରାଜ୍ୟର ଗୌରବ, ଆଜି କେଉଁ ବନସ୍ତରେ ? ଆଉ ସ୍ୱଇଚ୍ଛାରେ ଚାଲିଗଲା ସେହି ସ୍ନେହମୟୀ କନକଲତା । ସେହି ଦିନଠାରୁ ଏ ଉଆସ ଅରଣ୍ୟ, ଭୀଷଣ ଶ୍ମଶାନ । ଏ ରାଜପ୍ରାସାଦର କୋମଳ କଣ୍ଟକପୁରେ ଝଲୁଥିଲେ ଯେ କମନୀୟ କୁସୁମରାଣୀ ସତ୍ୟବତୀ, ଆଜି ମଳିନ, ଶୁଷ୍କ

ମୁମୂର୍ଷୁ । ଓଃ, ଜୀବନରେ ବହୁତ ପାପ କରିଅଛି । ରାଜସିଂହାସନରେ ବସି ରାଜାର କର୍ତ୍ତବ୍ୟ କରିନାହିଁ । ପ୍ରଜାପୁଞ୍ଜଙ୍କୁ ଦିନେ ସ୍ନେହରେ ପାଳନ କରି ନାହିଁ । କରିଛି ଯାହା, ସେ କେବଳ ପଶୁର କାର୍ଯ୍ୟ । ପ୍ରାଣର ପ୍ରିୟତମ ପୁତ୍ର ସୁମନ୍ତ ମୋର, ଫେରି ଆସ; ପଦ୍ମ, ଫେରି ଆ । ଏ ସଂସାରରୁ ବିଦାୟ ନେବା ପୂର୍ବରୁ—ସେ ତ ଆଉ ବେଶି ଦିନ ନୁହେଁ, ଶୀଘ୍ର, ଶୀଘ୍ର, ଏ ଜୀବନ ଅସହ୍ୟ—ତୁମ୍ଭର ସେ ସ୍ନେହମୟ ବଦନ ଯେତେବେଳେ ଟିକିଏ ଦେଖି ଜୀବନର ଅନ୍ତିମ ଡୋଳା ମୁଦିବି । ପ୍ରିୟ ପୁତ୍ର କନ୍ୟା ମୋର ! ଓଃ, କି ପାପ, ଏ ପୁଣ୍ୟମୟ ସଂସାରରେ ରହି କି ଭୀଷଣ ପାପ ! ପ୍ରକୃତରେ ଏ ମୋହନ ମୂର୍ତ୍ତି ଦିନେ ଦେଖିଲି-ନାହିଁ । ଏ ଶ୍ୟାମଳତା, ତା ଅଙ୍କରେ ପୁଣି ସୁବର୍ଣ୍ଣର ଏ କନକ ଛାୟା, ଗଗନମଣ୍ଡଳର ଏ ବିଶାଳତା; ଆଉ ଯେ ଏ ସକଳ ମଧ୍ୟରେ ଦିବାନିଶି ନିମଜ୍ଜିତ ଥିଲି, ପ୍ରକୃତରେ ଅନନ୍ତ ଆତ୍ମାରେ ଆପଣାର କ୍ଷୁଦ୍ର ଆତ୍ମାଟିକି ଢାଳି ଦେଇଥିଲି—ସେ ଆଜି, ଆହା, ଆଜି କେଉଁଠାରେ ! କି ପାପ, ଓଃ, କି ନିଷ୍ଠୁରତା କି ଯନ୍ତ୍ରଣା !

( ପ୍ରହରୀର ପ୍ରବେଶ )

ପ୍ରହରୀ—ମହାରାଜ, ଓଡ଼ିଶାର ରାଜା ପୁରୁଷୋତ୍ତମ ଦେବ ଗଡ଼ ନିକଟରେ ଆସି । ଯୁଦ୍ଧ କରିବେ । ସୈନ୍ୟ ସାମନ୍ତ ଅଜଳନ୍ତି ।

କଳେ—ଯୁଦ୍ଧ ! ହେଉ, ପ୍ରହରୀ, ଭୟ ନାହିଁ ।

ପ୍ରହରୀ—ଗଡ଼ ନିକଟରେ ଶତ୍ରୁ, ମହାରାଜ !

କଳେ—ସେ ତୋ ର କଳ୍ପନାର ଅଜ୍ଞାତ, ପ୍ରହରୀ ! ଅତି ନିକଟରେ ଶତ୍ରୁ । ଜୀବନର ପ୍ରତ୍ୟେକ ଧମନୀରେ, ପ୍ରତି ତନ୍ତ୍ରୀ ଭେଦ କରି ଶତ୍ରୁ । ଏ ଯୁଦ୍ଧରେ ଯେ ପର୍ଯ୍ୟୁଦସ୍ତ । ଆଉ କି ଯୁଦ୍ଧ ?

ପ୍ରହରୀ—ନଗରବାସୀ ବଡ଼ ଶଙ୍କିତ, ମହାରାଜ !

କଳେ—ଆଚ୍ଛା ।

ପ୍ରହରୀ—ଯୁଦ୍ଧକୁ ପ୍ରସ୍ତୁତ ହେବାକୁ ହେବ ।

କଳେ—ପ୍ରସ୍ତୁତ, ପ୍ରହରୀ, ସବୁ ପ୍ରସ୍ତୁତ । କାହିଁ କେଉଁ ବାଟେ ? ଯାଏ, ଯୁଦ୍ଧ, ଯାଏ ।

( ପ୍ରସ୍ଥାନ )

ପ୍ରହରୀ—ମହାରାଜାଙ୍କର ଏ କ ପରିବର୍ତ୍ତନ ! ପାଗଳ ପରି ସେ । ଏ ପବନରେ ଯେପରି ଉଡ଼ି ଗ୍ଲଲଗଲେ—ପ୍ରାଣରେ ହର୍ଷ ନାହିଁ । ମୁଖରେ ହାସ୍ୟ ନାହିଁ । କଣ ଏ ? ଯୁବରାଜ ଆଜି ଜେମାଙ୍କୁ ଉଆସରୁ ଛଡ଼ାଦେବା ଦିନରୁ ମହାରାଜ କପରି ତ ଚିନ୍ତିତ ଥିଲେ; ମାତ୍ର ଦିନକୁ ଦିନ ବିମର୍ଷ, ଦୁଃଖିତ, ମଳିନ । ଆଜି ହଠାତ୍ ପାଗଳ । କଣ ଏ ?

( ସତ୍ୟବତୀଙ୍କର ପ୍ରବେଶ )

ସତ୍ୟ—କିଏ, ଗଣେଶ ?

ପ୍ରହରୀ—ଆଜ୍ଞା, ମା ମଣିମା !

ସତ୍ୟ—ରଜା କେଉଁଠାରେ, ଗଣେଶ ?

ପ୍ରହରୀ—ଯୁଦ୍ଧ, ମା ମଣିମା ! ସେଥିପାଇଁ ଗ୍ଲଲଗଲେ, ବଡ଼ ବ୍ୟସ୍ତ ହୋଇ । ପ୍ରସ୍ତୁତ ହେବାକୁ ହେବ ।

ସତ୍ୟ—ଯୁଦ୍ଧ, ସେ ପୁଣି କଣ ?

ପ୍ରହରୀ—ଶତ୍ରୁ ଆସି ଗଡ଼ ଦ୍ୱାରରେ ।

ସତ୍ୟ—କିଛି ସମ୍ବାଦ ପାଇଛ, ଗଣେଶ ?

ପ୍ରହରୀ—ନାହିଁ, ମଣିମା ! କେତେ ଲୋକ ତ ଯାଇଥିଲେ, କିଛି ଖବର ନାହିଁ ।

ସତ୍ୟ—ଆଚ୍ଛା, ଏଇ କଥା ନିତି ଶୁଣି ଶୁଣି ଯାଉଛି । ହେଉ, ଗଣେଶ !

ପ୍ରହରୀ—ମଣିମା, ଏତେବେଳେ କୁଆଡ଼େ ବାଜେ ହେଲେ ? ଯିବା ହେଉ ଉଆସକୁ ।

ସତ୍ୟ—ନାଇଁ, ଗଣେଶ!

ପ୍ରହରୀ—ଯିବା ହେଉ ଉଆସକୁ ।

ସତ୍ୟ—ଯାଉଛି, ଗଣେଶ ! ( ପ୍ରସ୍ଥାନ )

ପ୍ରହରୀ—ମହାରାଣୀଙ୍କର ସେ କଥା ନାହିଁ । ତଥାପି ଓଃ କ ପରିବର୍ତ୍ତନ ?

( କଳେବରେଶ୍ୱରଙ୍କ ପ୍ରବେଶ )

କଳେ—ଯୁଦ୍ଧ, ଭୀଷଣ ଯୁଦ୍ଧ । ଏଇବାଟେ । ଶତ୍ରୁ, ଶତ୍ରୁ ଯାଏ । ଏ, ପ୍ରହରି ! ଯୁଦ୍ଧ, ଶତ୍ରୁ । ( ପ୍ରସ୍ଥାନ )

ପ୍ରହରୀ—ଭୀଷଣ ଏ ଯୁଦ୍ଧ । କାଞ୍ଚୀର କ ଭାଗ୍ୟ, କ ପରିଣାମ ! ଯୁଦ୍ଧଭୂମିରେ ଆଜି କିଏ ଦଣ୍ଡାୟମାନ ହେବ ? ଦାରୁଣ ଏ ଯୁଦ୍ଧ । ସହାୟ ପ୍ରଭୁ ସାକ୍ଷୀ ଗୋପୀନାଥ । ( ପ୍ରସ୍ଥାନ )

## — ପଞ୍ଚମ ଦୃଶ୍ୟ —

### ସ୍ଥାନ— କାଞ୍ଚୀର ଯୁଦ୍ଧଭୂମିର ଏକ ପ୍ରାନ୍ତ

( ମନ୍ତ୍ରୀ ଓ ପ୍ରହରୀ ଦଣ୍ଡାୟମାନ )

ମନ୍ତ୍ରୀ—ମହାରାଜ ଆସୁଅଛନ୍ତି, ପ୍ରହରୀ ?

ପ୍ରହରୀ—ଆସିବେ ଏହିକ୍ଷଣି, ମନ୍ତ୍ରୀମା !

ମନ୍ତ୍ରୀ—ଯୁଦ୍ଧ ଆରମ୍ଭ ହୋଇଗଲାଣି । ଶୀଘ୍ର ଆସିବା ଦରକାର ।

ପ୍ରହରୀ—ଯୁଦ୍ଧ ହେଲେ, ତୁମ୍ଭେ ଆପଣ ଭଲକରି ଦେଖୁଥିବ ବୋଲି ମହାରାଜା କହିଥିଲେ ।

ମନ୍ତ୍ରୀ—ମୁଁ ଦେଖିବି, ପ୍ରହରୀ ! କିନ୍ତୁ କିଏ କହିପାରେ କାଞ୍ଚୀର ଭାଗ୍ୟରେ କଣ ଅଛି !

ପ୍ରହରୀ—କାହିଁକି, ମନ୍ତ୍ରୀମା ! କାଞ୍ଚୀଦେଶ ତ ଆଜଯାଏ କେଉଁଠି ହେଲେ ହାରି ଯାଇ ନାହିଁ । ତେବେ ଏ ସମୟ । କିଏ କହିପାରେ କଣ ହେବ ? ସତ, ମନ୍ତ୍ରୀମା !

ମନ୍ତ୍ରୀ—କାର୍ତ୍ତିକ ରାୟ ସୈନ୍ୟ ଚଳାଉ ଅଛନ୍ତି, ସେ ପ୍ରବୀଣ । ତଥାପି, ଯୁଦ୍ଧଭୂମିରେ ସିଂହ ଥିଲେ ଯେ— ଛାଡ଼ ସେ କଥା, ପ୍ରହରୀ ! ମହାରାଜ ଆସୁଛନ୍ତି ?

ପ୍ରହରୀ—ହଁ ମନ୍ତ୍ରୀମା ! ସେଇ ତ ବର୍ତ୍ତମାନ କଥା । ନୋହିଲେ କିଛି ଭୟ ଥିଲା ?

ମନ୍ତ୍ରୀ—ବିଳମ୍ବ ହେଉଛି । ମହାରାଜ ଆସିବାରେ ଆଉ କେତେ କାଳ ଯିବ ? ଯା ପ୍ରହରୀ, ଦେଖ ତ !

ପ୍ରହରୀ—ଯେ ଆଜ୍ଞା ମନ୍ତ୍ରୀମା ! ( ପ୍ରସ୍ଥାନ )

ମନ୍ତ୍ରୀ—କି ପରିଣାମ ଏ ଯୁଦ୍ଧରେ ? ମୁଁ ଜାଣୁଥିଲି କେତେ ଭ୍ରମ ମଧ୍ୟରେ ଏ ମଧ୍ୟ ଏକ ମହାଭ୍ରମ । କାର୍ତ୍ତିକ ରାୟ ପ୍ରବୀଣ । ଯୁଦ୍ଧଭୂମିରେ ସିଂହ ସଦୃଶ । ତଥାପି, ଆଶଙ୍କା । ଦେଖେ, ତେବେ ଯୁଦ୍ଧ ବେଶ୍ ଚଳୁଛି ।

( ନେପଥ୍ୟେ—ମହାରାଜାଙ୍କର ଜୟ )

ଏଇ ବୋଧହୁଏ ମହାରାଜ ଆସିଲେ, ଜୟ ହେଉ ଏ ଯୁଦ୍ଧରେ । କୃପା କର ପ୍ରଭୁ ଗଣନାଥ !

( ମହାରାଜାଙ୍କ ପ୍ରବେଶ )

ବିଜେ କରନ୍ତୁ ମହାରାଜ !

କଳେ— ରଣବାଦ୍ୟ ତ ବେଶ୍ ବାଜୁଛି । ଯୁଦ୍ଧ ସେହିପରି ହେଉଛି, ମନ୍ତ୍ରି ?

ମନ୍ତ୍ରୀ—ବେଶ୍ ଚାଲିଥିଲା ! ଓଡ଼ିଆ ସେନାପତି ସଙ୍ଗେ କାର୍ତ୍ତିକ ରାୟ ଖୁବ୍ ସମକକ୍ଷ ।

କଳେ—ମୁଁ ଯୁଦ୍ଧଭୂମିକୁ ଯାଏ, ମନ୍ତ୍ରି ?

ମନ୍ତ୍ରୀ—ଅପେକ୍ଷା କରନ୍ତୁ, ମହାରାଜ !

କଳେ—ଅପେକ୍ଷା ଆଉ କାହିଁକି ?

ମନ୍ତ୍ରୀ—ନା, ମହାରାଜ ଅପେକ୍ଷା କରନ୍ତୁ ।

କଳେ—ଯୁଦ୍ଧଭୂମିରେ କି ବ୍ୟାପାର, ମନ୍ତ୍ରି ? ସେ କଥା ସମସ୍ତ ତନ୍ନ ତନ୍ନ କରି ନିରୀକ୍ଷଣ କରିବାକୁ ହେବ ! ତୁମ୍ଭେ ଦେଖ, ମନ୍ତ୍ରି, ଆଉ କଣ ହେଉଅଛି କହ ।

ମନ୍ତ୍ରୀ—( ପିଣ୍ଡରେ ଉଠି ) ଭୀଷଣ ଯୁଦ୍ଧ, ମହାରାଜ ! ଏହି କାର୍ତ୍ତିକ ରାୟ ଆକ୍ରମଣ କଲେ । ବାଃ, କାର୍ତ୍ତିକ ରାୟ, ଚାଲ ଯାଅ । ପ୍ରଭୁ ଗଣପତି !

କଳେ— ପ୍ରଭୁ ଗଣପତି ସହାୟ । ମନ୍ତ୍ରି, ଦେଖ ।

ମନ୍ତ୍ରୀ—ଏଇ ଜଣେ ବିପକ୍ଷ ପକ୍ଷରୁ ସିଂହ ପରାକ୍ରମରେ ଆକ୍ରମଣ କରିଆସୁଅଛି । ଓଃ, କାର୍ତ୍ତିକ ରାୟ ପୃଷ୍ଠଭଙ୍ଗ ଦେଲେ । ନା, ନା ।

କଳେ—କଣ, ମନ୍ତ୍ରି ?

ମନ୍ତ୍ରୀ—ନା, ନା, ମହାରାଜ ! ସେ ଅନ୍ୟ ପାର୍ଶ୍ୱରେ ଆକ୍ରମଣ କରି ଚାଲିଗଲେ । ତଥାପି, ପ୍ରବଳ ତେଜ ।

କଳେ—କାର୍ତ୍ତିକ, ମନ୍ତ୍ରି ?

ମନ୍ତ୍ରୀ—ଭୀଷଣ ଦ୍ୱନ୍ଦ୍ୱରେ ଲାଗିଛନ୍ତି । ଏଇ ଶତ୍ରୁର ଏକ ଶର । ଓଃ ସେନାପତିଙ୍କ ବକ୍ଷରେ ପଡ଼ିଯିବ, ପଡ଼ିଯିବ । ନା ।

କଳେ—କଣ ?

ମନ୍ତ୍ରୀ—ନା, ନା । ସେନାପତି ତାକୁ ପ୍ରତିରୋଧ କଲେ । ଏଇ ବର୍ତ୍ତମାନ ଚାଲିଲେ ଆଗକୁ । ଚାଲ, ସେନାପତି !

କଳେ—ଜୟ, ଗଣପତି !

ମନ୍ତ୍ରୀ—ନା, ପୁଣି ଫେରିଲେ । ଫେରି ନାହିଁ ସେନାପତି ଅଗ୍ରସର, ଅଗ୍ରସର । ଆଗକୁ, ଆଗକୁ । ଚାଲ, ଚାଲ ।

କଳେ—କଣ, ଅଗ୍ରସର ?

ମନ୍ତ୍ରୀ—ନା, ମହାରାଜ । ଉଃ, ଏ ପୁଣି କଣ ?

କଳେ—କଣ, ମନ୍ତ୍ରି ?

ମନ୍ତ୍ରୀ—ଯେପରି ଏକ ଘୂର୍ଣ୍ଣିବାୟୁ । ବାତାବର୍ତ୍ତ ସମସ୍ତ ସୈନ୍ୟ ଭେଦ କରି ବହି ଆସୁଅଛି ।

କଳେ—ପବନ ?

ମନ୍ତ୍ରୀ—ନା, ମହାରାଜ । ଶତ୍ରୁ ସୈନ୍ୟବ୍ୟୂହ ମଧ୍ୟରେ ଭେଦ କରି ଏ ଯେପରି ଏକ ଦାବାନଳ, ଏକ ପ୍ରବଳ ବଜ୍ରପାତ ବନଭୂମିର ଶାଳ, ପଳାଶ ଜାଳିଦେଇ ଯାଉଛି ।

କଳେ—କଣ ସେ, ମନ୍ତ୍ରି ?

ମନ୍ତ୍ରୀ—ଏକ ଅପରିଚିତ ବୀରପୁରୁଷ ।

କଳେ—ଶତ୍ରୁ ପକ୍ଷର ? ତାହାହେଲେ, ମନ୍ତ୍ରି, ଆଉ ଆଶା ନାହିଁ ?

ମନ୍ତ୍ରୀ—କ୍ରମେ ନିକଟତର ହେଲେ । ତଥାପି ଚିହ୍ନିହେଉ ନାହିଁ । ଏଇ ବିପକ୍ଷ ସୈନ୍ୟମାନେ ଇତସ୍ତତଃ ପଳାଉଅଛନ୍ତି;—ବ୍ୟାଘ୍ର ସମ୍ମୁଖରେ ଯେପରି ଗୋଗୋଷ୍ଠ ।

କଳେ—ଆଶା ନାହିଁ, ମନ୍ତ୍ରି, ଆସ । ଆଉ କାହିଁକି ? ମୁଁ ଯାଏ ।

ମନ୍ତ୍ରୀ—ଅଦୂର ନିକଟ । ଚିହ୍ନିପାରିବ ଏଥର । ମହାରାଜ, ଏ ଯୁବରାଜ । ଯୁବରାଜ ସୁମନ୍ତ ରାୟ । ଜୟ, ଯୁବରାଜ ସୁମନ୍ତ ରାୟ !

କଳେ—କଣ କହୁଛ, ମନ୍ତ୍ରି ? ସୁମନ୍ତ ?

ମନ୍ତ୍ରୀ—ଶତ୍ରୁ ସୈନ୍ୟର ସମସ୍ତେ ବିକ୍ଷିପ୍ତ । ପୃଷ୍ଠଭଙ୍ଗ ଦେଇ ଇତସ୍ତତଃ କୁଆଡ଼େ ପଳାଇଲେଣି । ଯୁବରାଜ ସିଂହ ପରାକ୍ରମରେ ଅଗ୍ରସର ହେଉଅଛନ୍ତି ।

କଳେ—ନା, ମନ୍ତ୍ରି !

ମନ୍ତ୍ରୀ—ଆଉ ଦଳେ ଶତ୍ରୁସୈନ୍ୟ ।

କଳେ – ମନ୍ତ୍ରି, ନା, ସୁମନ୍ତ ?

ମନ୍ତ୍ରୀ—ସମସ୍ତେ ଯୁବରାଜଙ୍କ ଅଙ୍ଗକୁ ଶରବୃଷ୍ଟି କରୁଅଛନ୍ତି । ଭୀଷଣ ଯୁଦ୍ଧ । ପ୍ରଭୁ ଗଜପତି !

କଳେ—ଜଣ, ମନ୍ତ୍ରି ?

ମନ୍ତ୍ରୀ—ଭୀଷଣ ଯୁଦ୍ଧ, ଯୁବରାଜ ବହୁସଂଖ୍ୟକ ଶତ୍ରୁ ସୈନିକ ବଧ କରୁଛନ୍ତି । ଏଁ ଦୋହାଇ ଏ ଶତ୍ରୁ । ଆହା

କଳେ ଆହା !

ମନ୍ତ୍ରୀ—ଆହା, ଗଜପତି ! ଆହା ମହାରାଜ !

କଳେ—କଣ ଦେଖୁଛ, ମନ୍ତ୍ରି ?

ମନ୍ତ୍ରୀ—ନା, ଏଇ ଯୁବରାଜ ଅଗ୍ରସର ହେଲେ, ବନଦେଶରେ ଯେପରି ପଶୁରାଜ ସିଂହ । ଆଗକୁ, ଆହୁରି ଆଗକୁ ।

କଳେ – ଏବେ, ମନ୍ତ୍ରି ?

ମନ୍ତ୍ରୀ—ଯୁଦ୍ଧଭୂମିର ଅପର ପାର୍ଶ୍ୱରେ ଅଦୃଶ୍ୟ ।

କଳେ – ଅଦୃଶ୍ୟ ? ତେବେ ଆଉ ସମ୍ବାଦ କଣ ?

ମନ୍ତ୍ରୀ—ଯୁଦ୍ଧ ଲାଗିଛି । ଏଇ, ସେନାପତି ଘୋର ଯୁଦ୍ଧରେ । ଚାଲ, ସେନାପତି ! ଜୟ କାର୍ତ୍ତିକ ରାୟ । ଚାଲ, ଚାଲ ।

କଳେ – ଆଉ କଣ ସମ୍ବାଦ, ମନ୍ତ୍ରି ?

ମନ୍ତ୍ରୀ—ଏଇ ଯୁବରାଜ ଫେରିଲେ, ତଡ଼ିତ୍ ବେଗରେ, ଯେପରି ଆକାଶର ଏକ ବିଦ୍ୟୁତ୍ । ତଥାପି ଶତ୍ରୁ ସୈନ୍ୟ ବିନାଶ କରୁଅଛନ୍ତି । ଜୟ ଯୁବରାଜ !

କଳେ—ଆଉ କଣ, ମନ୍ତ୍ରି ? ତା ପରେ ?

ମନ୍ତ୍ରୀ—ନିକଟ, ଆହୁରି ନିକଟ । ତଥାପି, ଶତ୍ରୁ ପଶ୍ଚାତ୍ତରେ । ଜୟ, ପ୍ରଭୁ ଗଜପତି !

କଳେ—ପ୍ରଭୁ ଗଜପତି !

ମନ୍ତ୍ରୀ—ଆହୁରି ନିକଟ । ଏଇ ଯେ ଯୁବରାଜ । ଏଇ ବାଟେ, ଏଇ ବାଟେ ।

କଳେ—କାଣ, ମନ୍ତ୍ରି ?

( ସୁମନ୍ତ ରାୟଙ୍କ ସସୈନ୍ୟେ ପ୍ରବେଶ )

ସୁମନ୍ତ—ଶୀଘ୍ର, ସୈନିକଗଣ, ଚଞ୍ଚଳ, ଚଞ୍ଚଳ । ( ପ୍ରସ୍ଥାନ )

ସୈନିକ—ଅତି ନିକଟରେ ଶତ୍ରୁ । ଚଞ୍ଚଳ, ଚଞ୍ଚଳ । ( ପ୍ରସ୍ଥାନ )

( ସସୈନ୍ୟେ ବସନ୍ତ ବରାଟଙ୍କ ପ୍ରବେଶ )

ବସନ୍ତ—ଆସ, ସୈନିକଗଣ । ଶୀଘ୍ର, ଶୀଘ୍ର । ( ପ୍ରସ୍ଥାନ )

ସୈନିକ—ଜୟ, ଜଗନ୍ନାଥ ! ( ପ୍ରସ୍ଥାନ )

ମନ୍ତ୍ରୀ—ଭୀଷଣ ଯୁଦ୍ଧ ମହାରାଜ !

କଲେ—ସୁମନ୍ତ, ମୋର ପ୍ରାଣର ପୁତ୍ର, ଯାଏ, ମନ୍ତ୍ରି ! ଭୀଷଣ ଯୁଦ୍ଧ, ଯାଏ । ଶତ୍ରୁ ଚତୁର୍ଦ୍ଦିଗରେ । ଯାଏ ! ( ପ୍ରସ୍ଥାନ )

( ସସୈନ୍ୟେ ପୁରୁଷୋତ୍ତମଦେବଙ୍କ ପ୍ରବେଶ )

ପୁରୁ—ଧୀରେ, ସୈନିକଗଣ । ( ପ୍ରସ୍ଥାନ )

ସୈନିକ—ଜୟ, ମହାରାଜାଙ୍କର ଜୟ । ( ପ୍ରସ୍ଥାନ )

ମନ୍ତ୍ରୀ—ଭୀଷଣ ଯୁଦ୍ଧ, କି ପରିଣାମ ଏ ଯୁଦ୍ଧର ! ଦେଖେ କି ସମ୍ବାଦ ! ସମ୍ବାଦ କାହାକୁ ଦେବ ? ପ୍ରହରୀ

ପ୍ରହରୀ—ମନ୍ତ୍ରିମା !

ମନ୍ତ୍ରୀ—କି ବିକଟ ଏ ଯୁଦ୍ଧଭୂମି, ଅସ୍ତ୍ରଶସ୍ତ୍ରର ପ୍ରବଳ ବୃଷ୍ଟିଧାରା, ରକ୍ତର ଦାରୁଣ ପ୍ରବାହ । ଜୟ, ପ୍ରଭୁ ଗଜପତି ! କାଞ୍ଚୀର ଭରସା ତୁମ୍ଭେ, ମହାପ୍ରଭୁ ! ଜୟ, ଜୟ । ନା ଆଉ ଦେଖିବାର ନୁହେ । ଏଣିକି ଏ ଅସହ୍ୟ । ବୁଜି ହୁଅ, ଆଖି ! ଘୋର ସଂଗ୍ରାମ । ଫାଟିଯାଅ, ହୃଦୟ !

( ପଟକ୍ଷେପଣ )

---

## —ଷଷ୍ଠ ଦୃଶ୍ୟ—

ସ୍ଥାନ—ଯୁଦ୍ଧଭୂମି

( ବାସନ୍ତୀଙ୍କର ପ୍ରବେଶ )

ବାସନ୍ତୀ—ଉଃ, ଦିବସର ସମସ୍ତ କୋଳାହଳ, ବଜ୍ରପାତ ପରେ ଏ ପୃଥ୍ୱୀ ଆକାଶ ଭୁବନର କି ପ୍ରବଳ ଆନ୍ଦୋଳନ ! ବସୁନ୍ଧରା ଉପରେ ଦେବ-ଦାନବଙ୍କର ଯେପରି ନିର୍ଦ୍ଦୟ କଠୋର ପ୍ରହାର । ଦିନବେଳେ

ଭୂ ପୃଷ୍ଠଟା ଟଳମଳ ହେଉଥିଲା । ଏବେ ଆକାଶ ଅବନୀ ସମସ୍ତ କମ୍ପମାନ । କି ଭୀଷଣ ବୃଷ୍ଟି, କି ନିବିଡ଼ ଏ ଅନ୍ଧକାର, କି ଦାରୁଣ ଏ ବଜ୍ରପାତ ! ପ୍ରକୃତିର ଏ ସକଳ ନିଷ୍ପେଷଣ ମଧ୍ୟରେ ଅଭାଗିନୀ ବାସନ୍ତୀ ଆଜି ଏକାକିନୀ ଏ ପ୍ରାନ୍ତରରେ ନିଶୀଥବିହାର କରୁଅଛି । କି କଠୋର ! କି ନିଦାରୁଣ ଏ ରଜନୀ !

ନେପଥ୍ୟେ—ପ୍ରଭୁ ଜଗନ୍ନାଥ !

ବାସନ୍ତୀ—ନା, ଏ ଧ୍ୱନି କାହାର ସ୍ୱର ? ମୁମୂର୍ଷୁ କଣ୍ଠର ବାଣୀ ! ବହୁତ ବୁଲିଲିଣି । ଚତୁର୍ଦ୍ଦିଗରେ ବହୁବାର ନିରୀକ୍ଷଣ କଲିଣି । କେତେଆଡ଼େ କେତେ ପଥ ଖୋଜି ଆସିଲିଣି । କିନ୍ତୁ ସବୁ ଯେପରି ବିଫଳ । ଜୀବନ ଯେପରି ନିର୍ଲକ୍ଷ୍ୟ । ଏହି ପ୍ରାନ୍ତର ସେ ଦିନ ଅର୍ଦ୍ଧରାତ୍ରିରେ ଦେଖିଥିଲି । ଆଜି ପୁଣି—

ନେପଥ୍ୟେ—ପ୍ରଭୁ ଜଗନ୍ନାଥ, ପ୍ରଭୁ, ପ୍ରଭୁ !

ବାସନ୍ତୀ—ପୁଣି ଏ ଆଉ ଜଣେ କିଏ ? ଉଃ, କି ଅନ୍ଧକାର ! ଶତ ଶତ ମୁମୂର୍ଷୁ ପଡ଼ି ରହିଅଛନ୍ତି, ଏ ଭୀଷଣ ରଜନୀରେ; ଜୀବନର ଦାରୁଣ ଅନ୍ତିମ ଜ୍ୱାଳାରେ କରୁଣ ଚିତ୍କାର ଆର୍ତ୍ତନାଦ କରୁଅଛନ୍ତି । ରଣଭୂମିରେ ସଂଗ୍ରାମ ଶେଷ କରି ବିଜୟ ଉଲ୍ଲାସରେ ଯାଇ ପୁନର୍ବାର ପ୍ରଣୟିନୀର ପ୍ରେମମୟ କୋଳରେ ବିଶ୍ରାମ କରିଥାନ୍ତି, ବୀରବୃନ୍ଦ ! ଆଜି ଏ ଖାଲି ଭୂମିଶଯ୍ୟାରେ ପଡ଼ି ରହିଅଛନ୍ତି । ଜୀବନର କ୍ଷୀଣ ଶେଷ ନିଃଶ୍ୱାସଧାରଟି ଏ ଭୀଷଣ ଝଡ଼ ତୋଫାନରେ ମିଶାଇ ଦେଇ ମରବରେ ନୟନ-ତୋଳା ମୁଦୁଅଛନ୍ତି । ଆହା, ଆଉ ଥରେ ଦେଖିଲି ନାହିଁ । ବିଦାୟ, ପ୍ରାଣେଶ୍ୱର ! ଜୀବନର ଅନନ୍ତ ଆଶା ମଧ୍ୟରେ କହିଥିଲି ସେ ଦିନ-ଦେଶରେ—'ବିଦାୟ ପ୍ରାଣେଶ୍ୱର' ! ଏବେ ସେ ଶେଷ ବିଦାୟ ଏ ଜନ୍ମର । ଉଃ, କି ଅନ୍ଧକାର ! ମର୍ତ୍ତ୍ୟଭୂମିର ନିର୍ଦ୍ଦୟତା ଦେଖି ସ୍ୱର୍ଗରାଜ୍ୟରେ ବିରାଜମାନ କରୁଅଛ, ଇନ୍ଦ୍ରଦେବତା ! ଏହି ସେ ବଜ୍ର । ପଡ଼ୁ ଆସି ମୋର ଏ କଠୋର ବକ୍ଷରେ । ଉଃ, ବିଦ୍ୟୁତ୍‌ର କି ଏ ଆଲୋକ ! ଆହା, କେତେ ମୃତଦେହ ! ଆଉ ଥରେ, ସୌଦାମିନି, ଆଉଥରେ । କି ଅନ୍ଧକାର । ଏହି ଆଡ଼େ । ବିଜୁଳି, ଆଉ ଥରେ ଗଗନରେ ଜଳି ଉଠ । ( ବିଦ୍ୟୁତ୍‌ର ଆଲୋକ ) ଆହା, ନାଥ-

ପ୍ରାଣେଶ୍ୱର ! ଜୀବନରେ ଆଉ ଥରେ ସାକ୍ଷାତ ହେଲାନାହିଁ । କାଞ୍ଚୀ ରାଜ୍ୟର ବୀରପୁରୁଷ ତୁମେ; ହୃଦୟର ଅମୂଲ୍ୟ ମଣି ମୋର, ଆଜି ଏ ମାଟି ପାଣିରେ କଳେବର ଢାଳିଦେଇ ପଡ଼ିଅଛ । ଆହା, ପ୍ରାଣେଶ୍ୱର, ଏ ହୃଦୟ ରାଜ୍ୟର ଅଧୀଶ୍ୱର ତୁମେ, ଅଧିକାର କରିଥାଅ ଏ ସ୍ଥାନହୀନ ଅଭାଗିନୀର ଏ ବକ୍ଷ ଏବେ କ୍ଷଣକାଳ ଲାଗି ।

( ଆଲୋକ ଧରି କେତେକ ଲୋକଙ୍କ ପ୍ରବେଶ )

୧ମ ବ୍ୟକ୍ତି—ଏଇ ତ ଯୁବରାଜଙ୍କ ମୃତ ଦେହ ।

୨ୟ ବ୍ୟକ୍ତି—ଆଉ ଜଣେ ଏ କିଏ ?

୩ୟ ବ୍ୟକ୍ତି—କିଏ ତୁମେ, ବାଳିକା ?

୪ର୍ଥ ବ୍ୟକ୍ତି—ଯୁବରାଜଙ୍କ ମୃତଦେହକୁ ଏପରି ବକ୍ଷଦେଶରେ ଧରି ରହିଅଛ ?

ବାସନ୍ତୀ—କିଏ ତୁମ୍ଭେମାନେ, ଏ ଘୋର ରଜନୀରେ ଏପରି ନିର୍ଭୀକ ଚିତ୍ତରେ ବୁଲୁଅଛ ?

୧ମ ବ୍ୟକ୍ତି—ଆମ୍ଭେମାନେ ଶବ ନେବାକୁ ଆସିଅଛୁ ।

୨ୟ ବ୍ୟକ୍ତି—ଯୁବରାଜ !

୩ୟ ବ୍ୟକ୍ତି—ଆହା, ସମସ୍ତ କାଞ୍ଚୀରାଜ୍ୟର ଏ ଅମୂଲ୍ୟ ମହୁତ୍ତମଣି ।

୪ର୍ଥ ବ୍ୟକ୍ତି—ସୁମନ୍ତ୍ର ବୟୁ ଜଣେ ଥିଲେ, କୋଟିକେ ଗୋଟିଏ ।

୧ମ ବ୍ୟକ୍ତି—ଆଉ କିଏ ସେପରି ପୁଣି ହେବ ?

୨ୟ ବ୍ୟକ୍ତି—ଧର, ଗଙ୍ଗାଧର ଆଉ ବିଳମ୍ବ ନାହିଁ ।

୩ୟ ବ୍ୟକ୍ତି—ଧର ମାଳକଣ୍ଠ !

୪ର୍ଥ ବ୍ୟକ୍ତି—ଧର; ଛାଡ଼ ଦିଅ, ନାରି !

ବାସନ୍ତୀ—କେଉଁଆଡ଼େ ଘେନି ଯିବ ତୁମ୍ଭେମାନେ; ଜୀବନରେ ପ୍ରାଣର ପବିତ୍ର ପ୍ରତିମା, ମରଣରେ ହୃଦୟର ଅମୂଲ୍ୟ ମଣି ଏଇ ଯୁବରାଜଙ୍କୁ ତୁମ୍ଭର ?

୧ମ ବ୍ୟକ୍ତି—ଦାହ କରିବାକୁ, ନାରି !

୨ୟ ବ୍ୟକ୍ତି—ଆହା, ଏ ଦେହକୁ ପୁଣି ଅଗ୍ନିରେ ପୋଡ଼ି ଦେବା !

୩ୟ ବ୍ୟକ୍ତି—ଚାଲ, ମାଳକଣ୍ଠ !

୪ର୍ଥ ବ୍ୟକ୍ତି—ଚାଲ, ଗଙ୍ଗାଧର; ଶୀଘ୍ର, ଶୀଘ୍ର । ( ପ୍ରସ୍ଥାନ )

## ଦୃଶ୍ୟ ପରିବର୍ତ୍ତନ

ମନ୍ତ୍ରୀ—କାଞ୍ଚୀରାଜ୍ୟର ସୌଭାଗ୍ୟ-ରବି ଆଜି ଅସ୍ତମିତ । ଏ ପୁଣ୍ୟଭୂମିର ଭବିଷ୍ୟତ୍ ଆଜି ଏହି ଅନଳକୁଣ୍ଡରେ ଭସ୍ମୀଭୂତ, ଏହି ଅନଳ-କୁଣ୍ଡରେ । ଜଳ ଅନଳ, ଉଜ୍ଜ୍ୱଳ ଉନ୍ନତ ଶିଖାରେ ଜଳି ଉଠ । ସେ ଉଦାର ହୃଦୟ, ସିଂହ-ବିକ୍ରମ, ଉଜ୍ଜ୍ୱଳ କପୋଳଶ୍ରୀ ଆଜି ଏହିଠାରେ ଅଙ୍ଗାର ଭସ୍ମରେ ମିଶିଗଲା । ଯୁବରାଜ ହୃଦୟର ଶବର ଦେବତା ମୋର, କି ଏ ପରିଣାମ ! କାହିଁକି ବନଦେଶରୁ ଫେରି ଆସିଲ ? ଆହା, ବନପର୍ବତରେ ବୁଲୁଥିଲେ ଅବା ଏ କଦାରୁଣ ମୃତ୍ୟୁ ସ୍ପର୍ଶ କରି ନ ଥାନ୍ତା ! ପିତା ରାଜପ୍ରାସାଦରୁ ମାତ୍ର ନିର୍ବାସନ କରିଥିଲେ, ଏବେ ନିର୍ମମ ବିଧାତା ଚିରକାଳ ପାଇଁ ଭୂମଣ୍ଡଳରୁ ନିର୍ବାସନ କରିଦେଲା । ଓହୋ, କି ବିଷମ ପରିଣାମ ! ଯାଅ, ନୃପନନ୍ଦନ ! ଜଳ ସ୍ଥଳ ପାତାଳରେ ଆଉ ଦିନେ ଭେଟ ହେବ ନାହିଁ । ଜଳ ଅନଳ, ଜଳ । ଆଉ ନୁହେଁ । ଓଃ, କି ଭୀଷଣ ଗତି !

(ପ୍ରସ୍ଥାନ)

୧ମ ବ୍ୟକ୍ତି—ଏହି ସରିଗଲା, ଗଙ୍ଗାଧର !

୨ୟ ବ୍ୟକ୍ତି—ବିଧାତାର କି ଘଟଣା, ଭାଇ !

୩ୟ ବ୍ୟକ୍ତି—କାହିଁକି ଫେରିଲେ ?

୪ର୍ଥ ବ୍ୟକ୍ତି—ହାଣ୍ଡି ବନସ୍ତରେ ଥିଲେ ରଜାଙ୍କର । ତା ହେଲା ନାହିଁ, ମାଳକଣ୍ଠ !

୧ମ ବ୍ୟକ୍ତି—ଏହି ଗଲା ।

୨ୟ ବ୍ୟକ୍ତି—ସବୁ ଆଜି ଭସ୍ମ ।

୩ୟ ବ୍ୟକ୍ତି—ଯା, ବିଧାତା ଏତେବେଳେ ତୃପ୍ତ ।

୪ର୍ଥ ବ୍ୟକ୍ତି—ଓହୋ, କିଏ ସ୍ୱପ୍ନରେ ଭାବିଥିଲା ?

(ବାସନ୍ତୀର ପ୍ରବେଶ)

ବାସନ୍ତୀ—ଜୟ, ଜଗନ୍ନାଥ !

୧ମ ବ୍ୟକ୍ତି—କିଏ, ବାଳିକା ?

ବାସନ୍ତୀ—ବେଶ୍ ଉଜ୍ଜ୍ୱଳ ବହ୍ନିଶିଖା; ଜଳ ବହ୍ନି, ଉଜ୍ଜ୍ୱଳ ଆହୁରି ଉଜ୍ଜ୍ୱଳ ।

୨ୟ ବ୍ୟକ୍ତି—ଦୂରକୁ ଘୁଞ୍ଚିଯାଅ, ବାଳିକା !

ବାସନ୍ତୀ—ବେଶ୍ ଅନଳ ଶିଖା । ଆଉ ବିଳମ୍ବ ନୁହେ ! ଜୟ, ଜଗନ୍ନାଥ !

୩ୟ ବ୍ୟକ୍ତି—ଏ କିଏ ବାଳିକା ?

୪ର୍ଥ ବ୍ୟକ୍ତି—ହାଁ, ଏ କିଏ ? ରହ !

ବାସନ୍ତୀ—ନା, ଆଉ ବିଳମ୍ବ ନୁହେ । ଜୟ, ଜଗନ୍ନାଥ !

୧ମ ବ୍ୟକ୍ତି—କିଏ ତୁମେ, ବାଳିକା, ଅଗ୍ନିରେ ଆପଣାର ଯୌବନଶ୍ରୀ ପୋଡ଼ିଦେବାକୁ ଯାଉଛ ?

ବାସନ୍ତୀ—ପୋଡ଼ି ଦେଇଅଛି । ଆଉ ପୋଡ଼ିବ କିଏ ?

୨ୟ ବ୍ୟକ୍ତି—ଦୂରକୁ ଯାଅ, ବାଳିକା ! ପଛକୁ ଘୁଞ୍ଚିଯାଅ ।

ବାସନ୍ତୀ—ବହୁଦିନ ଦୂରରେ ରହିଛି । ଆଜି ଏତେ ନିକଟ, ଆଉ ନୁହେ ।

୩ୟ ବ୍ୟକ୍ତି—କିଏ ତୁମେ, ବାଳିକା ? ତୁମର ନାମ କିଏ ?

ବାସନ୍ତୀ—ବାସନ୍ତୀ ।

୪ର୍ଥ ବ୍ୟକ୍ତି—ଅଗ୍ନିରେ ଜୀବନ ଝାସ ଦେବାକୁ ଏତେ ଉଦ୍‌ବେଗ କାହିଁକି ?

ବାସନ୍ତୀ—ଅର୍ଦ୍ଧେକ ବହ୍ନିରେ ମିଶିଅଛି । ଜଳ ବହ୍ନି, ଜଳ । ଏହି ଅପର ଅର୍ଦ୍ଧେକ ପୁଣି ଏଇକ୍ଷଣି ମିଶିଯିବ ।

୧ମ ବ୍ୟକ୍ତି—କିଏ ତୁମେ ବାଳିକା ?

ବାସନ୍ତୀ—ଅର୍ଦ୍ଧାଙ୍ଗୀ । ତୁମ ଯୁବରାଜଙ୍କର ସହଧର୍ମିଣୀ, ସୁଖଦୁଃଖରେ ସହଯୋଗିନୀ; ଆଉ କିଏ ?

୨ୟ ବ୍ୟକ୍ତି—ଏ କାର୍ଯ୍ୟ କାହିଁକି, ମଣିମା ତେବେ ?

ବାସନ୍ତୀ—ଜୟ, ଜଗନ୍ନାଥ !

୩ୟ ବ୍ୟକ୍ତି—ନା, ମହାରାଣି, ସ୍ଥିର ହୁଅନ୍ତୁ ।

ବାସନ୍ତୀ ଜୟ, ଜଗନ୍ନାଥ । ଜଳ, ବହ୍ନିଶିଖା । ଦିନେ କୃଷ୍ଣାନଦୀ କୂଳରେ ସାକ୍ଷାତ୍, ତତ୍ପରେ ଅଉଦିନେ ସେ ନିବିଡ଼ କାନନଭୂମିରେ ।

ଆଜି ଏ ଅନନ୍ତ ସାକ୍ଷାତ୍, ପବିତ୍ର ବହ୍ନିକୁଣ୍ଡରେ ଜୀବନର ଅନ୍ତିମ ମେଳାପ, ହୃଦୟ ସଙ୍ଗେ ହୃଦୟର ମଧୁର ମିଳନ । ପ୍ରିୟ ବହ୍ନିଶିଖା, ଜଳ ଉଠ । ଯାଏ, ଯାଏ, ଆଜି ବିଳମ୍ବ ନାହିଁ । ଏଇ କାହାର ଡାକ—ଆସ, ପ୍ରାଣେଶ୍ୱରୀ ! ଯାଏ, ପ୍ରାଣେଶ୍ୱର, ଯାଏ ! ଜୟ ଜଗନ୍ନାଥ ! [ ଚିତାରେ ପତନ ]

୧ମ
୨ୟ
୩ୟ —ନା, ମହାରାଣି, ଏ କଣ !
୪ର୍ଥ

[ ପଟକ୍ଷେପଣ ]

---

## —ସପ୍ତମ ଦୃଶ୍ୟ—

ସ୍ଥାନ—କାଞ୍ଚୀରାଜପ୍ରାସାଦ

[ କନକର ପ୍ରବେଶ ]

କନକ—ସେ ଆଜିକ ଅନେକଦିନ—ସ୍ନେହ କ ପଦାର୍ଥ ରାଜପ୍ରାସାଦର ସକଳ ସମ୍ପଦ ମଧ୍ୟରେ ଡାକୁଛି···'ପଦ୍ମ' ! ସେ ମଧ୍ୟ ଡାକୁଛି 'କନକ' ବୋଲି । ବନ ଦେଶରେ ଆପଦ ବିପଦରେ, କ୍ଷୁଧା ତୃଷା ବେଳେ ପୁଣି ସେହି ପଦ୍ମ-କନକ । ଆଜି କେଉଁଠାରେ ପଦ୍ମ । ଏ ଘୋର ବିଚ୍ଛେଦ, ଅସହ୍ୟ ସ୍ନେହର ନିର୍ଦ୍ଦେଶ । ପଦ୍ମ—କଣ ଗଲୁ, ପିତା ମାତାଙ୍କ ପାଖରେ ରହିବ । ରହିଲି; କିନ୍ତୁ କି ଦୁଃଖ ସେହି ସ୍ନେହମୟ ଚରଣ-ଯୁଗଳରେ । ପଦ୍ମର ସ୍ଥାନ କନକ ପୂର୍ଣ୍ଣ କରିବ ? ଚନ୍ଦ୍ରମା ନିକଟରେ ତାରକା ସୁନ୍ଦର । ଆହା, ପଦ୍ମ ମୋର, ପ୍ରାଣର ବିମଳ ଚନ୍ଦ୍ରମା, ସୁଖ ସମ୍ପଦରେ ସଙ୍ଗେ ସଙ୍ଗେ ଅହର୍ନିଶ ବିଚରଣ କରୁଛି । ଆଜି ଏ ଘୋର ବିଷାଦବେଳେ, ପଦ୍ମ, ଟିକଏ ପାଖରେ ବସୁଥାନ୍ତୁ । ଚାଲିଗଲୁ ପଦ୍ମ, ମାଆଙ୍କ ନିକଟକୁ ପଠାଇଦେଇ । ଆଜି

ସାକ୍ଷାତ୍ ହେଲନାହିଁ । ବହୁଦିନର କଥା ସେ ଆଜିକି; କିନ୍ତୁ ଏ ଯେପରି ଗୋଟିଏ ଦୁର୍ଦ୍ଦିବସ । ପରିଣାମରେ, ପଦ୍ମ, ଚଣ୍ଡାଳସଙ୍ଗରେ ? ଓହୋ, କି ନିଷ୍ଠୁରତା ପ୍ରେମିକର ! ସତ୍ୟପ୍ରତିମୋହି ପଦ୍ମାବତୀର ବିବାହ ଚଣ୍ଡାଳ ସଙ୍ଗରେ ! ଆଜି କାହିଁକି, ନିଶାମଣି ? ଆକାଶରେ ବୁଡ଼ି ଯା । ଏ ଘୋର ବିଷାଦର ରାତି, ଆହା !

[ ସତ୍ୟବତୀଙ୍କର ପ୍ରବେଶ ]

ସତ୍ୟ—ମା କନକ !

କନକ—ମା !

ସତ୍ୟ—ଏକୁଟିଆଟି ହୋଇ ଛିଡ଼ା ହୋଇଛୁ, କନକ ?

କନକ—ନା, ମ, ଏକୁଟିଆ କିଏ ?

ସତ୍ୟ—ଆଜିକି ତିନିମାସ ଦଶ ଦିନ, କନକ !

କନକ—ହଁ, ମା, ଆଜ ଦଶମୀ, ଠିକ୍ ତିନିମାସ ଦଶ ଦିନ ।

ସତ୍ୟ—ଏ କଣ କୃଷ୍ଣପକ୍ଷ, ନା ଶୁକ୍ଳପକ୍ଷ ?

କନକ—ଏ ଶୁକ୍ଳପକ୍ଷ, ମା ! ଆଜ ତ ଫଗୁଦଶମୀ ।

ସତ୍ୟ—ମୁଁ କିଛି ଜାଣିପାରୁ ନାହିଁ, କନକ ! ଫଗୁଦଶମୀ, ଆଜି ପାଞ୍ଚ ଦିନ ଗଲେ ସ୍ନାନପୂର୍ଣ୍ଣିମୀ ହେବ, ନା କୁମାରପୂର୍ଣ୍ଣିମୀ ?

କନକ—ଏଇ ସ୍ନାନ ପୂର୍ଣ୍ଣିମୀ, ମା ! ଏଇଦିନ ମୋର ପ୍ରଥମ କଥାବାର୍ତ୍ତା ପଦ୍ମ ସଙ୍ଗରେ ।

ସତ୍ୟ—ସେଇ ଦିନ ତାର ଜନ୍ମ, କନକ ! ଶରଗଣଶି ଆହା ମୋର; ପଦ୍ମ, ପଦ୍ମ ! କନକ ! ମା ପଦ୍ମ ମୋର, ଆଜି ପ୍ରାଣର ସୁମନ୍ତ, ଆହା, କଣ କଲୁ ? ବିଧାତା, ଆହା !

କନକ—ମା, ମା, ମା !

ସତ୍ୟ—କନକ, କଣ ମା ?

କନକ—କିଛି ନାହିଁ ।

ସତ୍ୟ—କାଠ ପଥରର ଶରୀର, କନକ ! ଆଉ କି କାର୍ଯ୍ୟ ?

କନକ—ଚାଲ, ମା, ବହୁତ ରାତି ହେଲଣି, ବିଶ୍ରାମ କରିବାକୁ ଯିବା ।

ସତ୍ୟ—ବିଶ୍ରାମ ତ ସବୁବେଳେ କରୁଛୁ, କନକ ! ଟିକିଏ କଥାବାର୍ତ୍ତା କର, ମନ ଟିକିଏ ଉଶ୍ବାସ ଲାଗିବ !

କନକ—କଥା କହ, ମା !

ସତ୍ୟ—ସ୍ୱର୍ଗରେ ଯେତେ ସବୁ ଦେବତାମାନେ ଅଛନ୍ତି, କନକ ? ଗଲେ ଦେଖା ହେବ ନାହିଁ ?

କନକ—ହଁଲ, ମା !

ସତ୍ୟ—ବାବୁ ସୁମନ୍ତ ଅକୂଳ ସାଗରରେ—ମା ପଦ୍ମ ! 'କନକ, ନା; ନା ! ଆହା, କନକ !

[ ଯବନିକା ପତନ ]

---

# ପଞ୍ଚମ ଅଙ୍କ

## —ପ୍ରଥମ ଦୃଶ୍ୟ—

ସ୍ଥାନ—କଟକରେ ମନ୍ତ୍ରୀଙ୍କ ଗୃହର କକ୍ଷ

( ପଦ୍ମାବତୀ ଏକାକିନୀ ଗୋଟିଏ ପାତ୍ର ଧରି ଆସୀନ )

ପଦ୍ମ—ନା, ଏ ମହାପାପ । ସୁଖର ଆଶା ନିର୍ବାସନ କରି ଦୁଃଖର ଅପେକ୍ଷାରେ ଜୀବନ ଅତିବାହିତ କରିବା—ସେ ଏକ ମହାସୁଖ । ବିବାହ-ଚଣ୍ଡାଳ ସଙ୍ଗରେ ବିବାହ । ବିବାହ ତ ହୋଇଅଛି । ଆଉ ପୁଣି ବିବାହ କଣ ? ଏ ପ୍ରାଣେଶ୍ୱରଙ୍କ ଆଦେଶ, ସୁଖର ଅନୁଜ୍ଞା । କେବେ ? କେବେ, ଚଣ୍ଡାଳ, ଆସୁଛ ତୁମ୍ଭେ ? ନା, ଏ ଘୋର ପାପ, ଏ ବ୍ୟଭିଚାର । ଜୀବନରେ କି ପ୍ରୟୋଜନ ? ଦିଏ, ଏ ପ୍ରଦୀପ ଏଇଠାରେ ନିଭାଇଦିଏ । ଏ ଅମୃତ, ଯହିଁରେ ଜୀବନର ସୁଖ ଦୁଃଖ ବୁଡ଼ିଯାଏ । ଦିଏ । ନା, ନା, ବିଷପାନ ଅସହ୍ୟ । ତା କରିବି ନାହିଁ । ଏ ଘୋର ଭୀରୁତା, ଏ ପୁଣି ଏକ ମହାପାପ । ରଜାଙ୍କର ପ୍ରତିଜ୍ଞା ଚଣ୍ଡାଳ ସଙ୍ଗରେ ବିବାହ କରାଇବେ । ଭ୍ରାନ୍ତ ରଜା ! ବିବାହ ଜୀବନରେ ଥରେ ହୁଏ । ଆଉ କି ବିବାହ ସମ୍ଭବ ? ନା, ମୁଁ ପତ୍ନୀ । ପତିର ପ୍ରତିଜ୍ଞାଭଙ୍ଗରେ ପତ୍ନୀର କି ଲାଭ ? ଚଣ୍ଡାଳ, ଆସ ! କେବେ ? ନା, ଏ ବ୍ୟଭିଚାର ନୁହେ, ପତିଭକ୍ତି । ପତିଙ୍କ ଆଦେଶ

ମାଳନ, ତାଙ୍କ ଦୃଢ଼ ଭକ୍ତିର ପ୍ରମାଣ । ରାଜପ୍ରାସାଦ ସୁଖସମ୍ପଦ ମଧ୍ୟରେ ରାଜଭବନରେ ବାସ । ସେ ତ ହୃଦୟର ଏକ ମଳିନ ପ୍ରୀତି । ସୀତାଙ୍କର ପତିଭକ୍ତି ରାବଣର ଅଶୋକ କାନନରେ, ବାଲ୍ମୀକିଙ୍କ ତପୋବନ ମଧ୍ୟରେ—ଅଯୋଧ୍ୟାର ରାଜହର୍ମ୍ୟରେ ନୁହଁ । ନା, ଏଥିପାଇଁ ଜୀବନକୁ ଚଢ଼ି ରଖିବ । କେତେବେଳେ ? ଆସ ଶୀଘ୍ର, ଚଣ୍ଡାଳ ! ଅପେକ୍ଷା ଆଉ ଭଲ ଲାଗୁ ନାହିଁ । ତୁମେ ମୋ ପିତାଙ୍କର ଇଚ୍ଛାର ପୂର୍ଣ୍ଣ ପ୍ରତିନିଧି, ତାଙ୍କର ଆଦେଶରେ ମୂର୍ତ୍ତିମନ୍ତ ପ୍ରତିମା । ଆସ ।

[ ଶାରଦାର ପ୍ରବେଶ ]

ଶାରଦା—କଣ କରୁଚ, ପଦ୍ମାବତୀ !

ପଦ୍ମ—କରିବି ଆଉ କଣ, ଶାରଦା ? ବସିଛି ।

ଶାରଦା—କାନ୍ଦୁଥିଲ ଯେ ?

ପଦ୍ମ—ଆଖିରେ ତ ଲୁହ ଅଛି, ଶାରଦା ! ଢଳିପଡୁଛି । କାନ୍ଦିବି କାହିଁକି ?

ଶାରଦା—ନା, କାନ୍ଦୁଥିଲ । କଣ ଦେଖୁଛ ? କୁଣ୍ଢେଇ କିଏ ଭାଙ୍ଗିଦେଲା ? କିଏ ? କିଏ ବଡ଼ ଦୁଷ୍ଟ । ମୋ କୁଣ୍ଢେଇ ସେ ଦିନ ଭାଙ୍ଗି ଦେଇଥିଲା ପରା ! ତୁମେ ମୋର ଏ କୁଣ୍ଢେଇଟି ରଖ । ମୁଁ ମାଙ୍କୁ ଆଉ ଗୋଟିଏ ମାଗିବି ଯାଇ ।

ପଦ୍ମ—ଶାରଦା ! [ କୁଣ୍ଢେଇ ନେବାର ]

ଶାରଦା—ଆଉ କାନ୍ଦନାହିଁ, ଯାଉଛି । ଖେଳୁଥାଅ, ମୁଁ ଆସେ ।

[ ପ୍ରସ୍ଥାନ ]

ପଦ୍ମ—କୁଣ୍ଢେଇ । ଆହା, ଶାରଦା କି ସରଳ ! ମନୁଷ୍ୟ ଚିରଜୀବନ ଏହିପରି ସରଳ ହୋଇ ରହୁଥାନ୍ତା ! ଆହା, ବାଳିକା କୁଣ୍ଢେଇଟି ଦେଇଗଲା । ଶାରଦା, ଏ ସ୍ନେହ ପାସୋର ଯିବନାହିଁ । କାନ୍ଦୁଥିଲି । ନା, କାନ୍ଦିବା ତ ଏକ ଦୁର୍ବଳତା । ଏ କୁଣ୍ଢେଇଟି ପାଇଁ କାନ୍ଦୁଥିଲି ? ନା, ସଂସାର ଏହିପରି ଗୋଟିଏ କୁଣ୍ଢେଇ । କେତେ ଶାରଦା ହାତରେ ଧରି ଖେଳୁଛନ୍ତି, କେତେ ପଦ୍ମାବତୀ ହରାଇ ଆଜି ଦୁଃଖ ବିଷାଦରେ ବୁଡ଼ି ରହିଛନ୍ତି । ଚାଲିଗଲା, ବାଳିକା; କୁଣ୍ଢେଇଟି ନେଇଗଲେ ନାହିଁ ? ( ପାର୍ବତୀଙ୍କର ପ୍ରବେଶ )

କଏ, ପାର୍ବତି ? ଆଜି ପୁଣି ଆସିଲ ? ମୁଁ ତତେ କାଲି ମନା କରିଥିଲି ।

ପାର୍ବତୀ—ମା ମହାରାଣି, ତୁମକୁ ଦେଖିଲେ ମୋର କେତେ କଥା ମନେ ପଡୁଛି, ସୁଖ ଲାଗୁଛି ଦୁଃଖ ଲାଗୁଛି, ହସ ମାଡୁଛି, କାନ୍ଦ ମଧ୍ୟ ମାଡୁଛି ।

ପଦ୍ମା—ନା, କାହିଁକି ଆସିଲ ?

ପାର୍ବତୀ—ଜାଣି ମା, କାଲି ଗଲାବେଳେ ବଗିଚା କର ଯାଇଥିଲି । ଜଣେ ଲୋକ ନାହିଁ କରୁଛି—ଆଉ ଆସିବ ନାହିଁ ।

ପଦ୍ମା କେବେ ?

ପାର୍ବତୀ—ଦଫର ତ କାହିଁକି ଆଜି ଆସି ହୋଇଗଲି ।

ପଦ୍ମା—ନା, ଆଉ ଆସିବ ନାହିଁ, ପାର୍ବତି, କାଲିଠାରୁ ଆଉ ଆସିବ ନାହିଁ ।

ପାର୍ବତୀ—ମା, ଆଉ କେବେ ତ ଦିନ ଦେଖିବ ? କୁଆଡେ ଯାଇ ରହିବ । ତୁମକୁ ଦେଖିଲେ ଜେମା ମହାରାଣୀଙ୍କି ଦେଖିଲା ପରି ଲାଗୁଛି । ଆହା କୁଆଡେ ଗୁଲି ଗଲେ ? କେତେ ଏ କୋଳରେ ବସାଇଛି, ବୁକୁରେ କେତେ ଧରିଛି । କବୁ କୁଆଡେ଼ ଗଲା ଏବେ !

ପଦ୍ମା—ଆଉ ସେ କଥା କହ ନାହିଁ, ପାର୍ବତି ! ଆହା

ପାର୍ବତୀ—ନା, ମା, କଥାରେ କହିଲେ ହଜିଲା ଧନ କଣ ଫେରି ଆସିବ ?

ପଦ୍ମା—ନା, ପାର୍ବତି, ତା ଆସିବ ନାହିଁ, ହଜିଲା ଧନକୁ ଖୋଜୁଥିଲେ ସେଥିରେ ଏକପ୍ରକାର ସୁଖ ଅଛି । ସେ ତ ଗୋଟିଏ ଧନ ।

ପାର୍ବତୀ—ତୁମେ ଆଜି ଏତେ ଶୁଖିଲା ଦିଶୁଛ, ମା ?

ପଦ୍ମା—ପାର୍ବତି, ତୁମେ ଏଇକ୍ଷଣି ଯାଅ । ବଡ଼ ଦୟା ତୁମର ମୋଠାରେ । ଏତେ ଦୟା ପାଇବାକୁ ମୋର ଯେପରି ଇଚ୍ଛା ହେଉନାହିଁ । ଯିବ, ପାର୍ବତି ?

ପାର୍ବତୀ—ଯାଉଚି, କାଲିକି ଆସିବି । ନ, ନାହିଁ କରୁଚ, କାଲିକି ଆସେ । ( ପ୍ରସ୍ଥାନ )

ପଦ୍ମା—ଅନନ୍ତ ସଂସାରରେ ଦୟା ସ୍ନେହ ଅନନ୍ତ । ଦୁଃଖ ଶୋକ ମଧ୍ୟ ସେହିପରି ଅନନ୍ତ । ସୁଖ ଦୁଃଖ ତେବେ ତ ଏକ ପଦାର୍ଥ । ସୁଖ ଦୁଃଖ । ଦୁଃଖ ମଧ୍ୟ ଏକ ସୁଖ । ( ଶାରଦାର ପ୍ରବେଶ

ପୁଣି କୁଆଡ଼େ ଆସିଲ ଶାରଦା ।

ଶାରଦା—ଏଇ, ମା'ଙ୍କଠାରୁ ଆଉ ଗୋଟିଏ କୁଣ୍ଢେଇ ଆଣିଲି । ତମେ ସେ କୁଣ୍ଢେଇଟିରେ ଖେଳିବ, ମୁଁ ଏଇଟିରେ ଖେଳିବି ।

ପଦ୍ମ—ଆସ, ଶାରଦା ମୋ ପାଖକୁ ଆସ । ( କୋଳରେ ବସାଇବା )

ଶାରଦା—ପୁଣି କାନ୍ଦୁଛ, ପଦ୍ମାବତି !

( ପଟକ୍ଷେପଣ )

—— —— ——

## —ଦ୍ୱିତୀୟ ଦୃଶ୍ୟ—

ସ୍ଥାନ—କଟକର ରାଜପ୍ରାସାଦ

(ମନ୍ତ୍ରୀ ଓ ଅର୍ଜୁନ ସିଂହଙ୍କର ପ୍ରବେଶ)

ମନ୍ତ୍ରୀ—କାଶୀରୁ ପୁଣି କୁଆଡ଼େ ଗଲେ ଆପଣ ?

ଅର୍ଜୁନ—ହରିଦ୍ୱାର, ତପରେ ଦିଲ୍ଲୀ, କୁରୁକ୍ଷେତ୍ର, ପ୍ରୟାଗ ଦର୍ଶନ କରି ବୃନ୍ଦାବନ ଗଲି-ଯେଉଁଠାରେ ଭଗବାନଙ୍କର ସମସ୍ତ ଲୀଳା । କି ମଧୁର ସେ ବୃନ୍ଦାବନ, ମନ୍ତ୍ରୀ ମହାରାଜ !

ମନ୍ତ୍ରୀ—ଦାକ୍ଷିଣାତ୍ୟରେ ଆପଣ କଣ ଦେଖିଲେ ?

ଅର୍ଜୁନ—ପଞ୍ଚନଦ ବାଟେ ବୈଦ୍ୟନାଥ ଯାଇ ସେଠାରୁ ପଞ୍ଚବଟୀ ଗଲି । ପଞ୍ଚବଟୀ ବନଭୂମି ଅତି ରମଣୀୟ । ନାନାକୁଞ୍ଜବନ, କୁସୁମ କାନନ ଚତୁର୍ଦ୍ଦିଗରେ । ରାମଚନ୍ଦ୍ର, ସୀତା ଦେବୀ, ଲକ୍ଷ୍ମଣଙ୍କ ସହିତ ସେହି ସବୁଠାରେ ବିହାର କରିଥିବେ । ତପରେ ରାମନାଥ ।

ମନ୍ତ୍ରୀ—ରାମନାଥରୁ ଲଙ୍କା ତ ଅଳ୍ପ ଦୂର ?

ଅର୍ଜୁନ—ମୋର ଲଙ୍କା ଯିବାର ଇଚ୍ଛା ଥିଲା । ସମୁଦ୍ରପଥ ବିଶେଷ ଅଗମ୍ୟ ଥିବାରୁ ନାବିକମାନେ ସାହସ କଲେନାହିଁ ।

ମନ୍ତ୍ରୀ—ରାମନାଥଠାରୁ କୁଆଡ଼େ ଯିବାକୁ ହେଲା !

ଅର୍ଜୁନ—ଗୋଦାବରୀରେ ସ୍ନାନ ସାରି ସିଂହାଚଳ ଆସିଲି, ବଡ଼-ମନୋରମ ସ୍ଥାନ । କଦଳୀ, ସପୁରି ପ୍ରଭୃତି ସୁମିଷ୍ଟ ଫଳ ପ୍ରଚୁର ମିଳେ ।

ମନ୍ତ୍ରୀ—ହଁ, ମୁଁ ନସ ସମୁଖ ଦେଖିଛି, ଅର୍ଜୁନସିଂହ । ସୁବୃହତ୍
କନ୍ଦପାର, ସୁମିଷ୍ଟ କାହିଁକ ? ତା ପରେ ତ ଆପଣ ରାଜଧାନୀକୁ
ଫେରଥିବେ ।

ଅର୍ଜୁନ—ନା, ମହେନ୍ଦ୍ର ଗିରି ଉପରେ ଏକ ମାସ ଥିଲି ।
ପାଣ୍ଡବମାନଙ୍କର ଅଜ୍ଞାତ ବନବାସବେଳେ ସେଠାରେ ଆସି
ରହିଥିବାର ପ୍ରବାଦ ଅଛି । ଗୋଟିଏ ସ୍ୱଚ୍ଛ ଝରଣା, ତା ନିକଟରେ
ଗୋକର୍ଣ୍ଣେଶ୍ୱରଙ୍କ ମନ୍ଦିର । ଆହୁରି କେତେଗୋଟି ମନ୍ଦିର ମଧ୍ୟ ଅଛି ।

ମନ୍ତ୍ରୀ—ସେ ତ ଖେମୁଣ୍ଡି ମଧ୍ୟରେ । ସେଠାରେ ନରସିଂହ ଦେବଙ୍କ
ସଙ୍ଗେ ଦେଖା ହୋଇ ନ ଥିବ ?

ଅର୍ଜୁନ—ହଁ ଦେଖା ହୋଇଥିଲା । ରାଜପୁତ୍ର ସକଳ ଶତ୍ରୁତା ପାସୋରି-
ଦେଇ ଉଦାର ପ୍ରାଣରେ ବହୁତ ଆତିଥ୍ୟ କଲେ ।

ମନ୍ତ୍ରୀ—ଏପରି ପରିବର୍ତ୍ତନ ହୋଇଅଛି ? ହେବାର କଥା । ନରସିଂହ
ଦେବ ଉଦାର । ତପରେ ?

ଅର୍ଜୁନ—ସେଠାରୁ ଆସି ଚିଲିକାହ୍ରଦରେ ଦୁଇ ଚାରି ଦିନ ବୁଲି ବିରଜା,
ଭଗବତୀଙ୍କ ଦର୍ଶନକୁ ଗଲି—ଶାଳଆନନ୍ଦୀ ତୀରରେ ଦିଓଟି ପୁଣ୍ୟ
ଆସ୍ଥାନ ।

ମନ୍ତ୍ରୀ—ମୁଁ ଦେଖିଛି । ତପରେ କେଉଁଆଡ଼େ ?

ଅର୍ଜୁନ—ଶ୍ରୀକ୍ଷେତ୍ର ।

(ପୁରୁଷୋତ୍ତମ ଦେବଙ୍କର ପ୍ରବେଶ)

ମନ୍ତ୍ରୀ—ଏଇ ତ ମହାରାଜା ଆସିଲେଣି । ବିଜେ କରନ୍ତୁ, ମହାରାଜ !

ରାଜା—ପ୍ରଣାମ, ମନ୍ତ୍ରି ମହାଶୟ ! ସୈନିକବର ଅର୍ଜୁନସିଂହ ଯେ !
କେବେ ଆପଣ ଫେରିଲେ ? ସବୁ କୁଶଳ ତ ?

ଅର୍ଜୁନ—କାଲି ଫେରିଅଛି ମହାରାଜ ! ଆପଣଙ୍କ କୃପାରୁ ସବୁ କୁଶଳ ।

ରାଜା—ଦୁଃଖ ସୁଖ ସବୁ ଏହିକ୍ଷଣି ହେବ, ବହୁ ଦିନର ପ୍ରବାସ ପରେ ।
ମନ୍ତ୍ରି ମହାଶୟ, ଦେଶର କି ସମ୍ବାଦ ?

ମନ୍ତ୍ରୀ—ସମ୍ବାଦ ସମସ୍ତ ଭଲ । କେବଳ ତାମ୍ରଲିପ୍ତ ଅଞ୍ଚଳରେ ବର୍ଷା
ହୋଇ ନ ଥିବାରୁ କୃଷକମାନେ ବ୍ୟବତ ଅଛନ୍ତି, ଆଉ ସବୁ
ଭଲ ।

ରାଜା—ସେ ଅଞ୍ଚଳରେ ବର୍ଷା ନାହିଁ ? ଏ ବର୍ଷ ପବନର ଗତି
ଟିକିଏ ଭିନ୍ନ ହୋଇଛି । ତେବେ ଶୀଘ୍ର ବର୍ଷା ହେବାର ଆଶା ।

ଅର୍ଜ୍ଜୁନ—ଦେଖିଲି, ମହାରାଜ, ପଞ୍ଚନଦ, ରାଜପୁତାନା ଅଞ୍ଚଳରେ ବର୍ଷାର ବଡ଼ ଅଭାବ । କୌଣସି କୌଣସି ବର୍ଷ ଅସ୍ରାଏ, ଦୁଇ ଅସ୍ରା ମାତ୍ର ହୁଏ କିନ୍ତୁ ଲୋକ ଭାବିତ ନୁହନ୍ତି । ସେହିପରି ବହୁଳ ବୃଷ୍ଟି ହୁଏ କାମାକ୍ଷ୍ୟା ଦେଶରେ ।

ରାଜା—କାମାକ୍ଷ୍ୟାର ରେବପୁଞ୍ଜି ପର୍ବତରେ ଯେ ପ୍ରତିଦିନ ବୃଷ୍ଟି ହୁଏ ।

ମନ୍ତ୍ରୀ—ସେଠାରେ ତ ବର୍ଷଯାକ ଧାରାଶ୍ରାବଣ ।

ରାଜା—ସେଥିପାଇଁ ସେଠାର ଭୂମି ଅତ୍ୟନ୍ତ ଉର୍ବର ।

ମନ୍ତ୍ରୀ—ମହାରାଜ, ଆଜ ଏକ କଥା ଅଛି । ଅନୁମତି ହେଲେ କହିବି ।

ରାଜା—କହନ୍ତୁ, ମନ୍ତ୍ରି ମହାଶୟ ! ଅନୁମତି ଦେବା ପୂର୍ବରୁ ଆପଣ ପାଇଅଛନ୍ତି ।

ମନ୍ତ୍ରୀ—ନାଗପୁର ରାଜାଙ୍କ କନ୍ୟାଙ୍କ ସଙ୍ଗରେ ସେ ଯେ ବିବାହର ପ୍ରସ୍ତାବ ଆସିଥିଲା, ଦୂତ ଅଦ୍ୟାବଧି ଯାଇ ନାହାନ୍ତି । ତାଙ୍କୁ କଣ କୁହାଯିବ ?

ରାଜା—ବିବାହ, ସେ କଥା ଏପର୍ଯ୍ୟନ୍ତ ଠିକ୍ କରି ନାହିଁ, ମନ୍ତ୍ରି ମହାଶୟ ! ତେବେ ଆପାତତଃ ନାଗପୁର ଦୂତଙ୍କୁ ଫେରାଇ ଦେବାକୁ ହେବ ।

ମନ୍ତ୍ରୀ—ତେବେ ବିବାହ ଆଉ କେବେ ହେବ ? କେଉଁଠାରେ ଅବା ?

ରାଜା—ଉଭୟ ପ୍ରଶ୍ନର ଉତ୍ତର ଯେପରି ଅସମ୍ଭବ । ବିବାହ ଅସମ୍ଭବ, ମନ୍ତ୍ରି ମହାଶୟ ! ଦୂତ ଫେରି ଯାଆନ୍ତୁ । ଆସନ୍ତୁ, ଅର୍ଜ୍ଜୁନ ସିଂହ, ବହୁଦିନ ପରେ ପୁଣି ଆଜି ସାକ୍ଷାତ୍ ।

ମନ୍ତ୍ରୀ—ଅର୍ଜ୍ଜୁନସିଂହ କହୁଥିଲେ, ସେ କାଞ୍ଚୀ ବାଟେ ଆସିଛନ୍ତି, ବିଜୟପୁର ପ୍ରାୟ ପନ୍ଦର ଦିନ ପରେ

ରାଜା—ଆଉ କାହିଁକି ସେ କଥା, ମନ୍ତ୍ରିମହାଶୟ ? ସେ ସବୁ ମନରୁ ବିସ୍ମରଣ କରିଦିଏ । କି ଘୋର ନିଷ୍ଠୁରତା, ରାଜମୁକୁଟ-ସୁଲଭ କି ଦାରୁଣ ଅତ୍ୟାଚାର ! ଛାଡ଼ନ୍ତୁ । ମା ଅର୍ଜ୍ଜୁନସିଂହଙ୍କ କଥା କାଲି ପଚାରୁଥିଲେ । ତାଙ୍କ ସଙ୍ଗରେ ସାକ୍ଷାତ୍ କରାଇ ଦିଅନ୍ତୁ, ମନ୍ତ୍ରି ମହାଶୟ ! କାଞ୍ଚୀରାଜ କୁଶଳରେ ଥିଲେ ତ ? ନା, ଏ ପ୍ରଶ୍ନ ବା କାହିଁକି ? ଯାଆନ୍ତୁ, ମନ୍ତ୍ରି !

ମନ୍ତ୍ରୀ—ଏଇକ୍ଷଣି ?
ରାଜା—ଏଇକ୍ଷଣି ହେଲେ ଭଲ, ମା ବିଶ୍ରାମ କରୁଥିବେ ।
ମନ୍ତ୍ରୀ—ଆସିବା ହେଉ ଆପଣ, ଅର୍ଜ୍ଜୁନ ସିଂହ ! ( ପ୍ରସ୍ଥାନ )
ରାଜା—ବିବାହ— ବାରମ୍ବାର ହେଉ ପ୍ରଶ୍ନ ? ଓହୋ, ପଦ୍ମାବତି, କି ନିଷ୍ଠୁରତା ! ଯାର ପ୍ରେମରେ ଏ ଜୀବନ ଢାଳି ଦେଇଥିଲି, ସେ ଆଜି ଚଣ୍ଡାଳର ପତ୍ନୀ, ମନ୍ତ୍ରି, ତୁମ୍ଭେ ମଧ୍ୟ ନିଷ୍ଠୁର ! କିପରି ଏ ଆଦେଶ ଗ୍ରହଣ କଲ ? କିପରେ କହିଲି—ପ୍ରାଣପ୍ରିୟା ପଦ୍ମାବତୀଙ୍କି ତୁମ୍ଭେ ଚଣ୍ଡାଳ ହସ୍ତରେ ଅର୍ପଣ କରିବ ! ଓଃ, କି ପିଶାଚ ମୁଁ ! ପଦ୍ମାବତି, ପିତା ନିର୍ବାସନ କରିଥିଲେ ପ୍ରେମ ଯୋଗୁଁ । କାହିଁକି ପୁଣି ଫେରି ଆସିଲ ? ବନବେଳାରେ ବିଚରଣ କରି ଜୀବନ ସୁଖ ନୈରାଶ୍ୟରେ ଅତିପାତ କରିଥାନ୍ତ । କାହିଁକି ? ସେ ସିଂହ ଶାର୍ଦ୍ଦୁଳ ବରଂ, ଏ ଯେ ଏକ ଉତ୍କଟ ଶ୍ୱାପଦ । କି ଦୁଃଖ, ଓଃ କି ଘୃଷଣ କି ବିକଟ ! ଚଣ୍ଡାଳ ! କାହିଁ ଓଡ଼ିଶାର ରାଜା ପୁରୁଷୋତ୍ତମ, କାହିଁ ଚଣ୍ଡାଳ ! ନା, ପୁରୁଷୋତ୍ତମ ତ ଚଣ୍ଡାଳ । ତେବେ ଏକ ପକ୍ଷରେ ପଦ୍ମାବତୀ, ଅନ୍ୟ ପକ୍ଷରେ ଚଣ୍ଡାଳ । ଅସମ୍ଭବ । ଓଃ କି ନିଷ୍ଠୁର ପ୍ରତିଜ୍ଞା । ସବୁ ପ୍ରତିଜ୍ଞାର ପାଳନ ଜଗତରେ ସମ୍ଭବ ନୁହେଁ । ପ୍ରତିଜ୍ଞା କରିବ ଏହିକ୍ଷଣି ସମୁଦ୍ରକୁ ଶୁଷ୍କ କରିବାକୁ ହେବ, ତାକି ସମ୍ଭବ ? ସେହିପରି ଅସମ୍ଭବ ରାଜକନ୍ୟା ପ୍ରେମମୟୀ ପଦ୍ମାଙ୍ଗୀ ପଦ୍ମାବତୀଙ୍କ ବିବାହ ଚଣ୍ଡାଳ ସଙ୍ଗରେ । ନା ପଦ୍ମାବତି, ଏ ହୃଦ ସିଂହାସନରେ ଆଣି ବସାଇବି, ଜୀବନର ପ୍ରେୟସୀ ବୋଲି ଅଶ୍ରୁଜଳରେ କରଯୁଗଳ ଭିଜାଇ ଦେବି । କହିବି—ଦେବି, କ୍ଷମା ଦିଅ । କ୍ଷମା, କ୍ଷମା । ଅକ୍ଷମଣୀୟ ଏ ପାପ । ନା, ପଦ୍ମାବତି । ନା, ନା, ମୁଁ ପୁରୁଷୋତ୍ତମ ଦେବ ନୁହେ । ଓଡ଼ିଶାର ରାଜା ମୁଁ, ପ୍ରଜାପୁଞ୍ଜର ଶାସକ । ମୁଁ ଯଦି ଏ କାର୍ଯ୍ୟକରେ, କୂଳରେ କଳଙ୍କ ହେବ, ଲୋକେ ଘୋଷଣା କରିବେ— ପୁରୁଷୋତ୍ତମ ଦେବ କାପୁରୁଷ, ଦୁର୍ବଳ, ଶଠ; ତୁଚ୍ଛ ରମଣୀର ବାହୁବନ୍ଧନ ପାଇଁ ପ୍ରତିଜ୍ଞା ଭଙ୍ଗ କଲେ । ପ୍ରତିଜ୍ଞାଭଙ୍ଗ ହେବ ଦେଶରଆଦର୍ଶ । ତା କି ହୋଇ ପାରେ ? ଏକ ପକ୍ଷରେ ସାମ୍ରାଜ୍ୟ, ପ୍ରିୟତମ ପ୍ରଜାପୁଞ୍ଜ, ଅନ୍ୟ ପକ୍ଷରେ ମୋର ପ୍ରେମିକ

କଳ୍ପନାର ବିଳାସ, ନା, ଜୀବନବ୍ୟାପୀ ଯନ୍ତ୍ରଣା । ବିବାହ ଏଇ ଯନ୍ତ୍ରଣା ସଙ୍ଗରେ, ପଦ୍ମାବତୀଙ୍କର ଚଣ୍ଡାଳ ସହିତ ବିବାହ ସଙ୍ଗରେ ମୋହ ବିବାହ । ଆହା, ପଦ୍ମାବତୀ ! ନା, ରାମଚନ୍ଦ୍ର ପ୍ରଜାରଞ୍ଜନ ନିମନ୍ତେ ପ୍ରାଣାଧିକା ସୀତାଙ୍କୁ ପରିତ୍ୟାଗ କରିଥିଲେ, ଏ ସେହିପରି ବିଦାୟ ପଦ୍ମାବତୀ । ଆଉ ସମ୍ଭବ ନୁହେ । କ୍ଷମା କର ଦେବି ! ମୁଁ ପିଶାଚ, ରାକ୍ଷସ ଚଣ୍ଡାଳରୁ ବଳି ଚଣ୍ଡାଳ । ବିଦାୟ, ବିଦାୟ, ବିଦାୟ ।

( ପଟକ୍ଷେପଣ )

---

## —ତୃତୀୟ ଦୃଶ୍ୟ—

ସ୍ଥାନ—କଟକର ରାଜପ୍ରାସାଦ

( ଇନ୍ଦୁମତୀ ଓ ପାର୍ବତୀଙ୍କର ଦୁଇଆଡୁ ପ୍ରବେଶ )

ଇନ୍ଦୁ—କିଏ, ପାର୍ବତୀ ? ତତେ ଖୋଜୁଥିଲି ପାର୍ବତୀ । ଆଜି ଦିନଯାକ ଯେ ତୋର ଦେଖା ନାହିଁ ?

ପାର୍ବତୀ—ମା ମଣିମା, ମୁଣ୍ଡ ରହିଲେ ତୁଣ୍ଡ କହିବ ।

ଇନ୍ଦୁ—ମୁଣ୍ଡ ତ ଅଛି, ପାର୍ବତୀ, ତୁଣ୍ଡ କହୁ ଏବେ ।

ପାର୍ବତୀ—ମନ୍ତ୍ରୀଙ୍କଘର ଗୁଣ୍ଡିଚାକୁ ପୁରୁଷୋତ୍ତମ ଯାଉଥିଲେ ଯେ, ମୁଁ ସେଠେଇଁ ରହିଗଲି । ମା ମଣିମା, ଅପରାଧ କରିଚି । ଯୁଁ ଦଣ୍ଡ ଦିବ ।

ଇନ୍ଦୁ—ତତେ ତ କେତେ ଦଣ୍ଡ ଦେଉଚି, ପାର୍ବତୀ ! ଗୁଣ୍ଡିଚା ଆସି ହୋଇଗଲା । ଆଉ ବର୍ଷେ ଏହି ସମୟକୁ—ଆହା, ବାସନ୍ତୀ ମୋର ପ୍ରାଣରପିତୁଳା ! ଆଜି କି ସୁଖ ଅଛି, ପାର୍ବତି; କୁଆଡେ ଗଲା ? ସପନରେ ସୁଦ୍ଧା ଦିନେ ଦେଖିଲି ନାହିଁ । କି ଅବେଳରେ ଘରୁ ଗୋଡ଼ କାଢ଼ିଥିଲା, ସେ ଗୋଡ଼ ଆଉ ଲେଉଟିଲା ନାହିଁ ।

ପାର୍ବତୀ—ମଣିମା, ମହାରାଜ ଏବେ ପୁରୁଷୋତ୍ତମରେ ଥିବେ । ଗୁଣ୍ଡିଚା ହେବ ପରା ?

ଇନ୍ଦୁ—ହଁ, ପୁରୁ ପୁରୁଷୋତ୍ତମ ଯାଇଚ । ପ୍ରଭୁ ଜଗନ୍ନାଥ ତାକୁ ଘଣ୍ଟ ଗୋଡ଼ାଇ ରଖନ୍ତୁ, କେତେ ସଂକଟରୁ ତାକୁ ତାରଛନ୍ତି । ଆହା, ପୁରୁ ମୋର !

ପାର୍ବତୀ—ମହାରାଜା ଫେରବେ କୁ'ଦନ, ମଣିମା ?

ଇନ୍ଦୁ—ଗୁଣ୍ଡିଚ୍ଚ ସରିଲେ ଫେରବ, ପାର୍ବତୀ !

ପାର୍ବତୀ—ଏବର୍ଷ ଶୁଣୁଚ ଭଲ ରଥ ହୋଇଚ । ଇମିତି ନନ୍ଦିଘୋଷ ରଥ ହୋଇ ନ ଥିଲା, କ ହେବ ନାହିଁ ବୋଲି କହୁଛନ୍ତି ।

ଇନ୍ଦୁ—ହୋଇଥିବ, ପାର୍ବତୀ ! ଏ ବର୍ଷ ଏ ନଈରେ ଭଲ ଭଲ କାଠ ଯାଇଚ ବୋଲି ସେ ସମୟରେ ଶୁଣା ଯାଉଥିଲା । ତୁ ଶୁଣିନାହୁଁ ?

ପାର୍ବତୀ—ହଁ ମଣିମା; ଶୁଣିଥିଲି । ଆହୁରି ମଧ୍ୟ ଲୋକେ କହୁଛନ୍ତି ଯେ, ଏ ବର୍ଷ ଅସୁମାରି ଲୋକ, ପିମ୍ପୁଡ଼ି ଧାର ପରି ଲଗିଛନ୍ତି ।

ଇନ୍ଦୁ—ହଉ, ପୁରୁ ମୋର ଗୁଣ୍ଡିଚ୍ଚ ଯାତ୍ରା ବଢ଼ାଇ ସର୍ବଶୁଭରେ ଫେରିଆସୁ । ଆଜି ମନ ଘାଣ୍ଟି ହେଉଥିଲା ପାର୍ବତୀ ! ତତେ ଦେଖି ଟିକିଏ ଫେରଫାର ହୋଇଗଲା । ହଉ, ତୁ କୁଆଡ଼େ ଯାଉଥିଲୁ, ଯା, ମୁଁ ଯାଏ, ପାର୍ବତୀ !

ପାର୍ବତୀ—ଯାଉଚ, ମା ମଣିମା ! ଆଉ ଟିକିଏ ଗୁଡ଼ କରି ଆସିବ ସଞ୍ଜବେଳକୁ !

ଇନ୍ଦୁ—ହଉ, ଯା । (ଦୁଇଆଡ଼େ ପ୍ରସ୍ଥାନ)

---

## —ଚତୁର୍ଥ ଦୃଶ୍ୟ—

ସ୍ଥାନ—କଟକର ନଦୀଘାଟ

(ଶିକାରୀ ବେଶରେ ବକ୍ରମ, ନରସିଂହ ଦଣ୍ଡାୟମାନ )

ନର—ବାଜଲା ନାହିଁ ।

ବକ୍ରମ—ଆଙ୍ଗୁଳେ ହବ ଗୁଡ଼ ଗଲା । ଆଉ ଟିକିକେ ବାଜଥାନ୍ତା, ନରସିଂହ ! ଆଚ୍ଛା, ତୁମେ ମାଇଲ ଦେଖି ।

ନର—ଆଉ ତ ଦିଶୁନାହିଁ, ବୁଢ଼ାଗଲିଣି ।

ବିକ୍ରମ—ହଁ ବୁଢ଼ାଗଲିଣି । ତେବେ ବାଜିଛି ନରସିଂହ ।

ନର—କେଜାଣି, ମତେ ଖସିଗଲା ପରି ଲାଗିଲା । ବାଜିଥିବ ଅବା ।

ବିକ୍ରମ—ଅଚ୍ଛା, ବାଜ ନ ଥିଲେ ତ ଆଉଥରେ ଏକ୍ଷଣି ମୁଣ୍ଡ କାଟିବ, ଦେଖିବା ।

ନର—ଏଇ ସେଠେଇଁ ଆଉଗୋଟାଏ ମୁଣ୍ଡ କାଟିଚ । ତୁମେ ମାରିବ ?

ବିକ୍ରମ—କୁ’ ଠେଇଁ, କାହିଁ ?

ନର—ଏଇ ସେଠେଇ, ଦିଶିଲା ? ଏଇ ଯେ ମୋ ଆଙ୍ଗୁଠି ସଳଖେ । ନାହିଁ ?

ବିକ୍ରମ—ହଁ ରହ ରହ ! (ଗୁଳିମାରି) ଯା ଏ ନଳଟା ଖରାପ ହୋଇ-ଗଲଣି, ନଇଲେ ଏଇଟା ବାଜ ଥାନ୍ତା ? ନିଶ୍ଚୟ ।

ନର—ଓଃ ସେଦିନ ପୁରୁଷୋତ୍ତମ ଦେବ ଯେ କମ୍ଭୀରଟାକୁ ମାରିଲେ । ଏକା ଗୁଳିକେ । କେଡ଼େ କମ୍ଭୀରଟାଏ ସେ ! ପେଟରୁ ଜୁଆନ ଭେଣ୍ଡାଟାଏ ସେମିତି ବାହାରିଲା । ମାନିଗଲି ପରା ସେଦିନ ।

ବିକ୍ରମ—ଏଇଟା ବି ଖୁବ୍ ବଡ଼ ଯେ ।

ନର—ଖେମୁଣ୍ଡିରେ କମ୍ଭୀର ନାହାନ୍ତି । ବାମଣ୍ଡାରେ ତ ଥିବେ ?

ବିକ୍ରମ—ମୋ ରାଜ୍ୟରେ ଅନେକ । ରମଚନ୍ଦ୍ର କହୁଥିଲେ, ସୋନପୁରରେ ମଧ୍ୟ କୌଣସି କୌଣସିଠାରେ ଅଛନ୍ତି ।

( ସାଧାରଣ ବେଶରେ ରାମଚନ୍ଦ୍ର ଦେବଙ୍କର ପ୍ରବେଶ )

ବିକ୍ରମ—ଏଇ ତ ରାମଚନ୍ଦ୍ର ଆସିଲେଣି । ଆସ, ରାମଚନ୍ଦ୍ର ! ଆମେ ଏଠାରେ କମ୍ଭୀର ଶିକାର କରୁଚୁ । ତୁମେ ଇମିତିକା ଖାଲି, ହାତରେ ?

ନର—ରାମଚନ୍ଦ୍ର ଭାଇ, ତୁମର ଏତେ ବିଳମ୍ବ ଯେ ।

ରାମ—ଚିନ୍ତା କରୁଥିଲି ଉଆସରେ ବସି ।

ନର—ଆଜ ଯେ କାଞ୍ଚୀରୁ ଦୂତ ଫେରି ଆସିବାର ଥିଲା, ଆସିଲାଣି କି ?

ବିକ୍ରମ—ଏଇ ଆଉ ଗୋଟିଏ ମୁଣ୍ଡ କାଟିଲାଣି ଦେଖ । ନରସିଂହ ! ଆହା, ପୁଣି ବୁଡ଼ିଗଲା ।

ନର—ଆସିଲଣି ସେ, ରାମଚନ୍ଦ୍ର ଭାଇ ?
ରାମ—ଏଇଲେ ଦୂତ ଆସି ପହଞ୍ଚିଲା, ତା ପରେ ତ ମୁଁ ଆସୁଛି ।
ନର—କଣ ସମ୍ବାଦ ?
ରାମ—କାଞ୍ଚୀରାଜା, ଶୁଣିଲି ତ ବଡ଼ ଦୁଃଖିତ, ବିମର୍ଷ ଥିଲେ । ଏ ସମ୍ବାଦ ଶୁଣି ଟିକିଏ ଆଶ୍ୱସ୍ତ ହେଲେ ।
ନର—ସୂର୍ଯ୍ୟବଂଶ ରାଜାଙ୍କ ପରି ପୁତ୍ର ମରିଗଲେ, ପଦ୍ମାବତୀଙ୍କ ପରି କନ୍ୟାର ଚଣ୍ଡାଳ ସଙ୍ଗରେ ବିବାହ, ଏଥିରେ କାହାର ମନ ବିମର୍ଷ ନ ହେବ ?
ବିକ୍ରମ—ଆଉଥରେ ଯେବେ ମୁଣ୍ଡ କାଟନ୍ତା, ଏକା ଗୋଟିକେ ଏଥର ହିଅନ୍ତା । ଶୁଣିଲି ନରସିଂହ, କୁଣ୍ଡ ଦେଖୁଛ ଗୋଟାଏ ?
ନର—ନା ମତେ ତ ଦିଶୁ ନାହିଁ । ଆଚ୍ଛା ରାମଚନ୍ଦ୍ର ଭାଇ, ରାଜା କେବେ ଆସିବେ ?
ରାମ—ଶୁଣିଲି, ଦୁଇ ଦିନ ପରେ ଆସି ପହଞ୍ଚିବେ । ମନ୍ତ୍ରୀ ଆସିଲେଣି । ମନ୍ତ୍ରିର ବୁଦ୍ଧି ଭାରି, ନରସିଂହ !
ବିକ୍ରମ—କା'ର ବୁଦ୍ଧି କହିଲ, ରାମଚନ୍ଦ୍ର ?
ରାମ—ଏ ମନ୍ତ୍ରୀ······ର ।
ବିକ୍ରମ—ତା ନ ହେଲେ ଏଡ଼େ ବଡ଼ ଯୁଦ୍ଧରେ ପୁରୁଷୋତ୍ତମ ଜିଣିଥାନ୍ତା ? ଭାରି ଚାଲାକ ମନ୍ତ୍ରୀ । ଦେଖିଲ ଯେ ପୁରୁଷୋତ୍ତମ ଏପରି ଗୋଟାଏ ପ୍ରତିଜ୍ଞା କରିଛି । ଜଗନ୍ନାଥଙ୍କ ଆଗରେ ଛେରାପହଁରା କଲେ ମଧ୍ୟ ଯେ ରାଜା ସେ କେବେ କଣ ଚଣ୍ଡାଳ ହୋଇଯିବ ? ସେତିକି ବେଳକୁ ପଦ୍ମାବତୀକି ନେଇ ପୁରୁଷୋତ୍ତମ ହାତରେ ଦେଉଚି, ବେଶ୍ ଚାଲାକ ମନ୍ତ୍ରୀ ।
ରାମ—ରାଜା କ୍ଷତ୍ରିୟ, ସେ ପୁଣି ଚଣ୍ଡାଳ ହେବ କିପରି ?
ବିକ୍ରମ—ପୁରୁଷୋତ୍ତମ ମଧ୍ୟ ସେଥିରେ ଭୁଲିଗଲା । ଯେଉଁ ପଦ୍ମାବତୀକି ଚଣ୍ଡାଳ ହାତରେ ଦେବାକୁ ମନସ୍ଥ କରିଥିଲା, ତାକୁ ପୁଣି ନିଜେ ବିବାହ ହେବ । ବେଶ୍ ତ !
ରାମ—ଏ ଏକପ୍ରକାର ମିଥ୍ୟାଚାର ନୁହେ, ଭାଇ ?
ନର—ନା, ମିଥ୍ୟାଚାର କାହିଁକି ? ଏହା ରାଜୋଚିତ କର୍ମ । ଏ ଏକ ଉଚ୍ଚ, ଉନ୍ନତ ଉଦାର ଭାବ ପ୍ରାଣର ।

ରାମ—କାହାକୁ କଣ ଜଣା ପଡ଼େ । ନୀଳ ପର୍ବତ କି ଅସୁନ୍ଦର, ବିକଟ ସାଧାରଣ ଚକ୍ଷୁକୁ, କିନ୍ତୁ ତାଙ୍କୁ ଦେଖିଲେ ମୁଗ୍ଧ । ତୁମେ ଏ କବିତା ଚିହ୍ନ । ଛାଡ଼ିଦିଅ, ନରସିଂହ ! ତେବେ ଠିକ୍ ଆଖିରେ ସବୁ ଦେଖି ପାରିବ ।

ନର—କାହିଁକି, ପୁରୁଷୋତ୍ତମ ଦେବଙ୍କ ପ୍ରାଣରେ ଉଦାରତା ନାହିଁ ?

ବିକ୍ରମ—ଉଦାରତା ପ୍ରାଣରେ ନ ଥାଇ ମନୁଷ୍ୟ ଅଛି ?

ରାମ—ଉଦାରତା କଣ ଆମ ପ୍ରାଣରେ ନାହିଁ, ନରସିଂହ ? ଆଜି ବିଚାରିଲେ ତ ପୁନର୍ବାର ଯୁଦ୍ଧ କରି ପାରନ୍ତେ । ଛାଡ଼, ଆଜି କାହିଁକି ପୁଣି ?

ନର—ଆଜି ଯେ କାରାବାସରେ ଥାଆନ୍ତେ । ମନେ ଅଛି ସେକଥା ? "ଜନମେ ଯାହା ବିହି କରମେ ଥିବ ଲିହି ।" ଗୀତ ପଦକ ମୋ ମନରୁ ଯିବନାହିଁ ।

ବିକ୍ରମ—ତା ନୁହେଁ କଣ ! ଏଇ ବାହାରିଲା, ନରସିଂହ, ବାହାରିଲା, ବାହାରିଲା ।

ନର—ମାର ତୁମେ, ଭାଇ !

ବିକ୍ରମ—ଆହା, ପୁଣି ତ ବୁଡ଼ି ଗଲା ।

ନର—ଆଜି କି ଅବସ୍ଥା ହୋଇ ନ ଥାନ୍ତା । ମାନିବାର ଅଛି । ପୁରୁଷୋତ୍ତମ ଦେବ ଉଦାର ଯେପରି, ବୁଦ୍ଧିମାନ ମଧ୍ୟ ସେହିପରି । ସେଥିପାଇଁ ପିତା ତାଙ୍କ ହସ୍ତରେ ରାଜ୍ୟଭାର ଦେଇଛନ୍ତି । ସେ କିଛି ଭ୍ରମ ନୁହେଁ ।

ରାମ—ସେ କଥା ଆଉ ବିଚାର କରି କଣ ହେବ ? ଏବେ ଭିନ୍ନ ପ୍ରକାର ଜୀବନ ହୋଇଗଲା ।

ବିକ୍ରମ—କାହିଁ, ବୁଡ଼ି ତ ଗଲା । କଣ କହିଲ ରାମଚନ୍ଦ୍ର !

ରାମ—ନା, ଏବେ ଯେ ଏପରି ଭିନ୍ନ ଜୀବନ ହୋଇଗଲା, ସେହି କଥା ।

ବିକ୍ରମ—ହଁ, ସମସ୍ତେ ଅଲଗା ଅଲଗା ହୋଇ ରହିଲେ, କିଏ କୁଆଡ଼େ । ଆମେ ତିନିହେଁ ଏପରି ରହିଲେ । ତା ପରେ କିଏ ବଉଦ, କିଏ ବଣେଇ, କିଏ ରେଢ଼ାଖୋଲରେ ଯାଇ ରହିଲେ । ଏତିକି, ଖଣ୍ଡେ ଖଣ୍ଡେ ରାଜ୍ୟ ପାଇଛନ୍ତି ।

ନର—କି ଉଦାରତା ପୁରୁଷୋତ୍ତମ ଦେବଙ୍କର । ଆମେମାନେ ଏତେ ଥର ବିଦ୍ରୋହ କଲେ, ତଥାପି ସେ ମୁକ୍ତି ଦେଲେ ।

କେବଳ ସେତିକ ନୁହେ, ରାଜ୍ୟ ଦେଇ ରାଜା ମଧ୍ୟ କରାଇଛନ୍ତି ।
କୃତଜ୍ଞ ହେବାର ଅଛି ଭାଇ !
ବଳମ—କାହିଁ, ଆଜ ତ ବାହାରୁ ନାହାନ୍ତି ?
ନର—ମୁଁ ଟିକିଏ ଯାଏ, ଭାଇ, ଶୁଣିବା କାଞ୍ଚୀ ରାଜାଙ୍କର କ ସମ୍ବାଦ ।
ବଳମ—ଆମେ ମଧ୍ୟ ଯିବା ଚାଲ । ଆସ, ରାମଚନ୍ଦ୍ର !
ରାମ—ଚାଲ, ଭାଇ ! କାହିଁ କଛି ମାର ତ ନାହିଁ ?
ବଳମ—ଗୋଟିଏ ମରଛି ଯେ ବୁଡ଼ି ଯାଇଛି । କାଲି ଫେର୍ ଆସିବା ।
ବିଳମ୍ବ ହୋଇଗଲାଣି ଚାଲ । (ପ୍ରସ୍ଥାନ)

—ପଞ୍ଚମ ଦୃଶ୍ୟ—

ସ୍ଥାନ—କଟକର ରାଜପ୍ରାସାଦ

[ ପୁରୁଷୋତ୍ତମ ଦେବ, ପଦ୍ମାବତୀ କଳେବରେଶ୍ୱର, ମନ୍ତ୍ରୀ, ସେନାପତି,
ଅର୍ଜ୍ଜୁନସିଂହ, ବଳମ ଦେବ, ରାମଚନ୍ଦ୍ର ଦେବ,
ନରସିଂହ ଦେବ, ପ୍ରଭୃତି ଉପସ୍ଥିତ ]

ନର୍ତ୍ତକୀ— ଆସ ହେ ନମିଷେ ସ୍ୱର୍ଗ ଦେବତା
ଅବତର ମର-ଭୁବନେ,
ଯୁଗଳ ପରାଣେ ପ୍ରେମିକ ପ୍ରେମିକା
ବସିଛନ୍ତି ମଧୁ ମିଳନେ । ଘୋଷା ।
ଏ ତ ଅତି ମଧୁମୟ ଯାମିନୀ ସରଗର ଶତ ସମ୍ପଦ ଜିଣି,
ପାଉଚେ ନ ହୁଏ ସତେ, ଅବା
ଆସି ଦିଶିଯାଏ ନିଶି ସପନେ ।
ଆଜ ଅଳି ଖେଳେ କୁସୁମଦଳେ, ଫୁଲରେଣୁ ମିଳାଯାଏ ଅନଳେ,
ନଶାମଣି ଆଜ କୁମୁଦିନୀ ମୁଖେ
ପରଶେ ପୀରତି ଗୋପନେ,
ମଳୟ ଗାଉଚି ତା ପ୍ରେମ-ଗୀତି ତାନ
ଘୋଷଇ ସୁମନେ ସୁମନେ । (ପ୍ରସ୍ଥାନ)

ମନ୍ତ୍ରୀ—ଉତ୍କଳ ପକ୍ଷରେ ପରମ ସୌଭାଗ୍ୟର କଥା ଯେ, କାଞ୍ଚୀର କାଞ୍ଚନ, କେମା ପଦ୍ମାବତୀ-ରୂପ ସୁବର୍ଣ୍ଣ ସୂତ୍ରରେ ଉତ୍କଳ ଆଉ କାଞ୍ଚୀ ଆଜ ଏକ ମାଳାରେ ଗୁନ୍ଥା ।

କଳେ—ପରମ ଆହ୍ଲାଦର ଯାମିନୀ, ଆର୍ଯ୍ୟ ! ଏ ଦୃଶ୍ୟ କେବେ ନୟନରେ ଦେଖିବି, ସ୍ୱପ୍ନରେ ସୁଦ୍ଧା ବିଶ୍ୱାସ ନ ଥିଲି । ଏ ଯେପରି ପଙ୍କସାଗରରୁ ପଦ୍ମର ଜନ୍ମ, ନିଶୀଥିନୀର ବିକଟ ତମୋମଧ୍ୟରୁ ଉଜ୍ଜ୍ୱଳ ଅରୁଣର ବିକାଶ । ଆଜ ଏ ପ୍ରାଣ ପୂରି ଉଠୁଅଛି । ଚତୁର୍ଦ୍ଦିଗରେ ଆଜ ଆକାଶ ଅବନୀରେ ଆହ୍ଲାଦର କି ମଧୁର ଉଦ୍‌ବେଳନ ! ଅହା ପ୍ରକୃତିଦେବୀଙ୍କର କି କମନୀୟ କ୍ରୀଡ଼ା !

ରାଜା—( ପ୍ରଣାମ କରି ) କ୍ଷମା କରିବେ ପିତା !

ପଦ୍ମ—( ପ୍ରଣାମ କରି )।

କଳେ—ଚିରଜୀବୀ ହୁଅ, ପୁତ୍ର କନ୍ୟା ମୋର । ବାବା ପୁରୁଷୋତ୍ତମ, ଏ ପୁଣ୍ୟ ଉତ୍କଳଭୂମିର ତୁମ୍ଭେ ସମ୍ରାଟ୍ । ଉତ୍କଳଦେଶ ତୁମ୍ଭ ପରି ରାଜପୁରୁଷପାଇ ଆଜ ଧନ୍ୟ । ମୁଁ ରଣଭୂମିରେ ତୁମ୍ଭର ବୀରତ୍ୱ ଦେଖିଅଛି, ଶାନ୍ତିବେଳେ ତୁମ୍ଭର ଉଦାରତା ଅନୁଭବ କରିଅଛି । ବାବୁ, ତୁମ୍ଭଭଳି ମହାପୁରୁଷଙ୍କ ହସ୍ତରେ ମୋର କନ୍ୟା ପଦ୍ମାବତୀକି ଦେଇ ଆଜ ମୁଁ ଧନ୍ୟ । ମା ପଦ୍ମ ସୁଖ ଦୁଃଖର ଚିରସମ୍ପଦ ମୋର, ପ୍ରାଣରେ ଏହାର ଶତାଂଶ ଶାନ୍ତି ଲଭି ନଥାନ୍ତି, ଯଦି ପୁରୁଷୋତ୍ତମ ଦେବଙ୍କ ପରି ବୀର, ଉଦାର ପୁରୁଷଙ୍କ ଜୀବନର ସହଚରୀ, ସହଧର୍ମିଣୀ କରି ତୋତେ ଆଜ ନ ଦେଖିଥାନ୍ତି । ଏ ହ୍ରଦ, ତଟିନୀ, ସାଗର, ପ୍ରାନ୍ତର, ଗିରିବନମୟ ଗୃହ ଶୋଭା ମଧ୍ୟରେ, ମା ମୋର, ଜୀବନର ଅନନ୍ତ ବାସନା ପୂରାଇ ସୁଖ, ଶାନ୍ତିରେ କାଳ ଯାପନ କରିବୁ । ଭଗବାନ୍, ତୁମ୍ଭର ଅସୀମ କରୁଣା ଏ ଯୁଗଳ ହୃଦୟରେ ଢାଳିଦିଅ । ଅନନ୍ତ ଦୟା ତୁମ୍ଭର, ଆଜନ୍ମ ତୁମ୍ଭର ମଙ୍ଗଳ-ବିଧାନ, ପ୍ରଭୁ !